ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁଲାଇ ୨୦୨୨ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଘୋଷଯାତ୍ରା ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୮ |
| **କାହାଣୀ ବିଭାଗ** | | **୨୩** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୩ | ଅଶୋକ ବିଶ୍ୱାଳ | ୨୪ |
| ଆତଙ୍କବାଦୀ | ସୁନନ୍ଦା ମହାନ୍ତି | ୩୬ |
| ବାମନର କୋଠା | ତ୍ରିନାଥ ନନ୍ଦୀ | ୩୮ |
| ଥୁଣ୍ଟା ଆମ୍ବଗଛର ଦୁଃଖ | କିଷାନ ମହାକୁର | ୪୦ |
| ମାଆର ମମତା | କୁଞ୍ଜବିହାରୀ ସାହୁ | ୪୩ |
| ପ୍ରେମ ତପସ୍ୟା | ଆଲୋକ କୁମାର ସାହୁ | ୫୪ |
| ଅଭିଶପ୍ତା ଅହଲ୍ୟା | ଅମୃତନାରାୟଣ ଶତପଥୀ | ୫୯ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୫ |
| **କବିତା ବିଭାଗ** | | **୭୧** |
| ଅନଳ (ଅଗ୍ନି) | ଶିବ ନାରାୟଣ ଦାଶ | ୭୨ |
| ମାତୃସ୍ତୁତି | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୭୭ |
| ଝିପି ଝିପି ବର୍ଷା | ଅମୃତନାରାୟଣ ଶତପଥୀ | ୮୦ |
| ଚାନ୍ଦିନୀ ରାତିର ଚାନ୍ଦ | ରାଧାମୋହନ ପୂଜାହାରୀ | ୮୧ |
| ମୋହ | ଡଃ ମନୋରଞ୍ଜନ ବିଷୋୟୀ | ୮୨ |
| ତୁମେ କୁହ | ଦିଲ୍ଲୀପ କୁମାର ସାମଲ | ୮୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବାହୁଡ଼ା ଯାତ୍ରା | ସାଇ ପ୍ରସାଦ ସାହୁ | ୮୫ |
| ରଥ ଯାତ୍ରା | ଦଣ୍ଡାସି ପ୍ରଧାନ | ୮୬ |
| ରଥ ଯାତ୍ରା | ଜ୍ୟୋତି ରଞ୍ଜନ ସେଠୀ | ୮୭ |
| ରଥ ଯାତ୍ରା | ବାସନ୍ତୀ ଲତା ଜେନା | ୮୮ |
| ଜଗା ତୋର ଡୋରି... | ଲିମନ | ୯୦ |
| ରଥ ଅଭିଳାଷ | ବାପିନି ସିଂ | ୯୧ |
| କଳା ସାଆନ୍ତେ ହେ | ପଙ୍କଜ କୁମାର ମଙ୍ଗଳ | ୯୨ |
| ଅନନ୍ତ ଶୟନ | ଦୀନବନ୍ଧୁ ବେଜ | ୯୪ |
| ସପନର ପଥେ | ସତ୍ୟବ୍ରତ ବାରିକ | ୯୬ |
| ଫାଙ୍କା ହେଲାଣି ମୋ ଝୁଲା | ଶିଶିର କୁମାର ପଣ୍ଡା | ୯୭ |
| ମାଆ | ରାକେଶ ମୁଦୁଲି | ୯୮ |
| ଲାବଣ୍ୟମୟୀ ମୌସୁମୀ | ବାଲାଜୀ ସେଠୀ | ୯୯ |
| ସେଇ ଝିଅଟି | ସିଦ୍ଧେଶ୍ୱର ତ୍ରିପାଠୀ | ୧୦୦ |
| ପ୍ରେମର ଇସ୍ତାହାର | ଆଦରମଣି ପ୍ରଧାନ | ୧୦୧ |
| ଥାଅ ମୁଁ ଯାଉଛି ରୁଷି | ସୁବ୍ରତ କୁମାର ପ୍ରଧାନ | ୧୦୨ |
| ରହିଛି ତୁମ ପଥ ଅନାଇ | ମୋନାଲିସା ସୁବ୍ରତ | ୧୦୪ |
| ଏ ଆଖିରେ | ଟୋନିସ୍ ରୋହିଦାସ୍ | ୧୦୬ |
| ରଞ୍ଜନର ରଞ୍ଜନପ୍ରେମ | ଭବାନୀ ଶଙ୍କର ଦାସ | ୧୦୭ |
| ହାଏରେ ମଣିଷ | ଭାଗିରଥୀ ଯାନୀ | ୧୦୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କବି | ବିନୟାନନ୍ଦ ବସ୍ରସ୍ୟ | ୧୧୧ |
| ଏତେ ରାଗ ଅଭିମାନ କାହାକୁ | ପ୍ରଶାନ୍ତ ବ୍ରହ୍ମା | ୧୧୨ |
| ପ୍ରେମ ବାହାନାରେ | ଲକ୍ଷ୍ମୀଧର ସିଂ | ୧୧୩ |
| ଅପ୍ରାପ୍ତି | ମୃତ୍ୟୁଞ୍ଜୟ ପାତ୍ର | ୧୧୪ |
| ଅମର ପ୍ରେମ | ପ୍ରଭାସ କୁମାର ମହାପାତ୍ର | ୧୧୬ |
| ସବୁ ତୁମ ଇଚ୍ଛାରେ | ପୁଷ୍ପାଞ୍ଜଳୀ ପଣ୍ଡା | ୧୧୭ |
| ବାପା | ଦେବଦତ୍ତ ପଣ୍ଡା | ୧୧୮ |
| ଇତି, ତୁମ ପ୍ରେମ ପାଗଳିନୀ | କିରଣ କୁମାର ମହାନ୍ତି | ୧୧୯ |
| ଗ୍ରୀଷ୍ମ | ଦେବାର୍ଚ୍ଚନ ମେହେର | ୧୨୪ |
| ସମୟର କାନଭାସରେ ବାଘ | ନୀଳମଣି ଚାନ୍ଦ | ୧୨୫ |
| ପ୍ରେମ ଅଭିଶାପ | ଅଶୁତୋଷ ମେହେର | ୧୨୬ |
| ମୋର ଗଣ୍ଠିଧନ କାଳିଆ ସୁନା | ଦିବାକର ନାୟକ | ୧୨୭ |
| ପକ୍ଷୀ | ସୁନନ୍ଦା ମହାନ୍ତି | ୧୨୮ |
| କଣ କରିବି ମୁଁ | କମଳ ଲୋଚନ ମଲ୍ଲିକ | ୧୨୯ |
| ମୋ ପାଇଁ ପ୍ରେମର ରତନ | ତାରା ପ୍ରସାଦ ଜେନା | ୧୩୦ |
| କହିବ କି ତୁମେ ! | ସୋନାଲି ଗଡ଼ନାୟକ | ୧୩୧ |
| ଭଲ ଲାଗେ | ନିରଞ୍ଜନ ସାହୁ | ୧୩୩ |
| **ସଂବଲପୁରୀ ବିଭାଗ** | | **୧୩୫** |
| ବିଶ୍ୱାସ ସଂପର୍କ | ବିଶ୍ୱନାଥ ଭୁଏ | ୧୩୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମଙ୍ଗଲ୍ ସୂତା | ସତନାରାୟଣ ମିଶ୍ର | ୧୩୭ |
| **ପ୍ରବନ୍ଧ ବିଭାଗ** | | **୧୪୦** |
| ସମ୍ପର୍କର ଆସକ୍ତି | ଅନସୂୟା ପଣ୍ଡା | ୧୪୧ |
| ସଂଗୀତ ମଧ୍ୟ ଯୋଗର ମାଧ୍ୟମ | ଅସିତ ମହାନ୍ତି | ୧୪୬ |
| ମୋ ଜୀବନର ପ୍ରତିଧ୍ୱନୀ | ବିଜୟ କୁମାର ସାହୁ | ୧୫୧ |
| ପୁସ୍ତକ ସମୀକ୍ଷା : ଅନୁଭବର ଇସ୍ତାହାର | | ୧୭୪ |
| ବିଶେଷ ସୂଚନା | | ୧୭୬ |


# ଆହ୍ୱାନ ଇ-ପତ୍ରିକା ପ୍ରାପ୍ତି ସ୍ୱୀକାର ମାନପତ୍ର

ଚଳିତ ସଂସ୍କରଣ (ଏବଂ ବିଗତ ସଂସ୍କରଣ)ରେ ଆହ୍ୱାନ ପାଇଁ ଲେଖା ପଠାଇଥିବା ସମସ୍ତ ସ୍ରଷ୍ଟାଙ୍କୁ ସମ୍ମାନିତ କରିବା ନିମନ୍ତେ ଏକ ସ୍ୱୀକାର(ମାନ)ପତ୍ର ବ୍ୟବସ୍ଥା କରାଯାଇଛି । ଆପଣ ନିଜ ପ୍ରେରିତ ଆଲେଖ୍ୟ ପାଇଁ ଆହ୍ୱାନ ଇ-ପତ୍ରିକା ତରଫରୁ ଏକ ଧନ୍ୟବାଦ ପତ୍ର ପାଇପାରିବେ । ଏହି ବ୍ୟବସ୍ଥା ଆମ ୱେବ୍‌ସାଇଟରେ ଉପଲବ୍ଧ ଏବଂ ପ୍ରତ୍ୟେକ ସ୍ରଷ୍ଟା ନିଜର ଧନ୍ୟବାଦ (ମାନପତ୍ର) ପତ୍ର, ଅତି ସହଜରେ ଆମ ସାଇଟରୁ ଡାଉନଲୋଡ୍ କରି ପାରିବେ । ଏହାକୁ ଆପଣ ନିଜର ସୋସିଆଲ୍ ମିଡ଼ିଆ ପ୍ରୋଫାଇଲରେ ଅନ୍ୟମାନଙ୍କ ଦେଖିବା ପାଇଁ ଶେୟାର ବି କରି ପାରିବେ । ଅଧିକ ସୂଚନା ଏବଂ ତ୍ୱରିତ ଖବର ପାଇବା ପାଇଁ ଆମ ହ୍ୱାଟସ୍‌ଆପ୍ ଗ୍ରୁପରେ ଯୋଗ ଦିଅନ୍ତୁ । ଆମ ସହ ଯୋଗ ଦେବାପାଇଁ ଆମ ହ୍ୱାଟସ୍‌ଆପ୍ ନମ୍ବର ୭୦୦୮୫୬୭୦୮୫ କିମ୍ବା ୯୦୪୦୯୮୫୪୬୩ରେ ଅନୁରୋଧ ପଠାଇ ପାରିବେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ମହାଜାଗତିକ ବିଶ୍ୱର ସର୍ବନିୟନ୍ତା, ସର୍ବଜ୍ଞାତା, ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାର୍ଷିକ ଘୋଷଯାତ୍ରା ସଦ୍ୟ ସମାପିତ । ବାର୍ଷିକ ଲୀଳାଖେଳା ଏବଂ ରଥାରୁଢ଼ ତିନି ଠାକୁରଙ୍କ ପବିତ୍ର ଦର୍ଶନ କରି ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ମହାପ୍ରଭୁଙ୍କ ଆଶୀର୍ବାଦ ବର୍ଷାରେ ପ୍ଲାବିତ ହୋଇ ପୁଣିଥରେ ଆଗାମୀ ବର୍ଷକୁ ଅପେକ୍ଷା କରିଛନ୍ତି । ଭଗବାନ ସମସ୍ତ ଓଡ଼ିଶା ବାସୀ ସମେତ ବିଶ୍ୱବାସୀଙ୍କୁ ସଦବୁଦ୍ଧି ଏବଂ ଜ୍ଞାନ ପ୍ରଦାନ କରନ୍ତୁ । ଅନ୍ଧଭଳି ଯେଉଁ ତତ୍ତ୍ୱମାନେ ଧାର୍ମିକ ଉନ୍ମାଦରେ ଓତପ୍ରୋତ ହୋଇ ପରସ୍ପରର ପ୍ରାଣ ହରଣ କରିବାକୁ ପଛାଉ ନାହାନ୍ତି ସେମାନଙ୍କୁ ମଧ୍ୟ ମହାପ୍ରଭୁ ସଦବୁଦ୍ଧି ପ୍ରଦାନ କରନ୍ତୁ ।

ଘୋଷଯାତ୍ରା / ରଥ ଯାତ୍ରା, ସମୁଦାୟ ଓଡ଼ିଆ ଜାତିର ଗର୍ବ ଓ ଗୌରବମୟ ଐତିହ୍ୟର ପ୍ରତୀକ । ହଜାର ହଜାର ବର୍ଷର ଏଇ ଅନନ୍ୟ ପରମ୍ପରା ପାଇଁ ଆମେ ନିଜକୁ ଗୌରବାନ୍ୱିତ ମନେ କରିବା ଉଚିତ । ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମ ଜାତି ବିଶ୍ୱକୁ ପରିଚାଳନା କରୁଥିବା ମହାପ୍ରଭୁଙ୍କ ଅତିପ୍ରିୟ ଏବଂ ଏଇ ଅଚଳାଚଳ ଜଗତରେ ଜଗତପତି ଆମ ପ୍ରତ୍ୟେକ ଘରର ମୁରବୀ ତଥା ଆମ ରାଜ୍ୟର ଜଗତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଈଶ୍ୱର । ପରମ୍ପରା କାଳ ବଳରେ ଲିଭି ଲିଭି ଯାଉଥିବା ଲେଲିହୀନ ଶିଖା ଭଳି ହେଉଥିବା ବେଳେ କିନ୍ତୁ ଆମେ ମହାପ୍ରଭୂଙ୍କ ଲୀଳା ଖେଳାକୁ ହଜାର ହଜାର ବର୍ଷରୁ ସଞ୍ଚୟ କରି ରଖିବା ସହ ବର୍ଷ ପରେ ବର୍ଷ ତାହାର ନିଦର୍ଶନ ଦେଖି ଓ ଦେଖାଇ ଆସୁଛୁ । ଅତ୍ୟନ୍ତ ଆନନ୍ଦର କଥା, ରଥଯାତ୍ରା ବର୍ତ୍ତମାନ ବିଶ୍ୱର ଅନେକ ଦେଶରେ ଆୟୋଜିତ ହେଉଛି । ସୁଦୁର ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ୍, ଆଫ୍ରିକା ଏବଂ ଏସିଆ ମହାଦେଶର ଅନେକ ଦେଶରେ ମଧ୍ୟ ପାଳିତ ହୋଇଛି । ରଢ଼ିବାଦୀ ଧାର୍ମିକ ଦର୍ଶନକୁ ଆଧାର କରି ଗଢ଼ି ଉଠିଥିବା ମଧ୍ୟପ୍ରାଚ୍ୟର ଅନେକ ଦେଶ ଯେଉଁଠି ଅନ୍ୟ କୌଣସି ଧର୍ମକୁ ପ୍ରୋତ୍ସାହନ ଦିଆଯାଏ ନାହିଁ, ସେହି ସବୁ ଦେଶ ମାନଙ୍କରେ ମଧ୍ୟ ମହାପ୍ରଭୂଙ୍କ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇଥିବାର ଦୃଶ୍ୟ ଦେଖି ଆମେ ସମସ୍ତେ ଆନନ୍ଦିତ ନିଶ୍ଚୟ ହୋଇଛେ । ସମଗ୍ର ବିଶ୍ୱକୁ ଜଗନ୍ନାଥ ଧର୍ମରେ ଅନୁପ୍ରାଣିତ କରାଇ ପାରିଲେ ଆମେ ଯେ ଶାନ୍ତିରେ ସମସ୍ତେ ସହାବସ୍ଥାନ କରି ପାରିବା ଏଥିରେ ଦ୍ୱିମତ ନାହିଁ ।

ବିଗତ ମାସରେ ସଂଘଟିତ ଏକ ସାମାନ୍ୟ ଘଟଣାକୁ ନେଇ ସମଗ୍ର ବିଶ୍ୱ ଯେଉଁଭଳି ଭାବରେ ଧାର୍ମିକ ଉନ୍ମାଦନାକୁ ବଢ଼ାଇ ଦେଇଥିଲେ ସେଇ ବିଷୟରେ ବିଗତ ମାସର ସମ୍ପାଦକୀୟରେ ବିଶେଷ ଟିପ୍ପଣୀ ଦେଇଥିଲି, ହେଲେ ସେଇ ଉନ୍ମାଦନା ତୁରନ୍ତ ସମାପ୍ତ ହୋଇଯାଇଥିଲା, କିନ୍ତୁ ଭାରତରେ ମୁଷ୍ଟିମେୟ ବ୍ୟକ୍ତି କିନ୍ତୁ ସେଇ ଘୃଣା ଭାବନାରୁ ନିଜକୁ ଦୂରେଇ ପାରିନଥିଲେ ଏବଂ ସେମାନଙ୍କ ଦ୍ୱାରା ସଂଘଟିତ କିଛି ହତ୍ୟାକାଣ୍ଡ ବର୍ତ୍ତମାନ ସମୁଦାୟ ଦେଶକୁ ଏକ ଅଭୂତପୂର୍ବ ଶୋଚନୀୟ ଅବସ୍ଥାକୁ ଠେଲି ଦେଇଛି । ବିଶେଷ କରି ବିଗତମାସରେ ଟିଭିରେ ଆୟୋଜିତ ଏକ ବିତର୍କ ସମୟରେ ତତ୍କାଳୀନ ଭାଜପା ପ୍ରବକ୍ତା ନୁପୂର ଶର୍ମା ଯେଉଁ ସବୁ ଟିପ୍ପଣୀ ଦେଇଥିଲେ ତାହାକୁ ନେଇ ଅନେକ ଶୋଭାଯାତ୍ରା ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଙ୍ଗାରୁଜାର ଘଟଣା ଦେଶ ସାରା ଦେଖିବାକୁ ମିଳିଥିଲା, କିନ୍ତୁ ପରେ ପରେ ସେ ସବୁ ଶାନ୍ତ ହୋଇ ଆସୁଥିବା ସମୟରେ ଅପ୍ରତ୍ୟାଶିତ ଭାବରେ ଦେଶର ଦୁଇଟି ରାଜ୍ୟ ରାଜସ୍ଥାନ ଓ ମହାରାଷ୍ଟ୍ରରେ ଏହି ମାମଲାକୁ ଆଧାର କରି ଦୁଇ ଦୁଇଟି ଜଘନ୍ୟ ହତ୍ୟାକାଣ୍ଡ ଘଟିଗଲା ।

ରାଜସ୍ଥାନର ଅପେକ୍ଷାକୃତ ଶାନ୍ତିପ୍ରିୟ ଏବଂ ବିଶ୍ୱ ପର୍ଯ୍ୟଟନସ୍ଥଳୀ ଭାବରେ ବିଖ୍ୟାତ ଉଦୟପୁର ଠାରେ ଦୁଇଜଣ ମୁସଲିମ ଯୁବକ ଜଣେ ଟେଇଲରଙ୍କୁ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରିବା ସହ ଘଟଣାରେ ଭିଡ଼ିଓ ରେକର୍ଡିଂ କରାଇ ଭାଇରାଲ୍ କରିବା ସମେତ, ହତ୍ୟାକାଣ୍ଡ ପରେ ଭିଡ଼ିଓରେ ଆସି ନିଜ କର୍ମକୁ ସ୍ୱୀକାର କରିବା ଭଳି ଦୁଃସାହସ ସମୁଦାୟ ଦେଶକୁ ଏକ ଅପ୍ରତ୍ୟାଶିତ କୋକୁଆ ଭୟ ଆଡ଼କୁ ଠେଲି ଦେଇଛି । ଏହି ଘଟଣାକୁ ସମସ୍ତେ ନିନ୍ଦା କରୁଥିବା ବେଳେ ଠିକ୍ ଏହିଭଳି ଏକ ଘଟଣା ମହାରାଷ୍ଟ୍ରରେ ମଧ୍ୟ ଘଟିଛି, ଯେଉଁଠି ଜଣେ ବ୍ୟକ୍ତିକୁ ତାର ଜଣେ ମୁସଲମାନ ବନ୍ଧୁ ହିଁ ହତ୍ୟା କରିଛି । ଏହିଭଳି ଜଘନ୍ୟ କାଣ୍ଡ ସବୁ ଘଟିବା ପରେ ଅନେକ ବ୍ୟକ୍ତିଙ୍କୁ ଫୋନ୍ ଦ୍ୱାରା ସମାନ ହତ୍ୟାକାଣ୍ଡର ଧମକ ମିଳୁଥିବାର ରେକର୍ଡିଂ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଧାର୍ମିକ ଉନ୍ମାଦନାରେ ଜଣେ ନିଜର ଅନେକ ବର୍ଷର ବିଶ୍ୱାସୀ ବନ୍ଧୁର ଗଳାକାଟି କିଭଳି ହତ୍ୟା କରିପାରେ ? ତାହା ଚିନ୍ତାର ବିଷୟ । ଅର୍ଥାତ, ଧର୍ମ ଓ ଭଗବାନଙ୍କ ଉପରେ ମତାମତ ଦେଲେ ଆପଣ ନିଜ ବନ୍ଧୁଙ୍କ ସବୁ ଉପକାରକୁ ଭୁଲିଯାଇ ତାଙ୍କୁ ହତ୍ୟା କରିବେ ? ଏହା କେଉଁଭଳି ମାନସିକତା ?

ଏହି ଘଟଣା ମାନଙ୍କ ପରେ ଗଣମାଧ୍ୟମର ଏକ ବିତର୍କରେ ଉପସ୍ଥିତ ଜଣେ ବୁଦ୍ଧିଜୀବି ମତ ଦେଇଥିଲେ ଯେ ଏଇଭଳି ଘଟଣା ପରେ ଦେଶବ୍ୟାପୀ ମୁସଲମାନ ମାନଙ୍କ ଉପରେ ଅବିଶ୍ୱାସ ନିଶ୍ଚୟ ଜାଗ୍ରତ ହେବ । କାରଣ କିଏ କେତେବେଳେ କେଉଁଠି ଆପଣଙ୍କୁ ହତ୍ୟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାପାଇଁ ଛକି ବସିଛି କେହି ଜାଣନ୍ତି ନାହିଁ । ଆଉ ଯେଉଁଭଳି ଏଇ ବର୍ବରୋଚିତ କାଣ୍ଡକୁ ମୁସଲମାନ ମାନଙ୍କ ଦ୍ୱାରା ନିନ୍ଦିତ କରାଗଲା ନାହିଁ, ଏଥିରୁ ପ୍ରମାଣିତ ହେଉଛି ଯେ ଯେଉଁ ସବୁ ମୁସଲମାନ ମାନଙ୍କୁ ଆମେ ଭଲ ବୋଲି ଭାବୁଛେ ସେମାନେ ମଧ୍ୟ ଏହି ଘଟଣାରେ ନିଜ ଧର୍ମର ଅପରାଧୀଙ୍କୁ ଦୋଷୀ ବୋଲି କହିବାକୁ ଡରୁଛନ୍ତି । ତାହେଲେ ଏଠି କିଏ ଭଲ କିଏ ମନ୍ଦ କେମିତି ଜାଣିବେ ? ତେଣୁ ବସ୍ତୁତଃ ଏହି ସବୁ ଘଟଣା ପରେ ଅବିଶ୍ୱାସର ବାତାବରଣ ଚାରିଆଡ଼େ ଦେଖାଦେବ ହିଁ ଦେବ । ଏବଂ ହେଲା ମଧ୍ୟ ସେମିତି ହିଁ । ଅନେକ ଗଣମାଧ୍ୟମରେ ବୁଦ୍ଧିଜୀବି ମାନେ ସମାନ ମନ୍ତବ୍ୟ ରଖିବା ସହ ଏହି ଘଟଣାକୁ ନିନ୍ଦା କରିବା ଦେଖା ଯାଉଥିବା ବେଳେ କିନ୍ତୁ ଧର୍ମ ବିଶେଷର କୌଣସି ବ୍ୟକ୍ତି ଘଟଣାକୁ ସିଧା ସଳଖ ନିନ୍ଦା ନ କରିବା ସହ ସବୁ କିଛି ନୁପୁର ଶର୍ମାଙ୍କ ଯୋଗୁଁ ହେଉଛି ବୋଲି ମନ୍ତବ୍ୟ ଦେଲେ ।

ନୁପୂର ଶର୍ମା ଟିଭି ବିତର୍କ ପରେ ପରେ କ୍ଷମାପ୍ରାର୍ଥନା କରିବା ସହ ଯଦି କାହାର ଧାର୍ମିକା ଆସ୍ଥାକୁ ଧକ୍କା ଲାଗିଥାଏ ସେଥିପାଇଁ ସେ ନିଜ ବକ୍ତବ୍ୟକୁ ଫେରାଇ ନେବାଭଳି ମନ୍ତବ୍ୟ ବି ଦେଇଥିଲେ, ତଥାପି ତାଙ୍କ ବିରୋଧରେ ଦେଶରେ ଅନେକ ସ୍ଥାନରେ ପୋଲିସ କେସ୍ ମାନ ଦାୟର କରାଗଲା । ଏହାପରେ ସୁଶ୍ରୀ ଶର୍ମାଙ୍କ ଓକିଲ ସର୍ବୋଚ୍ଚ ନ୍ୟାୟାଳୟରେ ଏହି ସବୁ ମାମଲାକୁ ଗୋଟିଏ ସ୍ଥାନକୁ ସ୍ଥାନାନ୍ତରଣ କରିବା ପାଇଁ ନିବେଦନ କରିବାକୁ ଯାଇଥିବା ସମୟରେ ଉପସ୍ଥିତ ନ୍ୟାୟପତି ମାନେ ଦେଶରେ ହୋଇଥିବା ଅଶାନ୍ତିର ବାତାବରଣ ପାଇଁ ଶର୍ମାଙ୍କୁ ଦାୟୀ କରିବା ଭଳି ମନ୍ତବ୍ୟ ଦେଇ ପୁଣିଥରେ ଅଶାନ୍ତିର ସୂତ୍ରପାତ କରିଦେଲେ । ବସ୍ତୁତଃ ଉଦୟପୁରରେ ହତ୍ୟାକାଣ୍ଡ ଘଟାଇ ଥିବା ଉଭୟ ଅପରାଧୀଙ୍କ ଅପରାଧ ଶର୍ମାଙ୍କ ବୟାନ ସାମନାରେ ନୀଚ ହୋଇଗଲା, ଅର୍ଥାତ ଶର୍ମା ମନ୍ତବ୍ୟ ଦେବା ହେତୁ ସେମାନେ ହତ୍ୟା କରିଦେଲେ ବୋଲି କହିବାକୁ ଅନେକ ଟିଭି ବିତର୍କରେ ଖୋଲାଖୋଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶର୍ମାଙ୍କୁ ନିନ୍ଦିତ କରିବାକୁ ଲାଗିଲେ । ଅବଶ୍ୟ ତଦନ୍ତ ପରେ ଜଣାପଡିଲା ଯେ ଉଦୟପୁର କାଣ୍ଡରେ ଅଭିଯୁକ୍ତ ଉଭୟ ଅପରାଧୀ ବିଗତ ଅନେକ ବର୍ଷଧରି ଏଭଳି କିଛି କରିବା ପାଇଁ ଉଦ୍ୟମ କରୁଥିଲେ । ସେଥିପାଇଁ ସେମାନେ ପାକିସ୍ତାନ ଯାଇ ବିଶେଷ ଟ୍ରେନିଂ ନେଇ ଆସିଥିଲେ । କିନ୍ତୁ ଯାହା ବି ହେଉ, ମୁସଲମାନ ମାନଙ୍କ ଦ୍ୱାରା ଘଟୁଥିବା ଅନେକ ଏହିଭଳି ଘଟଣା ପରେ ଲୋକଙ୍କ ମନରେ ବିଦ୍ରୋହ ଜାଗ୍ରତ ହେବା ସ୍ୱାଭାବିକ ଥିଲା ।

ଉଦୟପୁର ହତ୍ୟାକାଣ୍ଡ ପରେ ସ୍ଥାନୀୟ ଲୋକମାନେ ଶୋଭାଯାତ୍ରା କରିବା ସହ ଏହି ଘଟଣାର ତୀବ୍ର ନିନ୍ଦା କରିବା ଏବଂ ଅପରାଧୀଙ୍କୁ ତ୍ୱରିତ ପ୍ରକ୍ରିୟାର ଦଣ୍ଡିତ କରିବାପାଇଁ ଦାବୀ କରିଲେ । ସର୍ବୋପରି ସୁଶ୍ରୀ ଶର୍ମାଙ୍କୁ ସୁରକ୍ଷା ଯୋଗାଇବା ଏବଂ ତାଙ୍କର ମନ୍ତବ୍ୟକୁ ସମର୍ଥନ ଦେଇ ଦେଶବ୍ୟାପୀ ଅନେକ ସ୍ଥାନରେ ଶାନ୍ତି ଶୋଭାଯାତ୍ରାମାନ ଆୟୋଜିତ ହେବାକୁ ଲାଗିଛି । ବିଗତ ଦିନରେ ଦିଲ୍ଲୀରେ ଆୟୋଜିତ ଏକ ଶୋଭାଯାତ୍ରାରେ ଲକ୍ଷାଧିକ ଲୋକ ଅଂଶଗ୍ରହଣ କରି ଦେଖାଇ ଦେଇଛନ୍ତି ଯେ ଭାରତରେ ଏହିଭଳି ଧାର୍ମିକ ଉନ୍ମାଦନା ପାଇଁ କୌଣସି ସ୍ଥାନ ନାହିଁ । ମୌଳବାଦୀ ଚିନ୍ତାଧାରା ତଥା ଉନ୍ମାଦନା, ଦେଶର ସମ୍ପତ୍ତି ନଷ୍ଟ କରିବା, ଅନ୍ୟଙ୍କୁ ତୁଚ୍ଛ ମଣିବା ତଥା କଥା କଥାରେ ହିଂସାକାଣ୍ଡ ଭିଆଉଥିବା ବିଶେଷ ଧାର୍ମିକ ଗୋଷ୍ଠୀଙ୍କୁ ସଚେତନ କରିବାର ସମୟ ଆସିଛି ।

ରାଜସ୍ଥାନର ଅନେକ ସ୍ଥାନରେ ଶୋଭାଯାତ୍ରାମାନ ଆୟୋଜିତ ହେବାପରେ ରାଜ୍ୟର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅଜମେର ସରିଫ୍ ଦରଘାର କିଛି ଖାଦିମ୍ ବିଗତ ଦିନରେ ପୁଣିଥରେ ଚର୍ଚ୍ଚାରେ ଆସିଥିଲେ, ଯେତେବେଳେ ସେମାନେ ଭିଡ଼ିଓ ମାଧ୍ୟମରେ ସୁଶ୍ରୀ ଶର୍ମାଙ୍କ ହତ୍ୟାପାଇଁ କୋଟି କୋଟି ଟଙ୍କା ଓ ଘରଦ୍ୱାର ଉପହାର ଦେବାଭଳି ଘୋଷଣା କରୁଥିବା ଦେଖାଗଲା । ଅବଶ୍ୟ ସୁରକ୍ଷା ବ୍ୟବସ୍ଥା ତ୍ୱରିତ କାର୍ଯ୍ୟାନୁଷ୍ଠାନ କରିବା ସହ ସେମାନଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରିବା ପାଇଁ ତତ୍ପର ହେଉଥିବା ବେଳେ ଜଣେ ଧରାପଡ଼ିଥିଲେ ଆଉ ଦୁଇଜଣ ବର୍ତ୍ତମାନ ସୁଦ୍ଧା ପଳାତକ ଅଛନ୍ତି । ଧରାପଡ଼ିଥିବା ଖାଦିମ ଜଣଙ୍କୁ ଜଣେ ଉଚ୍ଚ ପଦସ୍ଥ ପୋଲିସ ଅଫିସର ଗିରଫ କରି ନେଉଥିବା ସମୟରେ କହୁଥିବାର ଶୁଣାଯାଉଛି ଯେ, ଯଦି ପ୍ରଶ୍ନ କରାଯାଏ କହିଦେବ "ନିଶାରେ ଥିଲି, କଣ କହିଛି ଜାଣିନି ।" ଅର୍ଥାତ ଯେତେବେଳେ ଆମ ରକ୍ଷକ ମାନେ ହିଁ ଏହିଭଳି ସବୁ କାର୍ଯ୍ୟ କରିବେ ସେତେବେଳେ ସାଧାରଣ ଜନତା କାହା ଉପରେ ବିଶ୍ୱାସ କରିବ ? ରାଜସ୍ଥାନ ସରକାର ସେମିତିରେ ବି ସବୁବେଳେ ପ୍ରଶ୍ନବାଣରେ ଜର୍ଜରିତ ହେଉଥିବା ବେଳେ ଏହିଭଳି ଘଟଣା ଅନ୍ୟ କୌଣସି ରାଜ୍ୟରେ ନ ହୋଇ କାହିଁକି କେବଳ କଂଗ୍ରେସ ଶାସିତ ରାଜ୍ୟରେ ହୋଇଥିଲା ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ଅନେକ ବୁଦ୍ଧିଜୀବି ମତ ଦେଇଛନ୍ତି ।

ପ୍ରତିବର୍ଷ ଲକ୍ଷାଧିକ ବ୍ୟକ୍ତି ଅଜମେର ଦରଘା ବୁଲିଦେଖିବା ସହ ଖ୍ୱାଜା ମୋଇନୁଦ୍ଦିନ୍ ଚିସ୍ତିଙ୍କ କବର ନିକଟରେ ପ୍ରାର୍ଥନା କରିବାପାଇଁ ଯାଇଥାନ୍ତି । ଅବଶ୍ୟ କବରକୁ ଯିବାକୁ ସନାତନ ହିନ୍ଦୁ ଧର୍ମରେ ବାରଣ କରାଯାଇଛି, କିନ୍ତୁ କିଛି ବ୍ୟକ୍ତି ବିଶ୍ୱାସରେ ସେଇ ସ୍ଥାନକୁ ଯାଉଥିଲେ । ଏହାଦ୍ୱାରା ଦରଘା ପ୍ରତିବର୍ଷ ଅନ୍ୟୁନ ଦୁଇଶହ କୋଟି ଟଙ୍କା ଆୟ କରୁଥିଲା ବୋଲି ଶୁଣାଯାଉଛି । ଏବଂ ଏହି ସବୁ ଆୟ କେବଳ ହିନ୍ଦୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ହିଁ ହୋଇଥାଏ କହିଲେ, ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଚଳିତ ମାସରେ ଅଜମେର୍ ଦରଘାର ଖାଦିମ୍ ମାନଙ୍କ ବକ୍ତବ୍ୟପରେ ଏହାର ପ୍ରତିକ୍ରିୟା ଦେଖାଯାଇଛି । ବିଗତ ସପ୍ତାହରେ ଅଜମେରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ନବେ ପ୍ରତିଶତ ପର୍ଯ୍ୟନ୍ତ କମ ହୋଇଯାଇଛି । ଏହାଦ୍ୱାରା ଅଜମେର ଦରଘା ଚାରିପାଖରେ ବ୍ୟବସାୟ କରୁଥିବା ସଂସ୍ଥାମାନେ ପ୍ରଭୂତ କ୍ଷତି ସହିଛନ୍ତି ବୋଲି ସମସ୍ତ ଗଣମାଧ୍ୟମ ଜଣାଇଛନ୍ତି । ଯେତେବେଳେ କି ଏହି ସ୍ଥାନରେ ଦିନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଟେଲ୍ ରୁମଟିଏ ପାଇବା ଭାରି କଷ୍ଟ ହେଉଥିଲା ଏବେ ସମସ୍ତ ହୋଟେଲ ଖାଲି ପଡ଼ିଛି ।

ଟିଭି ବିତର୍କରେ ବୁଦ୍ଧିଜୀବି ଦେଇଥିବା ମନ୍ତବ୍ୟର ପ୍ରଭାବ ନିଶ୍ଚୟ ଭାବରେ ଏବେ ହିଁ ଦେଖିବାକୁ ମିଳିଲାଣି । ଧାର୍ମିକ ଉନ୍ମାଦନାକୁ ଚିହ୍ନିବାକୁ ଆରମ୍ଭ କରିଲେଣି । ଅନେକ ବର୍ଷର ଆସ୍ଥା ଓ ବିଶ୍ୱାସକୁ ଏହି ଉନ୍ମାଦି ଗୋଷ୍ଠୀ କିଭଳି ଭାବରେ ନଷ୍ଟ କରିଦେଲେ ସେମାନେ ଏବେ ନିଜେ ଅନୁଭବ କରି ପାରୁଥିବେ । ଭାଇରାଲ୍ ଭିଡ଼ିଓରେ ହିନ୍ଦୁମାନଙ୍କୁ ଆର୍ଥିକ ଭାବରେ ଆଘାତ କରାଇବାର ମନ୍ତବ୍ୟ ଦେଉଥିବା ଖାଦିମ୍ ମାନେ ଯେ ଏବେ କେଉଁ ଅବସ୍ଥାରେ ଅଛନ୍ତି ତାହା ସମଗ୍ର ଦେଶ ଦେଖୁଛି ।

ସରକାର ଏହି ବିଷୟକୁ ଗମ୍ଭୀରତାର ସହ ବିଚାର କରି କୌଣସି ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ । ନହେଲେ, ଧର୍ମ ନାମରେ ପୁଣିଥରେ ଭାରତ ଭଳି ଏକ ଶାନ୍ତିପ୍ରିୟ ଦେଶରେ ଆଇଏସ୍ ଭଳି କ୍ରୁର ଘଟଣା ମାନଙ୍କର ପୁନରାବୃତ୍ତି ହେବନାହିଁ, ବୋଲି କିଏ କହିବ ? ଭାରତକୁ ଅସ୍ଥିର କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି, ସଂଗଠନ, ଦଳ ଓ ନେତା ମାନଙ୍କୁ ଚିହ୍ନିବାକୁ ପଡ଼ିବ । ଯେଉଁମାନେ ଲୋକଙ୍କୁ ଉସୁକାଇ ଦେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି ସେହିଭଳି ଲୋକଙ୍କୁ ଦଣ୍ଡିତ କରିବାକୁ ପଡ଼ିବ । ଯେକୌଣସି ପ୍ରକାରର ଧାର୍ମିକ ଉନ୍ମାଦନାରେ ସଂଘଟିତ ହତ୍ୟାକାଣ୍ଡ ପାଇଁ ତ୍ୱରିତ ନ୍ୟାୟ ପ୍ରକ୍ରିୟା ପ୍ରଚଳନ କରାଇ ଦଣ୍ଡବିଧାନ କରିବାକୁ ପଡ଼ିବ ।

ଆମ ଦେଶର ଦଣ୍ଡବ୍ୟବସ୍ଥା ଉପରେ ପ୍ରଶ୍ନ ବାରମ୍ବାର ଉଠିଛି ଏବଂ ଉଠୁଛି ମଧ୍ୟ । ଯେଉଁ ନ୍ୟାୟପତିମାନେ ଅନାବଶ୍ୟକ ଭାବରେ ମନ୍ତବ୍ୟ ଦେଇ ଦେଶର ଶାନ୍ତ ବାତାବରଣରେ ଅଶାନ୍ତି ବିସ୍ତାର କରୁଛନ୍ତି ସେମାନଙ୍କୁ ସାବାଡ଼ କରିବାକୁ ପଡ଼ିବ । ଧର୍ମ ଆଧାରରେ ସୃଷ୍ଟି ସମସ୍ତ ଆତଙ୍କବାଦୀ ସଂଗଠନକୁ ବିରୋଧ କରିବା ସହ ଦେଶରୁ ସମୂଳେ ନିପାତ କରିବାକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦ୍ୟମ କରିବାକୁ ପଡ଼ିବ ।

ବିଗତ ଦିନରେ ଶ୍ରୀଲଙ୍କାରେ ଅର୍ଥବ୍ୟବସ୍ଥା ଭୁଷୁଡ଼ି ପଡିଥିବା ଖବର ସମସ୍ତେ ଶୁଣିଥିବେ । ଦେଶର ଏପରି ଅବସ୍ଥାରେ ଦେଶର ରାଜନେତା ମାନେ ଦେଶ ତ୍ୟାଗକରି ବିଦେଶକୁ ପଳାୟନ କରୁଥିବା ଖବର ବର୍ତ୍ତମାନ ଗଣମାଧ୍ୟମର ଶିରୋନାମା ଗ୍ରହଣ କରି ସାରିଛି । ବିଗତ ଦୁଇଦିନରେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ ଦେଶତ୍ୟାଗ କରିଛନ୍ତି । ଉତ୍ୟକ୍ତ ଜନତା ରାଷ୍ଟ୍ରପତି ଭବନକୁ ନିଜ ଅକ୍ତିଆରକୁ ନେଇଥିବାର ଭିଡ଼ିଓ ବାସ୍ତବିକ ଦେଶର ଏକ ବିକଳ ଚିତ୍ର ବର୍ଣ୍ଣନା କରୁଛି । ଦେଶରେ ଲୋକଙ୍କ ବଞ୍ଚିବା ପାଇଁ ଆବଶ୍ୟକ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖିବାକୁ ମିଳୁଛି । ଡଲାର ତୁଳନାରେ ଶ୍ରୀଲଙ୍କାର ମୁଦ୍ରା ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବା, ତଥା ଦେଶ ଉପରେ ବହୁତ ଅଧିକ ଋଣଭାର ରହିଥିବା ହେତୁ ବିଦେଶରୁ କୌଣସି ପଦାର୍ଥ ଆମଦାନୀ କରିବାପାଇଁ ଆବଶ୍ୟକ ଅର୍ଥ ନାହିଁ । ଏଭଳି ସ୍ଥଳରେ ସର୍ବସାଧାରଣ ଲୋକମାନେ ଭୋକଶୋଷରେ ଦିନ ବିତେଇବାକୁ ବାଧ୍ୟ ହେଉଛନ୍ତି । ଏହି ସବୁ ଦୃଶ୍ୟ ଦେଖିବା ପରେ ଆମ ଦେଶରେ ମଧ୍ୟ ଚାଲୁଥିବା ସରକାରୀ ମାଗଣା ଯୋଜନା ସବୁକୁ ତୁରନ୍ତ ବନ୍ଦ କରିବାକୁ ଆମେ ନିବେଦନ କରୁଛୁ ।

ଲୋକଙ୍କୁ ମାଗଣାରେ ଦ୍ରବ୍ୟ ଓ ସେବା ଯୋଗାଇ ଦେଇ ଦେଇ ଆମେ ମଧ୍ୟ ଦିନେ ଦେବାଳିଆ ହୋଇ ଯିବାନି ତ ? ଆମ ଦେଶର ଅବସ୍ଥା ଶ୍ରୀଲଙ୍କା ଓ ଭେନେଜୁଏଲା ଭଳି ହେବନି ତ ? ଏଭଳି ଚିନ୍ତା ସମସ୍ତ ବୁଦ୍ଧିଜୀବିଙ୍କୁ ଘାରିଲାଣି । ବାସ୍ତବିକ କଥା, ଯେଉଁଭଳି ଭାବରେ ଭାରତର ଅନେକ ରାଜନୈତିକ ଦଳ ନିଜର ରାଜନୈତିକ ଉଦ୍ଦେଶ୍ୟ ସାଧିତ କରିବାପାଇଁ ଲୋକଙ୍କୁ ମାଗଣା ଜିନିଷ ମାନଙ୍କର ଲୋଭ ଦେଖାଇ ରାଜକୋଷକୁ ଖାଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିବାକୁ ଲାଗିଛନ୍ତି, ଏବଂ ନିଜ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଉପରେ ଋଣଭାର ଢାଳି ଚାଲିଛନ୍ତି, ସମ୍ଭବତଃ ଏଭଳି ଏକ ଅବସ୍ଥା ବି ଦିନେ ଦେଖାଦେବ ସେଥିରେ ସନ୍ଦେହ ନାହିଁ । ତେଣୁ ତୁରନ୍ତ ପ୍ରଭାବରେ ଦେଶରେ ଚାଲୁଥିବା ସମସ୍ତ ମାଗଣା ଯୋଜନା ଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ ଆମେ ସରକାରଙ୍କୁ ନିବେଦନ କରୁଛୁ । ଅତ୍ୟାବଶ୍ୟକ ପଦାର୍ଥ ବା ସେବାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରକାର ସବସିଡ଼ି, ମାଗଣା ଇତ୍ୟାଦି ଯୋଜନାକୁ ବାତିଲ କରାଯାଉ ।

ଗତକାଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ନିର୍ମାଣାଧୀନ ନୂତନ ପାର୍ଲିଆମେଣ୍ଟ ଭବନର ଉପରେ ସ୍ଥାପିତ ଅଶୋକସ୍ତମ୍ଭର ଶୁଭ ଉନ୍ମୋଚନ କରିଛନ୍ତି । ବିଶାଳକାୟ ସ୍ତମ୍ଭରେ ଚାରିଗୋଟି ସିଂହ ଚତୁଃପାର୍ଶ୍ୱରେ ରହିଥିବା ବେଳେ ନିମ୍ନରେ ଅଶୋକ ଚକ୍ର ଏବଂ ଅନ୍ୟ ପଶୁମାନଙ୍କ ଚିହ୍ନ ରହିଛି । ମୋଦୀ କରିଥିବା କାମକୁ କେବେ ବି ବିରୋଧୀମାନେ ସ୍ୱୀକାର କରିନାହାନ୍ତି କି କରି ପାରିବେ ନାହିଁ, ତେଣୁ ଏହି ପ୍ରତୀକକୁ ନେଇ ସମାଲୋଚନା ଆରମ୍ଭ ହୋଇଯାଇଛି । କେହି କେହି କହୁଛନ୍ତି ଯେ ଏହି ପ୍ରତୀକରେ ଦେଖାଯାଉଥିବା ସିଂହ ଗୁଡ଼ିକ ଅଧିକ ଆକ୍ରାମକ ବା ଭୟଙ୍କର ଦିଶୁଛନ୍ତି । ଅବଶ୍ୟ ଏହା ପୂର୍ବରୁ ଯେଉଁ ସବୁ ପ୍ରତୀକ ଥିଲା ସେଥିରେ ସିଂହର ପାଟି ବନ୍ଦ ଥିବା ବେଳେ ଚଳିତ ସଂସ୍କରଣରେ ଏହା ଖୋଲା ରହିଛି ଏବଂ ସିଂହ ଗୁଡ଼ିକ ସତରେ ଆକ୍ରମଣାତ୍ମକ ଭଙ୍ଗୀରେ ଛିଡ଼ା ହେବାଭଳି ଲାଗୁଛନ୍ତି । ହେଲେ, ଏଥିରେ ଅସୁବିଧା କଣ ବୁଝା ପଡୁନି । ଆମେ ପୁରୁଣା ପ୍ରତୀକ ଯାହା ସାରନାଥରେ ଖନନ ବେଳେ ମିଳିଥିଲା ତା ସହ ତୁଳନା କରିଲେ, ବର୍ତ୍ତମାନ ମୋଦୀ ସରକାର ନିର୍ମାଣ କରାଇଥିବା ପ୍ରତୀକ ସଠିକ୍ ମନେ ହେଉଛି, ବରଂ ଏହା ପୂର୍ବରୁ ଯେଉଁ ପ୍ରତୀକ ସରକାରମାନେ ପ୍ରଚଳନ କରିଥିଲେ ସେଥିରେ ସିଂହର ମୁହଁକୁ ଅପେକ୍ଷାକୃତ ଶାନ୍ତ କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିଆଯାଇଥିବା ଭଳି ମନେ ହେଉଛି । ସିଂହ ହେଉଛି ଅଗାଧ ଶକ୍ତିର ପ୍ରତୀକ, ତାହାର ପ୍ରକୃତି ହେଉଛି ଆକ୍ରମଣ । ତା ହେଲେ ସିଂହ ଯଦି ମୁହଁ ଖୋଲା ରଖେ ବା ଦାନ୍ତ ଦିଶେ ଏଥିରେ ଅସୁବିଧା କେଉଁଠି ରହିଲା ? ବିଗତ ଦିନରେ ଭାରତର ପ୍ରତିପତ୍ତି ବିଶ୍ୱ ଦରବାରରେ ଯେଉଁଭଳି ଭାବରେ ବୃଦ୍ଧି ପାଇଛି, ସେଥିରେ ଆମ ରାଷ୍ଟ୍ରୀୟ ପ୍ରତୀକ ମଧ୍ୟ ବଦଳିବା ଆବଶ୍ୟକ ଥିଲା । ଅତୀତରେ ଯେତେବେଳେ ଅଶୋକ ଏହି ପ୍ରତୀକ ଚିହ୍ନକୁ ନିର୍ମାଣ କରାଇଥିବେ ସେ ବି ହୁଏତ ଏହି ଭାବନାରେ ହିଁ ନିର୍ମାଣ କରାଇଥିବେ, କିନ୍ତୁ ଆମର ଧର୍ମନିରପେକ୍ଷତାର ଦ୍ୱାହି ଦେଇ ଅତୀତର ସରକାରମାନେ ସିଂହକୁ ପୋଷା ଜନ୍ତୁ ଭଳି ଦର୍ଶାଇ ଆସୁଥିଲେ । ଅବଶ୍ୟ ଏଥିରେ କାହାର କୌଣସି ଅସୁବିଧା ନଥିଲା, କିନ୍ତୁ ଯେତେବେଳେ ଏହି ରାଷ୍ଟ୍ରୀୟ ପ୍ରତୀକକୁ ଏହାର ସଠିକ ସ୍ୱରୂପରେ ନିର୍ମାଣ କରାଗଲା ଅନେକଙ୍କୁ ଏଥିପାଇଁ ଅଭିଯୋଗ କରିବାକୁ ଉତ୍ସାହିତ କରିଲା । ଏହାକୁ ନେଇ ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ଏବଂ ସୋସିଆଲ୍ ନେଟୱର୍କ୍ ବହୁତ ଚଳଚଞ୍ଚଳ ରହିଛି ।

ଗତ ସପ୍ତାହରେ ନାଟକୀୟ ଭାବରେ ମହାରାଷ୍ଟ୍ରର ଶାସନ ପଟଳରେ ବିରାଟ ପରିବର୍ତ୍ତନ ହୋଇଯାଇଛି । ୨୦୧୯ ମସିହା ସର୍ବସାଧାରଣ ନିର୍ବାଚନ ପରେ ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦବୀକୁ ଆଧାର କରି ଆଗରୁ ଗଢ଼ି ଆସିଥିବା ଶିବସେନା ଓ ଭାଜପାର ଗଠବନ୍ଧନ ତୁଟି ଯାଇଥିଲା ଏବଂ ଶିବସେନା, କଂଗ୍ରେସ ପାର୍ଟି ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ସମର୍ଥନରେ ମହା ଅଗାଡ଼ି ମେଣ୍ଟ ନିର୍ମାଣ କରି ଶାସନ କରି ଆସୁଥିଲେ । ଏହି ସମୟରେ ମହାରାଷ୍ଟ୍ରର ଅନେକ ଘଟଣା ଜନସାଧାରଣଙ୍କୁ ବ୍ୟଥିତ କରିଥିଲା । ବିଶେଷତଃ ହିନ୍ଦୁ ଧର୍ମପାଇଁ ମୁଖର ଭାବେ କାର୍ଯ୍ୟ କରୁଥିବା ବାଲା ଠାକରେଙ୍କ ପୁତ୍ର ଉଦ୍ଧବ ଠାକରେ ରାଜ୍ୟରେ ହୋଇଥିବା ସାଧୁଙ୍କ ହତ୍ୟା ସମୟରେ ନିରବ ରହିଥିଲେ ଏବଂ ବୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବରକରଙ୍କୁ ଅପମାନିତ କରାଯାଉଥିବା ବେଳେ ମଧ୍ୟ ନିରବତା ଅବଲମ୍ବନ କରି ପରୋକ୍ଷରେ ନିଜର ହିନ୍ଦୁତ୍ୱର ଛବିଠାରୁ ନିଜକୁ ଦୂରେଇ ଦେଇଥିଲେ । ହେଲେ କିଛିଦିନ ତଳେ ଶିବସେନାର କିଛି ବିଧାୟକ, ଶ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଉଦ୍ଧବ ଠାକରେଙ୍କ ବିରୋଧରେ ମୁଖର ହୋଇ ଗଠବନ୍ଧନ ତୁଟେଇବାକୁ ଦାବୀ କରିଲେ । ଏହାକୁ ନେଇ ସପ୍ତାହରୁ ଅଧିକ ସମୟ ନାଟକ ଚାଲିଲା । ବିଧାୟକମାନେ ପ୍ରଥମେ ଗୁଜୁରାତର ସୁରାଟ ସହରରେ ଏବଂ ପରେ ଆସାମର ଗୌହାଟୀ ଏବଂ ଶେଷରେ ଗୋଆରେ ଏକତ୍ରିତ ହୋଇ ସଭାମାନ ଆୟୋଜନ କରି ଶେଷରେ ଭାଜପା ସମର୍ଥନରେ ମହାରାଷ୍ଟ୍ରର ଶାସନଗାଦି ବଦଳାଇ ଦେଲେ ।

କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସଂଖ୍ୟାଗରିଷ୍ଠତା ଥିବା ସତ୍ତ୍ୱେ ଭାଜପା ଏହି ଗଠବନ୍ଧନରେ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ଦାବୀ ନ କରି ଏହାକୁ ଶିବସେନାକୁ ଦେଇ ଦେବାପରେ ରାଜନୀତି ସରଗରମ ହୋଇ ଉଠିଥିଲା । ସମସ୍ତେ ଆଶା କରୁଥିଲେ ଯେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନବିସ୍ ହିଁ ମୁଖ୍ୟମନ୍ତ୍ରୀ ହେବେ, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦ ଏହି ଦାୟିତ୍ୱ ଏକନାଥ ସିନ୍ଦେଙ୍କୁ ପ୍ରଦାନ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ । ବିଧାୟକମାନେ ଦଳବିରୋଧୀ କାର୍ଯ୍ୟକରିଛନ୍ତି କହି ମାମଲା ଅଦାଲତରେ ଥିବା ବେଳେ କିନ୍ତୁ ମହାରାଷ୍ଟ୍ରରେ ଶାସନ ଭାର ସମ୍ଭାଳି ନେଇ ସିନ୍ଦେ ବିଧାନସଭା କାର୍ଯ୍ୟ ସୁଚାରୁରୂପେ ଚଳାଇଛନ୍ତି ।

ଗତକାଲି ଏକ ଆଶ୍ଚର୍ଯ୍ୟଜନକ ଘଟଣାରେ ପାକିସ୍ତାନର ଜଣେ ସାମ୍ବାଦିକ ନୁସରତ୍ ମିର୍ଜା ଘୋଷଣାକରି ଜଣାଇଛନ୍ତି ଯେ ଭାରତରେ ୟୁପିଏ ସରକାର ସମୟରେ ସେ ଅନ୍ୟୁନ ପାଞ୍ଚଥର ଭାରତ ଭ୍ରମଣରେ ଆସି ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ଓ ସୂଚନା ସଂଗ୍ରହ କରିଥିଲେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ସେ ସବୁ ସେ ପାକିସ୍ତାନ ସୁରକ୍ଷା ବିଭାଗକୁ ଦେଇଥିଲେ । ଏବଂ ସେ କହିଛନ୍ତି ଯେ ସେ ଉପରାଷ୍ଟ୍ରପତି ହମିଦ୍ ଅନସାରୀଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଭାରତ ଆସିଥିଲେ । ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି । ସୂଚନାଯୋଗ୍ୟ ଯେ ଉପରାଷ୍ଟ୍ରପତି ରହିଥିବା ହମିଦ୍ ଅନସାରି ନିଜର ପଦବୀ ତ୍ୟାଗ କରିବା ପରେ ପରେ ହିଁ ଭାରତରେ ମୁସଲମାନ ମାନେ ଭୟରେ ବଞ୍ଚୁଛନ୍ତି ବୋଲି କହି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସେ ଗଣମାଧ୍ୟମ ଦ୍ୱାରା ଆୟୋଜିତ ଅନେକ ସାକ୍ଷାତକାର ସମୟରେ ନିଜ ବକ୍ତବ୍ୟକୁ ପ୍ରମାଣ କରିବାକୁ ବିଫଳ ହୋଇଥିଲେ । ବର୍ତ୍ତମାନ ଘଟଣା ପରେ ବୁଦ୍ଧିଜୀବି ମାନେ ଶ୍ରୀ ଅନସାରିଙ୍କ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଭାଜପା ଏଥିପାଇଁ ଅନସାରି ସମେତ, କଂଗ୍ରେସ ଦଳକୁ ଦୋଷ ଦେବା ସହିତ ଏଥିପାଇଁ ପ୍ରତିକ୍ରିୟା ଉପସ୍ଥାପନ କରିବାକୁ ଦାବୀ କରିଛନ୍ତି । ହମିଦ୍ ଆନସାରି ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ, ଉପରାଷ୍ଟ୍ରପତି ପଦବୀରେ ରହିବା ପରେ କୌଣସି ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଦେବା ନ ଦେବା ସେ ଦାୟିତ୍ୱ ସରକାରଙ୍କର ଥାଏ, ସେଥିପାଇଁ ସେ ବ୍ୟକ୍ତିଗତ ଭାବରେ କାହାକୁ ନିମନ୍ତ୍ରଣ ଦେଇନାହାନ୍ତି । ଏହା ଭ୍ରାମକ ତଥ୍ୟ ଏବଂ ତାଙ୍କୁ କଳଙ୍କିତ କରିବା ଉଦ୍ଦେଶ୍ୟ ନେଇ ଏଭଳି କୁହାଯାଉଛି । କିନ୍ତୁ ଭାଜପାର ପ୍ରବକ୍ତା ତଥା ସର୍ବୋଚ୍ଚ ନ୍ୟାୟାଳୟର ଓକିଲାତି କରୁଥିବା ଶ୍ରୀ ଗୌରବ ଭାଟିଆ ଆଜି ଏକ ପ୍ରେସ ବାର୍ତ୍ତାରେ କହିଛନ୍ତି ଯେ ଏହି ମାମଲା ନେଇ କଂଗ୍ରେସ ଦଳ, ନିଜସ୍ୱ ମତ ଉପସ୍ଥାପନ କରିବା ଉଚିତ, ନଚେତ ଏହାକୁ ଦେଶ ବିରୋଧରେ ଷଡ଼ଯନ୍ତ୍ର ବୋଲି ଧରି ନିଆଯିବା ଉଚିତ ହେବ ।

ଗତ ସପ୍ତାହରେ ବିଶ୍ୱ ଦରବାରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି, ପ୍ରଥମଟି ଜାପାନର ନିବର୍ତ୍ତମାନ ପ୍ରଧାନମନ୍ତ୍ରୀ ଶ୍ରୀ ସିଞ୍ଜୋ ଆବେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେଳେ ଆତତାୟୀର ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି । ସୂଚନାଯୋଗ୍ୟ ଯେ ଶ୍ରୀ ଆବେ ଭାରତ ସହ ଦ୍ୱିପାକ୍ଷିକ ବ୍ୟବସାୟ ଏବଂ ସୌହାର୍ଦ୍ଦ୍ୟ ବୃଦ୍ଧିପାଇଁ ଅନେକ କାର୍ଯ୍ୟ କରିଥିଲେ । ଭାରତକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ସହ ଟେକ୍ନୋଲୋଜୀ ଏବଂ ଋଣ ପାଇଁ ମଧ୍ୟ ସେ ଅନେକ ସାହାଯ୍ୟ କରିଥିଲେ । ଭାରତର ଜଣେ ପ୍ରକୃତ ବନ୍ଧୁଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମେ ଶ୍ରୀ ଆବେଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ।

ଆଉ ଅଳ୍ପଦିନ ପରେ ଭାରତୀୟ ଗଣତନ୍ତ୍ରର ନୂତନ ରାଷ୍ଟ୍ରପତି କାର୍ଯ୍ୟଭାର ଗ୍ରହଣ କରିବେ, ଏବଂ ସେଥିପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଆମପାଇଁ ବିଶେଷ ଆନନ୍ଦର ବିଷୟ ଯେ ଓଡ଼ିଶାମାଟିର ଝିଅ ଶ୍ରୀମତି ଦ୍ରୌପଦୀ ମୂର୍ମୁଙ୍କୁ ଶାସକ ଦଳ ଏହି ପଦବୀ ପାଇଁ ଦାବୀପତ୍ର ଦାଖଲ କରାଇଛନ୍ତି । ଏବଂ ବିରୋଧୀ ଦଳଙ୍କ ତରଫରୁ ଶ୍ରୀ ଯଶବନ୍ତ ସିହ୍ନା ନିର୍ବାଚନରେ ଅଂଶ ଗ୍ରହଣ କରିଛନ୍ତି । ଅବଶ୍ୟ ଏହା ସମସ୍ତେ ଜାଣନ୍ତି ଯେ ଶାସକ ଦଳ ସମର୍ଥିତ ପ୍ରାର୍ଥୀ ହିଁ ବିଜୟୀ ହୋଇଥାନ୍ତି । ତେଣୁ ଶ୍ରୀମତି ମୁର୍ମୁଙ୍କ ବିଜୟ ନିଶ୍ଚିତ । ଖାଲି ଏହା ଘୋଷଣା ହେବା ଏବଂ ସେ ନିଜ ପଦବୀର ଗୋପନୀୟତାର ଶପଥ ନେବା ଦେଖିବାକୁ ରହିଲା । ଅତୀତରେ ଭାରତର ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଦକର କହିଥିଲେ ଯେ ଯେଉଁଦିନ ଭାରତର ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା ହୋଇପାରିବେ ସେଦିନ ବାସ୍ତବରେ ଭାରତର ଉନ୍ନତି ହୋଇଛି ବୋଲି ଧରି ନିଆଯାଇ ସଂରକ୍ଷଣ ଭଳି ବ୍ୟବସ୍ଥାକୁ ବିରାମ ଦିଆଯାଇ ପାରିବ । ଦେଖାଯାଉ, ଏହି ନିର୍ବାଚନ ପରେ କଣ ପରିବର୍ତ୍ତନ ହେଉଛି । ଯାହା ବି ହେଉ ଏହି ପଦବୀ ସହ ଚଳିତ ସଂସଦରେ ଓଡ଼ିଆ ମାନଙ୍କର ପ୍ରାଧାନ୍ୟ ଯେ ବଢିଛି ତାହା ଅତ୍ୟନ୍ତ ଖୁସିର ବିଷୟ । ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସମେତ,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକ ଉଚ୍ଚ ସ୍ଥାନରେ ଓଡ଼ିଆ ବ୍ୟକ୍ତିମାନଙ୍କ ଉପସ୍ଥିତି ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଦିନଥିଲା, ଓଡ଼ିଶା କେଉଁଠି ବୋଲି ଅନେକ ଲୋକ ପ୍ରଶ୍ନ କରୁଥିଲେ, କିମ୍ବା କେହି କେହି ଏହାକୁ ପଶ୍ଚିମବଙ୍ଗର ଅଂଶ ବୋଲି ମଧ୍ୟ ଭାବୁଥିଲେ, ଅନ୍ତତଃ ଏବେ ଆଉ କେହି ସେଭଳି ଭାବିବେ ନାହିଁ । ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ଭାଗିଦାରିତା ଯେଉଁଭଳି ଭାବରେ ମୋଦୀ ସରକାରଙ୍କ ସମୟରେ ବୃଦ୍ଧିପାଇଛି ତାହା କେବେ ହୋଇନଥିଲା ।

ଆଜି ଜୁଲାଇ ଚଉଦ ତାରିଖ । ଚଳିତ ମାସର ଆହ୍ୱାନର ସଂସ୍କରଣ ଆପଣଙ୍କୁ ଭେଟି ଦେଉଛି ଏବଂ ଜଣାଇବାକୁ ଚାହୁଁଛି ଯେ ଯେଉଁମାନେ ଆହ୍ୱାନ ଇ-ପତ୍ରିକାରେ ଲେଖା ଦେଉଛନ୍ତି ସେମାନଙ୍କ ଲେଖାପ୍ରାପ୍ତିର ସ୍ୱୀକାରପତ୍ର ଆମ ୱେବ୍‌ସାଇଟରେ ଡାଉନଲୋଡ଼ ହେତୁ ଉପଲବ୍ଧ ରହୁଛି । ବିଗତ ମାସର ସମସ୍ତ ଲେଖକଙ୍କ ସ୍ୱୀକାରପତ୍ର ଆମ ସାଇଟରେ ଏବେ ବି ଉପଲବ୍ଧ ଅଛି । ଚଳିତ ମାସର ସ୍ୱୀକାର ପତ୍ର ଆଗାମୀ ଦୁଇଦିନରେ ସାଇଟରେ ଉପଲବ୍ଧ ହେଇଯିବ । ଯେଉଁମାନେ ଲେଖା ପ୍ରଦାନ କରି ଆହ୍ୱାନ ଆନ୍ଦୋଳନରେ ନିଜକୁ ସାମିଲ କରିଛନ୍ତି ସେମାନଙ୍କୁ ଅନୁରୋଧ ଏହି ସ୍ୱୀକାର ପତ୍ରର ପ୍ରତିଲିପି ନିଜର ସୋସିଆଲ୍ ନେଟୱର୍କରେ ଶେୟାର୍ କରନ୍ତୁ । ଅନ୍ୟମାନଙ୍କୁ ଲେଖାଲେଖି ପାଇଁ ଉତ୍ସାହିତ କରନ୍ତୁ । ଅନେକ ବନ୍ଧୁ ଓଡ଼ିଆରେ ଲେଖାଲେଖି କରିବାକୁ ଚାହାନ୍ତି, କିନ୍ତୁ ସଠିକ୍ ଦିଗଦର୍ଶନ ପାଇ ପାରୁନାହାନ୍ତି । ସେମାନଙ୍କୁ ଏହି ପତ୍ରିକାର ପଥପ୍ରଦର୍ଶକ ହୁଅନ୍ତୁ ।

ଭଗବାନ ସମସ୍ତଙ୍କର ମଙ୍ଗଳ କରନ୍ତୁ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୩



ଅଶୋକ ବିଶ୍ୱାଳ

ଜଙ୍ଗଲରେ ବାଘ ନିରୀକ୍ଷଣ

ପାଓଲିଙ୍କ ପାଖରେ ବର୍ତ୍ତମାନ ଏକମାତ୍ର ଲକ୍ଷ୍ୟଥିଲା ଜଙ୍ଗଲରେ ବାଘ ନିରୀକ୍ଷଣ । କିନ୍ତୁ କେମିତି କରାଯିବ ?

ଅନ୍ୟ ଯାଗା ହୋଇଥିଲେ ଜଙ୍ଗଲରେ ଏକ ମଞ୍ଚା ବା ହାଇଡ ବା ଲୁଚିବା ସ୍ଥଳ କରାଯାଇ ଜୀବଜନ୍ତୁଙ୍କୁ ଲକ୍ଷ୍ୟ କରାଯାଇଥାନ୍ତା । କିନ୍ତୁ ସୁନ୍ଦରବନରେ ତା' ସମ୍ଭବ ନୁହେଁ । ଏ ଲୁଣା ଜଙ୍ଗଲର ବାଘ ବହୁତ ଚାଲାକ । ଯେମିତିକି ମଣିଷର କଣ ପଦକ୍ଷେପ ହେବ ତାହା ଆଗରୁ ଜାଣିଯାଏ । ବାଘ ଡର ଛଡା ସାପ ଡର ମଧ୍ୟ ଅଛି । ଏଠି ଅଧିକାଂଶ କଣ ସବୁ ସାପ ଗଛ ଚଢନ୍ତି । କିଛି ସାପ ଅତି ବିଷାକ୍ତ । ଏ କାଦୁଅ ପଚପଚ ଯାଗାରେ ମଞ୍ଚାକରି ନିରୀକ୍ଷଣ କରିବା କଥାରେ ସପନବାବୁ ମଧ୍ୟ ରାଜି ହେଲେ ନାହିଁ । ଜାଣି ଜାଣି ଅଯଥାରେ ବିପଦକୁ ମୁଣ୍ଡାଇବାରେ କିଛି ବାହାଦୂରୀ ନାହିଁ । ମାଟିରେ ହାଇଡ୍ ବା ଲୁଚିବା ସ୍ଥଳୀ କଥା ମୋଟେ ଆଲୋଚନା ହେଲାନି । ବାଘ ବିଷୟରେ ଏତେକଥା ଜାଣିବା ପରେ ପାଓଲି ମଧ୍ୟ କାଦୁଆ ଜମିରେ ବସି ନୀରିକ୍ଷଣ କଥା ଭାବି ପାରୁ ନଥିଲେ ।

ବାଘ ନିରୀକ୍ଷଣ ତେବେ କେମିତି କରାଯିବ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଙ୍ଗାଚ ଟାୱାର ଉପରୁ ନିରୀକ୍ଷଣ କରି ନିଅନ୍ତୁ ।– ସୁବିମଳ କହିଲା ।

ପାଓଲି ମୁଣ୍ଡ ହଲାଇଲେ । ପୋଖରୀ ଖୋଳାଯାଇଛି । ବାଘ ଦିନେ ଦୁଇଦିନ ମଧ୍ୟରେ ନିଶ୍ଚିତ ଭାବରେ ଦେଖାଯିବ । ସେଠି ବାଘ ଘଣ୍ଟେ ବା ଦୁଇଘଣ୍ଟା ରହିବ । ସେ ଭିତରେ ବାଘର ବ୍ୟବହାରକୁ ବାଇନୋକୁଲାରରେ ଲକ୍ଷ୍ୟ କରାଯିବା ପୋଖରୀ ପାଖରେ ନିରିକ୍ଷଣ ପଛି ମଧ୍ୟ ଅଛି । ସେ ଯାଗାକୁ ସବୁ ଜୀବଜନ୍ତୁ ଆସନ୍ତି । ତେଣୁ ବାଘ ନିରୀକ୍ଷଣ ପାଇଁ ସବୁଠାରୁ ଭଲ ଉପାୟ । ଏହା ସୁବିମଳର ମତ ଥିଲା ।

ପାଓଲି କିନ୍ତୁ ସଂମ୍ପୂର୍ଣ ରାଜି ହେଲେ ନାହିଁ । ବାଘ ଦେଖିହେବ । କିନ୍ତୁ ସେ ସଂମ୍ପୂର୍ଣ ପ୍ରାକୃତିକ ଭାବରେ ଦେଖିବାକୁ ଚାହୁଁଥିଲେ । ବାଘକୁ ସେ ନିଜର ପ୍ରାକୃତିକ ପରିବେଶରେ ଦେଖିବାକୁ ଚାହୁଁଥିଲେ । ବାଘ ଯଦିଓ ଏଠି ଭଲଭାବେ ଦେଖାଯିବ ତଥାପି ପୋଖରୀ ଆଉ ନିରୀକ୍ଷଣ ପଛୀଟା ସୁନ୍ଦରବନର ସାଧାରଣ ପ୍ରାକୃତିକ ପରିବେଶରୁ ଭିନ୍ନ । ସେ ଚାହୁଁଥିଲେ ଏମିତି ଯାଗାରେ ବାଘ ଦେଖନ୍ତେ ଯେଉଁଠାରେ ମଣିଷର ପାଦ ପଡିନି ଆଉ ମଣିଷ ଜଙ୍ଗଲକୁ କିଛି ନିଜ ହିସାବରେ ବଦଳାଇନି । କିଛି ମ୍ୟାନେଜମେଣ୍ଟ ଇନ୍‌ଟରଭେନସନ ନାହିଁ ।

“ଆଉ କିଛି ଉପାୟ ଅଛି ?”- ସେ ସୁବିମଳକୁ ପଚାରିଲେ । ସେତେବେଳକୁ ବାଘ ନିରୀକ୍ଷଣ ଉପରେ ଅନେକ ଆଲୋଚନା କରି ସାରିଥିଲେ ।

“ଆପଣ ପରା ଡଙ୍ଗାରେ ଗଲାବେଳେ ଅନେକଥର ବାଘ ଦେଖିଥିଲେ ।”- ପାଓଲି ସୁବିମଳକୁ ପଚାରୁଥିଲେ ।

ଠିକଅଛି । ମାଟି ବା ଗଛ ଉପରକୁ ସିନା ଯିବେ ନାହିଁ । କିନ୍ତୁ ପାଣିରୁ ବାଘକୁ ଲକ୍ଷ୍ୟ କଲେ କ୍ଷତି କଣ ? ସୁବିମଳ ତ ଅନେକ ଥର ଡଙ୍ଗାରୁ ବାଘ ଦେଖିଛି । ସୁବିମଳ ମୁଣ୍ଡ ହଲାଉଥିଲା । ଆଗରୁ ତ ଫ୍ଳୋଟିଙ୍ଗ କ୍ୟାମ୍ପମାନ ଲଗାଯାଉଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ତୁମେ ମୋତେ ଏକ ନିଛାଟିଆ ନାଳକୁ ଡଙ୍ଗାରେ ନେଇଯାଅ । ସେଇ ଡଙ୍ଗାରୁ ବାଘ ନିରୀକ୍ଷଣ କରିବା ।"- ପାଓଲି ସୁବିମଳକୁ ଅନୁରୋଧ କଲେ ।

ସୁବିମଳ କଥାଟାକୁ ଭାବିଲା । ସେ କ୍ୟାମ୍ପର ମୁଖ୍ୟ କର୍ମଚାରୀ । ସମସ୍ତଙ୍କ ହାନିଲାଭ ତା'ର ଦାୟିତ୍ୱ । ରିସର୍ଚ୍ଚର ପାଓଲିଙ୍କୁ ବାଘ ଦେଖାଇବା ତା'ର ଏକ ଦାୟିତ୍ୱ । ଆଗରୁ ଅନେକ ଯାଗାରେ ଫ୍ଲୋଟିଂ ବା ଭାସମାନ କ୍ୟାମ୍ପମାନ ଲାଗୁଥିଲା । ସେଥିରେ କର୍ମଚାରୀମାନେ ଦିନ ଦିନ ଧରି ରହୁଥିଲେ । ସେଇଠି ଡଙ୍ଗାରେ ବସି ସେମାନେ ଯିବା ଆସିବା କରୁଥିବା ବୋଟ ଆଉ ମତ୍ସ୍ୟଜୀବୀ ଡଙ୍ଗା ଉପରେ ନଜର ରଖୁଥିଲେ । ଡଙ୍ଗାରୁ ନିରୀକ୍ଷଣ କରିବାଟା ସବୁଠାରୁ ଭଲ ଉପାୟ ବୋଲି ତା'କୁ ମନେ ହେଉଥିଲା । ଜଙ୍ଗଲରେ ଚାଲି ବାଘ ଦେଖିବା ସମ୍ଭବ ନୁହେଁ ।

କ୍ୟାମ୍ପଠାରୁ ଅଳ୍ପଦୂରରେ ଅନେକ ନିଛାଟିଆ ନାଳ ଅଛି । ସବୁ ଦ୍ୱୀପର ପାଖରେ ନଦୀନାଳ ଅସଂଖ୍ୟ । ତେଣୁ ସେମାନେ ମ୍ୟାପରେ ଏକ ଦ୍ୱୀପ ଠିକ କଲେ । କ୍ୟାମ୍ପର ଦ୍ୱୀପଠାରୁ ପ୍ରାୟ ୧୫ କିଲୋମିଟର ଦୂର । ବଡ଼ ଦ୍ୱୀପ । ସେଇଠି ପାଣି ପୋଖରୀ ଖୋଳାଯାଇନି । ଲୋକଙ୍କର ଚଳାଚଳ ନାହିଁ । ନଦୀ ମଧ୍ୟ ସାମାନ୍ୟ ଚଉଡା । ଦୁଇକୂଳରେ ଘାସ ଚଡା ଅଛି । ତେଣୁ ସେମାନେ ସେମିତି ଯାଗାରେ ଡଙ୍ଗାରେ ପ୍ରତୀକ୍ଷା କରିବେ । ଏକ ଛୋଟ ବୋଟ ନିଆଗଲା । ବୋଟରେ ସବୁସୁରକ୍ଷା ବ୍ୟବସ୍ଥା ଉତ୍ତମ ଭାବରେ ଥିଲା । ବୋଟର ଝରକା ଆଗରେ ଲୁହା ଜାଲି ଦିଆଯାଇଥିଲା । ବାଘ ଭିତରକୁ ପଶି ପାରିବନି ।

ସେମାନେ ପ୍ରାୟ ଏକ ଘଣ୍ଟା ବୋଟରେ ଚାଲିଲେ । ତାପରେ ମୁଖ୍ୟ ନଦୀରୁ ବୁଲାଣି ହୋଇ ଭିତରକୁ ପଶିଯାଇଥିବା ଏକ ନାଳରେ ପଶିଲେ । ଚାରିପାଖେ ଗଛ ଭରିଯାଇଛି । ସେମାନେ ବୋଟକୁ ନଦୀ ମଝିରେ ଲଙ୍ଗର ପକାଇ ସ୍ଥିର କରିଦେଲେ । ଭଟ୍ଟା ହେଲେ ମଧ୍ୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଳରେ କିଛି ପାଣି ରହିବ । ବୋଟ କାଦୁଅରେ ବସି ଯିବନି । ଏଠି ନାଳ ଗହୀରିଆ ଜଣାପଡୁଥିଲା । ସେମାନେ ଖୁବ୍ ସାବଧାନତାର ସହ ଯେତେ କମ ଶବ୍ଦରେ ହୁଏ ସେତେ ନିଃଶବ୍ଦ ଭାବରେ ବସିଥିଲେ । କେଉଁଠି ସାମାନ୍ୟ ସୋରଶବ୍ଦ ନାହିଁ । ଏ ପାଣିକୁ ବାଘ ଆସିଲେ ଜଣା ପଡିଯିବ ଆଉ ଆକସ୍ମିକ ଆକ୍ରମଣ ସମ୍ଭବ ନୁହେଁ । ସ୍ଥାନଟା ନିରାପଦ । ଏମିତି ଅଧାଦିନ ବିତିଗଲା ।

ପାଓଲି ଜଙ୍ଗଲ ଆଡକୁ ଚାହିଁଲେ । ସେପଟେ ଆଗକୁ ଚଡାଏ ଚଡାଏ ଯାଗା । ସେଥିରେ ଗଛସବୁ ଭରିଯାଇଛି । ମଝିରେ ମଝିରେ ପାଣିର ଧାର । ଏସବୁ ଜାଗାରେ ଜୀବଜନ୍ତୁ କିଛି ସମୟ ପରେ ଆସିଯିବେ । ଗଛ ଫାଙ୍କ ଦେଇ ଖରାତଳକୁ ପଡୁଛି । ଟିକିଏ ଭିତରକୁ ଖୋଲା ଯାଗାଟା ଉଜ୍ଜ୍ୱଳ ଦେଖାଯଉଛି । ଦେଖିବାର ରାସ୍ତାକୁ କେଉଁ ଗଛର ଡାଳ ଅବରୋଧ କରୁନାହିଁ । ଅନ୍ୟଥା ବାକି ଯାଗାଗୁଡିକ ପ୍ରାୟ ଅନ୍ଧାରୁଆ, ସବୁଆଡେ ଶ୍ୱାସମୂଳ ଦେଖାଯାଉଛି । ମଝିରେ ମଝିରେ କିଛି କିଛି କାଦୁଆ ଜମି । ସେଥିରେ ଅଳ୍ପ ଅଳ୍ପ ଘାସ ଅଛି । ପାଣିରେ ଗଛର ପ୍ରତିଛବି ସବୁ ପଡିଛି । ଅନେକ ସମୟ ପରେ ଆଗର ଖୋଲା ଯାଗାକୁ ଏକ ଜଙ୍ଗଲି କୁକୁଡାଟିଏ ଆସିଲା । ତା'ର ଲମ୍ବା ଲମ୍ବା ଗୋଡ । ଶ୍ୱାସମୂଳଗୁଡିକ ତା'ର କାନ୍ଧ ପାଖକୁ ପହଁଚିଯାଉଥିଲା । ମଝିରେ ମଝିରେ ଖାଲିଯାଗା ଦେଖି କୁକୁଡାଟି ଗୋଡ ପକାଉଥିଲା । ତଳ ଆଡକୁ ଶରୀରଟି କଳାପରରେ ଘୋଡେଇ ହୋଇଛି । ଏ ଜଙ୍ଗଲି କୁକୁଡାମାନଙ୍କର ରୂପଭଳି ଆଉ ସୁନ୍ଦରବନରେ କୌଣସି ପକ୍ଷୀର ଏତେ ସୁନ୍ଦର ରୂପ ନାହିଁ । ଜଙ୍ଗଲି ଗଞ୍ଜା କୁକୁଡାର ଦେହରେ ଚକ୍‌ଚକ୍ କରୁଥିବା ପର ଗୁଡିକ କଳା, ସାମାନ୍ୟ ଧଳା । ଖୁବ୍ ସୁନ୍ଦର ସୁନେଲି ରଙ୍ଗର ପର ମଝିରେ । ବେକ ଆଡକୁ ପିଠିରେ ହାଲୁକା ଲାଲ୍ ପର, ତା' ପରେ ବେକ ଆଡକୁ ପୁଣି ପର ସୁନେଲି ହେଇଯାଇଛି । ମୁଣ୍ଡ ଆଡକୁ ବେକରେ ପୁଣି ହାଲୁକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲାଲ୍ ପର ଆଉ ତା' ପରେ ମୁଣ୍ଡରେ ଏକ ସୁନ୍ଦର ଲାଲ୍ ରଙ୍ଗର ଚୂଳ ଅଛି । ଗଞ୍ଜାଟି ବଡ଼ ଗର୍ବର ସହ ଚାଲୁଥିଲା ତା'ର ଥଣ୍ଟ ମଝିରେ ମଝିରେ ତଳକୁ ହେଇଯାଉଥିଲା । ସିଏ ତଳରୁ କିଛି ପୋକ ଜୋକ ଖୋଜୁଥିଲା । ତା'ର ଗାଢ଼ କଳା ଆଖିଟି ଏପଟ ସେପଟ ଅନଉଥିଲା । ଗଞ୍ଜାଟି କିଛି ସମୟ ଏମିତି ପୋକ ଜୋକ ଖୋଜିବାରେ ଲାଗିଗଲା ।

କିଛି ସମୟ ପରେ ପାଖ ଗେଉଁଆ ଗଛକୁ ଅନ୍ୟ ପକ୍ଷୀଟିଏ ଆସିଲା । ଗଛଟା ଉପରକୁ ସାମାନ୍ୟ ଶୁଖିଯାଇଛି । ଏଇଟା କଠହଣା ପକ୍ଷୀଟିଏ । ସିଏ ସେଇଠି ପୋକ ଜୋକ ଖୋଜୁଥିଲା । ଡାଳଟିଏ ବଙ୍କା ହେଇଯାଇଥିଲା । ମୋଟା ଡାଳଟି ଆଗକୁ ଭାଙ୍ଗିଯାଇଛି । ଛାପିଛାପିକା ରଙ୍ଗର କାଠହଣା ପକ୍ଷୀଟି କାଠର ତଳପଟେ ରହି କିଛି ଖୋଜୁଥିଲା । ଏମିତିଆ ଯାଗାରେ ଅନ୍ୟ ପକ୍ଷୀମାନେ ଠିଆ ହୋଇପାରିବେ ନାହିଁ । କିନ୍ତୁ ଏ ପକ୍ଷୀର ଖୁବ୍‌ଶକ୍ତ ପଞ୍ଝା । ଏହା ବକଳକୁ ଜୋରରେ ଧରି ରଖିଥିଲା ଆଉ ତଳପଟେ ତା'ର ଥଣ୍ଟ ଠକ୍‌ଠକ୍ କରି କାଠ ଖୋଳୁଥିଲା । ସେଇଠି କିଛି ସୁଆଦିଆ ପୋକ ଆଉ ଲାର୍ଭା ଅଛନ୍ତି । ମଝିରେ ମଝିରେ ରହି କିଛି ଖାଇ ଦେଉଥିଲା ।

ଏକ ସୁନ୍ଦର ଲେସର ରକେଟ ଟେଲଡ ଡ୍ରୋଙ୍ଗୋଚେଢ଼ଇ ବା ବଡ଼ କଜଳପାତି ଗୋଟିଏ ଗଛରେ ବସିଥିଲା । ଏ ଚଢ଼େଇଟି କଜ୍ଜଳପାତି ଭଳି ଗାଢ଼ କଳା ରଙ୍ଗର । କୁହାଯାଇପାରେ କଜ୍ଜଳପାତିର ବଡ଼ ଭାଇ । ସେମିତି ଗାଢ଼ କଳା ରଙ୍ଗ, ତଳ ଆଡକୁ ତା'ର ପୁଚ୍ଛଟିକେ କଟା, ମୁଣ୍ଡ ଉପରେ ଚୂଳ ନାହିଁ, ଧାରୁଆ ଛୋଟ ଥଣ୍ଟ, କଳା କଳା ଆଖି । କିନ୍ତୁ ପୁଚ୍ଛର ଶେଷ ଆଡକୁ ଦୁଇଟି ଲମ୍ବା ପର ତଳକୁ ଲମ୍ବିଯାଇଛି । ଏଇଥିରୁ ଏ ଚଢ଼େଇର ଭିନ୍ନତା ଜଣାପଡେ । ଚଢ଼େଇଟି ଏପଟ ସେପଟ କରି ଅନାଉଥିଲା ।

ଅନେକ ସମୟ ପରେ ତଳେ ଦୁଇଟା ଜଙ୍ଗଲ ଘୁଷୁରୀ ବା ବାରହା ଆସି ପଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଡୁଥିଲେ । କାଦୁଆ ଜମି । ସବୁଆଡେ ଏ ଶ୍ୱାସମୂଳ ଗୁଡିକ ଭରି ଯାଇଛି । ଆଗରୁ ହାଲୁକା ଆଲୁଅ ଆସୁଥିଲା । ଜଙ୍ଗଲ ଭିତରଟା କେମିତିଆ ହାଲୁକା ବାଦଲ ଭିତରେ ଥିଲା ଭଳି ଜଣାପଡୁଥିଲା । ଦିନ ଟିକେ ଗଡିଗଲେ କେବେ କେବେ ଥଣ୍ଡା ଦିନରେ ଏମତି ଲାଗେ । ସେ ସମୟରେ ଜଳକଣାଗୁଡିକ ଜଙ୍ଗଲର ତଳକୁ ଓହ୍ଲାଇ ଆସନ୍ତି । ବାରହା ଦୁଇଟିର ଥୋବଣି ମାଟିକୁ ଖୋଳୁଥିଲା । କେତେଟା କାଉ ଏ ବାରହାମାନଙ୍କ ସହ ଉଡୁଥିଲେ ଆଉ ଏପଟ ସେପଟ ହେଉଥିଲେ । ମଝିରେ ମଝିରେ ଉଡିଯାଇ ବାରହାମାନଙ୍କ ଉପରେ ବସି ଯାଉଥିଲେ । ଏ କାଉଗୁଡାଙ୍କୁ ସାହାସୀ କୁହାଯାଇପାରେ । ଏତେ ବଡ଼ ଜୀବର ଉପରେ ଆରୋହଣ କରିବାକୁ ଡର ଲାଗିବ । ବାରହାଗୁଡିକର ମଝି ପିଠିରେ ଟିକେ ଟିକେ ବଡ଼ ଲୋମ । କାଉଗୁଡିକ ସେଇଠି ବସି ଯାଉଥିଲେ । ପଛ ଆଡକୁ ଚମ ଟିକେ ଖସଡା । ସେଇଠି ସହଜରେ ବସି ହେବନି ।

ଗୋଟିଏ କାଉ ନିଜ ଡେଣାକୁ ଖୋଲି ଦେଇ ନିଜର ସନ୍ତୁଳନ ବଜାୟ ରଖିବାକୁ ଚେଷ୍ଟା କରୁଥିଲା । ପରେ ଏପଟ ସେପଟ ହୋଇ ଭଲ ଭାବରେ ବାରହା ପିଠିରେ ବସିଗଲା । ବାରହାଟା ଆଗକୁ ଚାଲିଲେ ମଧ୍ୟ ସେ ଆଉ ଖସୁନଥିଲା । ବାରହାଟି ଏ କାଉର ବସିବାକୁ ଖାତିର ନକରି ନିଜ କାମରେ ବ୍ୟସ୍ତ ଥିଲା । ମଝିରେ ମଝିରେ ମୁଣ୍ଡକୁ ତଳକୁ ନେଇ ଆସୁଥିଲା ଆଉ ଥୋବଣିରେ ଜମିକୁ ଖୋଳୁଥିଲା । କାଉଟିର ଲମ୍ବା ଥଣ୍ଟଟି ତଳକୁ ଉପରକୁ ହେଉଥିଲା । ସେ ବଡ଼ ଧ୍ୟାନର ସହ ବାରହା ପିଠିରୁ ଟିଙ୍କ ବା ଅନ୍ୟ ପୋକ ଜୋକଙ୍କୁ ଖୋଜୁଥିଲା । ବାରହାମାନଙ୍କ କାନ ଆଉ ପିଠିରେ ଅନେକ ସମୟରେ ଟିଙ୍କ ଆଉ ଜୋକ ଲାଗନ୍ତି । ଏ ଟିଙ୍କଗୁଡିକ କାଉକୁ ଖାଇବାକୁ ଭଲଲାଗେ । ବଡ଼ ସୁଆଦିଆ । ଏଗୁଡାକ ରକ୍ତ ପିଇ ପିଇ ଗୋଲ ହୋଇଯାଇଥାନ୍ତି । କାଉର କଳା ଆଖିଟା ତନ୍ନ ତନ୍ନ କରି ଲୋମକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖୋଜୁଥିଲା ଆଉ ମଝିରେ ମଝିରେ ତଳକୁ ଥଣ୍ଟ ମାରୁଥିଲା । ଟିକିଏ କିଛି ଉଠିଯାଇଥିଲେ କାଉଟିକୁ ଲାଗୁଥିଲା ଗୋଟିଏ ଟିଙ୍କ ଅଛି ଆଉ ସେ ଜୋରରେ ଥଣ୍ଟ ମାରିକି ସେହି ଦୁଷ୍ଟ ଟିଙ୍କକୁ ସେଇଠୁ ଛଡେଇ ନେଇଆସୁଥିଲା ଆଉ ଢୋକି ଦେଉଥିଲା । କାଉଟି ଧୀରେଧୀରେ ସାହାସ କରି ବାରହାର ମୁଣ୍ଡ ଆଡକୁ ଆସିଲା । ଏ ସ୍ଥାନରେ ବାଳ ଅପେକ୍ଷାକୃତ ଛୋଟ । ବେକ ଉପରେ ବାଳ ବଡ଼ । ବାରହାର କାନଟି ଛୋଟ । କାନଟି ପାରି ହେଇଯାଇଥିଲା । ବାରହାର ଛୋଟ ଆଖିଟି ବନ୍ଦ ହେଇଆସୁଥିଲା । କାଉଟି ଏକଦମ୍ ବାରହାର ମୁଣ୍ଡ ଉପରେ ବସିଯାଇ ଆଖି ପାଖରେ ଥିବା କିଛି ଟିଙ୍କକୁ ଟାଣୁଥିଲା । ବାରହାଟି ମୁଣ୍ଡକୁ ଉପରକୁ କରି ଦେଲା । ତା' ଫଳରେ କାଉକୁ ବସିବାକୁ ସୁବିଧା ହେବ ।

ଦେହରେ ଲାଗିଥିବା ଟିଙ୍କ ଆଉ ବା ଜୋକସବୁ ବାରହା ବା ହରିଣମାନଙ୍କୁ ବଡ଼ ବ୍ୟସ୍ତ କରନ୍ତି । ଏମାନଙ୍କର ତ ଏମିତି କିଛି ଛଡେଇବା ପାଇଁ ହାତ ବା ଆଙ୍ଗୁଳି ନାହିଁ । ତେଣୁ ଏ ଟିଙ୍କମାନେ ସହଜରେ ରକ୍ତ ପିଇ ପିଇ ବଡବଡ ହୋଇଯାଆନ୍ତି । ଏମିତିଆ ଏକଜିଦିଆ ଟିଙ୍କ ବା ଜୋକଙ୍କୁ ଛଡାଇବା ପାଇଁ କାଉ ଭଳି ପକ୍ଷୀମାନେ ବଡ଼ ଉପକାରୀ ସାବ୍ୟସ୍ତ ହୋଇଥାନ୍ତି । କାଉକୁ ଖୁବ୍ ସୁଆଦିଆ ଖାଇବାକୁ ମିଳିଯାଏ ଆଉ ବାରହା ଦେହରୁ ଟିଙ୍କ ବା ଜୋକ ବା ଅନ୍ୟ ପୋକସବୁ ବାହାରିଯାଆନ୍ତି । ଏହା ଦ୍ୱାରା ଜଣେ ଜଣକୁ ସାହାଯ୍ୟ କରିପାରନ୍ତି । କାଉଟି ଥଣ୍ଟ ମାରିଲା ବେଳେ ବାରହାଟି ଆଖି ବନ୍ଦ କରି ଦେଉଥିଲା । ନା ଏଠି ଆଉ କିଛି ନାହିଁ । କାଉଟି ସେଇଠୁ ଉଡିଗଲା । ହୁଏତ କାନ ପାଖରେ କିଛି ଥାଇପାରେ । ତା'ପରେ ପିଠିରେ ବସିଯାଇ ପିଠିର କରକୁ ଆସିଗଲା । ଏଇଠୁ କାନକୁ ସହଜରେ ଧରିହେବ । ବାରହା ନିଜର ଥୋବଣିକୁ ବହୁତ ଉପରକୁ କରି ନେଲା, ପ୍ରାୟ ଜମିସହ ସମାନ୍ତରାଳ ଥିଲା । କାଉଟି ପିଠିରେ ସହଜରେ ବସିଯାଇ ନିଜର ଥଣ୍ଟକୁ ଆଗକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରିଦେଲା । ଥଣ୍ଟକୁ ଏକଦମ୍ କାନ ଭିତରକୁ ପୁରାଇ ଗୋଟାଏ ଟିଙ୍କକୁ ଟାଣି ଆଣିଲା । ଆଃ କି ମଧୁର ମୋଟା ଟିଙ୍କଟିଏ । କାଉଟି ଖାଇଦେଲା । ପେଟ ପୁରିଗଲା । ତା'ପରେ ଉଡିଗଲା । ପରେ ପରେ ଆଉ ଗୋଟିଏ କାଉ ବାରହା ଉପରକୁ ଆସି ବସି ପଡିଲା । ସେ ମଧ୍ୟ ଟିଙ୍କ ଖୋଜିଚାଲିଲା ।

ଧିରେ ସଂନ୍ଧ୍ୟା ହେଇଆସୁଥିଲା । ସୂର୍ଯ୍ୟ ବହୁତ ବଡ଼ ଆଉ ଗୋଲ ଲାଲ୍ ପେଣ୍ଡୁଭଳିଆ ହେଇଯାଇଥିଲା । ଚାରିଆଡେ ଗାଢ ବାଇଗଣୀ ରଙ୍ଗ । ମଝିରେ କମଳା ରଙ୍ଗର ବଡ଼ ଗୋଲାକାର ବଲ୍ । ଧୀରେଧୀରେ ତା' ତଳକୁ ଚାଲିଯାଉଥିଲା । ଏପଟେ ନଈର ଚଉଡାଟା କେମତି କମିଯାଇଥିଲା । ଭଟ୍ଟା, ତେଣୁ ପାଣି କମିଯିବାଟା ସ୍ୱଭାବିକ । ଜଙ୍ଗଲଟା କଳା ପଡି ଆସିଲାଣି । ଆଉ ଗଛଗୁଡିକୁ ବାରି ହେଉନାହିଁ । କଳା ଛାଇଗୁଡିକ ନଈରେ ପଡିଛି । ନଈଟା ସୂର୍ଯ୍ୟର ଶେଷ କିରଣରେ ଟିକେ କମଳା ରଙ୍ଗ ଧାରଣ କରିଛି । ସବୁକିଛି ଅସ୍ପଷ୍ଟ ହେଇଆସିଲାଣି । ଏମତି ଧୀରେଧୀରେ ଅନ୍ଧାର ଆସିଗଲା । ଆଉ ଅନ୍ଧାର ସହ କିଛି ସମୟ ପରେ ଚନ୍ଦ୍ର ଉଠିଆସିଲା । ଭଲଭାବରେ ଚନ୍ଦ୍ରକିରଣ ପଡିଥାଏ । ଆକାଶରେ ମେଘଟିକେ ନଥାଏ । ପାଣି ଟିକେ ଟିକେ ଫୁଲିଉଠୁଥିଲା । ମଝିରେ ମଝିରେ ଛୋଟ ଛୋଟ ମାଛଗୁଡିକ ଉପରେ ଜୋରରେ ଡେଇଁ ପଡୁଥଲେ । ବୋଧହୁଏ କିଛି ବଡ଼ ମାଛ ଖାଇବା ପାଇଁ ପିଛା କରୁଛି ଆଉ ସେମାନେ ପଳାୟନ କରୁ କରୁ ବେଳେବେଳେ ଉପରକୁ ଡେଇଁ ପଡୁଥିଲେ । ଫଳରେ ପାଣିରେ ଛିଟକା ସବୁ ପଡୁଥିଲା । ଲାଗୁଥିଲା ଯିଏ କେମତି ଉପରେ ହାଲୁକା ଆଙ୍ଗୁଠିରେ ବାଜାଟିଏ ବଜାଉଛି ଆଉ ପାଣିରେ ଛୋଟ ଛୋଟ ଲହଡି ହେଇଯାଉଛି । ଧିରେ ପାଣି ଯେମତି ଛିଟ୍କେଇ ଦେଲେ ଲାଗେ, ସେମତି ମାଛଗୁଡିକ ଉପରକୁ ଡେଇଁଲା ଭଳି ଲାଗୁଥିଲା । ଛୋଟ ଛୋଟ ମାଛଗୁଡିକ ପାଣିର ବିନ୍ଦୁ ଭଳି ଲାଗୁଥିଲେ । ଏମତି ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଛମାନଙ୍କର ଲୁଚକାଳି ଖେଳ ଆଉ ପାଣିରେ ପଡିବାର ଖେଳ କିଛି ସମୟ ପାଇଁ ଚାଲିଲା ।

ଚନ୍ଦ୍ର କିରଣରେ ପାଣିର ଏ ଝଲମଲ ବଡ଼ ସୁନ୍ଦର ଲାଗେ । ଯେମତିକି ଏକ ଛୋଟ ଉଜ୍ଜ୍ୱଳ ରାସ୍ତା ତିଆରି ହେଇଯାଇଛି । ପାଣିରେ ଚନ୍ଦ୍ରର ପ୍ରତିଫଳନରେ ଲାଗୁଥିଲା କେମତି ମୁକ୍ତାର ବିନ୍ଦୁଗୁଡିକ, ବା ସ୍ଫଟିକର ମାଳାସବୁ ପାଣି ଉପରେ ସିଧାରେ ଖେଳେଇ ଦିଆଯାଇଛି । ଆକାଶରେ ଜହ୍ନଟିକେ ଉପରକୁ ଉଠି ଆସିଥିଲା । ଗୋଲ ଜହ୍ନ । ସାମାନ୍ୟ ବାଦଲ ନଥିଲା । ଏମିତି ରାତିରେ ପ୍ରାୟ ବହୁତ କିଛି ସ୍ପଷ୍ଟ ଦେଖାଯାଏ । ଜଙ୍ଗଲାଟା ହାଲୁକା ଆଲୋକରେ ଉଦ୍ଭାସିତ ହୋଇଉଠେ । ଜଙ୍ଗଲ କେତେ ଭିନ୍ନ ଲାଗେ ।

ସଂନ୍ଧ୍ୟାରେ ଅନେକ ଜୀବଜନ୍ତୁ ଚଳଚଞ୍ଚଳ ହୋଇଉଠନ୍ତି । ସମସ୍ତେ ସତର୍କ ଥାଆନ୍ତି । ସେପଟେ ଜଙ୍ଗଲରେ ବାଘୁଣୀଟିଏ ଦେଖାଯାଉଥିଲା । ବାଘୁଣୀଟି ପେଟେଇ ପଡି ଅନେଇଥିଲା । ତା ଆଗ ଗୋଡ ଦୁଇଟା ଆଗକୁ ହୋଇଯାଇଥିଲା । ହଳଦିଆ ଆଖିରେ କଳା ଡୋଳାଗୁଡା ଟିକିଏ ବଡ଼ ହୋଇଯାଇଥିଲା । ମୁହଁଟି ବନ୍ଦ । କାନଗୁଡିକ ଏପଟ ସେପଟ ହେଉଥିଲା । ବାଘମାନଙ୍କର କାନ ବହୁତ ବଡ଼ ନୁହେଁ । ହରିଣ ବା ଅନ୍ୟ ତୃଣଭୋଜୀ ପ୍ରାଣୀମାନଙ୍କର କାନ ଅପେକ୍ଷାକୃତ ବଡ଼ । ବାଘମାନେ ତାଙ୍କ କାନକୁ କିନ୍ତୁ ଏପଟ ସେପଟ କରିପାରନ୍ତି । ଶବ୍ଦ ଆସୁଥିବା ଦିଗକୁ କାନକୁ ବୁଲେଇ ଦିଅନ୍ତି । ଏହାଦ୍ୱାରା ସେମାନେ ପରିଷ୍କାର ଭାବରେ ଶୁଣି ପାରନ୍ତି । ବାଘୁଣୀଟି ସିଧା ଅନେଇଥିଲା ।

ଏଇ ବାଘୁଣୀଟି ମା ବାଘୁଣୀ । ତା'ର ଦୁଇଟି ଛୁଆ ଅଛନ୍ତି, ଛୁଆମାନେ ଟିକିଏ ବଡ଼ ହେଇଆସିଲେଣି । କିନ୍ତୁ ବାଘୁଣୀର ଆକାର ହେବା ପାଇଁକି ଆହୁରି ବହୁତ ସମୟ ଅଛି । ବାଘୁଣୀ ସବୁବେଳେ ନିଜ ଛୁଆଙ୍କୁ ଏକୁଟିଆ ପାଳେ । ଏଥିପାଇଁ ଅନ୍ୟ ବାଘୁଣୀମାନେ ସାହାଯ୍ୟ କରନ୍ତି ନାହିଁ । ବାପ ବାଘ କିଛି ସାହାଯ୍ୟ କରିବ ନାହିଁ । ଛୁଆ ଦିଟା ମା ପାଖକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଗଲେ । ସେମାନେ ମା ଦେହରେ ଟିକିଏ ଘଷି ହେଲେ । ମା'କୁ ଜଣା ଯେ ଛୁଆମାନଙ୍କୁ ବହୁତ ଭୋକ ଲାଗୁଛି । ଶୀଘ୍ର ଶିକାର କରିବାକୁ ପଡିବ । ଏଣେ ଜଙ୍ଗଲଟା ହାଲୁକା ଆଲୁଅରେ ଉଜ୍ୱଳ ଦେଖାଯାଉଛି । ମଝିରେ ମଝିରେ ଗଛ ଫାଙ୍କଦେଇ ପରିଷ୍କାର ଚନ୍ଦ୍ର କିରଣ ତଳକୁ ଝରିପଡୁଛି । ସେ ଛୁଆର ଘଷି ହେବାଟା ଦେଖିଲେ କିଏ ଭଲଭାବରେ ଜାଣିପାରନ୍ତା ଯେ ଛୁଆ ମା'କୁ ଶିକାର କରିବା ପାଇଁ ଅଳି କରୁଛି । ମା' ଜାଣେ ଛୁଆ ଏବେ ଶିକାର କରିପାରିବନି । ଏଣୁ ଛୁଆ ତା' ମୁଣ୍ଡକୁ ମା'ର ବେକରେ ପ୍ରଥମେ ଘଷିଲା । ତା' ପରେ ମା ମୁଣ୍ଡରେ ନିଜର ଥୋଡି ଘସି ହେଲା । ପରେ ମା ମୁଣ୍ଡରେ ନିଜର ଗଳାକୁ ଲଗାଇ ଘଷି ହେଉଥିଲା । ମା'କୁ ବହୁତ ଗେଲ କରୁଥିଲା । ମା'କୁ ଲାଗିଲା ଛୁଆ ଆଉ ଭୋକ ସମ୍ଭାଳି ପାରୁନି । ତା'ପାଇଁ ଏବେ ଶିକାର କରିବା ଅତି ଆବଶ୍ୟକ । ଛୁଆ ଏବେ ଶିକାର କରିବା ପାଇଁ ଯୋଗ୍ୟ ହୋଇନି । ଦେହରେ ଆବଶ୍ୟକ ବଳ ନାହିଁ । ଆଉ ଲୁଚିଛପି ଯିବାର କଳାଟା ଏପର୍ଯ୍ୟନ୍ତ ଶିଖିନି । ଏମତି ଛୁଆଟି ଗୋଟିଏ ଦୁଇ ମିନିଟରୁ ସାମାନ୍ୟ ଅଧିକ ସମୟ ମା ସହିତ ଗେଲ ହେଲା ତାପରେ ଆଗକୁ ଚାଲିବାକୁ ଲାଗିଲା । ମା ପେଟେଇପଡି ଛୁଆକୁ ଅନାଇଲା ଆଉ ଧୀରେଧୀରେ ଠିଆ ହୋଇଗଲା ।

ସେପଟେ ଜଙ୍ଗଲଟା ଏକ ପରୀ ରାଇଜରେ ପରିଣତ ହୋଇଯାଇଥିଲା । ଏମିତି ରାତିରେ ଜଙ୍ଗଲ ନିଜର ରୂପ ପରିବର୍ତ୍ତନ କରିଦିଏ । ଉପରୁ ଝରିଆସୁଥାଏ ଆଲୋକର ଧାରା, ଯେମତିକି ପାଣି ଭଳି ଆଲୋକ ଫୁଆର ତଳେ କିଏ ବୁହାଇ ଦେଉଛି । ତଳେ ଥିବା ଜଳୀୟ ବାଷ୍ପ ସବୁ ସେ ଆଲୋକକୁ ପ୍ରତିଫଳନ କରୁଛନ୍ତି । ଫଳରେ ଆଲୋକର ରେଖା ଭଲ ଭାବରେ ଦେଖାଯାଉଛି । କଳା ଜଙ୍ଗଲ, କଳା ଗଛ ପଛ ପଟେ ଆଉ ଆଗରେ ଆଲୋକର ଧଳା ରେଖା । ସେ ରେଖାସବୁ ଆସି ପାଣିରେ ପଡିଛି, ଲାଗୁଛି ଯେମିତି ଗୋଟିଏ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୋଟିଏ ଆଲୋକର ଜଳପ୍ରପାତ ତିଆରି ହୋଇଯାଇଛି । ସେଇ ଭିତରେ ଶ୍ୱାସମୂଳଗୁଡିକ ଉପରକୁ ମୁଣ୍ଡ ଟେକିଛି ଆଉ ଭିତରଦେଇ ପାଣି ବୋହିଆସୁଛି । ଲାଗୁଛି ଯେମିତି ଗଛଗୁଡିକ କିଏ ଯେମିତି କଳା ଧଳା କରି ଚିତ୍ର ଆଙ୍କି ଦେଇଛି । ନେସି ହେଇଗଲା ପରି ଲାଗୁଛି, ଲାଗୁଛି କିଏ ଯେମତି ଜଙ୍ଗଲକୁ  ତୂଳୀକାରେ ଫୁଟାଇ ଚାଲିଛି ।

ଏମତି ଏକ ଜଙ୍ଗଲରେ ବାଘୁଣୀକୁ ଶିକାର କରିବାକୁ ପଡିବ । ବାଘୁଣୀ ଭଲ ଭାବରେ ଏଣେତେଣେ ଲକ୍ଷ୍ୟ କରୁଥିଲା । ହରିଣମାନେ କେଉଁଠି ଥିବେ ? ସବୁ ଯାଗାକୁ ଭଲ ଭାବରେ ଦେଖି ନେବା ଦରକାର । ବାଘୁଣୀ ଧୀରେଧୀରେ ଜଙ୍ଗଲ ଭିତରେ ଚାଲୁଥିଲା । ଛୁଆମାନେ ଅବଶ୍ୟ ତା ' ପାଖରେ ନଥିଲେ, ଟିକିଏ ଦୂରରେ ଥିଲେ । ତା'ର ଦେହ ଭଲ ଭାବରେ ଦେଖାଯାଉଥିଲା । ମଝିରେ ମଝିରେ ଗଛ ଓଢାଳରେ ଲୁଚି ଯାଉଥିଲା । ଦେହର ରଙ୍ଗଟା ହାଲୁକା ଜଣାପଡୁଥିଲା । ତା'ର ଶରୀରର ଗାଢ ବାଦାମି ଆଉଧଳା ରଙ୍ଗ ଏବେ କେମତି ଝାପସା ହୋଇଯାଇଥିଲା । ବାଘୁଣୀଟି ସତର୍କତାର ସହ ପାଦ ପକାଇ କୂଳକୁ ଆସିଲା ।

କୂଳରେ ଓଧଟିଏ ଶ୍ୱାସମୂଳ ଥିବା ଜଙ୍ଗଲରେ ବୁଲୁଥିଲା । କିଛି ଶବ୍ଦ ଶୁଣି ସେ ମଣିଷ ଭଳି ଠିଆ ହୋଇଗଲା । ଠିଆ ହେଲେ ଲାଗୁଥିଲା ଯେମତି ଗୋଟେ ଛୋଟ ମାଙ୍କଡଟିଏ ଠିଆ ହୋଇଛି । ଆକାର ଛୋଟ ହେତୁ ତା ' ମୁହଁଟି ଲମ୍ବା ଶ୍ୱାସମୂଳ ପର୍ଯ୍ୟନ୍ତ ପହଞ୍ଚିପାରୁଥିଲା । ଏସବୁ ଶ୍ୱାସମୂଳକୁ ଦେଖିଲେ ଲାଗୁଥିଲା ଯେମତି ସବୁଆଡେ ଛୋଟ ଛୋଟ ବର୍ଚ୍ଛାମାନ ବାହାରି ଆସିଛି । ଏମତି କୁହାଯାଇପାରେ ଖୁବ୍ ମୋଟା ମୋଟା ପ୍ରାୟ ଫୁଟେ ଲମ୍ବା ପେନସିଲ୍ ସବୁ ମାଟିରୁ ବାହାରି ଆସିଛି । ସବୁଆଡେ ପେନସିଲ୍ । ଓଧଟି ପାଣିଆଡୁ କିଛି ଠଉରେଇ ପରିଲାନି । ସେପଟୁ କିଛି ଚକ୍‌ଚକ୍ ଶବ୍ଦ ଆସୁନଥିଲା । କିନ୍ତୁ କିଛି ହାଲୁକା ଶବ୍ଦ । ସେ ଜମି ଆଡକୁ ବୁଲିପଡିଲା । ସେପଟେ ଜଙ୍ଗଲ ଆଉ କିଛି ଗୋଟିଏ ଶବ୍ଦ ଅଛି । କେଉଁ ଶିକାରୀ ପଶୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଶ୍ଚିତ ଭାବରେ ଛପି ଛପି ଆସୁଛି । ଓଧ ଆଉ ଜଙ୍ଗଲ ଆଡକୁ ଯିବାପାଇଁ ଭାବିଲା ନାହିଁ । ବୁଲିପଡି ପାଣି ଆଡକୁ ଆସିଗଲା। ତା'ର ଚାଲିଟା ଏକ ଲମ୍ବା ଛୋଟ କୁକୁରର ଚାଲି ଭଳି । ମୁଣ୍ଡଟା ତଳକୁ ହେଇଯାଇଥିଲା । ସେ ପାଣି ଧାରକୁ ଆସି ଧିରେ ପାଣିକୁ ଓହ୍ଲାଇପଡିଲା । ଏ ପାଣି ବଡ଼ ନିରାପଦ । ଜଙ୍ଗଲଟା ଶିକାରୀ ପଶୁରେ ଭରିଯାଇଛି । କିଏ କେତେବେଳେ ଆସିଯିବ ଜଣାପଡିବନି । ପାଣିରେ ନିରାପଦରେ ଆଶ୍ରୟ ନେବାଟା ଭଲ । ଏଠି ପାଣିରେ ଓଧକୁ ଧରିବା ଅସମ୍ଭବ । ସେ ଟିକିଏ ପହଁରିଯାଇ ପାଣି ଭିତରେ ବୁଡିଗଲା । ଏକ ଛୋଟ ଚହଲା ଆଉ ପାଣି ପୁଣି ସ୍ଥିର ହୋଇଗଲା  ।

ବାଘୁଣୀର ଗତି ସାମାନ୍ୟ ଜୋର ହେଲା । ସେପଟେ ଏକ ଛୋଟ ନାଳ ପରେ ହରିଣମାନେ ଅଛନ୍ତି । ହରିଣମାନଙ୍କର ଖୁରାର ଶବ୍ଦ ଜାଣି ହେଉଥିଲା । ହରିଣମାନେ ସତର୍କ ହେଇଯାଇଛନ୍ତି । କିଛି ବିପଦର ଆଶଙ୍କା ବୋଧହୁଏ କରୁଛନ୍ତି । ସେମାନେ ବାଘଣୀକୁ ଦେଖିନଥିବେ । କିନ୍ତୁ ହରିଣମାନଙ୍କର କାନ ଅତି ପତଳା । ବୋଧହୁଏ କିଛି ଶବ୍ଦ ଶୁଣିଥିବେ । ଏପଟେ ବାଘୁଣୀଟି ଖୁବ୍ ସାବଧାନର ସହ ପାଣିପାଖକୁ ଆସୁଥିଲା । ତଳ କାଦୁଅ ଏକ ରୂପେଲି ଥାଳି ଭଳି ଦେଖାଯାଉଥିଲା । ସେଥିରୁ କିଛି କିଛି କଣ୍ଟା ଉପରକୁ ଆସି ଚମକୁଥିଲା । ତା' ଭିତରେ ବାଘୁଣୀଟି ଧୀର ପାଦରେ ଆସୁଥିଲା । ବଡ଼ ଖସଡା ମାଟି । ବାଘୁଣୀଟି ଖୁବ୍ ସାବଧାନର ସହ ଗୋଡ ପକାଉଥାଏ । ଶେଷରେ ଟିକିଏ ଅଧିକା କାଦୁଆ ଯାଗାକୁ ଆସିଲା । ସେଇଠୁ ଆଉ ଚାଲିକି ଯିବା କଷ୍ଟ । ତେଣୁ ବାଘୁଣୀଟି ହାଲୁକା ପାଣି ଭିତରକୁ ଡେଇଁପଡିଲା, ପାଣିରେ ଗୋଟେ ଛପ୍‌କିନା ଶବ୍ଦ ଆଉ ବାଘୁଣୀଟି ପାଣି ଭିତରେ ଥିଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତଙ୍କବାଦୀ



ସୁନନ୍ଦା ମହାନ୍ତି

ଘରଟା ସାରା କୃଷ୍ଣଭୋଗ ବା ବାସୁମତୀ ଅରୁଆ ଚାଉଳର ବାସ୍ନା, ଆଜିକାଲି ନୂଆ ନୂଆ ବଡଦାନା ଅରୁଆ ଚାଉଳ ସବୁ ବିରିଆନୀ ପାଇଁ ଆସୁଥିବା ବେଳେ ପୁରୁଣା ବାସୁମତୀ କୃଷ୍ଣଭୋଗ ଅରୁଆ ଚାଉଳର ବାସ୍ନାରେ ଘରଟା ମହମହ ବାସୁଛି । ମନ ଯେତିକି ଆଧ୍ୟାତ୍ମିକତାରେ ପୁରି ଉଠୁଥିଲା ହଠାତ ଆତଙ୍କରେ ଭରିଗଲା । କାରଣ ଅରୁଆ ଚାଉଳ ବ୍ୟତିରେକ ଶିଆଳିଆପତନୀ ନାମ୍ନୀ ନେଉଳ ପରାଏ ଜନ୍ତୁ ମଧ୍ୟ ଟିକେ ଏଇ ଭଳି ବାସେ ଆଉ ଯିଏ, ଯାହା କଥା ବାକି ରହିଲା ସେ "ନାଗସାପ", ସେ କଥା ମନକୁ ଆସିବାର ଅନ୍ୟ ଏକ କାରଣ ବି ଥିଲା ଯେ ଏଇ ଦୁଇ ଦିନ ଧରି ଊର୍ମିଙ୍କୁ ସବୁଆଡେ ନାଗସାପର ପ୍ରତିଛବି ଦିଶୁଥିଲା, ତ ଆତଙ୍କ ଓ ଶିହରଣରେ ସତର୍କତା ଅବଲମ୍ବନ କରି ଚାରିଆଡେ ସତର୍କ ଦୃଷ୍ଟି ନିକ୍ଷେପ କରି ଧୂଆପୋଛା କରୁ କରୁ ମନେ ପଡୁଥିଲା ତଳଘରେ ଥିଲାବେଳ କଥାଟିଏ ।

ସେଦିନ ସତକୁ ସତ ନାଗସାପଟିଏ ପଶିଆସିଥିଲା ଆଗପଟ ଘରର ମୁଖ୍ୟ ଦୁଆର ବାଟେ । ଲୋକେ ଘେରି ଯିବା ଫଳରେ ଆଉ ରାସ୍ତା ନପାଇ ପଛକୁ ଅର୍ଥାତ ଘରମୁହାଁ ହେଲା । ଜଗି ରହି ଊର୍ମି ଫୋନ କରି ସ୍ନେକହେଲପର ସାହାଯ୍ୟରେ ସ୍ୱାମୀ ଭବାନୀ ବାବୁଙ୍କ ସହାୟତାରେ, ସାପ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରା ହେଇସାରିବା ପରେ ସ୍ୱାମୀ ମୁଣ୍ଡରେ ହାତ ଦେଇ ବସିଗଲେ, ଶିବଙ୍କ ପାଖରେ କିଛି ଯାଚଜ୍ଞା ରହିଯାଇଥିବାର ଅନୁସନ୍ଧାନ କରି ଜାଣି ବ୍ୟସ୍ତ ହୋଇପଡି, ସବୁ ଯାଚଜ୍ଞା ପୂରଣ କରି ଆଶ୍ୱସ୍ତ ହୋଇ କହିଥିଲେ, ଶିବଶଙ୍କରଙ୍କ ଯାଚଜ୍ଞା ଭୁଲିଯିବା ଫଳରେ ପ୍ରଭୁ ଭୋଳାନାଥ ଆତଙ୍କବାଦୀ ପ୍ରେରଣ କଲେ, କଥାଟା ଉଭୟ ହାସ୍ୟରସ ତଥା ଭୟଭୀତ ଭିତରେ ଶେଷ ହୋଇଥିଲେ ମଧ୍ୟ, ଆଜି ସେହି କଥା ମନେ ପଡି ଦେହ ଶୀରଶିରେଇ ଉଠିଲା ଉର୍ମି ଙ୍କର, ତ କେତେ ଠାକୁର ଠାକୁରାଣୀ ଓ ଶିବ ଶଙ୍କରଙ୍କ ସ୍ତୋତ୍ର ପଠନ କରି ବିଶ୍ୱକର୍ମାଙ୍କ ପୂଜା ପାଇଁ ଲାଗିପଡ଼ିଲେ ଓ ପୂଜା ସାରି ଉଠୁଛନ୍ତି । ହଠାତ ଗୋଡ଼କୁ ନାଗସାପ କାମୁଡ଼ିଦେବାର ଅନୁଭବରେ ଆତଙ୍କିତ ହୋଇ ଦେଖିଲା ବେଳକୁ କାନ୍ଥରୁ କ୍ୟାଲେଣ୍ଡର ଖସି ଗୋଡ଼ ପାଖେ ପଡିଛି ଓ ଉଠେଇ ଆଣି ହତବମ୍ବ ହେଉ ହେଉ ଜାଣିଲେ ପ୍ରଭୁଙ୍କ କି ଲୀଳା, ଆଜି ସଂକ୍ରାନ୍ତି ବୋଲିକି ଭୁଲିଯାଇଥିବାରୁ ବୋଧେ, ଯା ହେଉ ପ୍ରଭୁଙ୍କ କୃପା ଯେ ତାଙ୍କ ପରିବାର ସହ ରହିଛି, ଆସ୍ୱସ୍ତି ରେ ପୁଣି ଭୋଗ ସଜାଡୁଥିଲେ ଶିବ ମନ୍ଦିରକୁ ।

ସୁନନ୍ଦା ମହାନ୍ତି


ସାକ୍ଷୀଗୋପାଳ, ପୁରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାମନର କୋଠା



ତ୍ରିନାଥ ନନ୍ଦୀ

ଦଶବର୍ଷ ହେଲାଣି ରାମ ବାବୁ ଓ ତାଙ୍କ ପରିବାର ତାଙ୍କ ବଂଶର ପୂର୍ବଜ ରାମବାବୁଙ୍କ ଜେଜେବାପାଙ୍କ ଜେଜେବାପା ଏକ ଦୁଇମହଲା କୋଠା ଗଢିଥିଲେ । ସେ ସେହି ଘର ଛାଡ଼ି ଅନ୍ୟ ସ୍ଥାନରେ ତାଙ୍କର ପରିବାର ରହୁଛନ୍ତି । ଶତାବ୍ଦୀ ଶତାବ୍ଦୀର ସେଇ ପୁରୁଣା ଦୁଇ ମହଲାଟା ଆଜି ଯେପରି ଐତିହ୍ୟରେ ପରିପୂର୍ଣ୍ଣ । ନିଶା ରାତି ହେଉ କି ଦିନ ଦ୍ୱିପ୍ରହର ସବୁବେଳେ ତା ଭିତରେ ଶୁଭୁଥାଏ ହୁ ହୁ ଶବ୍ଦ । ଏଇ ଶବ୍ଦଟି ବି ବେଶି ଦିନ ନୁହେଁ ବାବୁ ଘର ଛାଡିବାର ଦୁଇ ବର୍ଷ ପୂର୍ବରୁ ଏ ଶବ୍ଦ ଶୁଭିବା ଆରମ୍ଭ ହୋଇଥିଲା । କୋଠାଟି ମଧ୍ୟ ଅସ୍ଥିର ନିଶ୍ଚଳ ଓ ଶୂନସାନ ସ୍ଥାନରେ ଥାଏ । ଖାଲି ଶୁଭୁଥାଏ ହୁ ହୁ ।

ବାବୁ ନୂଆ ଘରେ ରହିବା ଠାରୁ ପ୍ରାୟ ଆଜକୁ ଦୁଇ ମାସ ହେଲାଣି । ସବୁଦିନ ରାତିରେ ସେ ଦେଖୁଥାନ୍ତି ସେଇ ଶବ୍ଦର ସ୍ୱରର ସ୍ୱପ୍ନ । ନା ରାତିରେ ନିଦ ହୁଏ ନା ସେ ଶବ୍ଦର ଭୟରୁ ମୁକ୍ତି ମିଳେ । ସେଇଥିପାଇଁ ସେ କୋଠା ଛାଡି ନୂଆ କୋଠା ନିର୍ମାଣ କରି ରହିଥିଲେ । ହେଲେ ସେ ବାମନା ତାଙ୍କୁ ଛାଡିଲା ନାହିଁ । ଦ୍ୱିପ୍ରହର ପୂର୍ବରୁ ସେ ଦିନେ ଦୁଇ ଜଣ ଗୁଣିଆକୁ ନେଇ ପ୍ରାୟ ୧୧ଟା ବେଳକୁ ସେଇ ସ୍ଥାନରେ ପହଞ୍ଚିଲେ । ପହଞ୍ଚିଲା ବେଳକୁ ସେ ହୁ ହୁ ଶବ୍ଦ ନାହିଁ ବର୍ତ୍ତମାନ ହାଁ ହାଁ ମୁଁ ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଭୁଥାଏ । ସେ ଦୁଇ ଜଣ ଗୁଣିଆ ସେସବୁକୁ ଦେଖି ତାଙ୍କର କାର୍ଯ୍ୟ ପ୍ରୟୋଗ କଲେ ।

ସେଥିରୁ ଜଣା ପଡ଼ିଲା ଯେ ସେ କୋଠାର ଉପର ମହଲାରେ ଗୋଟିଏ ବସନା ଭୂତ ରହୁଛି । ସେ ହେଉଛି ବାବୁଙ୍କର ଜଣେ ସମ୍ପର୍କୀୟ । ହେଲେ ସେ ତାର ପରିଚୟ ଦେଉନାହିଁ । କେବଳ ସେ କହୁଛି ମୁଁ ମୋର ଏ କୋଠା ମୁଁ ମୁକ୍ତି ଚାହେଁ ହା ହା ହା ..... । ତାର ମୁକ୍ତିରେ ସେ କ'ଣ ଚାହେଁ ପଚାରିବିରୁ କେବଳ ଶୁଭେ ମୁଁ ମୁଁ ମୁକ୍ତି ଚାହେଁ ହି ହା ହା ହା...... । ତେଣୁ ତାକୁ ମୁକ୍ତି ଦେବା ପାଇଁ ଏକ ଝାସ ଦେବା ଦରକାର । ତା ପରେ ଏହି ବମନା ଛାଡି ଚାଲିଯିବ । ଏଥିପାଇଁ ବାବୁ ସମୟ ଧାର୍ଯ୍ୟ କଲେ । ହେଲେ ଏହା ନିଶା ରାତିର ଠିକ୍ ମଧ୍ୟମ ସମୟରେ କରିବା ଦରକାର । ଆଉ ସେଇ ସମୟରେ ଅଧିକ ଭିତ ହେବାର ଆଶଂକା ରହିଛି ।

ତେଣୁ ଅଧିକ ଗୁଣିଆଙ୍କୁ ନେଇ ସେ ଝାସର ଆୟୋଜନ କରିବା ଆବଶ୍ୟକ । ତେଣୁ ଧାର୍ଯ୍ୟ ସମୟରେ ଛଅ ଜଣ ଗୁଣିଆକୁ ନେଇ ବାବା ଓ ତାଙ୍କ ପୁଅମାନେ ନିଶାର ରାତ୍ରିରେ ବାମନାର ହା ହା ମୁଁ ମୁକ୍ତି ଚାହେଁ ଶବ୍ଦ ଭିତରେ ଭୟଭିତ ଅବସ୍ଥାରେ ଝାସ ଆରମ୍ଭ ହୁଏ । କୁଣ୍ଡରେ ଗୁଣିଆ ଯେତ ଥର ଝାସ ଦେଉଥାଏ ବମନା ସେତେ ଯୋରରେ ହାଁ ହାଁ..... ଶବ୍ଦ କରୁଥାଏ । ଅଧ ଘଣ୍ଟାଏ ପରେ ହାଁ ହାଁ ଶବ୍ଦ ସହ ଉ ଉ ଉ ..... ଶବ୍ଦ ଶୁଭିଲା ।

ଚାହୁଁ ଚାହୁଁ ରାତ୍ରି ଗୋଟିଏ ଦୁଇଟା ବେଳକୁ ଶବ୍ଦ ଆଉ ଶୁଣିଲା ନାହିଁ । ତେଣୁ ଗୁଣିଆ କହିଲେ ସେ ମୁକ୍ତି ପାଇଯାଇଛି । ତେଣୁ ସେ ବାବୁଙ୍କର ଶତାବ୍ଦୀ ଶତାବ୍ଦୀର ବଂଶର ଏକ କିର୍ତ୍ତୀ ଛାଡି ଚାଲିଗଲା । ହେଲେ ପୁଣି ଦୁଇ ମାସ ପରେ ସେଇ ପରି ହାଁ ହାଁ ହାଁ ଶବ୍ଦ ଶୁଭିଲା । କାହିଁକି ନା ସେଇ କୋଠାଟା ବାମନାର ହୋଇଗଲା । ।

ଦେଉଳିପଞ୍ଜୁଘଣ୍ଟା, ଜଳେଶ୍ୱର, ବାଲେଶ୍ୱର, ୮୯୧୮୦୪୦୩୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥୁଣ୍ଟା ଆମ୍ବଗଛର ଦୁଃଖ



କିଷାନ ମହାକୁର

ଏକ ଗ୍ରାମରେ ଏକ ବାଳକ ରହୁଥିଲା । ସେ ସବୁଦିନ ଯାଇ କିଛି ଦୂରରେ ଥିବା ଆମ୍ବ ଗଛ ପାଖକୁ ଯାଏ । ସେଇ ଗଛରେ ଚଢି ଆମ୍ବ ଖାଏ । ଡାଳରୁ ଡାଳକୁ ଯାଇ ସେ ଖୁବ ଆନନ୍ଦରେ ଖେଳେ । ତାହାର ଖେଳ ଦେଖି ଆମ୍ବ ଗଛଟି ମଧ୍ୟ ଖୁବ ଖୁସି ଅନୁଭବ କରେ । ପିଲାଟି ଖେଳି ଖେଳି ହାଲିଆ ହେଇଗଲେ ସେ ବୃକ୍ଷତଳେ ଶୀତଳ ଛାଇରେ ଶୋଇଯାଏ । ଗଛର ପତ୍ର ହଲି ମୃଦୁ ପବନ ଦେବାରୁ ତାକୁ ଖୁବ ସୁନ୍ଦର ନିଦ୍ରା ଦେବା ସହ ତାର ମୁଣ୍ଡ ଗଛ ଚେର ଉପରେ ରହେ ।

ଏହିପରି ଅନେକ ଦିନ ବିତିଗଲା । ତାପରେ ପିଲାଟି ଗଛ ପାଖକୁ ଆଉ ସବୁଦିନେ ଆସିଲା ନାହିଁ । କେବେ କେମିତି ଆସେ । ଗଛଟି ତାକୁ ପଚାରିଲା କଣ ହେଲା ଆଉ ସବୁଦିନେ ଆସୁନୁ ? ମୁଁ ତୋ ବାଟ ଦେଖେ ସବୁଦିନେ ।

ପିଲାଟି ଉତ୍ତର ଦେଲା

“ମୋର ଆଉ ଖେଳିବାର ବୟସ ନାହିଁ । ଏବେ ପଢିବାକୁ ଯାଉଛି । ହେଲେ ସ୍କୁଲ ଫିଜ ଦେବାକୁ ମୋର ପଇସା ନାହିଁ ଆଜି ।”

ଆମ୍ବଗଛ କହିଲା, “ସେଥିପାଇଁ ଏତେ ଚିନ୍ତା କାହିଁକି । ମୋ ଦେହରେ ଯେତେ ଆମ୍ବ ଫଳିଛି ସବୁ ତୋଳିକି ନେଇଯାଅ । ବଜାରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ବିକିଲେ ପଇସା ମିଳିବ, ଫିଜ ଆଉ ବହିପତ୍ର କିଣିବୁ ।”

ପିଲାଟି ସବୁ ଆମ୍ବ ତୋଳିକି ନେଇଗଲା । କିନ୍ତୁ ତା ପରେ ସେ ଆଉ ଆସିଲା ନାହିଁ । ଗଛଟି ତାକୁ ସବୁଦିନେ ଅପେକ୍ଷା କରେ । ହତାଶ ହୁଏ । ଏହିପରି ବହୁତ ବର୍ଷ ବିତିଗଲା ପରେ ହଠାତ ଦିନେ ଯୁବକ ସେଇ ଗଛ ପାଖକୁ ଆସିଲା । ସେ କହିଲା, “ମୋତେ ଚିହ୍ନି ପାରୁଛ ? ମୁଁ ସେହି ବାଳକ ଯିଏ ସବୁଦିନେ ଆସୁଥିଲି । ତୁମ ଫଳ ଖାଉଥିଲି । ତୁମ ସହ ଖେଳୁଥିଲି । ଏବେ ମୁଁ ଚାକିରୀ କଲିଣି । ମୋର ବାହାଘର ବି ହେଲାଣି । ତେବେ ଗୋଟିଏ ଦୁଃଖ । ମୋର ଘରଟିଏ ଦରକାର । ସେଥିପାଇଁ ପଇସା ନାହିଁ ।”

ଆମ୍ବ ଗଛ ଏତେ ଦିନ ପରେ ତାର ପ୍ରିୟ ପିଲାକୁ ଦେଖି ଖୁବ ଖୁସି ହେଇ କହିଲା, “ଏଥିପାଇଁ ଚିନ୍ତା କାହିଁକି । ତୁ ମୋର ସବୁ ଡାଳ କାଟିକି ନେଇଯା । ତାକୁ ବିକି ଘର ବନେଇବୁ ।”

ଯୁବକଟି ମହା ଆନନ୍ଦରେ କିଛି ନ ଭାବି ସବୁ ଡାଳ କାଟିକି ନେଇଗଲା । ତା ପରେ ଆମ୍ବ ଗଛଟି ପୁରା ଥୁଣ୍ଟା ଛିଡା ହେଇ ରହିଲା । ତା ଆଡ଼କୁ ଆଉ କେହି ଅନେଇଲେ ବି ନାହିଁ । ଫଳ ଓ ଛାଇ ନ ଦେଉଥିବା ଗଛକୁ ଆଉ କିଏ କାହିଁକି ଅନେଇବ । ଏପରିକି ପକ୍ଷୀ ମାନେ ତା ଡ଼ାଳରେ ଯେଉଁ ବସୁଥିଲେ ସେମାନେ ବି ଅନ୍ୟ ଗଛ ଖୋଜି ଚାଲିଗଲେ । ଯୁବକ ଟି ମଧ୍ୟ ଆଉ ଆସିଲା ନାହିଁ । ମନ ଦୁଖ କରି ଆମ୍ବ ଗଛଟି ନିସଙ୍ଗ ହେଇକି କାନ୍ଦି କାନ୍ଦି ଦିନ ଗଡେଇଲା ।

ବହୁତ ବର୍ଷ ଏପରି ଗଲା ପରେ ଏକ ବୃଦ୍ଧ ଗଛ ନିକଟକୁ ଆସି ତାର ଗଣ୍ଡିକୁ କୁଣ୍ଢେଇ ଧରି ଖୁବ କାନ୍ଦିଲା ଆଉ କହିଲା, “ତୁମେ ମୋତେ ଚିହ୍ନି ପାରୁନଥିବ । ମୁଁ ସେଇପିଲା ଯିଏ ତୁମ ସଂଗେ ସବୁ ଦିନେ ଖେଳୁଥିଲା । ତୁମେ ତୁମ ଫଳ ସବୁ ଦେଇ ତାକୁ ପଢ଼ିବାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହାଯ୍ୟ କଲ । ମୁଁ ସେଇ ଅକୃତଜ୍ଞ ଯୁବକ ଯିଏ ଆସି ତୁମର ସବୁ ଡାଳ କାଟି ନେଇଗଲା ନିଜେ ଘର ବନେଇବ ବୋଲି ।”

ଆମ୍ବଗଛ ତଥାପି ଖୁସି ହେଲା ଆଉ କହିଲା, “ତୁ ମୋତେ ମନେ ପକେଇଛୁ ସେତିକି ମୋ ପାଇଁ ଯଥେଷ୍ଟ । କିନ୍ତୁ ମୋର ତ ଏବେ ଆଉ କିଛି ବି ମୂଲ୍ୟବାନ ନାହିଁ ତୋତେ ଦେବା ପାଇଁ ।”

ବୃଦ୍ଧଟି ଆବେଗରେ କହିଲା, “ନା, ନା ସେମିତି ଆଉ କୁହନି । ମୁଁ ଆଜି କିଛି ନେବାକୁ ଆସିନାହିଁ । ଆସିଛି ଦେବାକୁ । ତୁମ ଋଣ ତ ଜୀବନରେ ସୁଝି ପାରିବିନି । ମୋର ଭୁଲ ମୁଁ ବୁଝିପାରିଛି । ତେବେ ସବୁଦିନ ତୁମ ପାଖେ ରହିବି । ତୁମ ଯତ୍ନ ନେବି ।”

ଏହା କହି ବୃଦ୍ଧ ଗଛକୁ ଜାବୁଡି ଧରିଲା । ଗଛଟି ମଧ୍ୟ ତାର ପ୍ରିୟ ବଂଧୁକୁ ପାଇ ଆନନ୍ଦାଶ୍ରୁ ଗଡେଇଲା । ଖୁସି ହେବାରୁ ଆଉ ବୃଦ୍ଧର ଯତ୍ନ ପାଇବାରୁ ବୃକ୍ଷରେ ପୁଣି ନୂତନ ଡାଳ ବାହାରି ଜୀବନ୍ତ ହେଲା । ଉଭୟେ ଖୁସିରେ ରହିଲେ ।

ବଂଧୁ , ବାନ୍ଧବୀମାନେ ସେଇ ଆମ୍ବଗଛ ହଉଛି ପିତା ମାତା । ସେମାନେ ଆମ ପାଇଁ ସବୁକିଛି ଦେଇ ଦିଅନ୍ତି । ତେବେ ବାର୍ଦ୍ଧକ୍ୟ ଆସିଗଲେ, ସେମାନେ ଦୁର୍ବଳ ହେଇଗଲେ, ନିଶ୍ୱ ହେଇଗଲେ ତାଙ୍କୁ ଆମ ପରି କେତେକ ଛାଡି ଦିଅନ୍ତି ଏକାକୀ କରି, ଝୁରୁଥାନ୍ତି ସେମାନେ ଆମକୁ, ଆମରି ହି ମଙ୍ଗଳ ମାନସୁ ଥାଆନ୍ତି, ନିଜେ ପଛେ ଥୁଣ୍ଟା ରହିକି ମଧ୍ୟ ।

ତାଙ୍କ ପାଖକୁ ଯିବା, ତାଙ୍କୁ କୁଣ୍ଢେଇକି ଧରିବା, ତାଙ୍କ ସେବା କରିବା । ଏହି କାମ କରନ୍ତୁ ସମସ୍ତେ । ଦେଖିବେ ସେମାନେ କେତେ ଖୁସିର ହସ ହସିବେ । ମୁକ୍ତା ଝରିବ । ପୁଣି ସେମାନେ ସୁଖୀ ଜୀବନ ବିତେଇବେ ଶେଷ ଯାଏ ।

ନୂଆଁପାଲି, ବୀରମହାରାଜପୁର, ସୋନପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆର ମମତା



କୁଞ୍ଜବିହାରୀ ସାହୁ

ରତିକାନ୍ତ ବୈଦିକ ରୀତିରେ ଲୋଟସକୁ ବାହା ହେଇଥିଲେ । ଚାହୁଁଚାହୁଁ ପାଞ୍ଚ ବର୍ଷ ବିତିଗଲା ଦୁଇଜଣଙ୍କ ମନ ଓ ଦେହ ମିଳନରେ । ଦୁଇଟି ପକ୍ଷୀର ଥଣ୍ଟ ଘଷାଘଷି ହେଲାପରି ସେମାନଙ୍କର ପ୍ରେମ ଥିଲା ଆବିଳତା ବିହୀନ । ଶାଶ୍ୱତ ପ୍ରେମରେ ଉବୁଟୁବୁ ଦୁହେଁ । ମନରେ କିନ୍ତୁ ଅବସୋସ ପହଁରୁଥିଲା ସବୁବେଳେ । ଦୁଃଖ, ଅବସାଦର କଳାହାଣ୍ଡିଆ ମେଘ ଉତୁରି ପଡୁଥିଲା ମୁଣ୍ଡ ଉପରେ । କୋଳରେ ଛୁଆଟିଏ ଖେଳାଇବାର ଅଧୁରା ସ୍ୱପ୍ନ ଦେଖୁଥିଲେ ସେମାନେ । ସାଇପଡ଼ୋଶୀଙ୍କୁ ମୁହଁ ଦେଖେଇ ଚାଲିବାର ବାଟ ଆବୁଡା ଖାବୁଡା ହେଇଥିଲା । ରତିକାନ୍ତ କିନ୍ତୁ ରତି ପ୍ରିୟ । ହେଲେ ରତିକ୍ରୀଡ଼ାରେ ସେ ହାରିଯାଇଛନ୍ତି କେମିତି । ଦୀର୍ଘ ପାଞ୍ଚବର୍ଷର ରତିକ୍ରୀଡାରେ ଭାଗ ନେଇ ଚାମ୍ପିଆନ ହେଇ ପାରିଲେନି । ଦୋଷ ରହିଲା କୋଉଠି । ଅସନ୍ତୁଳିତ ମନରେ ଲୋଟସକୁ ଛାଡ଼ି ଚାଲିଗଲେ ଅନ୍ଧ ଉପତ୍ୟକାକୁ । ଏକ ସମ୍ଭାବ୍ୟ ଆଶାରେ । ଅଚିହ୍ନା ତରୁଣୀ ସହ ବାସା ବାନ୍ଧି ଅନେକ ଉଜାଗର ରାତ୍ରି ବିତାଇଲେ । ଫେରିବାର ବାଟ ଭୁଲିଗଲେ । ଭୁଲିଗଲେ ପତ୍ନୀ ଲୋଟସକୁ ।

ଲୋଟସର ମୁଣ୍ଡ ଉପରେ ଖୋଲା ଆକାଶ ଗର୍ଭିଣୀ ଗାଈର ପହ୍ଲା ପରି ଝୁଲି ରହିଛି । ସ୍ଥଳ ଭାଗରେ ଚୋରାବାଲି ପରି ପାଦ ତଳର ମାଟି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିପଟେ କାକଟସର କଣ୍ଟା ଅଟ୍ଟହାସ୍ୟ କରୁଛି । ନିଃସନ୍ତାନ ସେ । ଅନେକଗୁଡ଼ିଏ ପ୍ରଶ୍ନକୁ ମୁଣ୍ଡରେ ସାଇତି ଦିନେ ବାହାରିଗଲେ ଅନାଥ ଆଶ୍ରମ ଆଡ଼େ । ସେ ଆଶ୍ରମକୁ ଆସିଛନ୍ତି ବହୁବାର । ମାତୃତ୍ୱର ମନ ନେଇ ବେସାହାରା ପିଲାମାନଙ୍କୁ ସାହାଯ୍ୟ- ସହଯୋଗ ବାଢ଼ିଛନ୍ତି । ଅନାଥ ଆଶ୍ରମର ମାଲିକ ଶୁଭେନ୍ଦୁ ବାବୁ ଲୋଟସଙ୍କର ଏ ଆତ୍ମୀୟତାରେ ଖୁସି ହୋଇ କହିଦିଅନ୍ତି - ସତରେ ଲୋଟସ ମାମ୍, ଆପଣଙ୍କ ବାତ୍ସଲ୍ୟ ମମତା ଯୁଗେ ଯୁଗେ ଅମର ହେଇରହିବ । ମା'ପଣିଆକୁ କୋଟି ଦଣ୍ଡବତ । ଆପଣଙ୍କ ଚାଲିଚଳନ, ଆଚରଣ ତଥା ଆତ୍ମ ସମୀକ୍ଷାରୁ ଜଣାପଡୁଛି କିଛି ଗୋଟେ ହଜେଇ ଦେଇଛନ୍ତି । ପାଇବାର ସମ୍ଭାବନାକୁ ଖୋଜି ଖୋଜି ହତାଶ ହେଇପଡୁଛନ୍ତି । ଆପଣ ଯେ ନିରବତାରେ ଏକାକୀ ଏ ପିଲାମାନଙ୍କ ସହ ଦୋସ୍ତି କରୁଛନ୍ତି ବୁଝିପାରୁନି ମୁଁ । ଆପଣଙ୍କ ସ୍ୱାମୀ ନାହାନ୍ତି କି ?

ଭେଁ...ଭେଁ କାନ୍ଦିଲେ ଲୋଟସ୍ । ଧାରା ଶ୍ରାବଣର ବାରି ବୋହିଗଲା ଚିବୁକ ଉପରେ । କେଉଁ ପ୍ରକାରେ ଉତ୍ତର ରଖିବେ ଲୋଟସ୍, ନିରବିଗଲେ କେଇ ମୁହୂର୍ତ୍ତ ପାଇଁ ।

ବୁଝିପାରିଲେ ଶୁଭେନ୍ଦୁ ବାବୁ ।

ଗୁଲୁଗୁଲୁ କଥା କହୁଥିବା, ମସ୍ତିରେ ଖେଳୁଥିବା ତିନି ଚାରି ବର୍ଷର ଛୁଆ ଉପରେ ନଜର ପକାଇଲେ ଲୋଟସ୍ । ସତରେ ସୁନ୍ଦର ହେଇଛି । ଗୁଲୁଗୁଲିଆ ଚେହେରା ଠିକ୍ ତୋଫା ଜହ୍ନ ଆଲୁଅ ପରି । ଓଠ ଉପର କଳାଜାଇ ବେଶ୍ ମାନୁଛି । ଏ ଛୁଆର ବାପା ମା ଛାଡ଼ିଦେଇ କୁଆଡ଼େ ଚାଲିଗଲେ ? ଇଏ କ'ଣ ଅବୈଧ ସନ୍ତାନ ! ଯାହା ହେଉନା କାହିଁକି ତରଳିଗଲା ଗୋଟେ ମା' ର ହୃଦୟ । ଛାତିର କାନଭାସରେ ଆଙ୍କି ହେଇଗଲା ମମତାର ଚାରୁ ଚିତ୍ରକଳା । ନିଃସନ୍ତାନ ହେବାରେ କେତେ ଯେ ଯନ୍ତ୍ରଣାଦାୟକ, ସେ ଅଙ୍ଗେ ନିଭେଇଛନ୍ତି ପାଞ୍ଚ ବର୍ଷ ହେଲା । ସ୍ୱାମୀଙ୍କୁ ନିଜ ଖୋଲା ଦେହ- ମନକୁ ସଂପୂର୍ଣ୍ଣ ଅଜାଡ଼ି ଦେଲାପରେ ବି ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଜି ବେସାହାରା । ମା' ହେବାର ସୌଭାଗ୍ୟରୁ ବଞ୍ଚିତା ହୋଇ ଅନାଲୋଚିତ ଗୃହିଣୀ ପାଲଟିଯାଇଛନ୍ତି ।

ଶୁଭେନ୍ଦୁବାବୁଙ୍କ ସହ ପରାମର୍ଶ କରିବା ପରେ ଆନ୍ଦୋଳିତ ମନଟି ହାଲକା ହେଲା ଲୋଟସଙ୍କର । ଛୁଆଟିକୁ କୋଳେଇନେଲେ ଶ୍ରଦ୍ଧାରେ । ଘରକୁ ଆଣିଲେ ଭାବ ବିଭୋର ପଣରେ । ଶୂନ୍ୟ ଘରଟି ହସି ଉଠିଲା । ମାତୃତ୍ୱ ବି ମହକିଗଲା ।

ଓଃ କି ଶାନ୍ତି ! ସତରେ ଏଇଟା ହିଁ ଜୀବନ । ଏଇଟା ହିଁ ସଂସାର ।

ଛୁଆଟିର ନାଁ ରଖିଲେ ଜେମସ୍ । ସତେ ଅବା ମଣିକାଞ୍ଚନ ଯୋଗ । କୋଳରେ ଛୁଆଟି ଖିଲିଖିଲି ହସିଲା । ନାଚିଲା ଥେଇ ଥେଇ । ବୁଲିଲା ମଜାରେ, ଆନନ୍ଦ ଉଲ୍ଲାସରେ । ଅନାଥ ଆଶ୍ରମର ଅନ୍ତେବାସୀଙ୍କ ଆଦରଠୁ ଆହୁରି ଅଧିକା ସ୍ନେହ ପାଇଲା ଜେମସ୍ ।

ଲୋଟସ ଜନ୍ମିତ ପୁଅଠୁ ଅଧିକ ସ୍ନେହ ଦେଲେ ଠିକ୍ ଯଶୋଦା ମା' ପରି । ପାଠ ପଢ଼େଇ ଉଚ୍ଚ ଶିକ୍ଷିତ କଲେ ଜେମସକୁ । ସମାଜରେ ମଣିଷ ପରି ପରିଚୟ କରାଇଲେ । ଭୁଲିଗଲେ ଅଧୁରା ଅତୀତ । ସ୍ୱାମୀଙ୍କ ସହ ସିନା ଦେହର ଭୋକ ମେଣ୍ଟାଉଥିଲେ, ଏବେ ପୁତ୍ର ଜେମସକୁ ପାଇ ଶୂନ୍ୟ କୋଳରେ ଗେଲ କରିଦେଲେ ଅହେତୁକ ଭାବରେ । କାରଣ ସେ ଜଣେ ମା .. ।

ଜେମସ୍ ବଡ଼ ହେଇଯାଇଛି । ନିଜ ଗୋଡ଼ରେ ଠିଆ ହେବାର ସୌଭାଗ୍ୟ ଲଭିଛି । ମାଆର ଆଖିରୁ ଲୁହ ଶୁଖିଯାଇଛି । ପୁଣି ଝଲସି ଉଠିଛି ଲୋଟସ ପରି ମୁହଁ । ବିଛୁରି ଯାଇଛି ବାସ ।

ହାଇଦ୍ରାବାଦର ଏକ ପ୍ରତିଷ୍ଠିତ ଘରୋଇ କମ୍ପାନୀର ମେକାନିକାଲ ଇଞ୍ଜିନିୟର ଜେମସ । ମୋଟା ଅଙ୍କର ଦରମା । ଖାତିର ଉପରେ ଖାତିର । ସର୍ବକନିଷ୍ଠ ଏକଜିକ୍ୟୁଟିଭ ମ୍ୟାନେଜର । ବେଳେ ବେଳେ ମାଆଙ୍କୁ ନେଇଯାଏ ହାଇଦ୍ରାବାଦ ଜେମସ୍ । ବଙ୍ଗଳାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାକୁ ରଖି ସେବା ଯତ୍ନ କରେ । ସହର ସାରା ବୁଲାଏ । ଦୁଃଖିଲା ମନକୁ ହାଲକା କରିଦିଏ । କାରଣ ମା'ର ମମତା ହିଁ ହୀରା ଠାରୁ ଅଧିକ ମୂଲ୍ୟବାନ ।

ଲୋଟସ ପୁଅ ପାଖରେ ସମ୍ଭ୍ରାନ୍ତ ଶ୍ରେଣୀୟ ସମୟ ବିତାନ୍ତି । ଅଭାବ ଦେଖିପାରନ୍ତିନି କେବେ । ସେ ଅନୁଭବିଛନ୍ତି ପୁଅ ଜେମସ ଆଜି ନିଜ ସ୍ୱାବଲମ୍ବୀ ହୋଇପାରିଛି । କିଛି ଦିନ ରହି ପୁଣି ଫେରିଆସନ୍ତି ନିଜ ଗାଁକୁ । ଯୋଉଠି ତାଙ୍କର ବାସଗୃହ । ସିମେଣ୍ଟ ଚଟାଣ । ଛୋଟ ବଗିଚା । ଫୁଲ ଫଳର ବଗିଚା । ମହୁମାଛିର ଖେଳଘର ଏ ସବୁଜ ବଗିଚା ।

ଜୀବନର ବହୁମୂଲ୍ୟ ସମୟ ବିତିଥିବା ଅନାଥ ଆଶ୍ରମ ।

ବିଲରେ ଚଷା ପୁଅର ମନମତାଣିଆ ଗୀତ, ଧାନକଟାର ରୋଷଣୀ, ତାଳଗଛ ଡାଳରେ ଝୁଲୁଥିବା ବାଇଚଢ଼େଇର ବସା ବହୁତ ଆନନ୍ଦ ଦିଏ । ନଦୀକୁ ଗାଧେଇଗଲାବେଳକୁ ଦି ପାଖରେ ଫସଲ ପଦର, ତେଣ୍ଡାରେ ପାଣି ବୁହାଇବାର ଦୃଶ୍ୟ ବିମୋହିତ କରେ ଲୋଟସକୁ ।

ସତରେ ହାଇଦ୍ରାବାଦ ସହରର ପର୍ଯ୍ୟପ୍ତ ଗହଳିରୁ ମୁକ୍ତିମିଳିଛି ।

ସମୟର ଚକ ଘୂରିବୁଲେ ଶଗଡ଼ର ଚକ ପରି । ସମୟାନୁକ୍ରମେ ଜେମସ ସହ ଦେଖା ସାକ୍ଷାତ ହୁଏ ଶ୍ୟାମଳୀ ଗୁପ୍ତା । ଉତ୍ତରପ୍ରଦେଶରେ ଶ୍ୟାମଳୀର ଘର । ଅଚଳାଚଳ ସମ୍ପତ୍ତି ଥିବା ମାଲିକର ଝିଅ ଶ୍ୟାମଳୀ । ସୁନ୍ଦରୀ ନ ହେଲେ ବି ଉଚ୍ଚ ଶିକ୍ଷିତା । ଦେହରେ ଉର୍ମିଭରା ଯୌବନ । ଜେମସ କମ୍ପାନୀରେ ମେକାନିକାଲ ବ୍ରାଞ୍ଚର କୋର୍ଡିନେଟର । ଦରମାରେ ବି ବିଶେଷ ଫରକ ନାହିଁ ଜେମସର ଦରମା ସହ । ନିରୀହ ଝିଅଟି ପରି ଜଣାପଡ଼େ ସେ । ଆଖିର ଚାହାଁଣି ଓ କଥା କହିବା ଶୈଳୀ ନିଆରା । ଦେହଟିକୁ ଅଧା ଫୁଙ୍ଗୁଳା କରି ଜେମସର ମନ କିଣିନେଇଛି । ଆଖି ଚାହାଁଣିରୁ ଲିଭିଂଟୁଗେଦରର ପନ୍ଥା ବାଛି ନେଇଥିଲେ ଦୁହେଁ । ଦୀର୍ଘ ଚାରିବର୍ଷର ରୋମାଣ୍ଟିକ ସିନକୁ ପାଥେୟ କରି ସମୟ ବିତାଇଦେଲେ । ଖାମୋଜୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫିଲ୍ମ ସିଟି ହେଉ ଅବା ଗୋଲକୁଣ୍ଡା, ଚାରମିନାର ସବୁଠି ସେମାନେ ରଚିଥିଲେ ପ୍ରେମ ଆଖ୍‌ଡ଼ା । ସାମାଜିକ ଭୟଭ୍ରାନ୍ତିରୁ ଅନେକ ଦୂରରେ । ପାରିବାରିକ କଟକଣାରୁ ନିସ୍ତାର ପାଇଛନ୍ତି ଅନାୟସରେ । କମ୍ପାନୀ ଗୋଟିଏ ମାତ୍ର ପଦବୀ ଅଲଗା । ଦେଶ ଜାତି ବି ଅଲଗା । କିନ୍ତୁ ମନ ଏକ ଦେହର ରକ୍ତ ବି ଏକ ।

ଜେମସ ପ୍ରପୋଜ କଲେ ଶ୍ୟାମଳୀକୁ । ପରେ ପରେ ଦୁହିଁଙ୍କ ଭିତରେ ବିବାହ କାର୍ଯ୍ୟ ସଂପାଦିତ ହେଇଥିଲା ହାଇଦ୍ରାବାଦର ଏକ ଦେବୀ ମନ୍ଦିରରେ । କେବଳ ଫୁଲମାଳ ଓ ପୂଜକ ସାକ୍ଷୀ ଥିଲେ ବାହାଘରର । ଓଡିଶା ବାସୀ ଜେମସ୍ ଗରିବ ହେଲେ ହେଁ ସୁନ୍ଦର, ସୁଠାମ ଚେହେରା ଥିବା ଶାନ୍ତ, ସରଳ, ଭଦ୍ର ମଣିଷ ଜଣେ । ପରିବାର କହିଲେ କେବଳ ତା ମା । ଆଦର୍ଶ ସୁଗୃହିଣୀ ଓ ଭେରି କେୟାରିଂ ।  ଅନାଥ ଆଶ୍ରମ ସହ ଗଭୀର ସଂପୃକ୍ତି ରହିଛି ତା ମାଆର ।

ବାହାଘର ସମାପ୍ତି ପରେ ଘରବାହୁଡ଼ା ଜେମସ ମନରେ ଅସଜଡ଼ା କମ୍ପନ । କେମିତି ବୁଝେଇପାରିବ ମା' କୁ । ସାହସ ବାନ୍ଧିପାରୁନଥିଲା । ଫ୍ଲାଇଟ୍ ରୁ ଓହ୍ଲାଇ ସିଧାସଳଖ ଘରେ ପହଞ୍ଚିଲା ଜେମସ୍ । ସାଥୀରେ ଶଙ୍ଖା ସିନ୍ଦୁର ବିଭୁଷିତା ଶ୍ୟାମଳୀ । କଲିଂ ବେଲର ଶବ୍ଦ ଶୁଣି ଦୁଆର କବାଟ ଖୋଲିଲେ ଲୋଟସ । ପୁଅକୁ ଦେଖି ଅତୀବ ଖୁସି ହେଇଗଲେ କୃଷ୍ଣପକ୍ଷ ପରେ ଶୁକ୍ଳ ପକ୍ଷ ଆସିଲା ପରି । ପୁଅ ଜେମସ ସହ ତା ସହ ଅଜଣା ଅଶୁଣା ଅଚିହ୍ନା ତରୁଣୀ ! ମଥାରେ ସିନ୍ଦୂର ଦାଉ ଦାଉ ହୋଇ ଜଳୁଛି । ହାତରେ ଶଙ୍ଖା ଚିକମିକ୍ କରୁଛି । ବନାରସୀ ଶାଢ଼ି ଦେହକୁ ଖୁବ୍ ମାନୁଛି । ପାଦତଳେ ମୁଣ୍ଡିଆ ମାରିବାକୁ ଉଦ୍ୟତ ହେଲା ଶ୍ୟାମଳୀ ବୋହୁ ବୋଲି । ଚମକି ପଡ଼ିବା ଭଳି ଅଭିନୟ କଲେ ଲୋଟସ୍ ।

ମା.. ତୋ ବୋହୁକୁ ପାଛୋଟି ନେବୁନି ! ଜେମସ ଆଗ୍ରହରେ କହିପକାଇଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଳ୍ପ ମୁହୂର୍ତ୍ତର ନିରବତାରେ ଓଠରେ ହସ ଉକୁଟାଇଲେ ଲୋଟସ । ଘର ଭିତରକୁ ଯାଇ ବନ୍ଦାପନା ଥାଳି ଧରି ଉପସ୍ଥିତ ହେଲେ ତତକ୍ଷଣାତ୍ । ପୁଅ ବୋହୁଙ୍କୁ ବନ୍ଦାପନା ପୂର୍ବକ ଘର ଭିତରକୁ ପାଛୋଟି ନେଲେ ମା ଭୂମିକାରେ ।

ଖୁସିବାସୀର ମାହୋଲ ଖେଳିଗଲା ଶୂନ୍ୟ ଘର ଭିତରେ । କାନ୍ଥରେ ଟଙ୍ଗା ହୋଇଥିବା ବାପା ମାଙ୍କରେ ଫଟୋ ଉପରେ ଦୃଷ୍ଟି ପହଁରେଇଲେ ଜେମସ ଓ ଶ୍ୟାମଳୀ ।

ଲୋଟସଙ୍କ ଆଖିରେ ଦି ଧାର ଲୁହ ଦେଖି ସବୁ କିଛି ବୁଝିପାରିଲେ ଶ୍ୟାମଳୀ । କାରଣ ବାହାଘରର ଅଳ୍ପ କେଇଟା ଦିନରେ ଶ୍ୟାମଳୀ ତା ବାପାଙ୍କୁ ହରେଇବାର ଦୁଃଖକୁ ଏ ପର୍ଯ୍ୟନ୍ତ ପାସୋରି ପାରିନି ।

ଶ୍ୟାମଳିର ରୁମ ଦେଖାଇଦେଲେ ଶାଶୁ ଲୋଟସ । ଖୁବ୍ ସୁନ୍ଦର ହେଇଛି । ସାଜସଜାରେ ବି କମ୍ ନୁହଁ । ରିଫ୍ରେସ ହୋଇଗଲା ଶ୍ୟାମଳୀ । ଜେମସ ବି ବିଶ୍ରାମ ନେଲା ଶ୍ୟାମଳୀ ରିଫ୍ରେସ ହୋଇ ଗୋଲାପ ଜଳରେ ସ୍ନାନ କରିସାରିବା ପରେ ଶ୍ୟାମଳୀ ଆହୁରି ସୁନ୍ଦର ଦିଶୁଥିଲା । ସତେ ଅବା ବସନ୍ତର ପହିଲି ଫୁଲକରେ ପାଦପ ତରୁଲତା ଶ୍ୟାମ ସବୁଜିମା ହେଲା ପରି । କୋଇଲିର କୁହୁ ପରି ଶୁଭୁଥିଲା କଥା ।

ଲୋଟସ ପୁଅ ବୋହୂ ପାଇଁ ଲଞ୍ଚ ପ୍ରସ୍ତୁତ କଲେ । ଡାଇନିଂ ଟେବୁଲରେ ବସି ତିନିହେଁ ଲଞ୍ଚ କଲେ । ମଧ୍ୟଭାଗରେ ଆଳାପ ଆଲୋଚନା । ଶ୍ୟାମଳୀ ଉତ୍ତରପ୍ରଦେଶର ଝିଅ ହେଲେ ବି ତା ପୂର୍ବସୂରୀମାନେ ଓଡିଶାର ରହୁଥିଲେ । ବ୍ୟବସାୟ ଓ ସରକାରୀ ଚାକିରି ପାଇଁ ଉତ୍ତରପ୍ରଦେଶର କାନପୁର ସହରକୁ ଚାଲିଯାଇଥିଲେ । ସେଇଥିପାଇଁ ଓଡିଶା ଓ ଓଡିଶାବାସୀଙ୍କ ଏକ ଆନ୍ତରିକତା ରହିଯାଇଛି ମନରେ । ଶୁଦ୍ଧ ଓଡିଆ ଉଚ୍ଚାରଣ କରିପାରେନି ସେ । ବୁଝିପାରେ ଜେମସର କଥା । ଶାଶୁ ଲୋଟସଙ୍କର କଥାକୁ ଚନ୍ଦନ ପରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଲିଦିଏ ମଥାରେ ।

ସବୁ ଖୁସି ଅଜାଡ଼ି ଦିଅନ୍ତି ଲୋଟସ ଗେହ୍ଲୀ ବୋହୂ ଶ୍ୟାମଳୀ ଉପରେ ।

ବିହିର ଲେଖା ଥିଲା ଅଲଗା । ଅଳ୍ପ ଦିନର ରହଣିରେ ଶ୍ୟାମଳୀର ଆଦବକାଇଦା ବଦଳିଗଲା । ପ୍ରତି କଥାରେ ମୁହଁମୋଡ଼ା ଦେଉଥିଲା ଶାଶୁଙ୍କ ଉପରେ । ବିଶୃଙ୍ଖଳିତ ଆଚରଣ, ଉଦବେଳନ ଉଚ୍ଚାରଣ, ଅସହିଷ୍ଣୁତାର ଲେପ ବୋଲିଦେଉଥିଲା ଅଣାୟତ୍ତରେ । ଶାଶୁଙ୍କ ବିରୋଧରେ ବିଷୋଦଗାର କରି ସ୍ୱାମୀର ଦେହକୁ ଜାବୁଡ଼ି ଧରୁଥିଲା । ଅନାବଶ୍ୟକ ଫୋନ କରି ସମୟକୁ ବିନଷ୍ଟ କରୁଥିଲା । ଜେମସଙ୍କ ପ୍ରତି କଥାରେ ନଥା ଭର୍ତ୍ସି କରି ତାଙ୍କ ମା ଙ୍କ ସହ ବଇରୀ ସଜାଇବାକୁ ପ୍ରୟାସ ଜାରି ରଖୁଥିଲା । ଶୟନେ- ସ୍ୱପନେ ନିଜ ଆଭିଜାତ୍ୟକୁ ଜାହିର କରି ଶାଶୁ ମା ପ୍ରତି ବୈରାଗ୍ୟ ଭାବ ତିଆରି କରୁଥିଲା ।

କେତେ ବା ସହିବେ ଲୋଟସ୍ । ବୋହୁର ଗଞ୍ଜଣା ଶ୍ରାବଣର ଅଶନି ଶବ୍ଦଠୁ ଆହୁରି ଭୟଙ୍କର ଥିଲା ।

ରୋଷ ଶାଳାରେ ବ୍ୟସ୍ତ ଲୋଟସ୍ । ପୁଅ ବୋହୂଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି । ଘାଇଲା ବାଘ ପରି ଧାଇଁ ଆସିଲା ଜେମସ୍ । ସତେ ଅବା ନଖ ଆମ୍ପୁଡ଼ାରେ ବିଦାରିଦେବ ତା ମାଆର ନରମ ଦେହଟାକୁ । ଗର୍ଜିଉଠିଲା । ବୋଉ ତୋର ଏ ଘରେ ସ୍ଥାନ ନାହିଁ । ତୋ ପାଇଁ .. କେବଳ ତୋ ପାଇଁ ଏ ଘରେ ନାଟ ତାମସା ଲାଗିଛି । ତୁ ମନଇଛା ଗାଳି କରିଚାଲିଛୁ ଶ୍ୟାମଳୀକୁ । ତା ଆଭିଜାତ୍ୟ ଉପରେ କୁଠାରଘାତ କରୁଛି । ଏ ବୟସରେ ଖୁସିରେ ନ ରହି ଗଣ୍ଡଗୋଳ କରୁଛୁ, ଅଶାନ୍ତି ତିଆରି କରୁଛୁ ।

ଲୁହ ଝରିଆସିଲା ଲୋଟସର ଆଖିରୁ । ଅପ୍ରତ୍ୟାଶିତ ଏ ଅଘଟଣ ଘଟିବା ପୂର୍ବରୁ ଅନାଥାଶ୍ରମକୁ ଚାଲିଯିବା ଖୁବ୍ ଭଲ । ଯେଉଁ ଅନାଥାଶ୍ରମରେ ତା ଜୀବନର ଅର୍ଦ୍ଧେକ ସମୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିତିଯାଇଛି, ଏ ଘର ଅପେକ୍ଷା ସେଇଟା ଉପଯୁକ୍ତ ଆଶ୍ରୟସ୍ଥଳ । ଜୀବନକୁ ପାଣି କରି ଯେଉଁ ପୁଅକୁ ଏତେ ବଡ଼ କଲି, ସେ ପୁଅ ମୋତେ ଅପମାନିତ କରୁଛି । ମା'ର ସ୍ନେହ, ଆଦର, ମମତାକୁ ପାସୋରି ଦେଇ ନିଜ ପତ୍ନୀ ପ୍ରେମରେ ବାଉଳା ହେଇଯାଉଛି । ଏଇଟା ସତରେ ପୁଅକୁ ମଣିଷ କରିବାର ପ୍ରତିଦାନ !!

ହଁ ରେ ଜେମସ୍, ତୁ ଅନେକ ପୁଅ ଭିତରେ ଜେମସ୍ ପରି ଥିଲୁ ବୋଲି ନାଁ ଦେଇଥିଲି ଜେମସ୍ । ଆଜି ମା'ର ଋଣ ତ ଶୁଝିପାରିଲୁନି ବରଂ ହତାଦର କରି ଅନାଥାଶ୍ରମକୁ ପଠେଇବାର ବନ୍ଦୋବସ୍ତ କରୁଛୁ । ଶ୍ରବଣକୁମାର ତ ହେଇପାରିଲୁନି ବରଂ ମାତୃହନ୍ତା ପାଲଟିଗଲୁ । ଏ କଳିକାଳରେ ସବୁ ସମ୍ଭବ । ଠିକ୍ ଅଛି ଜେମସ୍, ତୋ ସଂସାର ଉଜୁଡ଼ିଯିବ କାହିଁକି ବରଂ ଏବେ ମୁଁ ଫେରିଯାଉଛି ଅନାଥାଶ୍ରମକୁ ।

ଆଖିରେ ଆଖିଏ ଲୁହ ଓ ଛାତିରେ ଛାତିରେ ଛାତିଏ କୋହ ଆଦରି ଲୋଟସ୍ ଚାଲିଲେ ଅନାଥାଶ୍ରମକୁ । ଫଟା ମନ ଓ ଭଙ୍ଗା ହୃଦୟରେ ପାଦ ପକାଇଲେ ଆଗକୁ ଆଗକୁ ।

ଖୁସିରେ ମୁଣ୍ଡ ଟେକି ଶ୍ୟାମଳୀ କହିଦେଲା - ଯାଉନ ଜେମସ୍, ତୁମ ବୋଉକୁ ଗାଡିରେ ଛାଡ଼ିଦେବ । ଏ ବୟସରେ ଏକା ଏକା କେମିତି ପାଦ ଗଣି ଗଣି ଯିବେ ତୁମ ବୋଉ । ମୁଁ ନିର୍ଦ୍ଦୟ ବୋଲି ତୁମେ କ'ଣ ତୁମ ମା ପ୍ରତି ନିର୍ଦ୍ଦୟ ?

ଏଣୁ ମାଇଲେ ଗୋ ହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା । ଦୋ' ଛକିରେ ଜେମସ୍ । ନିଜ ମା' କୁ ଗାଡିରେ ବସେଇ ଛାଡ଼ିଦେଲେ ଅନାଥାଶ୍ରମରେ ।

ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଲୋଟସ୍ ପିତୃସତ୍ୟ ପାଳି ରାମଚନ୍ଦ୍ର ବନବାସୀ ହେଲା ପରି । ଆପେ ଆପେ ପାଦତଳର ମାଟି ଧସେଇଗଲା କି ? ଦଣ୍ଡେ ଠିଆ ହେଇଗଲେ । ଶୁଭେନ୍ଦୁ ବାବୁଙ୍କୁ ଦେଖି ଲୁହ ବୋହିଗଲା ଅବିରତ ଢଙ୍ଗରେ । ଶୁଭେନ୍ଦୁ ବାବୁ ବି ବିଗଳିତ ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚଳିତ । କିଭଳି ଆଜି ରାତି ପାହିଥିଲା କେଜାଣି ! ଯୋଉ ମା' ନିଜ କୋଳକୁ ସ୍ୱର୍ଗ କରିବ ବୋଲି ଜେମସ୍ ଭଳି ପିଲାଟିକୁ ଅନାଥାଶ୍ରମରୁ ଗୋଟେଇ ନେଇଥିଲା, ପାଳିପୋଷି ସମାଜରେ ପ୍ରତିଷ୍ଠିତ କଲା ଅଥଚ ଆଜି ସେ ମାଆଟି ଦାରୁଣ ଦୁଃଖ, ଅସହାୟତାରେ ସନ୍ତୁଳି ହେଉଛି । ବୋହୂର କୁଚକ୍ରାନ୍ତର ଶିକାର ହୋଇ ପୁଅର ଅବୁଝାପଣକୁ ଆଦରି ନେଇଛି । ଏଇଟା କ'ଣ ଥିଲା ମା ପ୍ରତି ପୁଅର ଦାନ ନା ଅଭିମାନ । ବାପଛେଉଣ୍ଡ ଜେମସ୍ ଯଶୋଦା ପରି ମାଆକୁ ପାଇଲାପରେ ଏତେ ବଡ଼ ଘୃଣ୍ୟ କାମ କରିଲା କେମିତି ?

ଶୁଭେନ୍ଦୁ ବାବୁ ଜେମସର ମୁହଁକୁ ଏକ ଲୟରେ ଚାହିଁରହିଲେ । ବଖାଣିଦେଲେ ଜେମସର ଅସଲ ପରିଚୟ । ଅନର୍ଗଳ କହିଚାଲିଲେ ଲୋଟସଙ୍କର ମାତୃସୁଲଭ । ଜେମସକୁ ପାଇବା ପୂର୍ବରୁ ଛୋଟ ଛୋଟ ଅନାଥ ପିଲାଙ୍କର ମା ହେଇସାରିଥିଲେ । ଆଜି ସେହି ପିଲାଙ୍କର ମା ଡାକରେ ସେ ଧାଇଁ ଆସିଲେ ଅନାଥାଶ୍ରମକୁ । ଯେଉଁ କୋଳ ଶୁନ୍ୟ ଥିଲା ସେହି କୋଳକୁ ପରିପୂର୍ଣ୍ଣ କରିବାକୁ ।

ଜେମସର ଆଖି କୋଣରେ ଜକେଇଗଲା ଲୁହ । ଅନୁତପ୍ତର ଲୁହ । ବୋହିଗଲା ଚିବୁକ ଦେଇ । ଛାତି ଭିତରୁ ଉତୁରି ଆସିଲା କୋହ । ଅସଂପୂର୍ଣ୍ଣ ମନେ କଲେ ନିଜକୁ । ଲଜ୍ଜାରେ ନଇଁଗଲା ମଥା । ଭୋ..ଭୋ..କାନ୍ଦରେ ଦୋହଲିଗଲା ପାଦତଳର ମାଟି । ମା ସବୁବେଳେ ମା.. ସେ ଜନ୍ମଦାତ୍ରୀ ହେଉ ଅବା କର୍ମଦାତ୍ରୀ ହେଉ । ଭୁଲ ସଂଶୋଧନ କରି ମା'ର ପାଦ ଦୁଇଟିକୁ ଜାବୁଡ଼ି ଧରିଲେ ।

ମା ତୁମେ ଛାଡ଼ିଯାଅନା । ଶ୍ୟାମଳୀ ତୁମକୁ ଅଯଥା କଷ୍ଟ ଦେଇଛି । ମୋତେ ବାଧ୍ୟ କରିଛି ତୁମକୁ ଅନାଥାଶ୍ରମରେ ଛାଡ଼ିଦେବାକୁ । ଅନେକ ରାତି ପୁହାଇଛି ତା ସହ ଦୁଃଖେ, ଅବସାଦ, ଅସହାୟତାରେ । ଯାବତୀୟ ଯନ୍ତ୍ରଣା ଦେଇଛି ସେ । ଡ୍ୟୁଟିରୁ ଫେରିବାପରେ ତୋ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଁରେ ଚୁଗୁଲି କରିଛି ବାରମ୍ବାର । ଧମକ ଦେଇଛି ଅନେକ ଥର । ମୋ ସୁସ୍ଥ ମନକୁ ଘାଣ୍ଟଚକଟି ଦେଇଛି । ହଳାହଳ ଭରିଦେଇଛି ହୃଦୟରେ । ଆଉ ଶେଷରେ ଉପାୟଶୂନ୍ୟ ହୋଇ ତୋତେ ଅନାଥାଶ୍ରମରେ ଛାଡିବାକୁ ଆସିଲି ।

ଆ ମା'.. ଆ.. ଫେରିଯିବା ଆମ ଘରକୁ । ସେ ଘର ପରା ଆମପାଇଁ ସ୍ୱର୍ଗ । ସେଠି ଫୁଟିଛି ପାରିଜାତ ଫୁଲ ।

ଲୋଟସ ଜଣେ ମା' । କେମିତି ବା ରହିପାରିଥାନ୍ତେ ପୁତ୍ରର ଅସହାୟତାରେ । ଜେମସର ଭୁଲକୁ କ୍ଷମା କରିଦେଲେ ।

ଶୁଭେନ୍ଦୁ ବାବୁ ହାତ ଟେକି ସର୍ବ ବିଦ୍ୟମାନ ଭଗବାନଙ୍କୁ କୃତଜ୍ଞତା ଜଣାଇଲେ । ଲୋଟସ୍ ଓ ଜେମସଙ୍କୁ ଶୁଭକାମନା ଜଣାଇ ସସମ୍ମାନେ ବିଦାୟ ଦେଲେ ।

ମା' କୁ ଧରି ଆପଣା ବସାକୁ ବାହୁଡ଼ି ଆସିଲେ ଜେମସ୍ । ଓଠରେ ଥିଲା ପରିତୃପ୍ତିର ହସ ।

ଦେଖିଲେ ଘର ଆଗରେ ଲୋକ ଗହଳି । ଚମକି ପଡ଼ିଲେ ଦୁହେଁ । ଘର ଭିତରକୁ ଯାଇ ଦେଖନ୍ତି ଶ୍ୟାମଳୀ ଦେହରେ ଖଇଫୁଟା ତାତି । ବାଉଳି ଚାଉଳି ହେଉଛି । ବିଳମ୍ବ ନ କରି ଡାକ୍ତରଖାନା ନେଇଗଲେ ଜେମସ୍ । ସାଥିରେ ତା ମା' ଲୋଟସ୍ । ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଲା - ଅନ୍ତଃସତ୍ତ୍ୱା ଶ୍ୟାମଳୀ ନିଜ ଭୁଲର ନିଜେ ପ୍ରାୟଶ୍ଚିତ କରୁ କରୁ ଚମକି ପଡ଼ିଛି । ଡାକ୍ତରବାବୁ ଆବଶ୍ୟକୀୟ ଔଷଧ ଦେଇ ସଂପୂର୍ଣ୍ଣ ବିଶ୍ରାମ ନେବାକୁ ଉପଦେଶ ଦେଲେ । ଲୋଟସ ଜେଜିମା ହେବା ଖବର ଶୁଣି ଅତୀବ ଆନନ୍ଦିତ ହେଲେ । ଜେମସ୍ ବି ଖୁସିରେ ଉଲ୍ଲସିତ ହେଲେ ।

ସମସ୍ତେ ଫେରିଆସିଲେ ଘରକୁ । ଲୋଟସଙ୍କର ପାଦ ତଳେ ମୁଣ୍ଡିଆ ମାରି ନିଜ ଭୁଲର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାୟଶ୍ଚିତ କଲା ଶ୍ୟାମଳୀ । ମା' ଙ୍କ ଆଖିରେ ଲୁହ ଦେବା ହିଁ ନିଜେ ଦୁଃଖ ପାଇବା । ଆପଣା ପଣରେ ହୃଦୟଙ୍ଗମ କଲା । ଲୋଟସ ନିଜ ଝିଅ ପରି ଶ୍ୟାମଳୀକୁ କୋଳେଇ ନେଲେ, କ୍ଷମା କରିଦେଲେ ମାତୃସୁଲଭ ଢଙ୍ଗରେ ।

ଜେମସ ଗୋଟାପଣେ ଚାହିଁ ରହିଲେ ଶ୍ୟାମଳୀକୁ । ସବୁ ରାଗ-ରୋଷ ନିଆଁରେ ପାଣି ପଡ଼ିଲାପରି ଉଭେଇଗଲା । ଭୁଲ ମାଗିଲା ଶ୍ୟାମଳୀ ଅତି ଆପଣାର ସ୍ୱାମୀ ଜେମସକୁ । ଭାଙ୍ଗିଗଲା ଆତ୍ମବଡ଼ିମା । ଚୂରମାର ହେଇଗଲା ମିଛ ଆଭିଜାତ୍ୟ । କ୍ଷଣିକରେ ଧୂଳିସାତ୍ ହେଇଗଲା କୁ -ସଂସ୍କାର ।


ଘରଟି ପୂରିଉଠିଲା ଖୁସୀ ଆଉ ହସରେ । ଲୋଟସ୍‌ଙ୍କର ମା ପଣିଆକୁ ତାରିଫ କଲେ ଜେମସ ଓ ଶ୍ୟାମଳୀ । ମା'ର ମମତା ଗୁମୁରି ଉଠୁଥିଲା ଲୋଟସଙ୍କର ହୃଦୟ ଭିତରେ । ମନେ ପଡ଼ିଗଲା ପିଲାଦିନେ ଜେମସକୁ ଗେଲ କରିବାର ଦୃଶ୍ୟ ।

ଏଲ୍.ଆଇ.ଜି ୧୫ ନୟାପଲ୍ଲୀ
ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧୪୨୦୪୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରେମ ତପସ୍ୟା



ଆଲୋକ କୁମାର ସାହୁ

ପ୍ରେମ ଏକ ତପସ୍ୟା, ପ୍ରେମ ଏକ ତ୍ୟାଗ, ପ୍ରେମର ପରିଭାଷା ସଂଜ୍ଞାହୀନ, ପ୍ରେମ କେତେବେଳେ ସାଗର ପରି ଗଭୀର ତ ଆଉ କେତେବେଳେ ଗଗନ ପରି ଅସୀମିତ । ଆଜିର ଦୁନିଆରେ ପ୍ରେମ ମାନେ ଧୋକା, ଖେଳ, ପ୍ରତାରଣା ବହୁତ ଲୋକ ପ୍ରେମରେ ବିଫଳ କିନ୍ତୁ ଏମିତି ଏକ ଝିଅର ସଂଘର୍ଷ ମଧ୍ୟ ଜୀବନରେ କେମିତି ପ୍ରେମକୁ ସଫଳ କରିଛି ତାହା ଏଠାରେ ବର୍ଣ୍ଣନା କରାଯାଇଛି ।

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଏକ ଗ୍ରାମରେ ଗରିବ ବୈଷ୍ଣବ ପରିବାରରେ ଜନ୍ମଗ୍ରହଣ କରେ ବଡ଼ ଝିଅ ରାଜେଶ୍ୱରୀ । ଯେଉଁଠି ବାପା ଜଣେ କାଠ କାରିଗର ସହିତ ପୂଜାପୁଜି କରନ୍ତି, ମାଆ ଜଣେ ଗୃହିଣୀ । ଦ୍ୱିତୀୟ ଝିଅ ମାନସିକ ବିକୃତିଗ୍ରସ୍ତ ହେଇ ଜନ୍ମ ହୋଇ ଥିବାରୁ ୧୫-୧୬ ବୟସ ବେଳେ ତାର ମୃତ୍ୟୁ ହୋଇଯାଏ । ତାର ପାଞ୍ଚବର୍ଷ ପରେ ଆଗପଛ ହୋଇ ଦୁଇ ଭଉଣୀ ଓ ଗୋଟିଏ ଭାଇ ଜନ୍ମ ନିଅନ୍ତି । ତାର ଦାଦା ବାହାରେ ଚାକିରୀ କରୁଥିବା ବେଳେ ଜେଜେମା ସେମାନଙ୍କ ଠାରୁ ଅଲଗା ହୋଇ ଯାଇଥିଲେ, ସେତେବେଳେ ତାଙ୍କର ଘରର ଆର୍ଥିକ ଅବସ୍ଥା ଭଲନଥାଏ, କେତେବେଳେ ରାତିରେ ବ୍ରେଡ ଖାଇତ ଆଉ କେତେବେଳେ ପଖାଳ ଆଳୁ ଚଟଣୀ ଖାଇ ଜୀବନ ବିତାଉଥିଲେ, ସେତେବେଳେ ସାହି ତଥା ଗ୍ରାମର କୌଣସି ଲୋକେ ତାଙ୍କୁ ସାହାଯ୍ୟ ର ହାତ ବଢ଼ାଇନଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏମିତି ଚାଲୁ ଚାଲୁ ଧୀରେ ଧୀରେ ଉର୍ମି (ରାଜେଶ୍ୱରୀ) ଦଶମ ଶ୍ରେଣୀରେ(୨୦୦୪) ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହେଲା ନା ଟିଉସନ ନା କୋଚିଙ୍ଗ ନିଜେ ଯାହା ପଢ଼ିଥିଲା, ତା ପରେ ଗାଁ କଲେଜରେ +୨ ରେ (୨୦୦୬)ପ୍ରଥମ ଶ୍ରେଣୀରେ ପାସ କଲା । ଘରର ସବୁ ବୋଝ ଉର୍ମି ଉପରେ ଥାଏ । ଘରର ସ୍ଥିତି ଟିକେ ଟିକେ ସୁଧୁରିଥିବାବେଳେ +୩ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନିଜର ସ୍ନାତକ ପାଇଁ ନା ଲେଖେଇଲେ, ହଷ୍ଟେଲରେ ରହିବା ପାଇଁ ନିଜର କ୍ଷମତା ନଥିବାରୁ ପାଖରେ ମାଉସୀ ଘର ଥିବାରୁ ତାଙ୍କ ସହିତ କଥା ହେଲେ, ମାଉସୀ ମନାକରିଦେଲେ ଆମେ ତାକୁ ରଖି ପଢ଼ାଇ ପାରିବୁନି, ଝିଅର ମନ ଭାଙ୍ଗିଯାଇଥିଲା ମଧ୍ୟ କିଛି ଦିନ କ୍ଲାସ କରିବା ପରେ ଟିସି ନେଇ ଗାଆଁ କଲେଜରେ ପଢ଼ିଲେ, ପାଖ ବ୍ଲକରେ ପାର୍ଟ ଟାଇମ କାମ କରୁଥିଲେ, ଘରେ ମାଙ୍କୁ ସାହାଯ୍ୟ, ଗାଇ ଗୋରୁ ଆଦିଙ୍କୁ ପାଳନ ସହିତ ଚାଷବାସ ଓ ଶେଷରେ ଯେଉଁ ସମୟ ବଳିଥାଏ ନିଜର ପାଠ ପଢୁଥିଲେ । +୩ରେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାପରେ ବାପାଙ୍କୁ ନିଜ ସ୍ୱପ୍ନ ବିଷୟରେ କହିଲେ ।

ଘରର ପରିସ୍ଥିତି ଟିକେ ସୁଧୁରିଥିବାରୁ ବାପା ମୟୂରଭଞ୍ଜ ସ୍ଥିତ ବିଜୁପଟ୍ଟନାୟକ ନର୍ସିଂ କଲେଜରେ ନା ଲେଖେଇଲେ, ସେଠାରେ ଘରଭଡ଼ା ନେଇ ବହୁତ ଅସୁବିଧାରେ ନିଜେ ଷ୍ଟୋଭରେ ରୋଷେଇ କରି ଖାଇଥାଏ, କେବେ କେବେ ଉପାସରେ ରହିଯାଏ, ଯେତେ ଅସୁବିଧା ହେଲେ ମଧ୍ୟ ନିଜ ଲକ୍ଷ୍ୟରୁ କେବେ ଓହରି ଯାଇନାହାନ୍ତି । ଶେଷରେ ନର୍ସିଂ ସାରି ନିଜର କ୍ୟାରିୟର ପାଇଁ ଭୁବନେଶ୍ୱର ଅଭିମୁଖେ ବାହାରିଲେ । ସେଠାରେ ଯାଇ ଶିଶୁଭବନ ପାଖରେ ଥିବା ଫରେଷ୍ଟ ପାର୍କରେ ୬ ମାସ କାମ କରି ମାସକୁ ତିନିରୁ ଚାରି ହଜାର ବେତନ ପାଉଥିଲେ ।

ଦିନେ ଜଣେ ଆସି ତାକୁ ଏକ କ୍ଲିନିକ୍ ରେ ରହିବା କଥା କହିଲା ସେ ରାଜି ହେଲା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ନପୂର୍ଣ୍ଣା କ୍ଲିନିକ୍ ରେ ସେଠାରେ ମାଲିକ ଭଲ ଥିବାରୁ କିଛି ମାସ ସେଠାରେ କାମ କଲା । କାମ କରୁଥିବା ସମୟରେ ମାଆର ଦେହ ଅସୁସ୍ଥ ଥିବାରୁ ତାକୁ ସହରକୁ ଆଣିଲା ତାର ଚିକିତ୍ସା ପାଇଁ ତା ସେବାରେ ଦିନରାତି ଏକ କରି ଆୟୁର୍ବେଦିକ ଔଷଧ ଖୁଆଇ, ଭଲ କରି ଆସିଲା ବେଳକୁ ତାକୁ ଟାଇଫଏଡ ଜ୍ୱର କିଛି ଦିନ ହେଇଗଲା, ଶେଷରେ ପାଖରେ ଥିବା ଏକ ଭଲବନ୍ଧୁ ତାଙ୍କର ବହୁତ ଯତ୍ନ ନିଏ ।

ଏକ ନୂଆ ମୋଡରେ ରାଜେଶ୍ୱରୀ ଜୀବନ । ତାର ସ୍ୱର୍ଶ ମେଡ଼ିକାଲରେ ୨୧-୦୩-୨୦୧୫ ନିଯୁକ୍ତି ହେଲା । ସେଠାରେ ଦୁଇ ବର୍ଷ କାମ କରିବା ଭିତରେ ଏକ ନୂଆ କରି ଫାର୍ମାସୀ ବିଭାଗରେ ନିଯୁକ୍ତି ପାଇଥିବା ଜଣେ ପୁଅ (ପ୍ରତୀକ) ସହ ଦେଖାହେଲା ପୁଅଟି ଅତ୍ୟନ୍ତ ସରଳ, ନିରୀହ, ସମସ୍ତଙ୍କର ପ୍ରିୟ ଥିଲା । କିଛି କାହାକୁ କହୁ ନଥାଏ, ଊର୍ମିର ଷ୍ଟାଫ ସମସ୍ତେ କୁହନ୍ତି ତାର ତୋ ସହିତ ସେଟିଂ କରିଦେବା କି, କିନ୍ତୁ ସେ ଚୁପ୍ ରହିଯାଏ, ଏମିତି ଚାଲୁ ଚାଲୁ ୬ ମାସ ପରେ ପ୍ରତୀକ ତା ଆଡୁ ଫେସବୁକ୍ ରେ ବନ୍ଧୁତା ପାଇଁ ନିବେଦନ କଲା, ଊର୍ମୀ ବନ୍ଧୁତାର ହାତ ବଢ଼ାଇଲା, ଦୁହିଁଙ୍କ ଭିତରେ ସେମିତି ଫେସବୁକ୍ ଜରିଆରେ କଥା ହୁଅନ୍ତି ହେଲେ କେହିବି ଜାଣିପାରନ୍ତି ନାହିଁ, ଗୋଟିଏ ବର୍ଷ ପରେ ହ୍ୱାଟ୍ସଆପ୍ ନମ୍ବର ଦେଇକି ସେଥିରେ କଥାବାର୍ତ୍ତା ହୁଅନ୍ତି, ପୁଅକୁ ଠିକ୍ ଭାବରେ ନ ଜାଣି କରି ମଧ୍ୟ ତାକୁ ପ୍ରେମ କରି ବସିଲା । ଏହି ଖବର ସେହି ମେଡ଼ିକାଲର କୌଣସି ଷ୍ଟାଫ୍ ଜାଣି ନଥିଲେ କେବଳ ଜଣେ ଭାଇଙ୍କୁ ଛାଡିଦେଇ, ଦୁଇ ବର୍ଷ ପରେ ହ୍ୱାଟସ୍ଆପରେ ପ୍ରଥମେ ପୁଅ ଉର୍ମିକୁ ପ୍ରେମ ନିବେଦନ କରି କହିଲା ମୁଁ ତମକୁ ଭଲପାଏ । ଦୁଇ ଜଣଙ୍କର ସହମତି କ୍ରମେ ଭଲପାଇବା ଆଗକୁ ବଢିଲା । ଏହି କଥା ଘରେ କିପରି କହିବେ ମନରେ ଡର ଥାଏ କିନ୍ତୁ ପ୍ରତି ଘରେ ଜଣେ ସମସ୍ତଙ୍କର ମନ କଥା ବୁଝିଲା ଭଳି ଲୋକଟିଏ ଥାଏ ସେ ହେଉଛନ୍ତି ବଡ ଭାଉଜ, ତାଙ୍କ ଜରିଆରେ କଥା ହେଲେ ଉର୍ମି ସବୁବେଳେ ତାଙ୍କ ସଂସ୍ପର୍ଶରେ ରହିଲେ । ମଝିରେ ଥରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁତୁରାର ଜନ୍ମଦିନକୁ ତାଙ୍କ ଘରକୁ ଯାଇଥିଲା ସେଠି ସମସ୍ତେ କିଛି କିଛି ଜାଣିଲେ ।

ଏମିତି ଚାଲୁ ଚାଲୁ ଏକବର୍ଷ ପାଇଁ ଦୁଇ ଜଣଙ୍କ ମଧ୍ୟରେ ଭୁଲ୍ ବୁଝାବଣା ହୋଇଗଲା, ତା ପଛରେ ଏକ ଝିଅ ଥିଲା ଯିଏକି ଆଗରୁ ପ୍ରତୀକକୁ ଭଲପାଉଥିଲା, ସେ ସବୁବେଳେ ପ୍ରତୀକ ସହିତ କଥା ହେଇଥାଏ, ମନା କରିବା ସତ୍ତ୍ୱେ ସେ ଝିଅ ତାର ପିଛା ଛାଡୁନାହିଁ, ଏହା ଜାଣିବା ପରେ ମନରେ ବହୁତ କଷ୍ଟ ଅନୁଭବ ହେଲା । ଭାବିଲା ଆଉ କଥା ହେବନାହିଁ ମନରେ ଦୁଃଖ ରଖି ବହୁତ ଥର କାନ୍ଦି କାନ୍ଦି ସମୟ ବିତାଇଥାଏ । ଥରେ ଝିଅ ଘରକୁ ଯାଇ ଦେଖେତ ପ୍ରତୀକ ଆଗରୁ ଦେଇଥିବା ଚକଲେଟ କଭର୍, ଫ୍ରେଣ୍ଡସିପ ବ୍ୟାଣ୍ଡ, ଟେଡି ବିଅର୍ ଇତ୍ୟାଦି ରଖି ଥାଏ, ଝିଅକୁ ସେ କହିଲା ତୋର ପ୍ରତୀକ କଣ ହେବ, ତା ସହିତ ଏତେ ସମୟ କାଇଁ କଥା ହେଉଛୁ, ଉର୍ମି ତାକୁ ଭଲପାଉଥିବା କଥା ଜାଣିପାରିବାରୁ ତା ସହିତ ୬ ମାସ କଥା ହେଲାନାହିଁ ।

ସେ ଝିଅର ଯେତେ ବାହାଘର ପ୍ରସ୍ତାବ ଆସେ ସେ ରାଜି ହୁଏନାହିଁ, ସେ ଝିଅର ଚରିତ୍ର ଖରାପ ଥିଲା, ତାର ଅନେକ ପୁରୁଷ ବନ୍ଧୁ ଥିଲେ, ପ୍ରତୀକକୁ ଟଙ୍କା ଲୋଭରେ ଭଲ ପାଉଥିଲା । ଶେଷରେ ତାର ନିର୍ବନ୍ଧ ହେଲା ତଥାପି କଥା ହେବା ବନ୍ଦ କଲା ନାହିଁ, ଉର୍ମି ରାଗିକି ଗାଳି ଦେବାରୁ ଧୀରେ ଧୀରେ କଥା ହେଲା ନାହିଁ, ବାହାଘରକୁ ଉର୍ମିକୁ ଡ଼ାକିଥିଲେ ମଧ୍ୟ ସେ ଗଲା ନାହିଁ, ପୁଅ ଟିକେ ଟିକେ ମନ ଦୁଃଖ କରିଥାଏ, ଉର୍ମି ଆଗରେ କୁହେ ଭଲ ସାଙ୍ଗ ର ବାହାଘର ହେଇଗଲା ।

ପ୍ରତୀକ ଆଉ ଉର୍ମି ଦୁହେଁ ପୁରୀ ବୁଲି ଯିବା ସମୟରେ ତା ସହିତ ସେ ଝିଅର ଭଲପାଇବା ସମ୍ପର୍କ ଥିବା ବୋଲି ସତ କଥା ମାନିଲା । ନିଜର ପ୍ରେମ ବିଷୟରେ ଉର୍ମି ନିଜର ମଝିଆ ଭଉଣୀ ତନୁକୁ କହିଥାଏ,ଏହି କଥା ତନୁ ଘରେ କହିଲା ମାଆ କହିଲେ ତୁ ଯାହାକୁ ଭଲପା ସେ ଗୋଟେ ଭଲ ପିଲା ହେବା ଦରକାର । ଦୁଇ ପରିବାରଙ୍କର ସହମତିରେ ଜାତକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମେଳକ ହେଲା । କିଛି ଦିନ ଗଲାପରେ ଦୁହିଙ୍କର ଅଲଗା ଅଲଗା ଜାଗାରେ ନିଯୁକ୍ତି ପାଇଲେ, ଏମିତି ହେଉହେଉ ୫ ବର୍ଷ ବିତିଗଲା ତଥାପି ବାହାଘର ତାରିଖ ଠିକ୍ ହୋଇପାରିଲା ନାହିଁ ।

ଊର୍ମି ସବୁବେଳେ ଭାଉଜଙ୍କ ସହିତ କଥା ହେଉଥାଏ, ଏକୁଟିଆ ଝିଅ କେତେ ଦିନ ଅପେକ୍ଷା କରିବ ଘରେ ପୁଣି ତିନି ତିନି ଜଣ ଭାଇ ଭଉଣୀ ବି ଅଛନ୍ତି, ମନରେ ଡର ଥାଏ, ଦୁଃଖ ଥାଏ, ଆଶଙ୍କା ଥାଏ । ବାରମ୍ବାର ବିବାହରେ ବିଳମ୍ବ ହେଉଥିବା ଦେଖି ଝିଅର ମନ ଭାଙ୍ଗି ଯାଉଥାଏ ଦୁହେଁ ଏକ ନିଷ୍ପତି ନେଇ କୋର୍ଟରେ ବାହା ହେଇଗଲେ ।

ବାପା ପଚାରିବାରୁ ଏମିତି କାହିଁକି କଲ, ଦୁହେଁ କହିଲେ ଆମର ଚାକିରୀ ଓ ଅଭିଜ୍ଞତା ଦରକାର ହେବ ତ ସେଥିପାଇଁ ଏସବୁ କଲୁ । ମଝିରେ କରୋନା ମହାମାରୀ ଯୋଗୁ ବିବାହ ଘୁଞ୍ଚିଲା, ତାପରେ କିଛି ଦିନ ପରେ କରୋନା ଯିବା ପରେ ଦୁହିଁଙ୍କର ନିର୍ବନ୍ଧ ହେଲା । ତାର ପରବର୍ତ୍ତୀ ମାସରେ ବିବାହ ହେଇଥାନ୍ତା ଠିକ୍ ସମୟରେ ଶାଶୁ ଜେଜେମା ଅସୁସ୍ଥ ହୋଇ ପଡିଲେ ତାଙ୍କର ଚିକିତ୍ସା ପରେ ତାଙ୍କର ମୃତ୍ୟୁବରଣ କଲେ । ବାହାଘର ପୁଣି ଘୁଞ୍ଚିଲା, ଶେଷରେ ପାଞ୍ଚ ବର୍ଷର ଭଲପାଇବା ସଫଳ ସ୍ୱରୂପ ୨୭-୦୫-୨୦୨୨ ବରମୁଣ୍ଡା ସ୍ଥିତ କାଳୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଲା ।

କଥାରେ ଅଛି ଯେତେ ବାଧାବିଘ୍ନ ଆସୁ ନା କାହିଁକି ଯଦି ଆମର ଲକ୍ଷ୍ୟ ଗୋଟିଏ ଥିବ ଏବଂ ଆମେ ତାକୁ ହୃଦୟରୁ ଚାହୁଁଥିବା ବିଳମ୍ବ ହେବ ପଛେ ଆମକୁ ତାହା ନିଶ୍ଚିତ ମିଳିବ । ରାଜେଶ୍ୱରୀ ଜୀବନ ସାରା ବହୁତ ଦୁଃଖ ସହି ବହୁତ ବାଧା ବିଘ୍ନକୁ ସାମ୍ନାକରି ନିଜର ଭଲପାଇବାକୁ ହାସଲ କରିଛି ।

ବିଧାରପୁର, ଗନ୍ଦିଆ, ଢେଙ୍କାନାଳ
୭୩୭୧୦୭୫୪୫୬୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅଭିଶପ୍ତା ଅହଲ୍ୟା



ଅମୃତନାରାୟଣ ଶତପଥୀ

ମଶାଣି ଜୁଇର ନିଆଁ କୁହୁଳି କୁହୁଳି ପରିବେଶରେ ଏକ ଧୂମ୍ରାଭ ଦିଗନ୍ତର ଭ୍ରମ ସୃଷ୍ଟି କରୁଥାଏ । ସେତିକିବେଳକୁ ପୁଣି ବାଦଲର ଗର୍ଜନ ସହ ବିଜୁଳିର ଚମକ ସତେ ଯେପରି ଏକ ଭୟାବହ ପରିବେଶ । ତାହାରି ମଧ୍ୟରେ ଏକ ଘରର ଦାଣ୍ଡ ପିଣ୍ଡାରେ ବସିଥାଏ କେହି ଜଣେ, ଶରୀର ସତେ ଯେପରି ଶକ୍ତିଶାଳୀ ଶୀତର ପ୍ରକୋପରେ କମ୍ପିତ ହୋଇଥାଏ ଦେହ ଆବୃତ ହୋଇଥାଏ ଏକ କଳାରଙ୍ଗର କମ୍ବଳରେ । ଏହି ସମୟରେ ଦଲକାଏ ଶକ୍ତିଶାଳୀ ପବନ ହଠତ୍ ଆସି ଦେହରୁ ଉଡାଇ ନେଲା ସେହି କମ୍ବଳକୁ ଏବେ ଦେଖାଗଲା ସେହି ହୃଦୟ ବିଦାରକ ଦୃଶ୍ୟ, ବସିଛି ଏକ ମହିଳା ବୟସର ଚିହ୍ନ ମୁଖମଣ୍ଡଳରୁ ସୁସ୍ପଷ୍ଟ । ମଧ୍ୟବୟସ୍କା ମୁଖମଣ୍ଡଳରୁ ଚିନ୍ତା ଓ ଗ୍ଲାନି ତଥା ଦୁଃଖର ଚିହ୍ନରେ ଆଦ୍ୟ ଯୌବନର ସୌନ୍ଦର୍ଯ୍ୟ ଏବେ ମଳିନ । ଆଖି କୋରଟରେ ପଶି ଯାଇଛି, ଲୁହ ଝରିଝରି ଶେଷ ହୋଇଗଲାଣି କି କ'ଣ ଏବେ ଆଖିରେ; ଦୁଃଖ ଓ ଛାତିରେ କୋହ ଫୁଟି ଉଠୁଥିଲେ ମଧ୍ୟ ଆଖିରୁ ଟୋପାଏ ବି ଲୁହ ଝରୁ ନାହିଁ । କେବଳ ବେଳେ ବେଳେ ସେହି କୁହୁଳି ଉଠିଥିବା ଧୂଆଁ କୁ ଥରେ ଥରେ ଚାହିଁ ଦେଇ ପୁଣି ଦୃଷ୍ଟିକୁ ନିମ୍ନଗାମୀ କରାଇ ଦେଉଛି ସେ । କ'ଣ ତା'ର କାହାଣୀ ? ଆସନ୍ତୁ ଜାଣିବା କାହିଁକି ତା'ର ସୁନ୍ଦର ଜୀବନର ଶେଷ ପରିଣତି ଅଭିଶପ୍ତ ଅହଲ୍ୟା ସମ ହୋଇଯାଇଛି ତାହାର ବର୍ଣ୍ଣନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନନ୍ୟା ଏକ ହସକୁରି ସ୍ୱଭାବର ଝିଅ ଯିଏ ଏବେ ଥିଲେ ସେହି ଅଭିଶପ୍ତ ଦୁଃଖୀ ମୃତ୍ୟୁ ଅପେକ୍ଷା ଆତୁରା ମହିଳା । ଆଦ୍ୟ ଯୌବନରେ ନିଜର ସୌନ୍ଦର୍ଯ୍ୟ ହିଁ ସାଜିଥିଲା କାଳ ସେ ଶିକାର ହୋଇଥିଲା କିଛି ନରାଧମ ପିଶାଚଙ୍କ ଲୋଲୁପ ଦୃଷ୍ଟି ତଥା ଅଦମ୍ୟ ଲାଲସାର । ନାରୀ ଜୀବନର ସମ୍ମାନ ଓ ସତୀତ୍ୱକୁ ଜୋର ଜବରଦସ୍ତ ସ୍ଖଳିତ କରି ତାକୁ ସେହି ବଳାତ୍କାରୀ ଗୋଷ୍ଠୀ ସଜାଇ ଦେଇଥିଲେ ପତିତା । ଅର୍ଥବଳ ବାହୁବଳ ମାଧ୍ୟମରେ ଆଇନକୁ ଫୁ କରି ଖସିଯାଇଥିଲେ ସେମାନେ ଓ ବର୍ତ୍ତମାନର ସମ୍ମାନିତ ନେତା ଉଦ୍ୟୋଗପତି ଆଦି ହୋଇ ଧବଳ ପୋଷାକ ପିନ୍ଧି ନିଜର ଦାଗହୀନ ଚରିତ୍ରର ବାହାସ୍ଫଟ ମାରିବାକୁ ମଧ୍ୟ ପଶ୍ଚାତପଦ ହେଉନାହାନ୍ତି, ହେଲେ ସତ କ'ଣ ତାହା କେବଳ ନିଜ ମନ ତଥା ସେହି ପତିତା ଅନନ୍ୟାକୁ ଜଣା । ସାଧାରଣ ଜନତା ତ କେବଳ ମିଛ ଗୁଜବ ଓ ଖବରରେ ନିଜର ମନୋରଞ୍ଜନ କରି ଅନ୍ୟର ଦୋଷାରୋପରେ ବ୍ୟସ୍ତ । ଏମିତି କେତେ ଘଟଣା କେତେ ଦୁର୍ଘଟଣା କେତେ କଳା କାରନାମା ଯେ ସୁପ୍ତ ଓ ମୃତ ତାହା ସଭିଙ୍କ ପାଇଁ ଜଣା ଅଜଣାର ଏକ ପ୍ରହେଳିକା । କେତେ ଯେ ସରଳ, ଦୁର୍ବଳ ଅବଳା ନାରୀ ପାଷାଣୀ ଅହଲ୍ୟା ସମ ଅଭିଶପ୍ତ ତାହାର ହିସାବ ବା କିଏ ରଖୁଛି ।

ନିଜର ଜୀବନ ହାରି ଆତ୍ମହତ୍ୟା କରିବାକୁ ବହୁତ ଥର ଚେଷ୍ଟା କରିଛି ଅନନ୍ୟା କିନ୍ତୁ କାହିଁକି କେଜାଣି ବିବେକ ବାଧା ଦେଇଛି ତାକୁ । କେବେ ନା କେବେ କେହି ନା କେହି ରାମଚନ୍ଦ୍ର ସମ ଆସି ତାକୁ ଉଦ୍ଧାର କରିବେ ତା'ର ଅଭିଶପ୍ତ ଜୀବନକୁ ନ୍ୟାୟ ରୂପକ ଗଙ୍ଗାଜଳରେ ଧୌତ କରିବେ ସେହି ଆଶାରେ ବହୁତ ଦିନ ବହୁତ ଆଡେ ବୁଲି ସାହାଯ୍ୟ ପାଇଁ କାକୁତି ମିନତି ହୋଇ ଖୋଜି ଚାଲିଛି ସେହି ବଳିଷ୍ଠ ବ୍ୟକ୍ତିତ୍ୱ ସମ ରାମଚନ୍ଦ୍ରଙ୍କୁ । ଏହା ତ ତ୍ରେତୟା ଯୁଗ ନୁହେଁ ଅବା ଭକ୍ତବତ୍ସଳ ପୁରୁଷୋତ୍ତମ ଭକ୍ତଙ୍କ ମନୋବାଞ୍ଛା ପୂରଣ ପାଇଁ ସ୍ୱୟଂ ଆସି ଯେ ନିଜର ପାଦ ରଜ ଦେଇ ପାଷାଣୀ କୁ ନାରୀରେ ପରିଣତ କରିବେ । ଏହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଳିଯୁଗରେ ପାଷାଣୀ ସମ ହୃଦୟ ନେଇ ଅଭିଶପ୍ତ ମୃତବତ୍ ଶରୀରରେ ଖୋଜିବାକୁ ହିଁ ପଡିବ ସେହି ରାମଚନ୍ଦ୍ରଙ୍କୁ ।

ଭାଗ୍ୟକୁ ଈଶ୍ୱର ସମ ସେହି ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇଥିଲା ଏହି ଅଭିଶପ୍ତ ଅହଲ୍ୟାର ତା'କୁ ମୁକ୍ତି ଦେବାପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ ସେ କିନ୍ତୁ ଏ ପରା କଳିଯୁଗ ଯେଉଁଠି ପ୍ରଭୁ ଯୀଶୁଙ୍କୁ କ୍ରୁଶବିଦ୍ଧ କରିବାକୁ ଲୋକେ ପଶ୍ଚାତପଦ ହେଲେ ନାହିଁ ତାଙ୍କ ଆଗରେ ମନୁଷ୍ୟର ବା ଛାର କେଉଁ ସ୍ଥିତି । ଅଭିଶପ୍ତ ଅନନ୍ୟାକୁ ଉଦ୍ଧାର କରିବାକୁ ଆସିଥିବା ସେହି ଅମୂଲ୍ୟ ବାବୁଙ୍କ ଶବ ଯେ ଆଜି ମଶାଣି ଜୁଇରେ ଜଳୁଛି । ବହୁତ ଭାଙ୍ଗି ପଡିଥିଲା ଅନନ୍ୟା । ଶରୀରରୁ ଧୀରେ ଧୀରେ ପ୍ରାଣବାୟୁ ତଳିପାରୁ ଊର୍ଦ୍ଧ୍ୱଗାମୀ ହେଉଥିଲା ଦେହ ଧୀରେ ଧୀରେ ଥଣ୍ଡା ଓ ନିସ୍ତେଜ ହୋଇ ଆସୁଥିଲା । ଧୀର ମୁଦିତ ଚକ୍ଷୁରେ ପ୍ରଚ୍ଛଦପଟ୍ଟ ପରି ଜୀବନର ସେହି ଘଟଣା ଦୁର୍ଘଟଣା ସୁଖ ଓ ଦୁଃଖର ଜୁଆର ଭଟ୍ଟା ଖେଳି ଉଠୁଥିଲା । ହଠାତ୍ ଚକ୍ଷୁ ମୁଦିତ ହୋଇ ଆସିଲା ନିଶ୍ୱାସର ଗତି ତୀବ୍ରତର ହେଲା, ଏଇତ ଅଭିଶପ୍ତ ଜୀବନର ଅନ୍ତ ଘଟାଇ ଆତ୍ମା ଶରୀର ଘଟ ଛାଡି ମୁକ୍ତ ହୋଇଯିବ ଏବଂ ପଡିରହିବ ନିର୍ଜିବ ଶରୀର । ସେତେବେଳେ ମୃତ୍ୟୁକୁ ଭୟନଥିଲା ଅନନ୍ୟାର କେବଳ ଅବଶୋଷ ରହିଯାଇଥିଲା ନ୍ୟାୟବିହୀନ ପାଇବାକୁ ଯାଉଥିବା ମଧ୍ୟବୟସ ଅକାଳ ମୃତ୍ୟୁକୁ । ସଂଜ୍ଞାହୀନ ହୋଇ ପଡିଗଲା ଅନନ୍ୟା କୌଣସି ମୁହୂର୍ତ୍ତରେ କାଳାନ୍ତକ ଯମ ଯେ ତା'ର ଆତ୍ମାକୁ ଶରୀରରୁ ଆରପାରିକୁ ନେଇଯାଇ ପାରନ୍ତି । ତା' ପରେ କ'ଣ ହେଲା ସେ ଜାଣିନି । ସେ ଜୀବନ୍ତ କି ମୃତ ତାହା ମଧ୍ୟ ତା'କୁ ଅଜ୍ଞାତ । ସେହି ସମୟରେ ଅଦୂରରୁ ଶୁଣାଯାଉଥିଲା ଏକ ଆମ୍ବୁଲାନ୍ସର ସାଇରନ୍ ର ତୀବ୍ର ସ୍ୱର ।

ଆଖି ଖୋଲି ଚାହିଁଲା ଅନନ୍ୟା, ସେ ଏବେ କେଉଁଠି, ଜୀବିତ ଅବା ମୃତ । ଯଦି ବା ମୃତ ତେବେ ନିଜର ଅନିଚ୍ଛା ସତ୍ତ୍ୱେ ହୋଇଥିବା ପାପର ପ୍ରଭାବରେ ସେ ନର୍କରେ ନା ସ୍ୱର୍ଗରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଛି ବୁଝି ପାରୁନଥିଲା ସେ । ହଠାତ୍ ଜଣେ ବ୍ୟକ୍ତି ଧବଳ ଆପ୍ରୋନ୍ ପରିଧାନ କରି ପ୍ରବେଶ କଲେ ବେଶଭୂଷାରୁ ଡାକ୍ତର ବୋଲି ପ୍ରତୀୟମାନ ହେଉଥିଲେ ସେ । କହିଲେ - "ଈଶ୍ୱରଙ୍କୁ କୋଟି କୋଟି ଧନ୍ୟବାଦ ଅନନ୍ୟା ଦେବୀ ଦୀର୍ଘ ଏକ ସପ୍ତାହ ପରେ ଆପଣଙ୍କ ସ୍ଥିତି ଏବେ ସମ୍ପୂର୍ଣ୍ଣ ଠିକ୍ ହୋଇ ଆସିଲାଣି ।" ଅନନ୍ୟା ଭୋ ଭୋ ହୋଇ କାନ୍ଦି ପକାଇଲା କହି ଉଠିଲା - "ଏ ପତିତା ଅହଲ୍ୟାକୁ ଉଦ୍ଧାର କରିଥିବା ତଥା ବିବାହ କରି ସବୁ ସୁଖ ଦେବାକୁ ଚେଷ୍ଟା କରିଥିବା ମୋର ରାମଚନ୍ଦ୍ର ରୂପୀ ପତି ଅମୂଲ୍ୟ ବାବୁ ଯେ ସେହି ନରାଧମଙ୍କ ଶିକାର ହୋଇ ଆରପାରିରେ । ନା ମୁଁ ନ୍ୟାୟ ପାଇ ପାରିଲି ନା ଆଜୀବନ ସ୍ୱାମୀଙ୍କ ଚରଣସେବାର ସୁଯୋଗ ? ସତରେ କ'ଣ ନ୍ୟାୟ ଏଠି ମିଳିବ ନାହିଁ ମୋ ଜୀବନରେ ।"

"ଆପଣଙ୍କୁ ନ୍ୟାୟ ଦେବାପାଇଁ ଏ କଳିଯୁଗରେ ରାମ ଅବତାର ନୁହେଁ କଳକୀ ଅବତାରର ଆବଶ୍ୟକତା ଅଛି ଯାହା ମୁଁ ସାଜିଛି ଓ କଥା ଦେଉଛି ଆପଣଙ୍କୁ ନିଶ୍ଚୟ ନ୍ୟାୟ ମିଳିବ ଅନନ୍ୟା ଦେବୀ ।" ଜଣେ ସର୍ବାଙ୍ଗ କଳା ପୋଷାକଧାରୀ ମୁଖରେ ମାସ୍କ ପିନ୍ଧିଥିବା ବ୍ୟକ୍ତି ପ୍ରବେଶ କରି କହିଲା । ଅନନ୍ୟା ଆଶ୍ଚର୍ଯ୍ୟ ହୋଇଗଲା କହିଲା "କିଏ ଆପଣ ?" ଡାକ୍ତର ଜଣକ କହି ଉଠିଲେ "ଏହି ବ୍ୟକ୍ତି ହିଁ ଆପଣଙ୍କ ପୁନଃଜନ୍ମରେ ବଡ ଭୂମିକା ନେଇଛନ୍ତି ।" ଅନନ୍ୟା କିଛି କହିବା ଆଗରୁ ସେ କହିଲେ "ଏବେ ମୋତେ କଳକୀ ବୋଲି ଜାଣିବା ହିଁ ଯଥେଷ୍ଟ ଅନନ୍ୟା ଦେବୀ ମୋ ପ୍ରକୃତ ପରିଚୟ ନିଶ୍ଚୟ ପାଇଯିବେ ।" ଏହାପରେ ତିନୋଟି ଫଟୋ ଦେଖାଇଲା ଅନନ୍ୟାକୁ । ଭୟଗ୍ରସ୍ତ ହୋଇ କହି ଉଠିଲା - "ଏ... ହି ... ମାନେ ତ...." ଆଗକୁ କହିବା ଆଗରୁ ପାଟି ଖନି ବାଜିଗଲା "ହଁ ଏହି ମାନେ କେବଳ ତୁମର ଅପରାଧୀ ଓ ତୁମ ପତିହନ୍ତା ନୁହନ୍ତି ସମାଜର ଅନେକ କଳଙ୍କ ଓ ଦୁଷ୍କର୍ମର ହର୍ତ୍ତାକର୍ତ୍ତା ମୁଁ ସେମାନଙ୍କୁ ଆଜି ତାଙ୍କର ଦଣ୍ଡ ନିଶ୍ଚୟ ଦେବି ।" ଏହା କହି ଆଖି ପିଛୁଳାକେ ଚାଲିଗଲା ସେଠାରୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସହର ମଧ୍ୟରେ ଚାଲିଥାଏ ଏକ ବଡଧରଣର ସଭା ତିନିଜଣ ମୁଖ୍ୟ ପୁରୋଧା ମଞ୍ଚ ଉପରେ ବସିଥାନ୍ତି ଚାରିପାଖ ଜନ ସମୁଦ୍ର । ନିର୍ବାଚନର ବେଳ ପାଖରେ ଥିବାରୁ ଏହା ଏକ ରାଜନୈତିକ ସଭା ଥିଲା ମଞ୍ଚାସୀନ ନେତାଙ୍କ ଗୁଣଗାନରେ ତାଙ୍କର କାର୍ଯ୍ୟକଳାପମାନ ପ୍ରଦର୍ଶିତ ହେଉଥିଲା ପ୍ରୋଜେକ୍ଟର ମାଧ୍ୟମରେ କିନ୍ତୁ ଏ କ'ଣ ହଠାତ୍ ହତ୍ୟା, ବଳାତ୍କାର, ଆଦିର ବିଭତ୍ସ ଦୃଶ୍ୟ ଏବଂ ଅଂଶ ଗ୍ରହଣକାରୀ ସେହି ମଞ୍ଚାସୀନ ତିନି ବ୍ୟକ୍ତି । ଅଦିନରେ ଯେପରି ବିଜୁଳି ଚମକି ଉଠିଲା ଲୋକଙ୍କର ଆକ୍ରୋଶର ସୀମା ଅତିକ୍ରମ କରିବାକୁ ଯାଉଥିଲା ପୋଲିସ ବାହିନୀ ଏହାକୁ ରୋକିବାକୁ ଚେଷ୍ଟା କରୁଥିଲେ ସବୁ ବିଫଳ ହେଲାବେଳକୁ ହଠାତ୍ ଏକ ଗୁରୁଗମ୍ଭୀର ଶବ୍ଦ ଶୁଣାଗଲା "ଚୁପ୍ ଶାନ୍ତ ହୋଇଯାଅ ସଭିଏଁ" ମଞ୍ଚ ଉପରକୁ ଡେଇଁ ପଡିଲା ସେହି ଦୀର୍ଘଦେହୀ ଯାହାର ପୂର୍ବୋକ୍ତ ପରିଚୟ କଳକୀ ବୋଲି ଜାଣିଥିଲା ଅନନ୍ୟା । ସମସ୍ତ ଗଣମାଧ୍ୟମର କ୍ୟାମେରା ସେହି ମଞ୍ଚ ଉପରେ କେନ୍ଦ୍ରିତ ହେଲା । ଆହୁରି କିଛି ପଦ ଭାସି ଆସିଲା ସେହି ଦୀର୍ଘଦେହୀର ମୁଖରୁ । - "ହେ ସୁପ୍ତ ଜନତା କେବେ ଜାଗ୍ରତ ହେବ ? କେବେ ପାପର ସଂହାର ପାଇଁ ନିଜର ଚେତନାକୁ କଳକୀ ଚେତନାରେ ପରିବର୍ତ୍ତନ କରିବ ? କେତେ ଆଉ ଅଭିଶପ୍ତ ଅହଲ୍ୟା ହେଲା ପରେ ପୁଣି ଜାଗି ଉଠିବ କେତେଦିନ ଏହିପରି ମଞ୍ଚାସୀନ ନରାଧମ ମାନଙ୍କ ରାଜୁତି ଚାଲିବ । ବାସ୍ ଆଜି ମୁଁ ଏମାନଙ୍କର ଅନ୍ତ କରିବି ।" ପୋଲିସ ବାହିନୀ ଗର୍ଜି ଉଠିଲା - "ଆଇନ୍ କୁ ହାତକୁ ନେଇ ନିଜର ଭଲ ଚରିତ୍ରକୁ ନଷ୍ଟ କରନାହିଁ ଯୁବକ ।" ହଠାତ୍ ଏକ କ୍ରୁର ହସ ହସି ଯୁବକ ନିଜର ମାସ୍କ ଖୋଲିଲା ବେଳେ କହି ଉଠିଲା - "ଏ ସଂସାରରେ ଲଢ଼େଇ ଭଲ ଓ ଖରାପ ମଧ୍ୟରେ ନୁହେଁ ବନ୍ଧୁଗଣ ଏହା ସର୍ବଦା କମ୍ ଖରାପ ଓ ବେଶୀ ଖରାପ ମଧ୍ୟରେ ହୋଇଥାଏ ।" ଭଲ ଲୋକ ତ କ୍ଷମାଶୀଳ ଗୁଣରେ ପାପୀଙ୍କୁ କ୍ଷମା କରି ଦିଅନ୍ତି କିନ୍ତୁ ମୋ ଭଳି ଖରାପ ଲୋକ ହିଁ କଳକୀ ହୋଇ ପାପର ସଂହାର କରନ୍ତି ।" ସେ ସ୍ଥାନରେ ଯେପରି ବଜ୍ରପାତ ହେଲେ ସେହି ବ୍ୟକ୍ତିର ମୁଖମଣ୍ଡଳ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖି - "ଆରେ ଏ ତ କୁଖ୍ୟାତ ଚୋର ଅକ୍ଷୟ" ସମସ୍ତେ ସ୍ତବ୍ଧ । ଆଇନ କାନୁନ୍ ନ୍ୟାୟ ବ୍ୟବସ୍ଥାର ପତନରେ ଗୋଟିଏ ଚୋର ବି କଳକୀ ଅବତାର ସାଜି ନ୍ୟାୟ ଦେବାକୁ ଚେଷ୍ଟା କରୁଛି ଧିକ୍ ଏ ସମାଜ । ଏପଟେ ଟିଭିରେ ସିଧା ପ୍ରସାରଣ ଦେଖି ଅନନ୍ୟାର ଚକ୍ଷୁରୁ ଆନନ୍ଦାଶ୍ରୁ ଝରି ଯାଉଥିଲା । ତା'ର ପତିତା ଜୀବନକୁ ଉଦ୍ଧାର ତଥା ନ୍ୟାୟ ପାଇଁ ଦୁଇଜଣ ଅମୂଲ୍ୟ ଓ ଅକ୍ଷୟ ଦୁଇ ଅବତାର ଠାରୁ କମ୍ ନଥିଲେ ।

ହଠାତ୍ ତିନୋଟି ଗୁଳି ଆସି ବିଦ୍ଧ ହେଲା ମଞ୍ଚାସୀନ ସେହି ତିନି ନରାଧମଙ୍କ ବନ୍ଧୁକରୁ ଅକ୍ଷୟର ଶରୀରରେ ତା ସାଙ୍ଗରେ ଛୁଟିଯାଇଥିଲା ଅଜସ୍ର ପୋଲିସ୍ ର ଗୁଳି ମଞ୍ଚ ଉପରର ସେହି ଶୟତାନ୍ ମାନଙ୍କୁ ଲକ୍ଷ୍ୟ କରି । ଶେଷରେ ଚାରୋଟି ମୃତ ଦେହ ଲୋଟିପଡିଥିଲା ସେହି ମଞ୍ଚ ଉପରେ । ଏପଟେ ଏହି ଦୃଶ୍ୟ ଦେଖି ଅନ୍ୟମାନଙ୍କର କ'ଣ ଭାବାନ୍ତର ହୋଇଥିଲା କେଜାଣି କିନ୍ତୁ ଅନନ୍ୟାର ହୃଦୟ କଠୋର ହୃଦଘାତରେ ଫାଟି ଯାଇଥିଲା ଓ ସେହି କ୍ଷଣି ହିଁ ପ୍ରାଣ ହରାଇଥିଲା ସେ । କିନ୍ତୁ ମୁଖରେ ଭୟ, କ୍ରୋଧ, ଅନୁଶୋଚନାର କ୍ଷୀଣ ଝଲକଟିଏ ବି ନଥିଲା ବରଂ ଥିଲା ତୃପ୍ତି ତଥା ନ୍ୟାୟର ଆନନ୍ଦ । ସତେ ଯେପରି ସେହି ଦିନ ହିଁ ବର୍ଷ ବର୍ଷର ପ୍ରତୀକ୍ଷା ତଥା ଅଭିଶପ୍ତ ଅହଲ୍ୟା ସମ ଅନନ୍ୟାର ଜୀବନ ସଫଳ ହୋଇଥିଲା ।

ଠିକଣା:- ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:-   (୧୨ଶ ଭାଗ)

।।୨୪ ଦୃଶ୍ୟ ।।

(ଦ୍ୱିତୀୟ ମଞ୍ଚରେ ଜଣେ ସାଧାରଣ ନାରୀ ଭାବେ ଶ୍ରାବଣୀ ରାସ୍ତାରେ ଚାଲିଥାଏ । ଦିନ ଦୟାଲ କାର ଚଳେଇ ଯିବା ସମୟରେ ଶ୍ରାବଣୀ ରାସ୍ତାର ମଧ୍ୟ ଭାଗକୁ ଆସିଯାଏ ଯାହାଫଳରେ ସାମାନ୍ୟ ଏକ୍ସିଡେଣ୍ଟ ହୁଏ । ଶ୍ରାବଣୀ ଚିତ୍କାର କରି ତଳେ ପଡ଼ିଯାଏ । ଯନ୍ତ୍ରଣାକ୍ତ ଶ୍ରାବଣୀକୁ କେଶରିଆ କାନ୍ଧରେ ବୋହି ମୁଖ୍ୟ ମଞ୍ଚକୁ ଆଣି ଡାଏସ ଉପରେ ଶୋଇଦିଏ ପଛେ ପଛେ ଦିନଦୟାଲ)

ଦିନ- ଶାଲି ଛୋକରି ଲୋଗ ରାସ୍ତା ମେ ଗାଡି ଚଲାନେ ନେହିଁ ଦେଙ୍ଗେ ।

କେଶରିଆ ଆରେ ଭାଇ ଦେଖ ଦେଖ ବୋ ଜିନ୍ଦା ହେଁ ୟା ମରଗୟୀ ।

କେଶରିଆ- (ଶ୍ରାବଣୀର ନାଡି ପରୀକ୍ଷା କରେ, ନାକପୋଡାରେ ଆଙ୍ଗୁଳି ଦେଖେଇ ନିଶ୍ୱାସ ପ୍ରଶ୍ୱାସ ଚେକ କରେ) ଇଏସ ବସ ୟେ ଜିନ୍ଦା ହେଁ ।

ଦିନ- ତୋ କୁଛ ଇଲାଜ କରାକେ ସହି କରୋ ।

କେଶରିଆ- ଇଏସ ବସ, ଅଭି ମେ ଫାଷ୍ଟ ଏଡ଼ ବକ୍ସ ଲେ ଆତା ହୁଁ । (ପ୍ରସ୍ଥାନ)

ଦିନ- (କିଛି ପାଦ ଟହଲ ମାରେ ପୁଣି ଶ୍ରାବଣୀକୁ ଏକଧ୍ୟାନରେ ଚାହିଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଓଠରେ ଜିଭ ବୁଲାଏ) ଖୁବସୁରତ ହୈ, ଯବାନ ଭି ହୈ, ଏକ୍ସଲେଣ୍ଟ.... ମୌକା ହାତ ସେ ଛୁଟ ନା ଯାଏ । ପହଲେ ଇଲାଜ ହୋ ଜାନେ ଦୋ ଇସକେ ବାଦ ହଁ ଇସକା ସ୍ୱାଦ ଚାଖୁଙ୍ଗା ।

କେଶରିଆ- (ହାତରେ ଫାଷ୍ଟ ଏଡ଼ ବକ୍ସ ଧରିଥାଏ) ଇଏସ ବସ ୟେ ଲିଜିୟେ ଫାଷ୍ଟ ଏଡ଼ ବକ୍ସ ।

ଦିନ- ଆବେ ମୁଝକୋ କିଉଁ ଦେ ରାହା ହୈ । ମରହମ ପଟି ଲଗାକେ ଉସକୋ । ଜଲ୍‌ଦି ଠିକ କର ।

କେଶରିଆ- (ଶ୍ରାବଣୀ ମୁଣ୍ଡର କ୍ଷତ ସ୍ଥାନରେ ମଲମ ଲଗେଇ ପଟି ବାନ୍ଧିଦିଏ) ହୋ ଗୟା ବସ । ଅଭି ସବକୁଛ ନର୍ମାଲ ହୋ ଯାଏଗା ।

ଦିନ- କେଶରିଆ !

ଦିନ- ଇଏସ ବସ !

ଦିନ- ତୁମ ତୋ ଜାନତେ ହୋ ହମ କିତନା ଲେଡିଜ ଲୋଗୋ କା ପ୍ୟାସା ହୈ । ମୁଝେ ଇସ ଔରତ କି ଜବାନୀ ଚାହିୟେ । ତୁମ ଜାନତେ ହୋ ଅଭି ଅଭି ହମ ଏକ ସ୍ୱପ୍ନ ଦେଖା ୟେ ଔରତ ମେରା ସାମନେ ନଙ୍ଗି ଖଡି ହୈ ଔର ମେ ଉସକୋ.....(ଓଠରେ ଜିଭ ବୁଲାଏ)

କେଶରିଆ- ଆପକା ସ୍ୱପ୍ନ ସଚ ହୋ ଯାଏଗା ବସ । ଆପ ବାସ ଆପନା କାମ କରିୟେ ମେ ବାହାର ସେ ଦରୱାଜା ବନ୍ଦ କରକେ ଚଲା ଜାତା ହୁଁ ।(ପ୍ରସ୍ଥାନ)

ଶ୍ରାବଣୀ- (ଯନ୍ତ୍ରଣା ସହିତ) ଆଃ... ମୁଁ କୋଉଠି ?

ଦିନ- ଘବରାନେ କି କୋଇ ବାତ ନେହିଁ ମାଡାମ ଆପ ହମାରା କୋଠି ମେ ହୈ ।

ଶ୍ରାବଣୀ- ଆପଣ... ? ଆପଣ କିଏ ?...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ- ନାଚିଜ କୋ ଦିନଦାୟଲ ଶର୍ମା କହତେ ହେଁ । ଜାତ ମେ ମାରୁଆଡି ହେ । ଲେକିନ ନାରୀ ଜାତ କି ପ୍ୟାସା ହୁଁ । ସ୍ୱପ୍ନ ମେ ଭି ନେହିଁ ଶୋଚା ଥା କି ଆପ ଐସେ ମୁଝେ ମିଲ ଯାଏଗେଁ । ବିଲକୁଲ ମୁଫ୍‌ତ ମେ । ଆଇୟେ କୁଛ କର ଲେତେ ହେଁ ।(ହାତ ବଢ଼ାଏ)

ଶ୍ରାବଣୀ- ପ୍ଲିଜ ମୋତେ ଧରିବାକୁ ଚେଷ୍ଟା କରନା । ମୁଁ କୌଣସି ବେଶ୍ୟା ପଡାର ନାରୀ ନୁହେଁ ଯେ ତୁମ ଇଛା ମୁତାବକ କାମନା ଚରିତାର୍ଥ କରିବ । ମୁଁ ଜଣେ ହିନ୍ଦୁ ବିବାହିତା ନାରୀ । ମୋ ମଥାରେ ସିନ୍ଦୁର ଦେଖି ପାରୁଥିବେ । ଜଣେ ବିବାହିତା ନାରୀ ପ୍ରତି ଏଭଳି ଅସଦ ଆଚରଣ କରିବା ହୁଏତ ଆପଣଙ୍କ ପତନର କାରଣ ହୋଇପାରେ ।

ଦିନ- (ଖୁବ ଜୋର ହସିଉଠେ)ଆପ କୋଇ ସୀତା ନେହିଁ କି ଦ୍ରୌପଦୀ ଭି ନେହିଁ ଫିର ଭି ଇତନା ଘମଣ୍ଡ । ଦେଖିଏ ହମ ଢ ନେହିଁ ଜୋ ବୋଲତେ ହେଁ କୁଛ କରତେ ନେହିଁ ହମ ଢ ହେ ବୋଲତେ କମ କରାତେ ଜ୍ୟାଦା । ଆଓ...

ଆଓ ମେରେ ରାନୀ ଆଓ....(ଧରିବାକୁ ଅଗଉଥାଏ,ଶ୍ରାବଣୀ ଧୀରେ ଧୀରେ ପଛକୁ ଯାଉଥାଏ)

ଦିନ- ମେ ଦେଖ ରହା ହୁଁ ଆପ ମେରେ ବାତ କୋ ଇଜିଲି ନେହିଁ ମାନେଙ୍ଗେ ।

କେଶରିଆ ! ଆବେ କେଶରିଆ କାହାଁ ଚଲା ଗୟା.. ?

କେଶରିଆ- (ପ୍ରବେଶି)କ୍ୟା ହୋ ଗୟା ବସ ? ବୋଲିଏ କ୍ୟା କରନା ହେ ।

ଦିନ- ଚିଡ଼ିଆ ଚୁଁ ଚୁଁ କରକେ ଉଡ଼ ଜା ରହା ହେ । ପକଡ କେ ଲେ ଆଓ ।

କେଶରିଆ- ଦେଖିଏ ମାଡାମ ଆପ ମେରେ ବସ କା ବାତ ମାନ ଲିଜିୟେ ଆପକା ଜିନ୍ଦଗୀ ବଦଲ ଯାଏଗି ।

ଶ୍ରାବଣୀ- ତୋ ବସ କଣ ଈଶ୍ୱର ?

କେଶରିଆ- ଈଶ୍ୱର ସେ ମହାନ ହେ । ଆଇୟେ ମେରା ବାତ ମାନ ଲିଜିୟେ । ଆପ ଐସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାସମଝ ହୋଙ୍ଗେ ତୋ ମୁଝେ ଆପକୋ ପକଡ଼ନେ କେ ଲିୟେ ଜବରଦସ୍ତି କରନା ପଡେଗା ।(ଶ୍ରାବଣୀକୁ ଧରିବା ପାଇଁ ଆଗଉଥାଏ)

ଶ୍ରାବଣୀ- ମୋତେ ଛୁଇଁବାକୁ ବି ଚେଷ୍ଟା କରନା ନଚେତ ପୋଡି ଜଳି ଭଷ୍ମ ହୋଇଯିବୁ ।

କେଶରିଆ- (ହସ)ଅଭିଶାପ..(ଶ୍ରାବଣୀର ଶାଢ଼ୀ କାନି ଧରିନିଏ) (ହଠାତ ଶ୍ରାବଣୀ ଲୁଚେଇ ରଖିଥିବା ପିସ୍ତଲ ବାହାର କରି କେଶରିଆ ପ୍ରତି ଧାଏଁ ଧାଏଁ ଦୁଇଟି ଗୁଳି ଚଳାଏ ।)ଆଃ ଆଲବିଦା...ଆଲବିଦା....(ମୃତ୍ୟୁ)

ଦିନ - (ଚକିତ ହୋଇ ଶ୍ରାବଣୀକୁ ଚାହିଁଥାଏ)କୌନ ହୋ ତୁମ ?

ଶ୍ରାବଣୀ- ସେଇ ସୀତା ସେଇ ଦ୍ରୌପଦୀ । ଯିଏ ଦିନେ ରାବଣର ମୃତ୍ୟୁ ପାଇଁ ଅପେକ୍ଷା କରିଥିଲେ । ଯିଏ ଦିନେ ଦୁଃଶାସନ ଛାତି ରକ୍ତରେ ମୁକୁଳା କେଶ ଧୋଇଥିଲେ ।

ଦିନ- ତୁ ମେରା କେଶରିଆ କୋ ମାରଡାଲା ମେ ତୁଝେ...(ପକେଟରେ ହାତ ପୁରେଇବାକୁ ପ୍ରୟାସ)

ଶ୍ରାବଣୀ- (ଦିନଦାୟଲ ହାତକୁ ଫାୟାର କରେ)

ଦିନ- ଆଃ (ଯନ୍ତ୍ରଣା)

ଶ୍ରାବଣୀ-ଡୋଣ୍ଟ ଇନସର୍ଟ ହେଣ୍ଡ ଇନ ୟରର ପକେଟ । ମୁଁ ଜାଣେ ତୋ ପକେଟରେ ପିସ୍ତଲ ଅଛି । କିନ୍ତୁ ସେଇଟା ଏବେ କିଛି କାମକୁ ଆସିବ ନାହିଁ ।

ଦିନ- ଆରେ କୌନ ହୋ ତୁମ ?

ଶ୍ରାବଣୀ- ଯାହାକୁ ତୁମେମାନେ ଏତେଦିନ ଯାଏ ଖୋଜି ଆସିଛ ମୁଁ ସେଇ ଚରିତ୍ର । ମୁଁ ସେଇ ଖୁନୀ ଆସାମୀ । ତୁମରିମାନଙ୍କ ପାଇଁ ମୁଁ ଆଜି ଆଇନ ଆଖିରେ ଆସାମୀ ହୋଇଯାଇଛି ।

ଦିନ- ତୋ ଏ ସବ ତେରି ପ୍ରି ପ୍ଲାନ ଥା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରାବଣୀ- ବହୁଦିନର ପୁରୁଣା ପ୍ଲାନ । ସଫଳ ହେବାପାଇଁ ଟିକେ ଅଧିକ ସମୟ ଲାଗିଗଲା ।

ଦିନ- ଲେକିନ ତୁ ଔର ବଚକେ ନେହିଁ ଯା ସକତା । ଇସ କୋଠି କେ ଚାରୋ ତରଫ ସି ସି କ୍ୟାମେରା ଲଗାହୁଆ ହୈ । ଅଭି ଅଭି ପୋଲିସ ଆତା ହୋଗା ।

ସମ୍ବିତ- (ପ୍ରବେଶି)ପୋଲିସ ନା ଫୋଲିସ ! କେହି ଆସିବେ ନାହିଁ, କାରଣ ତୋ ସି ସି କ୍ୟାମେରା ସବୁ ବନ୍ଦ କରିଦିଆ ହୋଇଛି ।

ଦିନ- ହ୍ୱାଟ୍ ନନସେନ୍ସ ! କୌନ ହୋ ତୁମ ?

ସମ୍ବିତ- ଯମଦୂତ । ଏଇ ଦେଖ ହାତରେ ଦଉଡି ଧରି ଆସିଛି । ଏଇ ଦଉଡ଼ିରେ ତୋତେ ବାନ୍ଧିନେବାକୁ ଯମରାଜା ପଠାଇଛନ୍ତି ।

ଶ୍ରାବଣୀ- ଆମ ଦୁହିଁଙ୍କୁ ଚିହ୍ନିପାରୁଛୁ ଦିନଦୟାଲ ?

ଦିନ- ଆରେ ଭାଇ କୌନ ହୋ ତୁମ ଦୋନୋ ? କିଉଁ ହମ ସବକୋ ମାର ରହେ ହୋ ?

ଶ୍ରାବଣୀ ]

ସମ୍ବିତ ] --- ପ୍ରତିଶୋଧ

ଶ୍ରାବଣୀ- ମାନେପଡୁନି ୨୦ବର୍ଷ ତଳର କଥା.....

(ଫ୍ଲାସ ବେକ)

(ଦ୍ୱିତୀୟ ମଞ୍ଚରେ ଦେବକୁମାର, ବିଶ୍ୱନାଥ, ଦିନଦାୟଲ, ନାଥୁରାମ ଡିଏସପି ଅମରେନ୍ଦ୍ର ଚୌଧୁରୀଙ୍କୁ ଖୁଣ୍ଟରେ ବାନ୍ଧି ଦେଇଥାନ୍ତି । ତାଙ୍କ ସମ୍ମୁଖରେ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କୁ ଗୁଳିକରି ମର୍ଡର କରନ୍ତି । ପୁଣି ଅମରେନ୍ଦ୍ରଙ୍କ ହାତକୁ ଗୁଳିମାରି ଅକାମୀ କରିଦିଅନ୍ତି ।)

ଶ୍ରାବଣୀ- ଏବେ ମନେପଡ଼ିଲା ଦିନଦାୟଲ ଶର୍ମା ।

ଦିନ - ଓଃ ତୁ ଓହି ରିପୋର୍ଟର କା ଛୋକରି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ବିତ- ଆଉ ବେଶୀ ବକ ବକ ହୁଅନା ଦିନଦୟାଲ । ସେପଟେ ମହାରାଜା ଯମ ଫୋନ କଲେଣି ତୁମକୁ ଦଉଡ଼ିରେ ବାନ୍ଧି ଘୋଷାରି ଘୋଷାରି ଯଥାଶୀଘ୍ର ତାଙ୍କଠାରେ ପହଞ୍ଚିବାକୁ ହେବ । (ଦଉଡ଼ିରେ ଦିନ ଦୟାଲ ଗଳାକୁ ଗୋଡେଇ ଦିଏ । ଗୋଟେ ପଟରେ ଶ୍ରାବଣୀ ଓ ଅନ୍ୟ ପଟରେ ନିଜେ ଧରି ଜୋରରେ ଟାଣନ୍ତି । ଦିନ ଦୟାଲ ଗଁ ଗଁ ଚିତ୍କାର କରୁଥାଏ ।)

(ମଞ୍ଚ ଅନ୍ଧାର)

କ୍ରମଶଃ............

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନଳ (ଅଗ୍ନି)



ଶିବ ନାରାୟଣ ଦାଶ

ହେ ଅନଳ !

ଦୀପ୍ତ କରି ତୁମେ

ଛୁଅଁ ଯେବେ ଜୀବନର ଆଦ୍ୟ ଉଷାକାଳ,

କୋଟି ପ୍ରାଣେ ସଞ୍ଚାରି ଉତ୍ତାପ

ସ୍ପର୍ଶ କର ଯେବେ ପୁଣି

ଦେଇ ତୁମ ଉଷ୍ମ ଆଲିଙ୍ଗନ -

କୁଆଁ କୁଆଁ ରାବେ ଜାଗେ

ପ୍ରାଣର ସ୍ପନ୍ଦନ,

ନିଦ୍ରା ଭାଙ୍ଗି ଜନମର ଏନ୍ତୁଡ଼ିଶାଳରେ

ତୁମେ ସତେ ହୁଅ ବହ୍ନିମାନ

କରିବାକୁ ଜୀବନକୁ ଭବ୍ୟ-ଆୟୁଷ୍ମାନ ।

ଲେଲିହାନ ଶିଖା ପୁଣି ତୁମ

ଜୀବନକୁ କରେ ଆଲିଙ୍ଗନ,

ଜନ୍ମ ଠାରୁ ମୃତ୍ୟୁ ଯାଏ

ଜୀବନର ସକାଳ ପର୍ଯ୍ୟାୟେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ରୁହ ଓତଃପ୍ରୋତଃ
ଜୀବନକୁ କରି ଉଦ୍‌ଜୀବିତ ।
ଜଠରେ ଜଳାଅ ଅଗ୍ନି
ପ୍ରାଣବନ୍ତ କରିବାକୁ କ୍ଷୁଧାର ଆହବେ,
ତୁମ୍ଭ ଉତ୍ତାପରେ ଭରି
ସୂର୍ଯ୍ୟସ୍ନାତ ରଶ୍ମିର ପ୍ଲାବନ
ତୁମେ ଯାଅ ନିଜକୁ ସଞ୍ଚାରି,
ବୃକ୍ଷ, ଲତା, ପତ୍ର, ପୁଷ୍ପ
ପଶୁ, ପକ୍ଷୀ, କୀଟ, ପତଂଗରେ,
ପ୍ରାଣର ଜୀବନୀ-ସୁଧା
ତୁମେ ଦିଅ ଭରି
ସୃଷ୍ଟିର ପୁଲକ ଭରା ଅୟୁତ ଶିରାରେ ।

ଜୀବନର ଯାତ୍ରା ପଥେ
ତୁମକୁ ଦେଖିଛି କେତେ
ଭିନ୍ନ ଭିନ୍ନ ରୂପେ -

ମାଆ'ର ରୋଷେଇ ଶାଳେ
ନିତ୍ୟ ଜଳିବାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତିଳେ ମାତ୍ର କ୍ଳାନ୍ତି ତୁମ ନାହିଁ,
ନିଜକୁ ଦଗ୍ଧକରି ବାଢିଦିଅ ତୁମେ
ଅନ୍ନ ଆଉ ବ୍ୟଞ୍ଜନର ସ୍ୱାଦିଷ୍ଟ ମଣୋହି ।
ତୁମେ ପୁଣି ଜଳିଉଠ
ଭକ୍ତିପୂତ ଅର୍ଘ୍ୟଶିଖା ମେଲି
ଆମରି ଠାକୁର ଘର ଆହ୍ନିକ ପ୍ରଦୀପେ,
ଅବା ପୁଣି ସଞ୍ଜବତୀ ସାଜି
ବୃନ୍ଦାବତୀ ଚଉରାର ମୂଳେ
ଅଭିପ୍ସାର ଶିଖାଟିଏ ହୋଇ
ଜଳିଉଠ କୋଟି ପ୍ରାଣ ଅନ୍ତରର ତଳେ ।
ପୂଜା, ପାରବଣେ ଆଉ ପୁଣ୍ୟ ତିଥି ବାରେ
ପ୍ରଜ୍ୱଳିତ କର ତୁମେ ଆଲୋକର ଧାରା,
ଉଷ୍ମତାର ପବିତ୍ରତା ଭରି
ତୁମେ ଜଳ ଦେବାଳୟେ ଆଉ ଘରେ ଘରେ ।
ହୋମାନଳ ସାଜି କେବେ
ଜଳି ଉଠ ତୁମେ
ବିବାହ ବେଦିରେ,
ଆଉ ପୁଣି
ତୁମରି ସେ ପବିତ୍ର ଅଗ୍ନିକୁ ସାକ୍ଷୀ ରଖି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାନ୍ଧିହୁଏ ଦୁଇ ପ୍ରାଣ
ହାତ ଧରି ଚାଲିବାର ଜ୍ୱଳନ୍ତ ଶପଥେ ।

ତୁମେ ପୁଣି ସାଜ କେବେ ଭୟଙ୍କର
ଆହେ ବୈଶ୍ୱାନର !
ଲେଲିହାନ ଶିଖା ମେଲି ବିଭୀଷିକାମୟ
ଭସ୍ମ କର ଜନପଦ ଗ୍ରାମ ବା ସହର,
ଅବା କେବେ ଦଗ୍ଧ କର
ଅରଣ୍ୟର ସ୍ନିଗ୍ଧ ସବୁଜିମା
ବ୍ୟାପ୍ତକରି ପ୍ରଭଞ୍ଜନେ ରୁଦ୍ର ଦାବାନଳ ।

ସୃଷ୍ଟିର ପ୍ରାରଂଭୁ ତୁମେ ଜଳୁଅଛ ଏଠି
ଯଜ୍ଞବେଦୀ ହୋମାନଳ ପୁଣ୍ୟ ଶିଖା ତେଜି,
ଜୀବନକୁ ଦେଇ କେତେ ଅଶାର ଆଲୋକ
ଋଷି କଂଠୁ ମନ୍ତ୍ର-ଧ୍ୱନି ପ୍ରଣବ ଓଁକାରି ।
ଯୁଗ ଯୁଗାନ୍ତର ଧରି
ଜୀବନକୁ ନେଇଛ ଆଦରି,
ତୁମେ ସ୍ଥିତ ଜୀବନରେ ଜନ୍ମ-ମୃତ୍ୟୁ ପରି ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ପୁଣି ସର୍ବଶେଷେ

ଏ  ଜୀବନ ଅନ୍ତ ହୁଏ ଯେବେ,

ତୁମେ ନିଅ ସଭିଙ୍କୁ ସାଉଁଟି

ଆଉ

ତୁମରି ସେ ପିଙ୍ଗଳ ଗହ୍ୱରେ ଜାଳି

ଭସ୍ମ କର ଶିଖାନଳ ତେଜି ।

ଶ୍ମଶାନର ଜୀର୍ଣ୍ଣ ଅଧିବାସେ

ପଞ୍ଚଭୂତେ ମିଳାଇ ସଭିଙ୍କୁ

ତୁମେ କର ପରିତ୍ରାଣ ନବଜନ୍ମ ପାଇଁ,

ହେ ଚିର ନମସ୍ୟ ତୁମେ

ପରିପୂର୍ଣ୍ଣ ଜୀବନର ପଥେ -

ପୂର୍ଣ୍ଣପ୍ରାଣ ପ୍ରୟାସେ ତୁମର

ଅଗ୍ନି-ସ୍ନାନ ଦେଇ,

ନିରବଧି ଜଳୁଅଛ

କରିବାକୁ ମଣିଷକୁ


ମୃତ୍ୟୁ ପଥେ ଅମୃତ ଆଶାୟୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃସ୍ତୁତି



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

କମଳ ବିଳାସିନୀ        କମଳା ସୁହାସିନୀ
କରୁଣା ନେତ୍ର ଦିଅ ଢାଳି
କଳୁଷ ପଙ୍କେ ପଡି      କରମ ପଥ ହୁଡ଼ି
କଳଙ୍କେ କଳବଳ ହେଲି "ମା"
ଭଗବତି,
କର୍ମଯୋଗେ ନଦେଇ ମନ    କପଟ କଲି ଆଚରଣ
କୋପିତ ଅନ୍ତରରେ     କରପ୍ରସାରି ବାରେ
କେବଳ କରାଳ ବରିଲି "ମା" ।     //୧//

ଖାଲେ ପଡିଲି ଖସି        ଖସଡ଼ା ପଥେ ଆସି
ଖିଆଲେ ବିତାଇଲି ଦିନ
ଖଣ୍ଡନ କରି ଦୋଷ         ଖଡ଼ଗେ ପାପ ବିନାଶ
ଖ୍ୟାପନ କରି ଖ୍ୟାତିମାନ ମା'
ଭଗବତି,
ଖେଳ ଜୀବନେ ହେଉ ଶେଷ    ଖୋଜେ ମୁଁ ଚୈତନ୍ୟ ପୁରୁଷ
ଖୋଲା ହୃଦୟେ ମୋର     ଖୁସିରେ ବିଜେ କର

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଖାତିରେ ପାତିଛି ଆସନ ମା' । //୨//

ଗରଳ ସୁଧା ମଣି ଗ୍ରାସ କରିଛି ଜାଣି
ଗମିଛି ଅଗମ୍ୟରେ କେତେ
ଗୁରୁ ପ୍ରପଞ୍ଚ ମାୟା ଗର୍ବେ ବିସ୍ତାରି କାୟା
ଗୁଆଁର କରିଲାଣି ମୋତେ ମା'
ଭଗବତି,
ଗୁପତ ଅହମିକା ମୋର ଗୁଣ-ଅସିରେ ନାଶ କର
ଗଭୀର ଗାତ୍ର ଦାହ ଗର୍ହିତ ମାୟା ମୋହ
ଗଣ୍ଠିକୁ କାଟିପକା ଯେତେ ମା' । //୩//

ଘୋର ତିମିରେ ମୋର ଘଟିତ ଘଟ-ଘର
ଘଡ଼ିସନ୍ଧିରେ ଘାଣ୍ଟିହୁଏ
ଘନଘନ ଗର୍ଜନ - ଘାତକ ତନୁ ମନ
ଘୋଡାଇ ଘନଘନ ଦହେ ମା'
ଭଗବତି,
ଘେନାକରି ଏ ଦୋଷ ସାରା ଘୋଡାଅ ସ୍ନେହେ ବିଶ୍ୱମ୍ଭରା
ଘରକରଣା ମୋର ଘେରି କରେ ଅସ୍ଥିର
ଘନ ନିଃଶ୍ୱାସ ସଦା ବହେ ମା' । //୪//

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚରାଚର ଯାହାର ଚରଣେ ପରିଚର

ଚିନ୍ମୟୀ ଦେବୀ ମାହେଶ୍ୱରୀ

ଚାରୁ ଚରଣେ ତୋ'ର ଚିର ଶରଣ ମୋର

ଚେତନା-ଦୀପ ଦିଅ ଜାଳି ମା'

ଭଗବତି,

ଚିତ୍ତରେ ଚନ୍ତା ଦେଇ ଚାଳି ଚିନ୍ମୟୀ କୃପା ଦିଅ ଢାଳି

ଚିର ଦିବ୍ୟ ଆଶିଷେ ଚିଦାନନ୍ଦ ପରଶେ

ଚିରନିଦ୍ରା ମୋ' ଯାଉ ଜଳି ମା' । //୫//

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଝିପି ଝିପି ବର୍ଷା



ଅମୃତନାରାୟଣ
ଶତପଥୀ

ଝିପିଝିପି ବର୍ଷା ଆକାଶୁ ଝରେ
ସଭିଙ୍କର ମନ ତାହା ତ ହରେ ।(୧)
ମୌସୁମୀର ଏହି ପ୍ରଥମ ବର୍ଷା
ସଭିଙ୍କୁ ଦିଅଇ ନୂତନ ଆଶା ।(୨)
ବାଦଲ ଭିତରେ ବିଜୁଳି ଚମକ
ମନେ ଭରି ଦିଏ ପୁଣି ପୁଲକ ।(୩)
ବର୍ଷା ର ସେହି କୋହଲା ପାଗ
ଖୋଜାହୁଏ ଛତା ବର୍ଷାତି ଆଗ ।(୪)
ସଭିଙ୍କର ମନ ହୁଏ ପୁଲକ
ଆଘ୍ରାଣ କରି ଓଦା ମାଟି ମହକ ।(୫)
ଚାଷୀ ଭାଇ ଧରି ହଳ ଲଙ୍ଗଳ
କ୍ଷେତ ଯାଇଥାଏ ପୁଣି ଚଞ୍ଚଳ ।(୬)
ବରଷା ଛିଟାର ମଧୁର ଛୁଆଁ
ପୃଥିବୀଟା ଲାଗେ ସତରେ ନୂଆ ।(୭)
ଅମୃତ ରୂପୀ ସେ ବରଷା ଜଳ
ପାଇ ତାହା ତୃପ୍ତ ଜୀବ ସକଳ ।(୮)
ଯଦି ପରିବେଶ ଶୁଦ୍ଧ ସୁନ୍ଦର ରହେ
ଠିକ୍ ସମୟରେ ବରଷା ହୁଏ ।(୯)
ନହେଲେ ଯେବେ ହୁଏ ଜଳ କଷ୍ଟ
ମନେ ପକାନ୍ତି ସଭିଏଁ ଇଷ୍ଟ ।(୧୦)
ସବୁଜ ସୁନ୍ଦର ପ୍ରକୃତି ଗଢ଼ି
ଉପଭୋଗ କର ନୂତନ ବର୍ଷାକୁ ମୋହର
କବିତା ପଢ଼ି ।(୧୧)

ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାନ୍ଦିନୀ ରାତିର ଚାନ୍ଦ



ରାଧାମୋହନ
ପୂଜାହାରୀ

ଚାନ୍ଦିନୀ ରାତିରେ ଚାନ୍ଦକୁ ଚାହେଁ ମୁଁ
ଚନ୍ଦ୍ରଭାଗା କୂଳେ ବସି,
ତା' ମୁଖରେ ମୋର ପ୍ରିୟା ମୁଖ ଦେଖି
ଦିଏ ମୁଁ ମୁରୁକି ହସି,
କହେ ମୁଁ ଚାନ୍ଦକୁ ଆଲୋ !
ମୋ ପ୍ରିୟାକୁ ତୋର ହୃଦୟ ପ୍ରଦେଶେ
ଯତନ ରେ ରଖି ଥା' ଲୋ । (୧)

ମୁଁ କହିଛି ବୋଲି କହିବୁନି ତା'କୁ
ହୃଦୟର କଥା ମୋର,
ମୋ ଫେରିବା ଯାଏଁ ସ୍ନେହ ଶ୍ରଦ୍ଧା ଦେଇ
ରଖିବୁ ଲୋ ଘରେ ତୋର,
ମୁହିଁ ଲୋ ମୋ ପ୍ରିୟା ପାଇଁ,
ତା' ସ୍ୱାଗତ ପାଇଁ ଆକାଶୁ ତାରକା
ତୋଳି ଆଣିବି ଲୋ ଯାଇ । (୨)

ତା' ଚଲାପଥ ରେ ତାରକା ବିଛାଇ
ସ୍ୱାଗତ କରିବି ତା'କୁ,
ଅଧୈର୍ଯ୍ୟେ ରହିଛି ଚାହିଁ ତା' ବଦନେ
ହସ ଟିକେ ଦେଖିବାକୁ,
ସେ ହସିଲେ ମୁଁ ହସିବି,
ପ୍ରେମ ମଞ୍ଜି ବୁଣି ତା' କୋମଳ ହୃଦେ
ଚିରକାଳ ରହିଥିବି । (୩)

ମୋର ମନକଥା ଶୁଣି ହର୍ଷେ ଚାନ୍ଦ
ତାରାଙ୍କ ଗହଣେ ଥାଇ,
କହେ ସ୍ମିତହାସ୍ୟେ ଧନ୍ୟରେ ରସିକ
ତୋ ପ୍ରିୟା ତୋ ପ୍ରେମ ପାଇ !
ଦିଏ ସେ ଅଭୟ ବର,
ସତ୍ୟ ପ୍ରେମ ଆଭା ସଂସାରେ ବିଛୁରି
ବିଶ୍ୱ ମଧୁମୟ କର । (୪)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର
ଜିଲ୍ଲା : ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୋହ



ଡଃ ମନୋରଞ୍ଜନ ବିଷୋୟୀ

ବେଳେବେଳେ
ସତ୍ୟର ଅପେକ୍ଷାରେ
ମିଥ୍ୟାକୁ ଆପଣାର
କରିବାକୁ ପଡ଼େ ।
ଗୋଟିଏ ଦୁଃଖ ନ ସରୁଣୁ
ଅନ୍ୟଏକ ଦୁଃଖକୁ
ଆଦରି ନେବାକୁ ପଡ଼େ ।
ଯନ୍ତ୍ରଣାର ମେଘନାଦପାଚେରୀ
ଡେ଼ଇଁବା ଆଶାନେଇ
ପ୍ରତିମୁହୂର୍ତ୍ତର୍ରେ
ଲହୁଲୁହାଣ ହେବାକୁ ପଡ଼େ ।
ତଥାପି ନା' ମୋହଭାଙ୍ଗେ
ନା' ଭାଙ୍ଗେ ବଞ୍ଚିବାର ଆଶା
ଉଜୁଡ଼ି ପଡୁଥିବା
ଆପଣାର ଇତିବୃତ୍ତକୁ ବଖାଣି
ମୋହରେ ମୋହରେ
ଲୁହ ଢ଼ାଳିବାକୁ ପଡ଼େ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ:୮୮୯୫୧୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ କୁହ



ଦିଲ୍ଲୀପ କୁମାର ସାମଲ

ଦେଖ ରେସରେ ଘୋଡ଼ାମାନେ ଦୌଡ଼ୁଛନ୍ତି

ସେ ଜାଣନ୍ତିକି

କିଏ ପ୍ରଥମ କିଏ ଦ୍ୱିତୀୟ ପୁଣି ସବା ଶେଷେ ରହିବ

ତଥାପି ଚଳନ୍ତି ରେସରେ ନିଜକୁ

ସାମିଲ କରିବାକୁ ହେବ

ଦୁଇ ଗୁଣ୍ଡା ଦାନା ଖାଇ ।।

ଶବ୍ଦମାନେ ଦୌଡ଼ୁଛନ୍ତି

ଦୌଡ଼ୁଛନ୍ତି ଇନ୍ଦ୍ରିୟମାନେ

ତା' ବୋଲି ଯାହା ନାହିଁ ତାହା ହେବ

ହୋଇପାରେ କିଛି ଅସମ୍ଭବ ନୁହେଁ

ତଥାପି ଦୁଇପାଦ ଭାବି

ପାଦେପାଦେ ଚାଲିବାକୁ ହେବ ।।

ଚାଲିବାକୁ ହେବ ଠିକ ତୁମପରି

ଅହରହ ନାସାର ସେ ପବନରେ

ପୁଣି ଇନ୍ଦ୍ରିୟ ମାନଙ୍କ ଚାରିପାଖକୁ ଦେଖିବାକୁ ହେବ

ମାପିଚୁପି ଝାଡ଼ିହେଉଥିବ ।।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଶୁପ୍ତ ଅବସ୍ଥାରେ ମୁଁ ବିଶ୍ରାମ ନେବାକୁ ଚାହେଁ

ମୁଁ କିଏ ? କିଏ ଆସି କାନେ କୁହେ

ସମୟ ଅଛି ଚେଇଁ ଉଠ

ବିଶ୍ରାମ ନେବା ଆଗରୁ

ତୁମର ଅଭିନୟ ଛାପ ଛାଡ଼ି ବିଶ୍ରାମ ନିଅ

ଚେଇଁ ଉଠେ କଣ କରିବାକୁ

ତୁମେ କୁହ

ଚଳନ୍ତା ଘଣ୍ଟା କଣ୍ଟା ପରି ଧାବମାନ ହୁଅ ।।

ଦିଲ୍ଲୀପ କୁମାର ସାମଲ

ରାଇପୁର, ନୟାଗଡ଼

ଦୂରାଭାଷ: ୯୮୫୩୫୭୦୦୧୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାହୁଡ଼ା ଯାତ୍ରା



ସାଇ ପ୍ରସାଦ ସାହୁ

ଓଡ଼ିଆ ଜାତିର ମଉଡମଣି ତୁ
ଭକତର ଭଗବାନ
ଜଗତ ଦେଖିବ ତୋ ବାହୁଡ଼ା ଯାତରା
କରି ତୋର ଦରଶନ ।

ନବଦିନାତ୍ମକ ମାନବୀୟ ଲୀଳା
କରି ତୋର ସମାପନ
ନନ୍ଦିଘୋଷ ରଥେ ବାହୁଡ଼ି ତୁ ଆସୁ
ନିଜର କରମ ସ୍ଥାନ ।

ଦଶମୀରେ ଦେଖି ତୋ ବାହୁଡ଼ା ଯାତରା
ଆନନ୍ଦିତ ଭକ୍ତ ମନ
ଏକାଦଶେ ସୁନା ବେଶର ଚମକ
ଅଧରପଣାର ଦିନ ।

ବାଡି ନଡିଆର ନୂଆ ଫଳଟିଏ
ତୋଳି ନେଇ ଆମେ ଯିବା
ନଡ଼ିଆ ରଙ୍କୁଣା ସେ କାଳିଆ ସାଆନ୍ତ
ହାତଟେକି ତାକୁ ଦେବା ।

ସତରେ କାଳିଆ ସବୁ ଲୀଳା ତୋର
ସଂସ୍କୃତିର ପରିଚୟ
ଘୋଷଯାତରାଠୁ ବାହୁଡ଼ାଯାତରା
ଏକତାର ସମନ୍ୱୟ ।

ବାହୁଡ଼ି ଯିବୁତୁ ବାହୁଡ଼ା ରଥରେ
ସିଂହଦୁଆରକୁ ତୋର
ମାଉସୀ ମାଆ ଘରେ ଖେଳାଲୀଳା ସବୁ
ସରିଲା ଏ ବରଷର ।

ସିନ୍ଧେକେଲା ,ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଥଯାତ୍ରା



ଦଣ୍ଡାସି ପ୍ରଧାନ

ଜଗନ୍ନାଥ ପ୍ରଭୁ ସଙ୍ଗେ ବଳରାମ    ଭଉଣୀ ସୁଭଦ୍ରା ରଥରେ
ଜନମ ଭୂମିକୁ ଗମିବେ ଆଷାଢେ    ଶୁକଳ ଦ୍ୱିତୀୟା ତିଥିରେ ।
ଉଭା ଅମାଦିନ ନବ ଯଉବନେ    ନେତ୍ର ଉତ୍ସବ  ସୁନ୍ଦର
ମହାଲକ୍ଷ୍ମୀ ଛାଡି  ବଡ଼ ଦେଉଳରେ    ଚଳିବେ ଗୁଣ୍ଡିଚା ମନ୍ଦିର ।
ଆଗେ ବଳଭଦ୍ର ତାଳଧ୍ୱଜ ରଥେ    ସୁଭଦ୍ରା ଦେବଦଳନେ
ଶେଷେ ଜଗନ୍ନାଥ ନନ୍ଦିଘୋଷେ ବିଜେ  ବିଚିତ୍ର ପହଣ୍ଡି ବିଧାନେ ।
ଶଙ୍ଖ ମହୁରୀକୁ ଘଣ୍ଟ ତାଳେ ତାଳେ    ହରିବୋଲ କିରିତନ
ନାଟ ଖଟଣୀରେ  କମ୍ପି ବଡ଼ଦାଣ୍ଡ    କମ୍ପିବ  ଚଉଦ ଭୁବନ ।
ପାଲିଙ୍କି ସଜ୍ଜାରେ ଗଜପତି ବିଜେ    ସେବାର ଛେରାପହଁରା
ପତୀତ ପାବନ ରଙ୍ଗ ଅଧରରେ    ଶୋଭାର ଭଣ୍ଡାରେ ଭରା ।
ବଡ଼ଦାଣ୍ଡ ଜନ - ସମୁଦ୍ର ସରଜି    ନଉକା ନାଉରୀ ସାଜି
ବରଷକୁ ଥରେ ବିଜେ କରିଥାନ୍ତି    ତାରିବାକୁ ଭକ୍ତରାଜି ।
ରଥରେ ବାମନ  କରିଲେ ଦର୍ଶନ    ପୁନର୍ବାର ଜନ୍ମ ନାହିଁ
ମୋକପାଳେ କେବେ ଲାଗିବ ତା' ଡୋର କ୍ରିୟା ଯୋଗେ ଅଛି ଚାହିଁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଥଯାତ୍ରା



ଜ୍ୟୋତି ରଞ୍ଜନ
ସେଠୀ

ଶ୍ରୀ ମନ୍ଦିର ଆଜି ଶ୍ରୀହୀନ ଲାଗୁଛି
ତୁମ ଉପସ୍ଥିତ ବିନା,
ଲକ୍ଷ୍ମୀ ମାତାଙ୍କର ଷାଠିଏ ପଉଟି
କାହାରି ପାଇଁ ରନ୍ଧଣା ।

ଶ୍ରୀମନ୍ଦିର ଚାହିଁଛି ତୁମ ପଥକୁ
ବାହୁଡ଼ି ଆସହେ ପ୍ରଭୁ ,
ଗୁଣ୍ଡିଚାରେ ଯାଇ ବାହୁଡ଼ାରେ ଫେର
ହେ ଜଗନ୍ନାଥ ମହାବାହୁ ।

ଲବଣି ଚୋର ହୃଦୟ ନେଇଗଲା
ସେ ବଡ଼ ହୃଦୟ ଚୋର ,
ରାଧାର ଜୀବନ ରାଧାର ସପନ
କଳା କାହ୍ନୁ ପ୍ରେମୀ ତା'ର ।

ଭକତ ଗହଣେ କାଳିଆ ଠାକୁର
ଯାଉଛି ମାଉସୀ ଘର ,
ଦେଖା ଦିଏ ଆସି ଏ ବଡ଼ ଦାଣ୍ଡରେ
ଛାଡ଼ିକି ବଡ଼ ମନ୍ଦିର ।

ତୁମ ନନ୍ଦିଘୋଷ ଟାଣିପାରିବିନି
ଦୁଃଖ ନାହିଁ ଜଗନ୍ନାଥ ,
ରଥଚଢ଼ି ଆସ ବଡ଼ଦାଣ୍ଡେ ପ୍ରଭୁ
ହେଉ ପଛେ ଶୂନ୍ୟପଥ ।

ମେକାନିକାଲ ଇଂଜିନିୟରିଂ, ଆର୍. କେ. ସିଏଟି,
ନୀଳଗିରି, ବାଲେଶ୍ୱର
ଦୂରଭାଷ:-୯୩୪୮୧୦୮୨୫୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ରଥଯାତ୍ରା



ବାସନ୍ତୀଲତା
ଜେନା

ଆଷାଢ ଶୁକ୍ଳରେ ଦ୍ୱିତୀୟା ତିଥିରେ
ହୋଇ ଥାଏ ରଥ ଯାତ୍ରା
ଭାଇ ଭଗ୍ନୀ ସାଥେ ଜନ୍ମ ବେଦୀ ଯାନ୍ତି
ଆର୍ତ୍ତତ୍ରାଣ ସୃଷ୍ଟି କର୍ତ୍ତା ।୧।

ବିଶ୍ୱ ବାସୀଙ୍କର ମଙ୍ଗଳ ନିମନ୍ତେ
ମନ୍ଦିରୁ ବାହାର ହୁ'ନ୍ତି
କୋଟି ଜନତାଙ୍କୁ ଦର୍ଶନ ଦେଇଣ
ପାପ ତାପ ହରି ଥାନ୍ତି ।୨।

ବଳଦେବଙ୍କର ତାଳଧ୍ୱଜ ରଥ
ସୁଭଦ୍ରା ଦେବଦଳନ
ଜଗନ୍ନାଥଙ୍କର ନନ୍ଦିଘୋଷ ରଥ
ବିଜେ କାଳୀୟ ଦଳନ ।୩।

ଆଡମ୍ବର ପୂର୍ଣ୍ଣ ବେଶ ଭୂଷା କରି
ପହଣ୍ଡିରେ ଅଣା ଯାଏ
ଝୁଲି ଝୁଲି ପ୍ରଭୁ ରଥକୁ ଆସନ୍ତି
କି ସୁନ୍ଦର ଦିଶୁ ଥାଏ ।୪।

ଶଙ୍ଖ ଘଣ୍ଟା ଧ୍ୱନି ଉଚ୍ଛୁଳି ଉଠଇ
ସ୍ତୁତି ପାଠ ସଂକୀର୍ତ୍ତନ
ଗଜପତି ରାଜା ମାର୍ଗ ପରିଷ୍କାର
ଛିଞ୍ଚନ୍ତି ପାଣି ଚନ୍ଦନ ।୫।

ପ୍ରଥମେ ସୁଭଦ୍ରା ରଥକୁ ଟାଣନ୍ତି
ଦ୍ୱିତୀୟରେ ବଳଦେବ
ଆନନ୍ଦ ଉତ୍ସାହ ଉଦ୍ଦୀପନା ସାଥେ
ନନ୍ଦିଘୋଷ ଚାଲୁଥିବ ।୬।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଜନ କିର୍ତ୍ତନ ନୃତ୍ୟ ହୁଳହୁଳି
　　ବଡ଼ ଦାଣ୍ଡ ଉଛୁଳଇ
ପାପି ତାପୀ ମାନେ ଏକାଠି ହୁଅନ୍ତି
　　ଚଳନ୍ତି ପ୍ରତିମା ପାଇଁ ।୭।
ଚଳନ୍ତି ରଥକୁ ଦର୍ଶନ କରିଲେ
　　ସର୍ବ ପାପ କ୍ଷୟ ହୁଏ
ବଡ଼ ଦାଣ୍ଡ ଆଜି ଦେବମୟ ପରା
　　ରଥ ପଥ କଥା କହେ ।୮।
ଆଡପ ମଣ୍ଡପେ ନବ ଦିନ ରହି
　　ଶ୍ରୀମନ୍ଦିର ବାହୁଡ଼ିବେ
ମାଉସୀ ମାଆଙ୍କ ପୋଡ଼ ପିଠା ଖାଇ
　　ଖୁସିରେ ଘର ଫେରିବେ ।୯।

ଦଶମୀ ବାହୁଡ଼ା ଯାତ୍ରା ଏହା ନାମ
　　ଲକ୍ଷ୍ମୀ ମାତା ରୁଷି ଥାନ୍ତି
ହେରା ପଞ୍ଚମୀରେ ରଥ କାଠ ଭାଙ୍ଗି
　　ଲକ୍ଷ୍ମୀ ରାଗ ସୁଝାଅନ୍ତି ।୧୦।
ଏକାଦଶୀ ଦିନ ସୁନା ବେଶ ହୁନ୍ତି
　　ରଜ ରାଜେଶ୍ୱର ବେଶ
ଭକ୍ତଙ୍କ ନୟନ ପବିତ୍ର ହୁଅଇ
　　ମନେ ଅମାପ ସନ୍ତୋଷ ।୧୧।
ପର ଦିନ ହୁଏ ନୀଳାଦ୍ରୀ ବିଜୟ
　　ଭେଟ ଲକ୍ଷ୍ମୀ ନାରାୟଣ
ଜଗନ୍ନାଥ ପ୍ରଭୁ ରସ ଗୋଲା ଖୋଇ
　　କରନ୍ତି ମାନ ଭଞ୍ଜନ ।୧୨।

ଗାନ୍ଧୀନଗର, ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜଗା ତୋର ଡୋରି...



ଲିମନ୍

ଜଗା ତୋର ଡୋରି ଲଗାରେ (୨)

ତୋ ଧାମକୁ ଯାଇ    ରଥ ଟାଣି ଦେଇ

ତୁଟାଇଣ ଦେବି ସବୁ ବାଧାରେ.....

ଜଗା ତୋର.......

ତୋ ପାଇଁ କି ଭକତି ନେବି

ଭାବରେ ଭାବରେ ସମର୍ପିଦେବି

ମନ ଅଶ୍ୱ ମୋର ଉଚ୍ଚାଟ ହେଲାଣି

ବନ୍ଧାଇଣ ଦେବି ତୋର ପଘାରେ.......

ଜଗା ତୋର.......

ଭକତ ମେଳରେ ରହି

ତୋଳାକୁ ଅନାଇଁ ଦେଇ

ଲୁହ ଢାଳି ଢାଳି ହାତ କରି ମେଳି

ଦୁଃଖ ବାଢୁଥିବି କେତେ ଶ୍ରଦ୍ଧାରେ........

ଜଗା ତୋର .........

ତୁ ଯିବୁ ମାଉସୀ ଘର

ମୁଁ ଯିବି ଲକ୍ଷ୍ମୀ ମନ୍ଦିର

ମାଆକୁ ମୋହର ବୁଝାଇ ସତ୍ୱର

ବାହୁଡି ଆସିବି ନିଜ ରାସ୍ତାରେ.......

ଜଗା ତୋର........

ଢେଙ୍କାନାଳ

ଭ୍ରାମ୍ୟଭାଷ:୭୮୯୪୫୮୫୭୦୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଥ ଅଭିଳାଷ



ବାପିନି ସିଂ

ଶ୍ରୀ ମନ୍ଦିର ଶୀର୍ଷେ ଉଡୁଛି ହରଷେ
ପ୍ରଭୁଙ୍କ ଦର୍ଶନେ ନେତ ,
ମହାପ୍ରଭୁ ଆଜି ହୋଇଛନ୍ତି ବିଜେ
ଦେଖିବେ ବୋଲି ଭକତ ।

ଭକ୍ତ ଭଗବାନ ସମ୍ପର୍କ ଅସୀମ
ଭକ୍ତ ଆସୁଛନ୍ତି ମାଡ଼ି ,
କାଳେ କଉ ଭକ୍ତ ରହିବ ବଞ୍ଚିତ
ରଥ ନ ଯାଉଛି ଗଡ଼ି ।

କିଏ ଭକ୍ତିଭାବେ ନଡ଼ିଆ ଯେ ଯାଚେ
କିଏ ଦୂରୁ ନମସ୍କାର ,
ତୋ ଚକା ଆଖିରେ ଚକା ନୟନରେ
ରଥପୁରୁ ଭକ୍ତ ତୋର ।

ତୋ ନୟନେ କେହି ବଡ଼ ହୁଏ ନାହିଁ
ହୁଏ ନାହିଁ କେହି ସାନ ,
ବଡ଼ ଏକା ତୁହି ରାଜାଠୁ ସିପାହୀ
ତୋ ଆଗେ ସବୁ ସମାନ ।

ବଡ଼ ତୋର ଦାଣ୍ଡ ବଡ଼ ତୋର ପଣ୍ଡା
ତୋର ସେ ବଡ଼ ମନ୍ଦିର ,
ବଡ଼ ତୋର ଭୋଗ ବଡ଼ ତୋ ଭକତ
ବଡ଼ ତୋର ଦରବାର ।

ତୋ ପାଖକୁ ଆସି ଯାଇନାହିଁ କେହି
ଖାଲି ହାତେ କେବେ ଫେରି ,
ତୋ ଦର୍ଶନ ପାଇଁ ବସିଛି ଅନେଇ
ଲାଗିବ କେବେ ତୋ ଡୋରି ।

ରଥଯାତେ ଆଜି ନନ୍ଦିଘୋଷେ ବସି
ଯିବୁ ମା' ଗୁଣ୍ଡିଚା ପାଶେ ,
ତୋ ରଥ ଦଉଡ଼ି ନେବି କେବେ ଭିଡ଼ି
ରହିଲି ସେ ଅଭିଳାଷେ ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ , ବାଲେଶ୍ୱର
ଦୂରଭାଷ : ୯୯୩୭୮୨୦୮୩୧
ଇ-ମେଲ : bapinising540@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କଳା ସାଆନ୍ତ ହେ



ପଙ୍କଜ କୁମାର ମଙ୍ଗଳ

କଳା ସାଆନ୍ତ ହେ ଆସିବା ହେଉ ଟିକିଏ ଦର୍ଶନ ଦିଅ କରୁଣା ଥାଉ,
ମହାବାହୁ ଆହେ ସେତିକି ଥାଉ ଭକ୍ତମେଳେ ଆସ ଥରେ ଡେରି ନକରି ଆଉ ।
ସଜ ହେଲାଣି ନନ୍ଦିଘୋଷ ସେତ ବଡ଼ଦାଣ୍ଡରେ...
ଯିବାକୁ ଉଛୁର ହେଲାଣି ଗୁଣ୍ଡିଚା ଘରେ ।
ଯାଇପାରେ ନାହିଁ ବୋଲି ତମ ନୀଳ କନ୍ଦରେ ଆସିଛ ହେ ମହାବାହୁ ଭକତମେଳେ,
ଛୁଇଁ ପାରେନାହିଁ ବୋଲି ତମ ଶ୍ରୀଅଙ୍ଗ ଥରେ ବରଷକେ ଥରେ ତମ ରଥ ଦଉଡ଼ି ଧରେ ।

ବଳିଆ ସାଆନ୍ତ ହେ ଗୁହାରି ଶୁଣ,
ଦର୍ଶନ ଦେବକି ମୋତେ ଏହି ଜଣାଣ ।
ସଜ ହେଲାଣି ତାଳଧ୍ୱଜ ସେତ ବଡ଼ଦାଣ୍ଡରେ...
ବାଟ ଚାହିଁ ଗୁଣ୍ଡିଚା ମାଆ ଅଛନ୍ତି ଘରେ ।
ପ୍ରତୀକ୍ଷାରେ ବସିଛି ଏହି ଦେଉଳ ପାଖରେ,
ରଥରେ ଦର୍ଶନ ପାଇଁ ନୟନ ମୋ ଝୁରେ ।
ଉଠିବାକୁ ମନା ତୁମ ତାଳଧ୍ୱଜ,
ତୁମ ରଥ ଟାଣିବାକୁ ଭାରି ବ୍ୟାକୁଳ ଏ ମନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସୁଭଦ୍ରା ମାଆ ତମେ କୃପାକର,

ଗୁହାରି ଜଣାଉ ଅଛି ତୁମ ପୟର ।

ସଜ ହେଲାଣି ଦର୍ପଦଳନ ସେତ ବଡ଼ଦାଣ୍ଡରେ...

ଭାଇଙ୍କୁ ନେଇ ରଥରେ ବିଜେକର ଯିବା ମାଉସୀ ଘର ।

କାହିଁ ଗଲେ ସୁଦର୍ଶନ ଡେରି ହେଲାଣି,

ବେତ ଧରି ଡାହାକ ବି ଡାକ ଦେଲାଣି ।

ଭଉଣୀର ଅଳି ରଖିବେ ସେ ମହାବାହୁ,

ତାଙ୍କୁ ଭକ୍ତମେଳେ ନେଇଆସ ଡେରି ନକରି ଆଉ ।

ଆସିଲେଣି ଠାକୁର ରାଜ ଛେରାପହଁରା ପାଇଁ,

ଏମିତି ଅଦ୍ୱିତୀୟ ରାଜା ଜଗତେ ନାହିଁ ।

ଜନାରଣ୍ୟ ବଡ଼ଦାଣ୍ଡ ତୁମ ଦର୍ଶନ ପାଇଁ,

ଭକ୍ତ ଭାବ ବୁଝ ତୁମେ ହେ ଭାବଗ୍ରାହୀ ।

ଦେଇଥିଲ ପ୍ରତିଶ୍ରୁତି ଗୁଣ୍ଡିଚା ମାଆଙ୍କୁ,

ବରଷକୁ ଫେରିବ ଥରେ ଜନ୍ମ ଭୂମିକୁ ।

କଳା ସାଆନ୍ତ ହେ ଆସିବା ହେଉ ଟିକିଏ ଦର୍ଶନ ଦିଅ କରୁଣା ଥାଉ,

ମହାବାହୁ ଆହେ ସେତିକି ଥାଉ ଭକ୍ତମେଳେ ଆସ ଥରେ ଡେରି ନକରି ଆଉ ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।

ଦୂରଭାଷ-୭୭୪୦୯୯୩୬୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନନ୍ତ ଶୟନ



ଦୀନବଂଧୁ ବେଜ

ଅନନ୍ତ ଶୟନ କରିଲ ପ୍ରଭୁ କଳା ଶ୍ରୀମୂଖ
କାହା ମୁଖଦେଖି କଟିବ ମୋର ଦିନ ଗୋଟାକ
କହ ହେ ଦୟା ସିନ୍ଧୁ ..........,
ଦିନ ବିତୁଅଛି ମୋହର ଆମେ ସରବେ କାନ୍ଧୁ ।

ତୋର ଦରଶନ ପାଇଁକି ହୁଏ ବିକଳ ମନ
ହାତରେ ମୋହର ନାହିଁଟି ଫୁଟି କଉଡ଼ି ଧନ
କହ ହେ ଦୟା ସିନ୍ଧୁ .........,
ଆମର ତ ବାସୀ ପଖାଳ ତୋର ପଉଟି ରାନ୍ଧୁ ।

କ୍ଷୀରି ଖେଚୁଡ଼ି କାନିକା ସହିତ ଅଭଡ଼ା ଅନ୍ନ
ଯାହାକୁ ଯେତେରେ ଖାଇକି କର ଉଦର ପୂର୍ଣ୍ଣ
କହ ହେ ଦୟା ସିନ୍ଧୁ ..........,
ଆମରି ଆଶାରେ କାହିଁକି ତୁହି ମାୟାକୁ ଛନ୍ଦୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାଉସୀ ମାଆର ଘରକୁ ଗଲୁ ହଲି ହିଲି କି
ଭାଇଭଉଣୀଙ୍କୁ ଘେନିଲୁ ସାଥେ ଡ଼ାକି ହାକିକି
କହ ହେ ଦୟା ସିନ୍ଧୁ ..........,
ପଡିଲାନି ଲକ୍ଷ୍ମୀମା'ଙ୍କ କଥା ହୋଇ ବିସର୍ଗ ବିନ୍ଦୁ ।

ମହଣ ମହଣ ସୁବର୍ଣ୍ଣ ପିନ୍ଧୁ ସୁନା ବେଶରେ
ସାରା ଜଗତର ମାଲିକାଣୀ ଅଛି ତୁମ୍ଭ ସାଥିରେ
କହ ହେ ଦୟା ସିନ୍ଧୁ............,
ଆମେ ସବୁ ଲୋକ କିପାଇଁ ବେଶି କପାଳ ନିନ୍ଧୁ ।

ବିନ୍ଦୁ ବିନ୍ଦୁ ସମ କାକର ପଡ଼ି ଗାଲିଚା ପରେ
ଢଳ ଢଳ ହୋଇ ସଂସାରେ ସୁଖ ଶରଧା ଭରେ
କହ ହେ ଦୟା ସିନ୍ଧୁ ................,
ଏଥର ନିଶ୍ଚିତ ହେବୁକି ତୁହି ଆମ୍ଭ ସଭିଙ୍କ ବନ୍ଧୁ ।

ମାଲକାନଗିରି, ଓଡିଶା, ଭାରତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନର ପଥେ



ସତ୍ୟବ୍ରତ ବାରିକ

ସପନର ପଥେ ତୁ ଆସୁ ଛପି ଛପି
ନିଦ ଯେବେ ଭାଙ୍ଗିଯାଏ ରହିଯାଉ ଲୁଚି

ହୃଦୟର ଏଇ ନିର୍ଜନ ଦ୍ୱୀପରେ ଖୋଜୁଛି ତତେ
ସପନର ପଥେ ଆସି ରହିବୁ ମୋ ସାଥେ

ଅନାମିକା ନାୟିକା ତୁ ସରଗର ଅପସରି
ସପନର ପଥେ  କରିଲୁ ମନ ଚୋରି

କେମିତି ଭୁଲିବି ତତେ ଏଇ ଜୀବନରେ
ସବୁଦିନ ରହିଥିବୁ ମୋ ସ୍ପନ୍ଦନ ଭିତରେ

ସପନର ଅଲିଭା ଖାତାରେ ଲେଖିଛି ତୋ ନାଁ
ତୋ ବିନା ଲାଗେ ଫିକା ଫିକା ଏ ଦୁନିଆ

ନିରୀହ ଆଖିରେ ତୋ ଚୋରା ଚାହାଣି
ସପନର ପଥରେ ମୁଁ ରାଜା ତୁ ରାଣୀ

ଭ୍ରାମ୍ୟଭାଷ : ୯୮୭୧୬୨୦୯୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫାଙ୍କା ହେଲାଣି ମୋ ଝୁଲା



ଶିଶିର କୁମାର ପଣ୍ଡା

ବାହା ହୋଇଥିଲି ଶଶୁର ଘରେ ମୁଁ
ଦେଖିକି ସୁନ୍ଦରୀ ଶାଳୀ
ଗାଆଁ ତାଙ୍କ ଥିଲା ରାଜକନିକାରୁ
ଅଳପ ଦୂରରେ ଆଳି ।

ମନଥିଲା ଯାଇ ଶାଳୀର ପାଖରେ
ନିଇତି କରିବି ଖଟି
ଘଷାଘେଷା ହେଲେ ଭିଣୋଇ ବୋଲିକି
ଆଖିବୁଜି ଯିବ ପଟି ।

ପଇସା ଝଡ଼େଇ ମୋଅରି ପାଖରୁ
ଖୁସିରେ ହୁଅଇ ବୁଲା
ତାକୁ ଦେଇ ଦେଇ ମାସ କେଇଟାରେ
ଫାଙ୍କା ମୋ ହେଲାଣି ଝୁଲା ।

ଆଶା ମୋର ସେଇ ଆଶାରେ ରହିଲା
ଏଡ଼ିକି ଅଟେ ସେ ଚାଲୁ
ବେହେରା ପୁଅକୁ ଭଲ ପାଉଅଛି
ମତେ ଏଣେ ପେଲେ ଗାଲୁ ।

ଯେ ଦିନ ଦେଖିଲି ହାତେ ହାତ ଛନ୍ଦି
ଆସିଲେ ଆଶିଷ ମାଗି
ପଡ଼ି ଯାଉଯାଉ ବଞ୍ଚିଗଲି, ଥିଲା
କାନ୍ଥ ମୋ ଦେହକୁ ଲାଗି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ରାକେଶ ମୁଦୁଲି

ଏ ବିଶ୍ୱର ସୁନ୍ଦରତାକୁ ଦେଖିବା ପୂର୍ବରୁ
ଯାହାକୁ ମୁଁ ପ୍ରଥମେ ଦେଖିଲି,
ଏ ଧରାପୃଷ୍ଠରେ ପାଦ ଦେବା ପୂର୍ବରୁ
ଯାହାର ସ୍ପର୍ଶ ପ୍ରଥମେ ଅନୁଭବ କଲି,
ଭଗବାନଙ୍କୁ ଡାକିବା ଆଗରୁ
ଯାହାକୁ ପ୍ରଥମେ ଡାକିଲି
ସେ ମୋ ଜନ୍ମଦାୟିନୀ ମା....

ଯାହା ନାଁ ଶୁଣିଲେ
ଆସେ ଜୀବନରେ ପରିପୂର୍ଣ୍ଣତା
ଦୁନିଆରେ ଯେଉଁ ଶବ୍ଦର ବିକଳ୍ପ ନାହିଁ,
ଯାହା ବିନା ଦୁନିଆର ସୌନ୍ଦର୍ଯ୍ୟ ବି ନାହିଁ
ସେ ସ୍ୱର୍ଗଠୁ ବଡ ପୁଣି
ଈଶ୍ୱରଙ୍କଠୁ ମହାନ
ସେ ମୋ କରୁଣାମୟୀ ମା....

ଦଶ ମାସ ଦଶ ଦିନ ଗର୍ଭରେ ଧରି
ଯନ୍ତ୍ରଣାରେ ଛଟପଟ ହୋଇ,
ଯିଏ ମୋତେ ଜନ୍ମ ଦେଲା,
ରାତି ରାତି ଅନିଦ୍ରା ରହି
ଯିଏ ମୋ କପାଳରେ ହାତ ଆଉଁସି
ସୁଖର ନିଦ୍ରା ଦେଲା
ମୋ ହସରେ ହସିଲା,
ମୋ ଦୁଃଖରେ କାନ୍ଦିଲା
ସେ ମୋ ମମତାମୟୀ ମା....

ଯାହା ଶରୀରର ମୁଁ ଏକ ଅଂଶ
ଯାହାର କୋମଳ ପରଶ
ଜୀବନରେ ଭରି ଦିଏ ଅନେକ ହସ
ଯିଏ ନିଜେ ଦୁଃଖେ ଥାଇ
ନେଇ ସେ କୋଳେଇ
ରଖେ ସେ ପଣତ ଘୋଡେଇ
ଦିଏ ସ୍ୱର୍ଗୀୟ ପରଶ ବିଛାଇ
ସେ ମୋ ସ୍ନେହମୟୀ ମା....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲାବଣ୍ୟମୟୀ ମୌସୁମୀ



ବାଲାଜୀ ସେଠୀ

ମୌସୁମୀ ଗୋ ତୁମେ ଲାବଣ୍ୟ ଦେଶର
ଲାସ୍ୟମୟୀ ରାଜଜେମା
କୃଷ୍ଣ କୁନ୍ତଳ ସମୀରେ ସଜଳ
ଚାରୁ ଚିତ୍ରା ଅନୁପମା ।।

ନିଟୋଳ ତନୁରେ ସୁଢଳ ଯୌବନ
ଅନୁଢା ବାଳିକାବଧୂ
ଭାଙ୍ଗେ ଅବସାଦ ଟଳମଳ ପାଦେ
ଅଳସୀ ଉଆଁସୀ ବିଧୁ ।।

ଲାଜେ ଲାଜେ ଅଧା ହସି ଦିଅ ଯେବେ
ଭିଜେ ସସାଗରା ଧରା
ଶୂନ୍ୟ ସମ୍ଭାବନା ସମାଧି ଉଲାରି
ତୃଷିତକୁ ଦିଅ ଧରା ।।

ନଭସ୍ଥଳେ ଦିଶ ମାଳକ ପରାଏ
ଚୀର ଚଞ୍ଚଳ ମତି
ପ୍ରୀତି ନବନୀତା ଅଭିସାରିକା ଗୋ
ଛନ୍ଦମୟ ତୁମ ଗତି ।।

ଶୁଭ୍ର ଅଭ୍ର ପୁଷ୍ପ ମଣ୍ଡିତ କବରୀ
ସୌଦାମିନୀ ତୁମେ ଗଭା
ଭିଜା ଓଢଣୀର ଛୁଆଁରେ ଭର ଗୋ
କେଦାର କାନନ ଆଭା ।।

କୃଷକ ଆଖିର ନିଦଚୋରା ସ୍ୱପ୍ନ
ତୁମେ ଗୋ ଲାବଣ୍ୟମୟୀ
ତୁମ ସୁଶୀତଳ ଅଙ୍ଗେ ଘଷି ମାଜି
ହେବାକୁ କକୁସ୍ଥ ବାଇ ।।

ପୁଣ୍ୟମୟୀ ତୁମେ ଶୂନ୍ୟ ପ୍ରତିମା ଗୋ
ଆଦ୍ୟ ଆଷାଢ଼ର କୀର୍ତ୍ତି
ଭାବୁକର ତୁମେ ଭବ୍ୟ ତୁଳିକା
କବି କଳ୍ପନାର ଗୀତି ।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ଝିଅଟି



ସିଦ୍ଧେଶ୍ୱର ତ୍ରିପାଠୀ

ଯୌବନର ଖସଡ଼ା ରାସ୍ତାରେ
ପାଦ ଖସିଛି ଅନେକ ଥର
ଯେତେ ଲୁଚେଇଲେବି ସତ
ହେଲେ ମନ କିନ୍ତୁ ଥରୁଟେ ହଜିଲା
ସେଇ ଝିଅ ପାଖେ ।

ପ୍ରେମର ନାଟକ ଅନେକ ଲେଖିଛି
ହେଲେ ବିଶ୍ୱାସର ଯଜ୍ଞବେଦୀ
ସଜେଇଛି ଥରେ
ଯାହାକୁ ନଦେଖି ନବୁଝି
ମୁଁ ତାକୁ ସାଇତି ସାରିଛି ଏ ମନ ଭିତରେ ।

ତା' ପାଇଁ ଭାବି ନେଇଛି ଅନେକ କିଛି
ହଜେଇଛି ମନ ବିତେଇଛି ଦିନ
ଯେତେ ସବୁ ସ୍ମୃତିର ମୁହୂର୍ତ୍ତ
କଥା ବ୍ୟଥା ମଧୁରତା
ସପନର ଶେଷ ଶୁଭ ସ୍ପର୍ଶ ଆଉ
ବିଚ୍ଛେଦର ଦିନ ।

ବିଚିତ୍ର ସେ ଜହ୍ନ ଉଆଁସ ଆକାଶରେ
ଚିକିମିକି ଚମକିଲା ପରେ
ଅନ୍ଧକାରେ ଭରିଗଲା ଯେତେକ ପୁନେଇଁ
ଦେଖୁ ଦେଖୁ ଏସାରା ଜୀବନ ।

ସେଇ ଝିଅଟି
ମୋ ଅଧୁରା ସପନ
ବିଶ୍ୱାସ ଆଉ ଧୋକାର ଗୋଟେ ନିଦର୍ଶନ
ପ୍ରେମ ଆଉ ପ୍ରତାରାଣର
ସୁନେଲି ସ୍ୱାକ୍ଷର
ତଥାପି ସେ ଅତି ପ୍ରିୟ ମୋର

ଜୀବନର ଜୀବନ୍ତ ବିଶ୍ୱାସ
ଭିଜିବାର ଶେଷ ସୁତ୍ରଧର

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ଇସ୍ତାହାର



ଆଦରମଣି ପ୍ରଧାନ

ସବୁ ଦୁଃଖର ସରହଦ
ପାର ହୋଇ ଗଲା ପରେ
ତୁମେ ଆସ ମୋ ପ୍ରେମର
ସ୍ୱପ୍ନ ଇଲାକାରେ,,,,,

ସବୁ ଲୁହ ତର୍ପଣକୁ
ପଠେଇ ଦେଇ ସମୁଦ୍ରରେ
ତୁମେ ଆସ ସୁଖର ସାତ ସମୁଦ୍ରକୁ
ଭରି ମୋ ଆଞ୍ଜୁଳିରେ,,,,

କେହି କେବେ ନ ଦେଖନ୍ତୁ
ମୋ ଭିଜିଲା ଆଖିକୁ
ତୁମେ ଭରି ଦିଅ ମୋ ଆଖିରେ
ସେଇ ସବୁ ସୁଖ ସ୍ୱପ୍ନକୁ,,,,

ତୁମ ପ୍ରେମରେ ଭିଜୁଥାଉ
ମୋ ପ୍ରତିଟି ମୁହୂର୍ତ୍ତ,,,
ମୋ ଦୁନିଆ ହେଉଥାଉ
ତୁମ ପାଇଁ ସ୍ୱର୍ଗର ପ୍ରତିବିମ୍ବ,,,,

ସେଇ ସବୁ ଦୁଃଖ ହଜିଯାଉ
ଆମ ଭିତରୁ ଅମଳିନ ହୋଇ
ଆସ ଫେରି ଯିବା ଆମେ ଦୁହେଁ
ପ୍ରେମର ପାରିଜାତ ଫୁଟେଇବା ପାଇଁ,,, ।

ସିଙ୍ଗିଟି,ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଥାଅ ମୁଁ ଯାଉଛି ରୁଷି



ସୁବ୍ରତ କୁମାର ପ୍ରଧାନ

ବୁନୁ ଆଉ ଚିନୁ ଦୁଇଟି ଭାଇ
ବୟସ ସାତରୁ ପାଞ୍ଚ ଅଟଇ ।

ବାପା ମାଆଙ୍କର ନୟନ ତାରା
ଜେଜେ ଜେଜେମାଙ୍କ ହୃଦ ପସରା ।

ଜେଜେ ଦିନେ ଡାକି ନାତି ଦୁଇଙ୍କୁ
ପାଖରେ ବସାଇ କହିଲେ ସବୁ ।

କେତୋଟି କଥା ମୁଁ କହୁଛି ହସି
ନମାନିଲେ ଦୁହେଁ ଯିବି ମୁଁ ରୁଷି ।

ମୋବାଇଲ ଧରି ନିଇତି ଦେଖ
ଖାତା ବହି ନାହଁ ପଢ କି ପାଠ ।

ଶେଜ ଛାଡୁନାହିଁ ସକାଳୁ ଜମା
କାଉ ଠାରୁ ଶିଖ ଏସବୁ ସିନା ।

ମୁଖେ କହୁଥିବ ସର୍ବଦା ସତ୍ୟ
ସତ୍ୟବନ୍ତ ଜନେ ପୂଜେ ଜଗତ ।

କାମ କ୍ରୋଧ ମନେ ନରଖ ତିଳେ
ଜଗତ ଜିଣିବ ବିଦ୍ୟାର ବଳେ ।

ଗାନ୍ଧୀ ମହାତ୍ମା କୁ ମନରେ ରଖ
ଅହିଂସା ନୀତିକୁ ହୃଦେ ପରଖ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାତୃଭାଷା ମାତୃଭୂମି ର ଋଣ
ମମତା ରେ ସେବୁଥିବ ଚରଣ ।

ଦୁଃଖୀ ରଙ୍କି ଦୀନ ଦରିଦ୍ର ଜନେ
ପରୋପକାର ଟି ଚିନ୍ତିବ ମନେ ।

ଉତ୍କଳମଣି ଙ୍କ ତ୍ୟାଗ ଆଦର୍ଶ
ଜୀବନରେ କର ପବିତ୍ର ବ୍ରତ ।

ଆମରି ସଂସ୍କୃତି କଳା କୋଣାର୍କ
ମନରେ ଜଗାଅ ପୂର୍ବ ବୀରତ୍ୱ ।

ଟିକି ସିନା, ତୁମେ ନହୁଅ ଭିତ
ତୁମେ ଦୁହେଁ କୁନି ବାଜି ରାଉତ ।

ଦେଶର ଏକତା ଅଖଣ୍ଡ ପାଇଁ
ସଂଗ୍ରାମ କରିବ ନିର୍ଭିକ ହୋଇ ।

ମୋ କଥାକୁ ହେଜ ହୋଇଣ ଖୁସି
ବୋଲ ନମାନିଲେ ମୁଁ ଯାଉଛି ରୁଷି ।

ଗୋପୀବଲ୍ଲଭପୁର , କୋଶଳା
ଅନୁଗୋଳ ,୭୫୯୧୦୩
ମୋ -୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରହିଛି ତୁମ ପଥ ଅନାଇ



ମୋନାଲିସା ସୁବ୍ରତ

ନିଶା ରାଇଜର ଫାଟକକୁ ଖୋଲି
ନିତି ଆସ ତୁମେ ଚନ୍ଦ୍ର ନଗରେ,
ସ୍ୱପ୍ନ ମହଲର ଗବାକ୍ଷକୁ ଡେଇଁ
ଧିରେ ଧିରେ ପଶ ଶୟନ ଘରେ ।

ଅତି ପାଖେ ଥାଅ ଦୂରେ ଲାଗୁଥାଅ
ଦେଖି ପାରେନା କି ଛୁଇଁ ପାରେନା,
ପ୍ରୀତିର ତରଙ୍ଗ ତନୁରେ ଖେଳଇ
ସରମୀ ଓଢ଼ଣୀ ଖସି ଯାଏନା ।

ସତରେ ଦେଖିନି ତୁମ ମୁଖ ବୋଲି
ସ୍ୱପ୍ନରେ ନୟନ କରଇ ଅଳି,
ଦେଖିବ ବୋଲି ସେ ତୁମ ମୁଖ ଚନ୍ଦ୍ର
ତାରାକୁ ପାଖକୁ ଡାକଇ ତୋଳି ।

ଦେଖି ନ ପାରିଲେ ବି ତୁମ ରୂପ ଛବି
ଅନ୍ତରେ ଅନ୍ତରେ କଳ୍ପିତ ହୁଅ,
ସ୍ମିତ ଅଧର ଅତି ସୁଧିର
ତଥାପି ଚପଳ ନିହାତି ଥିବ ।

ଚପଳ ବୋଲି ଦେଖା ବି ଦେଲନି
ସତରେ ନୁହଁ କି ସ୍ୱପ୍ନରେ ନୁହଁ ,
ଦେଖିବି ଭାବିକି ତୁମକୁ ଚାହିଁଲି
ଲାଗିଲା ଚାହୁଁଛ ମୋରି ମୁହଁ ।

ରାତିର ବୟସ ଯେତେ ଯେତେ ବଢ଼େ
ବେସରମି ଲାଜ ଗହଳ ହୁଏ,
ଜହ୍ନର ଜୋଛନା ବେଶି ବେଶି ହେଲେ
ହୃଦୟ ତରଙ୍ଗ ସୀମାକୁ ଡିଏଁ ।

ଜହ୍ନ ଚାଲିଆସେ ଝରକା ପାଖକୁ
ତାରାର ରୋଷଣୀ ନେଇ ସାଥିରେ,
ମଧୁର ମଳୟ ଶୀହରେଇ ଦିଏ
ମଧୁ ମାଳତୀର ମାଦକତାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଖକୁ ମୋହର ଧିରେ ଧିରେ ଆସ

ହେଲେ ବି ଟିକିଏ ଦୂରରେ ଥାଅ,

ନିଃଶ୍ୱାସକୁ ମୋର ଛୁଅଁନି ତଥାପି

ଲାଜର ମଦିରା ଅଜାଡ଼ି ଦିଅ ।

ମୁଁ ତ ସରମୀ ହୁଏ ତୁମ ପାଶେ

ତୁମେ ଲାଜକର କାହାକୁ ଏତେ,

ମତେ କୁହ ତୁମେ କାଲିକି ଆସିବ

ଜଗି ରହିଥିବ ଏଇଠି ମତେ ।

ତୁମେ ଚାଲି ଯାଅ ତୁମରି ଦେଶକୁ

ତୁମ ପକ୍ଷୀରାଜ ସାଥିରେ ନେଇ,

ସ୍ମୃତିର ପସରା ପ୍ରଣୟ ବତୁରା

ପ୍ରୀତି ପାରିଜାତ ଶେଯରେ ଥୋଇ ।

ନିଦ ତୁଟିଗଲେ ରାତିର ସପନ

ସକାଳକୁ ହୁଏ ମଧୁର ସ୍ମୃତି,

ସାଦା କାଗଜର ମରୁଭୂମେ ଫୁଟେ

କବିତା କୁସୁମ ହୋଇ ଜାତି ଜାତି ।

ଗ୍ରାମ: ତଳାପାତି, ପୋ: ଅସନା

ଜିଲ୍ଲା - ମୟୁରଭଞ୍ଜ, ମୋ: ୭୮୯୪୮୦୩୩୧୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ଆଖିରେ



ଟୋନିସ୍
ରୋହିଦାସ

ଜନମ ହୋଇଛି ମଣିଷ ସମାଜେ
ମାଟିର କଣ୍ଢେଇ ହୋଇ...
ଅନୁଭବ ମୋର ପ୍ରକୃତ ବନ୍ଧୁ ସବୁ ବେଳେ ସାଥିରେ ଥାଏ ରହି.... ! !

ଏ ଦୁଇ ଆଖିରେ ଦେଖୁଛ ସବୁ କେତେ ସତ କେତେ ମିଛ...
କେବେ ସେଇ ଲୁହରେ ଭରା କେବେ ହସ ହସ ଫୁଲ ଗଛ... ! !

ହୃଦୟର ସେଇ ନିରୀହ କୋମଳ ଚାହାଣି ଦିଏ ସବୁ କହି....
ଯେତେ ଦୁଃଖ କଷ୍ଟ ଆସୁ ସବୁ ଯେବେ ପାରେ ଏ ଜୀବନ ସହି.... ! !

ଅଳପ ଖୁସି ହୋଇ ଯେବେ ଦୁଃଖ ଭୁଲି ମୁ ଯାଏ...
ଏ ପୃଥିବୀ ର ସବୁ ସୁନ୍ଦରତା ମୋର ପାଖରେ ଆସି ଯାଏ... ! !

କଲମ ଧରି ଯେବେ ଲେଖି ଚାଲେ ମୁ କବିତା...
ଗୋଟି ଗୋଟି କରି ସବୁ ମନେ ପଡ଼ିଯାଏ ସେଇ ମୋର ଅଭୁଲା କଥା.... ! !

ସମୟ ସାଥିରେ ଚାଲି ଯେବେ ଜାଣି ମୁ ଗଲି....
ସତରେ ଆଜି ବାଟ ମୋ ପାଇଁ ହୋଇ ଛି ଖୋଲା ନିଜେ ବୁଝି ଗଲି.... ! !

ଯୁବକବି -ଟୋନିସ ରୋହିଦାସ, ଗାଁ-ପାମରା ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଞ୍ଜନର ରଞ୍ଜନପ୍ରେମ



ଭବାନୀ ଶଙ୍କର୍ ଦାସ

ରଞ୍ଜନପ୍ରେମ  ଗାଥା ପଢିବା ଦେଇ ସଞ୍ଜ ଆଳତି,
ରଞ୍ଜନର ପ୍ରେମ ପ୍ରାରମ୍ଭହୁଏ ନେଇ ଆଳତି ।
ରଞ୍ଜନପ୍ରେମ ପାଇଁ ଏ ସଂସାର ଆତ୍ମୀୟ,
ରଞ୍ଜନର ପ୍ରେମ ପାଠ ଅତି ଗୋପନୀୟ ।
ରଞ୍ଜନପ୍ରେମ ଥାଏ ସଭିଙ୍କ ମନରେ,
ରଞ୍ଜନର ପ୍ରେମ ଏଠି ସ୍ୱପ୍ନର ଜଙ୍ଗଲରେ ।
ରଞ୍ଜନପ୍ରେମ ସଭିଙ୍କୁ କରେ ଉଦ୍ଭବ,
ରଞ୍ଜନର ପ୍ରେମରେ କିନ୍ତୁ ଭାରି ଅନୁଭବ,
ରଞ୍ଜନପ୍ରେମ ପାଇ ସଭିଏଁ ନିର୍ଜୀବ
ରଞ୍ଜନର ପ୍ରେମରେ ପରନ୍ତୁ ନିସ୍ୱାର୍ଥଃ ଭାବ ।
ରଞ୍ଜନପ୍ରେମ ବର୍ଣ୍ଣର୍ନା ହୁଏ ବିରହ ରକ୍ତରେ
ରଞ୍ଜନର ପ୍ରେମ ଲେଖା ହୁଏ ସପ୍ତରଙ୍ଗରେ ।
ରଞ୍ଜନପ୍ରେମ ଆଣଇ ସାଥି ଜୀବନେ ଚିରସ୍ମୃତି
ରଞ୍ଜନର ପ୍ରେମ ରହିବ ଆଜନ୍ମ ଅଭୁଲା ସ୍ମୃତି ।
ରଞ୍ଜନପ୍ରେମ ଗାଥା କରିବା ଅନ୍ତ ନେଇ ଆଳତି,
ରଞ୍ଜନର ପ୍ରେମ ନହୁଏ ଅନ୍ତ ଦେଇ ଆଳତି  ।

ଠିକଣା-ଗୌରାଦେଇପୁର,କୋଦଳା,ଗଞ୍ଜାମ
ଓଡିଶା, ୭୬୧୦୩୨, ଭ୍ରାମ୍ୟଭାଷ : ୯୦୧୯୮୯୬୭୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହାଏରେ ମଣିଷ



ଭାଗିରଥୀ ଯାନୀ

ମୂଲ୍ୟବାନ ସମୟର
କରୁଛୁ ଅପବ୍ୟବହାର
କାହିଁକି ? ? ? କାହିଁକି ? ? ? କାହିଁକି ? ? ?
ମଣିଷ ଜନ୍ମ ବ୍ୟତୀତ
ଆଉ କେଉଁ ଜନ୍ମ ନେଲେ
ପ୍ରକୃତ ଜ୍ଞାନ ଉଦୟ ହେବ ?

ତୁ କ'ଣ ଆଜି ଯାଏଁ
ବୁଝି ପାରୁନୁ ଠିକ୍ ଭୁଲ କର୍ମ,
ସତ୍ୟ-ମିଥ୍ୟାର ଘଟଣା,
ପାପ ପୁଣ୍ୟର ଫଳ,
ନ୍ୟାୟ ଅନ୍ୟାୟର ପ୍ରକୃତ ବିଚାର,
କାହିଁକି ? ? ? କାହିଁକି ? ? ? କାହିଁକି ? ? ?

ବିଶାଳ ଜଗରେ ବୁଦ୍ଧିମାନ,
ଆଉ ଶ୍ରେଷ୍ଠ ଜୀବଟିଏ ହୋଇ
ଉତ୍ତମ ଚିନ୍ତାଧାରା ପରିବର୍ତ୍ତେ
ନୀଚ ବୁଦ୍ଧି ସଂପନ୍ନ,
ପଶୁଠାରୁ ବି ବେଳେବେଳେ
ହୀନ କାର୍ଯ୍ୟକଳାପ ।
ଏତେ ଅବିବେକି !
କାହିଁକି ? ? ? କାହିଁକି ? ? ? କାହିଁକି ? ? ?

ଧିକ୍.... ଧିକ୍.....ଧିକ୍.....
ତୋର ମଣିଷ ପଣିଆ,
ହୃଦୟରେ ଥିବା ମଣିଷତ୍ୱ
କ୍ଷୟ ହେବାରେ ଲାଗିଛି,
ବାୟା-ପାଗଳଙ୍କ ପରି କଥାବାର୍ତ୍ତା
ଏ ସୁନ୍ଦର ସଂସାରରେ
ତୁ ଯଦି ଏମିତି ହେବୁ କ'ଣ ଲାଭ ହେବ ?
ତୋର ଜାତିକୁଳ
ଆଉ ପରବର୍ତ୍ତୀ ପିଢିଙ୍କର ବୁଡି ସବୁକିଛି,
ରହିବନି ସତ୍ତା । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅତୀତରୁ ବର୍ତ୍ତମାନ ଯାଏଁ
ଅସୀମ ଜ୍ଞାନର ଅଧିକାରୀ ହୋଇ
ଅନ୍ଧକାର ଦିଗକୁ ଅଗ୍ରସର ।
କାହିଁକି ? ? ? କାହିଁକି ? ? ? କାହିଁକି ? ? ?

ଚତୁପାର୍ଶ୍ୱେ
ଅନେକ ଆପଣାର ଜନ, ବନ୍ଧୁ, ମିତ୍ର
ତଥା ହଜାରେ ବଇରି ।
ଅଶାନ୍ତି ମନଟାକୁ ଧରି,
ଖୋଜି ପାଇବ ତୁମେ
ଶାନ୍ତିର ଜୀବନ ? ?
ଅମା ଅନ୍ଧକାରେ ଅବା ଅମାବାସ୍ୟା ତିଥିରେ
ଅଦୃଶ୍ୟ ଦ୍ରବ୍ୟକୁ
ପାରିବୁ କି ଦେଖି ? ?

କ୍ଷଣିକ ଜୀବନେ
ଲୋଭ, ମୋହ, ହିଂସା, ଈର୍ଷା, କ୍ରୋଧେ
ସର୍ବଦା ଜଡିତ ।
ତୁ ଭଲ ଭାବରେ ଜାଣୁ
ଯିଏ ଯେତେ ଉପରକୁ ଯାଏ
ସମୟ ଆସିଲେ ସେ
ସେତେ ତଳକୁ ବି ଖସିପାରେ ।
ଏ ସବୁ ଜାଣିବା ସତ୍ତ୍ୱେ,
କିମ୍ପା ଆତ୍ମ ଗର୍ବ କରୁ ଏତେ ! ! !

ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ବି ଅଛି
ଉତଥାନର ପତନ,
ମାନର ଅପମାନ,
କଠିନ ପରିଶ୍ରମର ମୂଲ୍ୟ
ବିଫଳତାର ପରେ
ଉତ୍ତମ କର୍ମର ସଫଳତା ପାଇଁ
ସମୟ ସର୍ବଦା ଅପେକ୍ଷାରତ ।
ତଥାପି ମନ୍ଦ କର୍ମେ ନିଜକୁ କରୁଛୁ ଆଘାତ,
କାହିଁକି ? ? ? କାହିଁକି ? ? ? କାହିଁକି ? ? ?

ସତରେ... ! ! ! ! ! ! !
ହାଏରେ ମଣିଷ....
କେବେ ବି ନିଜକୁ ଭାବନି ଚତୁର
ତୁମ ଠାରୁ ହଜାରେ ଗୁଣରେ
ଅଛନ୍ତି ଅନେକ କର୍ମତତ୍ପର ତଥା କର୍ମବୀର ।
ସମୟ ହିଁ ସଭିଙ୍କୁ ଶିଖାଇ ଥାଏ ଜ୍ଞାନ
ଜୀବନେ ଚଳନ ବର୍ଦ୍ଧନର କଥା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗେ ଏଠି ସବୁକିଛି ନିଜର ନିଜର

ହେଲେ କ୍ଷଣିକ ପରେ

ତାହା ହୋଇଯାଏ ଆଉ କାହାର ! ! ! ! !

ଏବେ ବି ସମୟ ଅଛି ହୁଅ ସଜାଗ

ନିଶ୍ଚୟ ଦିନେ କରିବ ସୁଖ ସ୍ୱାଚ୍ଛନ୍ଦ୍ୟରେ ସ୍ୱର୍ଗ

ଭୋଗ

ନିଜ ଆତ୍ମାର........

ଉନ୍ନତି କର....

ଦିନେ ନା ନିଶ୍ଚେ ଦୁନିଆଁ ଖୋଜିବ,

ପରିଚୟ ତୁମ ପ୍ରକୃତ କର୍ମର । ।

ଦଳପଡା, ଖଜୁରୀପଡା, ଫୁଲବାଣୀ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି



ବିନୟାନନ୍ଦ
ବସ୍ରସ୍ୟ

ଆର୍ଯ୍ୟପ୍ରାଣରେ କାବ୍ୟପ୍ରୀତିର ତୁର୍ଯ୍ୟ ନାଦେ,
ଲେଖନୀଅସୀର ମସୀଗାରେ କେତେ ଶବ୍ଦ ଭେଦେ,
ତୋଳିଦିଏ ମୌର୍ଯ୍ୟ ଉପବନ ଧ୍ୱନି ଶୌର୍ଯ୍ୟ ତାନେ,
ଅନ୍ତର ତଳ ବ୍ୟଥା ବେଦନାର ନୃତ୍ୟ ତାଳେ,
ବିବର୍ଣ୍ଣ ପୃଥିବୀ ଚିର ସଂହରିତ ସ୍ୱପ୍ନ ମେଳେ । ।

କବି ଜୁଝୁଥାଏ କ୍ରାନ୍ତୀ ସନ୍ଧାନେ ଜଗତ ହିତେ,
ଗଭୀର ପ୍ରାଣର ଉପଶମନରେ କ୍ଷତ ବିକ୍ଷତେ,
ମନ୍ଦ୍ର ନିନାଦ ରୁଦ୍ଧ ପ୍ରଶ୍ୱାସେ ଉନିଦ୍ର ରହି,
ଉପଢୌକନ ପ୍ରଶଂସା ପତ୍ର ତା ଲୋଡ଼ା ନାହିଁ । ।

ବିନ୍ୟାସ କରେ ନ୍ୟସିତ ଉନ୍ମାଦ ବିତ୍ରସ୍ତ ମନେ,
ଅସହଜ ଯାହା ବିସ୍ତାରକରେ କ୍ଷୋଭିତ ଜନେ,
କଳ୍ପନାର ତଳେ ରଙ୍ଗୀନ ଯେତେ ଶବ୍ଦ ଘେନି,
ଗହନ ମନର ଗଭୀର ଚିନ୍ତନେ ବହେ ଉଜାଣି । ।

ଜନ୍ମ ଜନ୍ମାନ୍ତର ନାଦବ୍ରହ୍ମ ଖୋଜେ ଆତୁରେ କବି,
ଜଗତର ଶାନ୍ତି ମୈତ୍ରୀ ଭିତିରେ ଲେଖନୀ ଛବି । ।

ମଲ୍ଲୀପୁର, ନିଆଳି,
୯୪୩୯୪୩୩୩୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏତେ ରାଗ ଅଭିମାନ କାହାକୁ



ପ୍ରଶାନ୍ତ ବ୍ରହ୍ମା

ପହିଲି ସକାଳର ପହିଲି କିରଣ ମାରେ ମୋ ଦେହକୁ
ମାରେ ତୋ ଦେହକୁ ।
କରେନାହିଁ ଭେଦ କିରଣ ଭେଦ ତୋର ମୋର ଏତେ ରାଗ ଅଭିମାନ
କାହାକୁ ? । ।

ଆମ ଗାଁ ବାଡି ଶାଗ ଯାଏ ତୁମ ଗାଁକୁ ରଖି ଦିଅ ଆନନ୍ଦେ ତାହାକୁ ।
କରେନାହିଁ ଭେଦ ଶାଗ ଭେଦ
ତୋର ମୋର ଏତେ ରାଗ ଅଭିମାନ କାହାକୁ ? । ।

ଯେବେ ଆମ ବାଡି ତଳେ କୋଇଲିଟି ଗାଏ ଗୀତ ଶୁଭୁଥାଏ ତୁମ ଗାଁକୁ ।
କରେନାହିଁ ଭେଦ କୋଇଲି ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ? । ।

ଯେବେ ଆମ ଗାଁ ନଈର ଧାର ବୋହିଯାଏ ତୁମ ଗାଁ ମୁଣ୍ଡ ପଖୋରୀକୁ ।
କରେନାହିଁ ଭେଦ ନଈ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ? । ।

ଆକାଶର ଚାନ୍ଦ ଆଲୁଅଟା ପଡେ ମୋ ଅଗଣାକୁ ପଡେ ତୋ ଅଗଣାକୁ ।
କରେନାହିଁ ଭେଦ ଚାନ୍ଦ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ? । ।

ନିତି ଆସଇ ମୁଁ ତୁମ ଗାଁ ବାଡି ପଛପଟ ଦେଇ ନିତି ଆସୁ ତୁ ଆମ ଗାଁକୁ ।
କରେନାହିଁ ଭେଦ ଗାଁ ଭେଦ ତୋର ମୋର ଏତେ ରାଗ ଅଭିମାନ କାହାକୁ ? । ।

ପଳାଶପୁର, ଖୋର୍ଦ୍ଧା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ବାହାନାରେ



ଲକ୍ଷ୍ମୀଧର ସିଂ


ପ୍ରେମ ବାହାନାରେ ମୋ ଚଲାବାଟ କଣ୍ଟା କରିଦେଲ
ହୃଦୟ ଦେଇଥିଲି କାହିଁକି ହୀନସ୍ତା କରିଦେଲ
ତମକୁ ଭରସା କରିବାର ଶାସ୍ତି ମୁଁ ପାଇଛି
ଅମୂଲ ପ୍ରେମ ମୋର କାଚ ସତେ ଶସ୍ତା କରିଦେଲ
ହୃଦୟ ଥିବା ମଣିଷକୁ ହୃଦୟ ଦିଆ ଯାଏ
ସ୍ୱାର୍ଥ ସରିଲା ପରେ ମୋ ଜୀବନ କସ୍ତା କରିଦେଲ
ପଥର ଦେବତା ଏଠି ମଣିଷ ବଳି ଚଢୁଛି
ଛଳନା କରି ତ ମତେ ତମ ପରିସ୍ତା କରିଦେଲ
'ଲକ୍ଷ୍ମୀଧର'ସଦା ସମ୍ପର୍କ ଭିତରେ ମୁକ୍ତା ଖୋଜେ
ହୃଦୟହିନା ତମେ ସ୍ୱାର୍ଥ ସାଥେ ରିସ୍ତା କରିଦେଲ

ଅଁଳାପାଳ, ଗରଡିହି, ବାଲେଶ୍ୱର
ଭ୍ରାମ୍ୟଭାଷ : ୭୩୭୦୦୨୭୮୦୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପ୍ରାପ୍ତି



ମୃତ୍ୟୁଞ୍ଜୟ ପାତ୍ର

ତା'ର ମୃତ୍ୟୁରେ
ଏଠି ଭୋଗିବାକୁ ପଡେ
ଅନବରତ ସୂର୍ଯ୍ୟାସ୍ତ
ସକାଳର ମୋହରେ
ଧାଉଁଥିବା ପାଦଗୁଡା
କେମିତି ବା ଜାଣିବେ
ଏଠି ପରିଧାର୍ଯ୍ୟ ନୁହେଁ
ସଞ୍ଚର ପରିସୀମା

ତେଣୁ ମୋତେ ତଉଲିବାକୁ ହବ
ମୋ ଲଗାମଛଡା ବିଶ୍ୱାସର
ପ୍ରତିବଦଳରେ ମିଳିଥିବା
ମିଛ ପ୍ରତିଶୃତିକୁ
ନିରବତାର ପ୍ରତିଦାନରେ

ପ୍ରଜାର ଜିଭ ଏଠି ସମସ୍ୟା
ଜଣେ ଅନ୍ଧରାଣୀ
ଆଉ ବଧିର ରାଜା ର ରାଜ୍ୟରେ

ମନ୍ତ୍ରୀ ଏଠି ମସଗୁଲ୍
ପଦବୀର ନିଶାରେ
ମାଗି ତମାମ ଜିଭର ଆହୂତି
ତାର ସ୍ୱାଧିନତାର ହତ୍ୟାରେ

ପ୍ରତିଶୃତି ସବୁ ଗୋଟେଗୋଟେ
ଏଠି ଇପ୍ସିତ ଅପ୍ରାପ୍ତି
ବଦଳିବା ଧର୍ମ ନାଁ ରେ
ଏଠି ସିନା ପ୍ରତିଥର ବଦଳିଯାଆନ୍ତି
ମାଙ୍କଡ ନଚାଳିମାନେ
ହେଲେ ବଦଳେନି ସେମାନଙ୍କ ରୋଗ
ଅବା ମୋର ବିଶ୍ୱାସ ତାଙ୍କ
ପ୍ରତିଶୃତି ପ୍ରତି

ତେଣୁ ମୁଁ ଭୋକ ମେଣ୍ଟେଇଚାଲେ
ଶାସନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଦବୀର

ଆତ୍ମବଡିମାର

ମୋର ଲହୁଲୁହକୁ ସିଞ୍ଚି

ପାଦରୁ ଚମ ଛଡେଇ

ନିଜ ହାତରେ ନିଜ ବିଶ୍ୱାସର

କବର ସଜେଇ

କେବଳ ଭୋଗିବାକୁ ଗୋଟେ

ନିରୋଳା ସୂର୍ଯ୍ୟୋଦୟ

ସମ୍ଭାବନା ର

ଆଉ ସୁବିଚାର ର

ବାସ୍ ଏତିକି ।

ଠିକଣା - ବାଲେଶ୍ୱର, ବାଲିଆପାଳ

ପିନ୍ - ୭୫୬୦୨୬

ଦୂରଭାଷ - ୯୩୩୭୩୮୮୬୯୬, ୭୫୦୪୦୨୫୬୮୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମର ପ୍ରେମ



ପ୍ରଭାସ କୁମାର ମହାପାତ୍ର

ଦିହ ଭାବ ପାଶେ ନଥାଏ ପ୍ରେମ ଯେ
ସତ୍ୟ ପ୍ରେମ ସୁନ୍ଦର ।
ସତ୍ୟ ପ୍ରେମ ସଦା ଶାଶ୍ୱତ ଅମର
ଯାଉ ପଛେ ଯେତେ ଦୂର ।।

ଦିହ ପ୍ରେମ ସେତ ଦୁଇ ଦିନ ପାଇଁ
ଅମର ହୃଦୟ ପ୍ରେମ ।
ରାଧା କୃଷ୍ଣ ପ୍ରେମ ଆଜିବି ଅମର
ରହିଛି ତାଙ୍କରି ନାମ ।।

ବିଦେହ ପ୍ରେମର ମୃତ୍ୟୁ ନାହିଁ କେବେ
ଅମର ସର୍ବଦା ସେହି ।
ଦୂରେ ଥାଉ ପାଶେ ଅବା ଦୂର ଦେଶେ
ଜୀବିତ ରୁହେତ ସେହି ।।

ପାରେନା ହୃଦୟୁ କେହି କାଢି ତାକୁ
ନ ନିଏ କେହି ଛଡ଼େଇ ।
ହୃଦୟ ମନ୍ଦିରେ ରହି ଥାଏ ସଦା
ସାକ୍ଷାତ ଦେବୀଟେ ହୋଇ ।।

ମୟୁରଭଞ୍ଜ, ଓଡ଼ିଶା
ଭ୍ରାମ୍ୟଭାଷ : ୯୮୬୧୬୦୮୩୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁ ତୁମ ଇଚ୍ଛାରେ



ପୁଷ୍ପାଞ୍ଜଳୀ ପଣ୍ଡା

ସେଦିନ
ବଡ଼ଦାଣ୍ଡରେ ... ! !
ସବୁ ତୁମ ଇଚ୍ଛାରେ । ।
ଯାହା ଯେତେ ଆକୁଳ ପ୍ରାର୍ଥନା
କାକୁତି ମିନତୀ
ହରିଶବ୍ଦ, ଶଙ୍ଖନାଦ,
ଭେରୀ ତୁରୀ
ସବୁ ବୃଥା .. ! !
ସର୍ବାଗ୍ରେ ଭକ୍ତ ମନୋବାଞ୍ଛା ।
ଅପେକ୍ଷା କଲ
ଭକ୍ତ ଶ୍ରେଷ୍ଠଙ୍କୁ
ସାଲବେଗଙ୍କୁ
ରାଜା, ପ୍ରଜା, ପ୍ରତିକ୍ଷିତ ଉତ୍କଣ୍ଠିତ
ଝରିଗଲା କରୁଣା ଅମୃତ
ହେ ଦୀନବନ୍ଧୁ, ହେ ଜଗବନ୍ଧୁ,
ନେଇଗଲ ଭକ୍ତିର ପରୀକ୍ଷା
ଦେଇଦେଲ ମୁକ୍ତି ପଥ
ଅଟକାଇଦେଲ ରଥ
ହରିନେଲ ଯାତନା ବେଦନା
ଢାଳିଦେଲ ଅଜସ୍ର କରୁଣା
ଭକ୍ତ ଆଉ ଭଗବାନ
ମିଳନର କଥା
ସୁମଧୁର ଲୀଳାକଥା
ଏଯାଏ ଗାଉଛି
ତୁମ କୃପା ବିନା ନାହିଁ
ଆଉ ଆନ ଗତି
ତୁମ ବିନା ମିଳେନା ମୁକତି । ।
ରଥ ପରେ ବସି ଆସ
ହେ କଳାବାମନ
ଦୁନିଆ କରୁଛି ତବ ଜୟ ଜୟ ଗାନ
ଦୀନ ବାନ୍ଧବ ହେ
ବନ୍ଧା ମୁଁ ପଡିଛି
ତଥାପି ରଥ ଦଉଡ଼ି ଟାଣିବାର ଇଚ୍ଛା
ତୁମ ଆଗେ ପ୍ରକାଶ କରୁଛି । ।

କେନ୍ଦ୍ରାପଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା



ଦେବଦତ୍ତ ପଣ୍ଡା

ସରଗରୁ ବଡ଼ ହୃଦୟ ଯାହାର
ଯେ ପୁରା କରଇ ସବୁ ଇଛା ମୋର ।
ବାପା ସେ ଆମ ବାପା....(୨)

ନିଜେ ଚିରା ପିନ୍ଧି ନୂଆ ସେ ପିନ୍ଧାଏ
ନିଜେ ଭୋକେ ଥାଇ ଆମକୁ ଖୁଆଏ ।
ବାପା ସେ ଆମ ବାପା.....(୨)

କେତେ ଦୁଃଖ କଷ୍ଟ ସହିରେ
ସେ ନିଜେ
ହସ ଯେ ଫୁଟାନ୍ତି ଆମରି ମୁହଁରେ ।
ବାପା ସେ ଆମ ବାପା.....(୨)

ଆମ ସୁଖ ପାଇଁ ବାପା ଯେ ଆମର
ଭୁଲି ଯାଇଥାନ୍ତି ନିଜର ଆହାର ।
ବାପା ସେ ଆମ ବାପା....(୨)

ଆମରି ଜୀବନ ଗଢି ତୋଳି ବାକୁ
ଭୁଲି ଯାଇଥାନ୍ତି ତାଙ୍କରି ସୁଖ କୁ ।
ବାପା ସେ ଆମ ବାପା...(୨)

ଜୀବନ ରେ ସଦା ଆଦର କରିବା
ତାଙ୍କରି ତ୍ୟାଗକୁ କେବେ ନ ଭୁଲିବା
ବାପା ସେ ଆମ ବାପା....

ବୃଦ୍ଧ ବୟସରେ ତାଙ୍କରି ସେବାରେ
ଲାଗି କିଛି ଋଣ ସୁଝିବା ଆମେରେ ।
ବାପା ସେ ଆମ ବାପା......

ସିନ୍ଦୁର ପୁର, ବିନିକା, ସୁବର୍ଣ୍ଣ ପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇତି, ତୁମ ପ୍ରେମ ପାଗଳିନୀ



କିରଣ କୁମାର ମହାନ୍ତି

ହାତରେ ଅର୍ଘ୍ୟଥାଳି ମଥାରେ ନାଳି ଓଢଣୀ
ଆଉ ଆଖିରେ ଦି ବୁନ୍ଦା ଲୁହ ନେଇ
ମୁଁ ସ୍ତମ୍ଭ ପ୍ରାୟ ତୁମ ସିଂହଦ୍ୱାର ସମ୍ମୁଖେ ॥

ଭାରି ଇଚ୍ଛା ତୁମକୁ ପାଖରୁ ଟିକେ ଦେଖିବାକୁ
ତୁମର ସେ ଢିମା ଢିମା ଆଖି ଯୋଡିକରେ ଆଖି ମିଶାଇ
ଭାବନା ରାଇଜରେ ହଜିଯିବାକୁ
ଆଉ ସେ ରକ୍ତିମ ଓଠରୁ ରଙ୍ଗ ଟିକେ ଆଣି
ମଥାରେ ସିନ୍ଦୂର କରି ନାଇବାକୁ ॥

ଇଚ୍ଛାହୁଏ
ନାଟମଣ୍ଡପରେ ବସି ତୁମକୁ ଝୁରିବାକୁ
ଆନନ୍ଦବଜାର ରେ ତୁମ ହାତରୁ ଖାଇବାକୁ ଅବଢା
ଆଉ ଶବରୀ ପରି ତୁମକୁ ଖୁଆଇଦେବାକୁ
ଚାତକ ପରି ଚାହିଁରହିବାକୁ ତୁମ କଳାଶ୍ରୀମୁଖକୁ ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପେନ୍ଥା ପେନ୍ଥା ଶ୍ୱେତକମଳ ହୋଇ

ଅଜାଡି ହୋଇଯିବାକୁ ତୁମ ପଦପଙ୍କଜ ଦ୍ୱୟରେ

ଆଉ ତୁମ ନାମର ଜପମାଳା କରି ଜପିବାକୁ ଅହରହ ॥

ମୋ ହୃଦୟର ଚକମକ୍ ପର୍ଦ୍ଦାରେ

ତୁମେ ଯେ ଝଟକୁଥାଅ ପ୍ରତିକ୍ଷଣ

ତୁମ ମଧୁଝରା ପ୍ରେମରେ ମୁଁ ତିନ୍ତୁଥାଏ ଅବିରତ ॥

ମହାଫୁଲରସିଆର ସନ୍ଧାନେ ମାମୁଲି ପ୍ରଜାପତି

ପରି ପ୍ରେମସିକ୍ତ ଡେଣା ଧରି

ଉଡିବୁଲେ ମୁଁ ଏଣେତେଣେ ମେଘନାଦ ପାଚେରୀ ଚାରିପଟେ

କାନରେ ଫୁସଫୁସ୍ କରି ଶୁଭେ କିଛି ଅସ୍ପଷ୍ଟ ଶବ୍ଦ

ସତେ ଅବା ତୁମେ ଦେଉଛ ମୃଦୁ ପ୍ରତ୍ୟୁତ୍ତର !!

ନିଶାର୍ଦ୍ଧରେ ତୁମକୁ ସ୍ୱପ୍ନ ରେ ଦେଖି ଚମକି ଉଠେ

କପାଳରୁ ଝରି ଯାଏ ବୁନ୍ଦା ବୁନ୍ଦା ଝାଳ

ଶେଯରେ ଅନୁଭବେ ତୁଳସୀ ଓ ଦୟଣାର ମହମହ ବାସ୍ନା

ମୋ ଗୋରା ଦେହେ ତୁମ ଶ୍ୟାମଳ ରଙ୍ଗର ପରଶ

କି ଅବା ବର୍ଣ୍ଣିହୁଏ !!!

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମେଜ ଉପରେ ତୁମ ପ୍ରତିଛବି ଦେଖି ମୁରୁକି ହସେ

ମନ୍ଦିର ରେ ସିନା ନାହିଁ ତୁମକୁ ଦେଖିବାର ଅଧିକାର

କିନ୍ତୁ ସ୍ୱପ୍ନରେ ବାରମ୍ବାର ତୁମ ଦିବ୍ୟସ୍ପର୍ଶ ରେ ଶିହରିଯାଏ

ତନ ମନ ପ୍ରାଣ ଆଉ ଏ ତୃଷିତ ଆତ୍ମା ॥

କି ସମ୍ମୋହନ ମାୟା ଜାଣ ଅବା ତୁମେ ?

ସାତ ଦରିଆ ପାରିରୁ ଟାଣି ଆଣ ମୋତେ

ତୁମ ପାଖକୁ ବାରବାର ।

ଏ ରସିକ ଆଖି ଯୋଡିକରେ

କି କାଉଁରୀ ମନ୍ତ୍ର ଅଛି କେଜାଣି

ପ୍ରତିଥର ତୁମ ପ୍ରେମରେ ପଡେ , ସମସ୍ତଙ୍କ ମଧ୍ୟେ ତୁମକୁ ଦେଖେ

ଯେଉଁଠି ବି ଖୋଜେ, ଖାଲି ତୁମକୁ ହିଁ ପାଏ ॥

ତୁମକୁ ଭବ୍ୟ ସୁନ୍ଦର ପ୍ରେମିକ ଭାବି

ମୁଁ କାଳକାଳ ଅପେକ୍ଷାରତ ପ୍ରେମିକା ସାଜେ

ସେ ଅନିନ୍ଦ୍ୟସୁନ୍ଦର ରୂପ ସଂଦର୍ଶନରେ

ଅହରହ ଆତ୍ମବିସ୍ମୃତ ହୁଏ ।

ମୋ କୋମଳ ହୃଦୟ ,ପ୍ରେମ ଓ ଭକ୍ତିର

ଏକ ଅପୂର୍ବ ରସରେ ଉଛୁଳି ଉଠେ ॥

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେବଳ ତୁମରି ପାଇଁ ବିରହିନୀ ସାଜି

ରାତି ରାତି ଉଜାଗର ରହେ ।

କେବେ ରାଧା କେବେ ମୀରା

ତ ପୁଣି କେବେ ଦେବଦାସୀ ସାଜି

ଗୀତଗୋବିନ୍ଦର ତାଳେ ତାଳେ ଇଚ୍ଛା ହୁଏ ନାଚିବାକୁ ॥

ହେଲେ ତୁମ ଅରୁଣ ସ୍ତମ୍ଭ ସମ୍ମୁଖେ ବୋର୍ଡ ରେ ଲେଖାଥିବା

ବଡବଡ ଅକ୍ଷର ମୁଁ ଆଉ ତୁମ ମଧ୍ୟରେ ଲକ୍ଷ୍ମଣରେଖା ଟାଣେ ।

ଦେହ କୁ ଦେହ ଠୁ ଦୂରେଇରଖେ

ହେଲେ ଆତ୍ମା ???

ମୋ ଆତ୍ମାରେ ,ମୋ ହୃଦୟରେ ତୁମେ ଯେ ପ୍ରବେଶ କର ଅବିରତ

ଆଉ ତୁମ ଗର୍ଭଗୃହେ ଝିଲମିଲ୍ ଡେଣା ମେଲାଇ

ଉଡେ ମୋ ପ୍ରେମପକ୍ଷୀ

ତୁମ ଶ୍ରୀଅଙ୍ଗ କୁ ଛୁଇଁଦେଇଯାଏ ବାରବାର ॥

ହେ ପରମପ୍ରେମ

ମନ୍ଦିର ବାହାରୁ ତୁମକୁ ମୋ ଭାବର ଚିଠି

ମୋ ପାଇଁ ସିନା ମନା ତୁମ ସିଂହଦ୍ୱାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଏ ହୃଦୟ ଦୁଆର ତୁମ ପାଇଁ ଉନ୍ମୁକ୍ତ ଚିରକାଳ ॥

ତୁମେ ହୋଇଯାଅ ମୋ ଆଖିର କଜଳଗାର
ଆଉ ମଥାର ସିନ୍ଦୂର
ଯେମିତି ପ୍ରତିଦିନ ଆଇନାରେ ଚାହିଁରହିବି ତୁମକୁ
ଅପଲକ ନୟନରେ ଲାଜୁଆ ଚାହାଣିରେ ।
ତୁମେ ହୋଇଯାଅ ମୋ ମଥାମଣି
ଷୋଳଶୃଙ୍ଗାରରେ ତୁମକୁ ନାଇ ହେବି ସଜେଇ ॥

ପୁଣି ହୋଇଯାଅ ମୋ ପ୍ରଶ୍ୱାସର ବାୟୁ
ତୁମେ ପାଖରେ ଥିଲେ ଜୀଇଁବି
ଆଉ ବିନା ତୁମରି, ତରିଯିବି ଏ ସଂସାରୁ
ମଉଳିଯିବି ତୁମ ଅଙ୍ଗର ଛଡାଫୁଲ ହୋଇ
ଲିଭିଯିବି ଅର୍ଦ୍ଧଦଗ୍ଧ ସଳିତାଟିଏ ପରି
ପାଇଯିବି ନିର୍ବାଣ
ଭଜିବି ମୋକ୍ଷର ଗାୟତ୍ରୀ
ସମର୍ପିବି ନିଜକୁ ତବ ଶ୍ରୀପୟରେ ॥

ଓ.ପ୍ର.ସେ-୧ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଗଜପତି
ମୋ:- ୮୧୪୪୪୧୦୫୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗ୍ରୀଷ୍ମ



ଦେବାର୍ଚ୍ଚନ
ମେହେର

ବସନ୍ତର ପରେ ପରେ
ଧରା ପୃଷ୍ଠରେ ଗ୍ରୀଷ୍ମ କରଇ ପ୍ରବେଶ,
ସୂର୍ଯ୍ୟଙ୍କ ତେଜ ସହି ନପାରି ଲୋକେ
ଘରେ ଆଉ ଗଛ ମୂଳେ କରନ୍ତି ବସ । ।

ପ୍ରଚଣ୍ଡ ଉତ୍ତାପେ
ନଈ, ନାଳ, ପୋଖରୀ ଜଳକୁ ଶୁଖାଇଦିଏ,
ଗ୍ରୀଷ୍ମର ତାପ ପ୍ରଭାବେ
ଗଛ, ପତ୍ର, ଘାସ ସୁଦ୍ଧା ଶୁଖି ଯାଏ । ।

ଉତ୍ତପ୍ତ ଜଳରେ ଜଳଚର ପ୍ରାଣୀ
ସବୁ ହୋଇଥାନ୍ତି ଛଟପଟ,
ସ୍ଥଳଚର ପଶୁପକ୍ଷୀ ସବୁ ତାତି ଯୋଗୁଁ
ପାଆନ୍ତି କେତେ ଯେ କଷ୍ଟ । ।

ଅସହ୍ୟ ତାତିରେ
ମଣିଷ ହୁଅଇ ଡ଼ହକ ବିକଳ,
ଶରୀରକୁ ଶୀତଳ ପବନ
ଖୋଜୁଥାଏ କେବଳ । ।

ଅଂଶୁଘାତ ପାଇଁ
ସ୍ଥାନେ ସ୍ଥାନେ ଜଳଛତ୍ର ଖୋଲିଥାଏ,
ଚଲାପଥେ ବାଟୋଇ
ନିଜ ତୃଷ୍ଣା ମେଣ୍ଟାଇ ଯାଏ । ।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର କାନଭାସରେ ବାଘ



ନୀଳମଣି ଚାନ୍ଦ

ତୁମରି ଚମଡ଼ା ସାଉଁଟୁଥିବା ଶିକାରୀ
ତୁମଠୁଁ ବି ଭୟଙ୍କର,
ଗୋଳାବାରୁଦର ସ୍ତୂପ ପରି,
ଡିନାମାଇଟର ଶବ୍ଦ ପରି
ଆଗ୍ନେୟଗିରିର ଲାଭା ପରି
ମହାବାତ୍ୟା ଓ ଫଣି ପରି
ସର୍ବମୋଟ ଗୋଟେ ଶତ୍ରୁ ପରି ।

ପଦା ହୋଇଯାଉଥିବା ବଣରୁ
କା ଭାଁ ଶୁଭୁଚି ତୁମ ହେଣ୍ଟାଳ
ଗଜ ପରି ତୁମର ବି ଭୟ,
ଖୁବ୍ ଦୁଃଖ ଓ ମନସ୍ତାପ ।

ନିର୍ଭୟରେ ବୁଲ
ଗଛ ଚଢ଼, ଝରଣା ପାଣି ପିଅ
ସେଇଠି ଥାଅ
ସବୁ ହରିଣ ଶେଷ ନ ହେବା ଯାଏଁ
ମାମୁଁ ଡାକ ଥିବା ଯାଏଁ
ଜାତୀୟ ପଶୁର  ପଦ ଅନ୍ୟକୁ
ହସ୍ତାନ୍ତର ନ ହେବା ଯାଏଁ ।

ତୁମଠୁଁ ହିଂସ୍ର, ରକ୍ତମୁଖା ଆମେ
ମାମୁ ବଂଚାଅର ମିଛ ନାରା ଦେଉ
ସଭା କରୁ, ସ୍ଲୋଗାନ ଦେଉ
ପ୍ରକଳ୍ପ କରୁ, ପରୀକ୍ଷା କରୁ
ତୁମକୁ ବଣରୁ ଚିଡ଼ିଆଖାନକୁ ସ୍ଥାନାନ୍ତର କରୁ
ସମୟ ଓ ସମ୍ପର୍କ ବଦଳୁଥାଏ
ଶୀତ ପରି, ସମୟ ପରି
ଏବେ ତୁମେ ସ୍ଥିର ହୋଇଯାଅ
ବ୍ୟାଘ୍ର ଦେବୀଙ୍କ ବାହନ ପରି ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯.ମୋ:୯୫୮୩୨୦୨୩୫୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଅଭିଶାପ



ଆଶୁତୋଷ
ମେହେର

ରକ୍ତିମ ସୂର୍ଯ୍ୟର ପହିଲି କିରଣେ ଖିଲିଖିଲି ହସେ ଧରା
ସୁନାର ପାଉଟ ଢେଉ ଭାଙ୍ଗିବୁଲେ ଉପରଠୁଁ ତଳ ସାରା ।
ଲାଗେ ମତେ ସତେ ପ୍ରିୟା ତ ହସୁଛି ମୁହଁ ରେ ଝଟକ ଭରା
ପ୍ରିୟା ମୋର ପ୍ରିୟ, ବାହୁ ବନ୍ଧନରେ ପଡି ଯାଇଛି କି ଧରା ? ?

ସୁନା ରଙ୍ଗ ଲେପି ଫିଟି ପଡୁଥାଏ ମାଧୁରୀ ମୁହଁରେ ଧାର
ସତରେ ଭରିଛି ହୃଦୟ ତଳେ କି ପ୍ରେମର ଗଭୀର ଭାର ?
ଫୁଲ ରଙ୍ଗେ ବାଇ ପ୍ରଜାପତି ମନ ମହମହ ବାସ ରାସ
ତଥାପି ଥାଏ ଯେ ଝରା ଶେଫାଳି ର ମନରେ ଅନେକ ଆଶ । ।

ବଦଳେ ସମୟ ସୁନାର ଚମକ ଆଉଟେ ଅନଳ ରୂପେ
କଅଁଳ କିରଣ ବେଶ ପାଲଟାଏ ବଢିଲା ଖରାର ଧାପେ ।
ଜଳିଯାଏ ମନ ଆତୁର ପ୍ରିୟାର ବିରହରେ ଲୁହ ଝାରେ
କାହିଁକି ମନରେ ଶୋଚନା କରେନି ଆଉ ମୁହେଁ ମୋତେ ବାରେ । ।

ପ୍ରେମ ସିଏ ପରା ସୁନାର ଦହନ ଜଳିବା ଜାଳିବା ଗପ
ସୂରୁଯ ସାକ୍ଷୀ ସେ ଅମର କାହାଣୀ ଲାଗେ ସତେ ଅଭିଶାପ । ।

୫୪, ଆର୍ଯ୍ୟପଲ୍ଲୀ, କିଟ ଛକ ପଟିଆ
ଭୁବନେଶ୍ୱର, ୭୫୧୦୨୪,
ଭ୍ରାମ୍ୟଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋର ଗଣ୍ଠିଧନ କାଳିଆ ସୁନା



ଦିବାକର ନାୟକ

ମୋର ଗଣ୍ଠିଧନ କାଳିଆ ସୁନା
ମିଟିମିଟି କରି ଅନେଇ ବସିଛି
ଉଡ଼େଇ ନାଲିଆ ବାନା । ।୦ । ।

ବସିଛି ଯେମିତି କିଛି ସେ ନ ଜାଣେ
ଦୁନିଆକୁ ହେଲେ ଚଳାଏ ସେ ଜଣେ ।
କାହାକୁ କନ୍ଦାଇ କାହାକୁ ହସାଏ
କାହାକୁ ରଖି ସେ କାହାକୁ ଭସାଏ ।

କେତେ ଲୀଳା ଖେଳା ଲଗାଇ ପୁଣି ସେ
ଲୁଚେଇ ହସୁଛି ଅନା..
ମୋର ଗଣ୍ଠିଧନ କାଳିଆ ସୁନା । ।୧ । ।

ସବୁଠାରେ ଥାଏ କେଉଁଠି ନା ଥାଏ
ଲୁଚକାଳି ଖେଳ ନିତି ଖେଳୁଥାଏ ।
ପ୍ରେମରେ ବନ୍ଧା ସେ ଭାବ ବିନୋଦିଆ
ଆକୁଳେ ଡାକିଲେ ପାଶେ ହୁଏ ଠିଆ ।

ହେଲେ ତା କରୁଣା ପାପ-ମହାମେରୁ
ନିମିଷେ ହୁଅଇ ଚୂନା..
ମୋର ଗଣ୍ଠିଧନ କାଳିଆ ସୁନା । ।୨ । ।

ପାଟପୁର, କନିସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୭ ୧୯୯୮୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପକ୍ଷୀ



ସୁନନ୍ଦା ମହାନ୍ତି

ପକ୍ଷୀ ତୁ ହଳଦୀ ବସନ୍ତ
ଯେଉଁ ଋତୁ ଶୀତ କି ହେମନ୍ତ
ତତେ ଦେଖିଦେଲେ ଲାଗେ
ସବୁ ଅଛି ଅଛିର ସମାଦ୍ରୁତ
ଲାଗେ ବହୁତ ଆଶ୍ୱସ୍ତ
ଭାବନାରେ ନଥାଏ ଆଦିଅନ୍ତ
ପ୍ରାଣପକ୍ଷୀ ସତେ ଏତେ ଆଦୃତ
ତୋ ଭିତରେ ସମାହିତ
ଆଶା ଆଶଙ୍କା ଓ ଭବିଷ୍ୟତ
ତୋ ରଙ୍ଗରେ ରଙ୍ଗାୟିତ
ମନପକ୍ଷୀ ଉଡୁ ଥାଏ ଦୂର ଦିଗନ୍ତ
ତୋ ଠାରେ କି ଜଗନ୍ନାଥ
କୃପା ରେଣୁ ଦେଇ ବହୁତ
କରୁଛନ୍ତି  ସର୍ବେ ବଶୀଭୂତ
ନହେଲେ କିପାଇଁ ତତେ ଦେଖିଲେ
ଲାଗେ ଭରା କଳସୀରେ ଅମୃତ
ତୋ ଠାରେ ଭକ୍ତି ଭାବନା ସମ୍ପୃକ୍ତ
କି ବର୍ଷା ବୈଶାଖ ଶୀତ ବସନ୍ତ
ପକ୍ଷୀରେ ତୁ ହୁଅ ଯେତେ ନିର୍ଲିପ୍ତ
ମତେ ଲାଗେ ସତେ ଯୋଗ ପବିତ୍ର
ନିଷ୍କପଟ ନିରାଶକ୍ତ ତୁ ଅନାଦି ଅନନ୍ତ
ବଶୀଭୂତ ଜଗନ୍ନାଥ ତୋମଧ୍ୟେ କରାୟତ
ଉଡିଯାନା ମନପକ୍ଷୀ ଘୋଷୁଥା ଭାଗବତ
ମୋ ଦେଶ ମୋ ରାଜ୍ୟ କହେ ସଦା ସତ
ବେଦ,ଉପନିଷଦ ଦୁଇଡେଣା ଦିଶେ ସ୍ୱତନ୍ତ୍ର
ତୁ ଦିଶୁ ଜଗନ୍ନାଥ ମହିମାମୟ ଶୋଭାବନ୍ତ

ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୭୨୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଣ କରିବି ମୁଁ



କମଳ ଲୋଚନ
ମଲ୍ଲିକ

ମନର କଥାକୁ
ମନରେ ଚାପି ମୁଁ
ମନକୁ ଦିଏ ଯେ ମାରି
ହୃଦୟର କୋହ
ହୃଦୟକୁ ଜଣା
ହୃଦୟ ବି ଯାଏ ହାରି..

ଜୀବନ ଜଳୁଛି
ଜୀବନ ଷଢୁଛି
ଜୀବନ ନାହିଁ ମୋ ଜୀବନେ
ଆଶା ଯେତେ ଥିଲା
ଆଶାରେ ରହିଲା
ଆଶାବି ଗଲା ଓହରି..

ଭାବନା ସହରେ
ଭାବୁକ ସାଜିଲି ମୁଁ
ଭାବନା ମୋ ଭାସିଗଲା
ସପନ ଦେଖିବା
ସପନରେ ରହିଲା
ସପନ ବି ସରିଗଲା..

ତାଳପଦା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ପାଇଁ ପ୍ରେମର ରତନ



ତାରାପ୍ରସାଦ
ଜେନା

ତୁମେ ଥିଲ ପରା ସକାଳରୁ ରାତି ମୋ ପାଇଁ ପ୍ରେମର ଚେତନ
ମନ ପ୍ରତି କୋଣେ ଉଠିଥିଲ ମାତି
ମୋ ପାଇଁ ପ୍ରେମର ରତନ ! ୦ !

ଭଲ ସାଇତିଛି ଏଇ ହୃଦୟରେ ତୁମେ ତ ପ୍ରେମର କେତନ
ନବ ଯଉବନୀ ଯମକର ଯତି
ମୋ ପାଇଁ ପ୍ରେମର ରତନ ! ୧ !

ଲୁହ ଅଭିସାର ଉଜାଗର ତୁମେ ଭାବିନ କେବେ ତ ପତନ
ଦୂର ଖିଆଲକୁ ସହଜର ସ୍ମୃତି
ମୋ ପାଇଁ ପ୍ରେମର ରତନ ! ୨ !

ପ୍ରେମ ଦୁନିଆରେ ଭଲ କାମ କରି ତୁମାରେ ନେଇଚ ବେତନ
ତୁମ ଛଡ଼ା ନାହିଁ ଜୀବନର ନୀତି
ମୋ ପାଇଁ ପ୍ରେମର ରତନ ! ୩ !

'ତାରା' ବଞ୍ଚିବାର ସତ ଅଭିଯାନ ତୁମେ ତ ଅଭ୍ୟାସ ଯତନ
ଭାଗ୍ୟ ଅଧିକାର ଜନ୍ମ ଜନ୍ମାନ୍ତର
ମୋ ପାଇଁ ପ୍ରେମର ରତନ ! ୪ !

ରାଜ ରଣପୁର, ନୟାଗଡ଼, ୭୫୨୦୨୬, ଓଡ଼ିଶା, ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କହିବକି ତୁମେ !



ସୋନାଲି
ଗଡ଼ନାୟକ

କହିବକି ତୁମେ !
ଜୀବନର ପୂର୍ଣ୍ଣାଙ୍ଗ ବୟସେ
ସାଜିବକି ସାଥି
ଥିଲା ଯାଏଁ ଶେଷ ନିଶ୍ୱାସ

ଅଭୁଲା ଅତୀତରେ
ବିତି ସାରିଛି ବହୁ ସମୟ
ଭୁଲି ମୁଁ ସାରିଛି କେବେ
ବସିଥିଲେ ଆମେ ଏକାନ୍ତରେ

ଧରିଥିଲି ଦିନେ ତୁମ ହାତ
ଅବୁଝା ବୟସରେ ତୋର
ଜୀବନକୁ ଜାଣିବା ଆଗରୁ
ଗଢି ମୁଁ ସାରିଥିଲି ସଂସାର

କହିବକି ତୁମେ.... !
ନିଜେ ଥରେ ଭାବି ଦେଖିଛ
କଲମ ଧରିଥିବା ହାତରେ
ପରଷିଛି ମୁଁ କେତେ ଯେ ସ୍ୱାଦ
ତୁମ ପାଇଁ ସବୁ ସ୍ୱପ୍ନ କରିଛି ତୁଛ

କହିପାରିବ ତୁମେ ଛୁଇଁ ମୋ ଦେହ
ତରଳିଛି କେବେ ତମ ହୃଦୟ
ଶୁଣି ମୋ ବେଦନାର ସ୍ୱର
ଚାପି ରଖିଛି କେତେ ଯେ କୋହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିବକି ତୁମେ

ତୁମର ସର୍ବସ୍ୱ ସମୟର ଦାନ

ଗୋଟି ଗୋଟି କରି ଅନ୍ୟକୁ

ଦେଇଛ ବାଣ୍ଟି

ତାହା କେବଳ ନଥାଏ ମୋ ଭାଗ୍ୟରେ

କହିବକି ସତ !

ପଚାରିଛ କେବେ ପୁରିଛି ମୋ ପେଟ

ନିଜ ଛାତିରେ ହାତ ରଖି

ପଚାର କେବେ ଓଗାଳିଛ ତୁମ ବାଟ

କହିବକି ତୁମେ !

ମନକୁ ଯଦି ଥରେ ପଚାରନ୍ତ

ତେବେ ନିଶ୍ଚୟ ଜାଣନ୍ତ

ଜୀବନର ସବୁ ସମୟରେ

ମୁଁ ଛାଡି ନାହିଁ ତୁମ ହାତ

ଜୀବନର ଶେଷ ପାହାଚରେ

ଆଜି ଆମେ ସ୍ଥାପିତ

ସବୁପରେ ଆଜିବି ମାଗେ

ତୁମ ସମୟର ଅଧିକାର

ଆଖି ମୁଜିବା ଆଗରୁ

ପାଖରେ ଥରେ ବସିଯାଅ

ବର୍ଷ ବର୍ଷର ବେଦନାକୁ

ତୁମ କାନ୍ଧରେ ବହିଯିବାକୁ ଦିଅ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲ ଲାଗେ



ନିରଞ୍ଜନ ସାହୁ

ଭଲଲାଗେ ଜହ୍ନ ରାତି
ନଈ କୂଳ ଗାଆଁ
ଭଲଲାଗେ ଚାଷ କ୍ଷେତ
ମୋ ଦେଶର ନାଆଁ ।
ଭଲଲାଗେ ସାଙ୍ଗମେଳ
ବଣ ଭୋଜି ମଜା
ଭଲଲାଗେ ନୂଆ ପ୍ରେମ
ଉଠେ ନିଶ ଗଜା ।
ଭଲଲାଗେ ଗାଆଁ ଯାତରା
ପୁନେଇଁ ପରବ
ଭଲଲାଗେ ଖେଳେ ଜିତି
ଆଣିଲେ ଗରବ ।
ଭଲଲାଗେ ଖରାଛୁଟି
ପୋଖରୀ ଗାଧୁଆ
ଭଲଲାଗେ ଆଈ ଗପ
ମିଛୁଆ ରାଧୁଆ ।

ଭଲ ଲାଗେ ସଞ୍ଜବେଳ
ଭାଗବତ ପାଠ
ଭଲଲାଗେ ଖଟି ଠାରେ
ଶିଖୁଥିବା ଶାଠ ।
ଭଲଲାଗେ ବୁଲାବୁଲି
ତୀର୍ଥସ୍ଥାନ ଯେତେ
ଭଲଲାଗେ ଦୟା , ଧର୍ମ
ଉପକାର କେତେ ।
ଭଲଲାଗେ ସଙ୍ଗୀତର
ମୂର୍ଚ୍ଛନା କାନକୁ
ଭଲଲାଗେ କୋକିଳର
ପଞ୍ଚମ ତାନକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭଲଲାଗେ ଚଇତାଳି
ସୁନ୍ଦର ପ୍ରକୃତି
ଭଲଲାଗେ ବିଭୁଙ୍କର
ଭବ୍ୟ ପ୍ରତିକୃତି ।
ଭଲଲାଗେ ବାପାଙ୍କର
ମଧୁର ଶାସନ
ଭଲଲାଗେ ସାଧୁଙ୍କର
ବ୍ୟାଘ୍ରର ଆସନ ।
ଭଲଲାଗେ ଏଇମିତି
ଅନେକ ରହିଛି
ଭଲଲାଗେ ଯାହାକିଛି
ଅଳପ କହିଛି ।
ଭଲଲାଗେ ସବୁଠାରୁ
ଜୀବନରେ ଯିଏ
ଭଲଲାଗେ ମୋତେ ସିନା
ପଚାରେନା ସିଏ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ — ୭୫୯୦୧୬
ମୋ :— ୯୯୩୮୭୪୯୪୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ୍ ସଂପର୍କ



ବିଶ୍ୱନାଥ ଭୁଏ

ଘାଏ ଘାଏ ପାଦେ ଆଗ୍'କେ ଯିବାର୍'କେ

ଅଉ ଘାଏ ଘାଏ ପାଦେ ପଛ୍'କେ,

ବାହାରିଆ ମୁହେଁ ହଁସିକରି ଭି

ଲୁକେଇ ହେସି ଦୁଖ୍ ଦରଦ୍ କେ,

ସମିଆଁ ଜାନି ବତ୍'ରେ ବତ୍'ରେ

ପଡ୍'ସି ସଥେ ବାଟେ ବାଟେ ଚାଲ୍'ବାର୍ କେ,

ମନ୍ ଭି ହଁସି ହଁସି ଚାହୁଁଥିସି

ଭଲ୍ କାମେ ମର୍'ବାର୍ କେ,

ଇ ସବୁ ପଡ୍'ସି କର୍'ବାର୍ କେ

ବରଷ୍ ବରଷ୍ ମେହନତ୍ କରି କରି

ମିଲିଥିବା ବିଶ୍ୱାସ୍ ସଂପର୍କ ବଁଚାବାର୍ କେ... !

କେଶାଇପାଲି, ଭଟଲି

ଜିଲ୍ଲା - ବରଗଡ଼, ମୋ - ୯୭୬୮୮୭୮୫୮୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଙ୍ଗଲ୍ ସୂତା



ସତ୍ୟନାରାୟଣ ମିଶ୍ର

କାଁଏ ହିସାବେ ପଣ୍ଡିତ୍ ବୁଢା ବିହା ଜାତକ୍ ସୁଝାଲା ଯେ କିଏ ଜାନେ ! କେତେ ଉଲେ ଦୁଲେ ବେଦୀ ନେ ବସି କରି ମକୁଟ ପାଗଡ଼ି ବାନ୍ଧି କରି ବିହା ସିନେ ହେଲେ ମଧୁ ଆରୁ ମାଲତି, ହେଲେ ଇ ଦୁହିଁଙ୍କର୍ ମନ୍ ତ ମୁଟେ ନି ମିଶୁ ଥାଇ । କଥା କଥା ଥି ଖାଲି ଝଗର୍, ଗାଲି, କମେଣ୍ଟ ମରା, ମୁହୁ ଫୁଲା, ଘିଚା ଟନା ଅହରହ । ଫିକା ଉଡ଼ା, ବଅନା ବିଖନା ଦାଂତ୍ ଚାବା ଚୁବି, ଖିଜିନି ରିଶିମି ହରମେସା ।

ଦୁହିଁ ଙ୍କର୍ ମନ୍ ମେଲ ନି ଖାଏ ବୋଲି ତ ଗଲା ଚାର ବଛର୍ ତଲେ ଦୁହେଁ ଦୁହିଁଙ୍କୁ ଛାଡ଼ ପତର୍ ଦେଇକରି, ଅଲଗା ଅଲଗା ଯେ ଯାହାର ଭାବେ କାହିଁ ଧୁରେ ରହୁଛନ୍ । କାହାରି ର୍ ଖବର ଜବର୍ କିହେ ନାଇଁ ରଖୁଥାଇ କି ଫୁନେ ବି କଥା ବାର୍ତା ନାଇଁ କରୁଥାଇ ।

ହେଲେ, ଆଜି ର୍ ମଧୁ ଫିରୁଥିଲା ତାର୍ ଅଫିସ ନୁ । ଦେଖଲା, ରୋଡ଼ ତରେ ମହିଲାଟେ ମୂର୍ଚ୍ଛା ହେଇ ପଡିଛେ । ଗାଡି ଧକ୍କା ଥି ମୁଡ଼େ ପଥର ପିଟି ହେଇ ଯାଇଛେ ଯେ ରକତ୍ ସଲ ସଲ ଉହୁଲି ଆଉଛେ । ଅଟକି କରି ଦେଖଲା ମଧୁ । ଲେହେଁଟେଇ ଦେଖଲା, ସେ ମହିଲା ଟା ତାଙ୍କର ମାଲତି ।

ରିଶିମି ତ ଲାଗୁଥିଲା । ଇଛେନ ବଡା ଅଡୁଆ ଲାଗିଗଲା ମଧୁ କେ । ଭାବଲା "ଇନେ ଇ ଅବସ୍ଥା ଥି ଛାଡ଼ିଗଲେ ମୋର୍ ମୁନୁଷ ପନ ର୍ ହାର୍ ହେଇଯିବା, ଯେତେ ବଡ଼ ଶତ୍ରୁ ହେଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବି ବିପତ ପଡିଥିବା ର୍ ଲୋକ କେ ସାହେଜ୍ କରବା ର୍ ମନୁଷ୍ ର୍ ଧରମ୍ । ଇତାକେ ମୋର୍ ମାହେଜି ହିସାପେ ନ ହେଲେ ବି ଝନେ ଦର୍ ମରା ଲୋକ ଟେ ଜଲଦି ଚିକିତ୍ସା ଚାହୁଁଥିବା ର୍ ଅଛେ ବୋଲି ମେଡ଼ିକାଲ ପହଚାମି "

ମେଡ଼ିକାଲ ବେଡ଼ ନେ ଏଡ଼ମିଟ ହେଲା ମାଲ୍ ତି ।

ବନେ କେତେ ଘଣ୍ଟା ଉତୁରୁ ହୋସ୍ ଆସଲା କେ ଦେଖଲା ପାଖେ ଠିଆ ହେଇଛେ ତାର୍ ମୁନୁସ୍ ମଧୁ । ଦେଖିକରି ଛଲ ଛଲ୍ ହେଇଗଲା ଆଖିର ପାନି ।

ତାକେ ଯିଏ ଇନ ଏଡ଼ମିଟ୍ କରିଛେ ସେ ମଧୁ ଏକା ।

ସୋର୍ କଲା ତାର ପଛର୍ କଥା ଯେତେ । ଜେନ୍ ମଧୁ କେ ଭଲ ନାଇଁ ପାଇ କରି ଛାଡ଼ ପତର ଯାକେ କଥା ଗଲା, ସେ ଆଜି ତାକେ ଜୀବନ୍ ଦାନ୍ ଦେଇଛେ । ସବୁ କଥା କେ ଭୁଲି କରି ସାହେଜ୍ କରିଛେ ହେକେଇ ହେକେଇ କାନ୍ଦି ବସଲା ସେ ।

ମଧୁ ତାକେ ବୁଝେଇ କରି କହୁଥେ " ମେଡମ୍ ! ନିଜ କେ ସମ୍ଭାଲ । କାନ୍ଦୁଛ କାହିଁ ର୍ ଲାଗି । ତମେ ତ ଭଲ୍ ହେଇଗଲ ନ । ମୁଢ଼େ ପଟି ବନ୍ଧା ହେଲା କେ ବ୍ଲଡ଼ ବି ବଂଦ ହେଲା ନ । ଆରୁ ଚିନ୍ତା ନାଇଁ ନ, ବରଂ, ତମର୍ ହଜବେଣ୍ଡ ନ୍‌କର୍ ଫୋନ୍ ନମ୍ବର କହ, ମୁଇ ତାଙ୍କୁ ଇଥାନ୍ କେ ଆ ସୁ ନ୍ ବୋଲି ଫୋନ୍ ଟେ କରମି ।"

ଆଉର୍ ଟିକେ ହେକେଇ କାନ୍ଦି କରି ମାଲତି କହୁଛେ" ମଧୁ ! ତମେ ତ ମୋର୍ ହଜବେଣ୍ । ତମେ ମତେ ବିଶ୍ୱାସକର ମଧୁ , ମୁଇ ଜୀବନ ଥି ଆରୁ ସେକେନ୍ ମେରେଜ୍ ନାଇଁ କରି । ଆମର ଭିତିରେ ଭୁଲ ବୁଝା ମନା ଥିଲା ବୋଲି ଛାଡ଼ ଛଡ଼ି ହେଇଥିଲା ସମିଆଁ ଖରାପ୍ ଚାଲିଥିଲା ବୋଲି, ଏତେ ଦୂର କଥା ବଢିଗଲା । ହେଲେ , ତମେ ମୋର୍ ମନ ଭିତିରେ ସବୁବେଲେ ଅଛ ନ । ତମର ଲାଗି ମୁଇ ସେନ୍ଦୁର୍ ଟୀକା ମାଖୁଛେଁ । ତମେନାଁ ଥି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋର୍ ଲାଖ କାଁଚ ।ବିହା ବେଦୀ ନ ତମେ ଜେନ୍ ମଙ୍ଗଲ ସୁତା ପିନ୍ଧେଇଥିଲ ସେ ମଙ୍ଗଲ୍ ସୁତା ଏବେ ବି ପିନ୍ଧିଛେଁ, "

ତାମ୍ ଡି କରି ଦେଖଲା ବେକ୍ ଖାଲି ଅଛେ । କାହିଁ ଗଲା ମୋର୍ ମଙ୍ଗଲ୍ ସୁତା ବୋଲି ଇଆଡ଼େ ସେଆଡ଼େ ଧୁଡେଇ ହେଲା ବେଲେ ହସି ହସି ମଧୁ କହେଲା " ତମର ଜିନିଷ ଟା ହେଦେ ମୋର୍ ହାତେ, ବେକୁ ଛିଡି କରି ପଡିଥିଲା ତମେ ମୂର୍ଚ୍ଛା ଗଲା ଠାନେ, ନିଅ"

ମାଳତୀ କହେଲା "

ତମେ ? "

ମୁଇ ବି ଏବ ଯାକେ ବିହା ନାଇଁ ହେଇ କାହାକେ " ମୁଡ ଗାଜି କରି କହେଲା ମଧୁ । ପିଠି ଦେଖେଇ କରି ମାଲତି କହେଲା ତମର ଉପହାର୍ କେ ତମେ ଆରୁ ଥରେ ମତେ ପିନ୍ଧେଇ ଦିଅ ମଧୁ ! ଆରୁ ଥରେ ଆମେ ନୁଆଁ ଭାବେ ଆରୁ ଥରେ ସୁନ୍ଦର ସରସ୍ ଜୀବନ୍ ର୍ ମୂଳ କର୍ ମା । ସେ ଜୀବନେ ଆରୁ ଗାଲି ଖିଚ ଖିଚା କିଛି ନି ଥାଏ ।ଥିବା ଖାଲି ସେନ ସର୍ଦା ଆରୁ ନିର୍ମଲ୍ ମନେ ଭଲ ପାଏବାର୍ , ତମେ ରାଜିତ ?

ହଁ ହଁ ମୂଇ ରାଜି । ଉଙ୍ଗା କରି ମଧୁ ଧରି ପକାଲା ମାଳତୀ କେ । ଦୁହି ଲୁକର୍ ଆଖି ର୍ ଲହ ଥି ଧୁଇ ହେଇଗଲା ସବୁ ରାଗ୍ ଅଭିମାନ୍ ।

ସତ୍ୟନାରାୟଣ ମିଶ୍ର ସିନ୍ଧେକେଲା ବଲାଙ୍ଗୀର
୯୫୮୩୬୦୫୯୧୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କର ଆସକ୍ତି



ଅନସୂୟା ପଣ୍ଡା

କେବଳ ଜ୍ଞାନୀ କହିଲେ ଠିକ୍ ହେବନି, ଜଣେ ମହାଜ୍ଞାନୀ, ଶାସ୍ତ୍ରଜ୍ଞ, ଧର୍ମାଚରଣ କରୁଥିବା ପ୍ରଚଣ୍ଡତେଜସ୍ୱୀ ଋଷି ଥିଲେ ଯମଦଗ୍ନି । ପୁଣି କିନ୍ତୁ କେଉଁଠି ଯେମିତି ତାଙ୍କର ଆତ୍ମ ଶୁଦ୍ଧି ହୋଇନଥିଲା । ସହସ୍ରାର୍ଜୁନର ହିଂସାତ୍ମକ କର୍ମ, ଅତ୍ୟାଚାର ଯେତିକି ଭୟଙ୍କର ଥିଲା, ଅସ୍ମିତାର ଆଧାରରେ, ଯମଦଗ୍ନି ସେତିକି ଅପଚାର କରିଥିଲେ ନିଜ ମହାନତା ସାଙ୍ଗରେ । ଯେଉଁ ପତ୍ନୀ ନିଜ ରାଜକୀୟ ଜୀବନର ସକଳ ଭୋଗ ବିଳାସର ମୋହକୁ ତ୍ୟାଗକରି, ବିବାହ କରିଥିଲେ ଯମଦଗ୍ନିଙ୍କ ଭଳି ଜଣେ ଋଷିଙ୍କୁ, ସେ କଣ କେବେ ଏମିତି ଅପରାଧ କରିଥିବେ ଯେ ମୃତ୍ୟୁ ଦଣ୍ଡ ପାଇବା ଭଳି । ଅବିଶ୍ୱାସ ଅଙ୍କୁରିତ ହୁଏ ଯେବେ ବିଶ୍ୱାସ ଦୁର୍ବଳ ଥାଏ । ନହେଲେ ଅହଂକାର ଫଣାବିସ୍ତାର କରିଥାଏ । ସବୁଥିରେ, ସବୁ ଯୁଗରେ, ସବୁ ଶାସ୍ତ୍ରରେ, ଲେଖାଥାଏ ନାରୀ ବନ୍ଦନୀୟା । କିନ୍ତୁ ବେଳେବେଳେ ନାରୀ ନିଜକୁ ସିଦ୍ଧ କରିପାରେନି, ସେ ନିର୍ଭୁଲ୍ ବୋଲି । ଯମଦଗ୍ନି ଥିଲେ ମହର୍ଷି ଭୃଗୁଙ୍କ ବଂଶଜ, ବିଶ୍ୱାମିତ୍ରଙ୍କ ଭଣଜା । ପିତା ମହର୍ଷି ଋଚିକ ଓ ମାତାଙ୍କ ନାମ ସତ୍ୟବତୀ । ପାଞ୍ଚପୁତ୍ରମାନେ ହେଲେ ରୁକ୍ମବାନ, ସୁଖେଣ, ବସୁ, ବିଶ୍ୱାନସ, ଓ କନିଷ୍ଠ ପର୍ଶୁରାମ ।

ରାଜା ପ୍ରସେନଜିତଙ୍କ ନନ୍ଦିନୀ ରେଣୁକା ଥିଲେ ଜଣେ ଅଳିଅଳି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହବର୍ଦ୍ଧିତା, ଅଭିମାନିନୀ ରାଜକନ୍ୟା । ବାଲ୍ୟଗୁରୁ ଅଗସ୍ତିଙ୍କ ନିର୍ଦ୍ଦେଶରେ, ଯମଦଗ୍ନିଙ୍କୁ ବିବାହପରେ ଆଶ୍ରମରେ ଆସି, ଏହି ଅସାଧାରଣ ବିଷ୍ଣୁଭକ୍ତିନୀ, ତପସ୍ୱିନୀ ଜୀବନକୁ ବିକଶିତ କରିଥିଲେ । ବିଳାସରେ, ପ୍ରାଚୁର୍ଯ୍ୟରେ ବଢିଥିଲେ ବି, ଭାବିନଥିଲେ ଏ ଆଶ୍ରମଜୀବନ କଷ୍ଟ ସାପେକ୍ଷ ହେବ । କେବଳ ପ୍ରେମରେ ହିଁ ଏତେ ଆକର୍ଷଣ ଓ ସାମର୍ଥ୍ୟ, ଯେଉଁଥିରେ ରାସ୍ତା ଯେମିତି ଆସୁ, ଚାଲିବାରେ କ୍ଳାନ୍ତି କି ଅବଶୋଷ ନଥାଏ । ସେଇ କୋମଳ ପ୍ରେମ ହିଁ ତାଙ୍କୁ ଉତ୍ଫୁଲ କରି ଫୁଟେଇ ଥିଲା ଯମଦଗ୍ନିଙ୍କ ଆଶ୍ରମରେ । ପୁଣିବି ସେ ସନ୍ଦେହର ଘେର ଭିତରକୁ ଚାଲିଗଲେ । ଚରିତ୍ରରେ ଏମିତି କଳଙ୍କ ଲାଗିଗଲା ଯେ ମୃତ୍ୟୁଦଣ୍ଡର ପ୍ରାର୍ଥୀ ହେଇଗଲେ, ଜଣେ ପ୍ରଜ୍ଞାପୁରୁଷ, ତପସ୍ୱୀ, ସ୍ୱାମୀ ଯମଦଗ୍ନିଙ୍କ ପ୍ରତ୍ୟକ୍ଷରେ । ଯାହା ଯମଦଗ୍ନିଙ୍କୁ ଯୁଗଯୁଗ ପାଇଁ ନିର୍ବୋଧ ମଣିଷରେ ପରିଗଣନା କରିଥିଲା ।

ଯମଦଗ୍ନିଙ୍କ ପୁଅ ଶିବଙ୍କୁ ତପସ୍ୟା କରି ପର୍ଶୁ ପ୍ରାପ୍ତିକରିଥିଲେ । ଶିବ ମଧ୍ୟ ମୁଗ୍ଧ ହୋଇ ତାଙ୍କୁ ଆଖ୍ୟା ଦେଇଥିଲେ ପର୍ଶୁରାମ । ଏ ପର୍ଶୁ ପ୍ରାପ୍ତି ପାଇଁ କଠୋର ତପସ୍ୟା କରିଥିଲେ, କେବଳ ସହସ୍ରାର୍ଜୁନକୁ ପରାସ୍ତ କରିବା ପାଇଁ । ଆଶ୍ରମକୁ ଫେରି, ପିତାଙ୍କୁ ଦେଖି ଭାବବିହ୍ୱଳ ହେଇଗଲେ । ବାପାଙ୍କ ଉଦାସ ମୁହଁ ଦେଖି ବ୍ୟସ୍ତ ହୋଇ କାରଣ ଜାଣିବାକୁ ପଚାରିଲେ । ଯମଦଗ୍ନି କହିଲେ, "ତୋ'ର ଅନ୍ୟ ଚାରିଭାଇଙ୍କ ପରି ତୁ ମତେ ଉଦାସ କରିବୁନିତ ! ତୁ ସତ୍ୟ କଲେ ମୁଁ କହିବି ତୋତେ ।" ପର୍ଶୁରାମ କିଛି ନ ଭାବି ପିତାଙ୍କ ଆଗେ ସତ୍ୟ କରିଦେଲେ । ପିତା ଯେ ପୁତ୍ରର ହିତ ଚାହେଁ ସଦା ସର୍ବଦା, ସବୁ ପରିସ୍ଥିତିରେ । ପୁତ୍ର ମୁଣ୍ଡ ଉପରେ, ପିତାର ହାତ ଛତାଭଳି । ତେଣୁ ଭାବିବାର କଣ ଅଛି । ପର୍ଶୁରାମ ପିତାଙ୍କ ଆଦେଶକୁ ଅପେକ୍ଷା କଲେ ଓ ବହୁତ ଦିନ ପରେ ମା ରେଣୁକାଙ୍କୁ ଭେଟିବାକୁ ବ୍ୟାକୁଳଥାନ୍ତି । ପିତାଙ୍କ ବକ୍ତ୍ରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା, "ତୁମ ମାତା ଚରିତ୍ରହୀନା । ତାଙ୍କୁ ହତ୍ୟା କରି ସମସ୍ୟାର ନିଷ୍ପାଦନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କର ।” ପୁଅର ମନ ବିଦାରି ପକାଇଲା । ମନସ୍ତାପରେ ପ୍ରଶ୍ନ ଉପରେ ପ୍ରଶ୍ନ କଲା ନିଜକୁ । କିଛି ନବୁଝି, କାମ କ’ଣ ନଜାଣି କାହିଁକି ପିତାଙ୍କ ପାଖେ ସତ୍ୟ କଲି । କିନ୍ତୁ ଏବେ ନିରୁପାୟ । କ’ଣ କରିବେ ଆଉ । ମାତୃହତ୍ୟା ପାପରେ ଭାଗିହେବେ । ଏ ମହାଦେବଙ୍କ ପ୍ରଦତ୍ତ ପର୍ଶୁ, କ’ଣ ସର୍ବପ୍ରଥମ ଗୋଟେ ମହା ଅପରାଧ କରିବ ? ଆଖି ବନ୍ଦକରି ନିଜ ମାଆଙ୍କ ମସ୍ତକ ବିକର୍ତ୍ତନ କଲେ ପୁତ୍ର ପର୍ଶୁରାମ । ତାଙ୍କ ଆଦେଶ ପାଳନ ହୋଇଥିବାରୁ ଯମଦଗ୍ନି ଖୁସିରେ ପୁଅକୁ କହିଲେ, “କି ବର ମାଗିବୁ, ମାଗ ପୁତ୍ର, ମୁଁ ଆଜି ବହୁତ ଖୁସି ।” ଜଣେ ଜ୍ଞାନୀ ଲୋକବି ସନ୍ଦେହରେ ହିତାହିତ ଜ୍ଞାନ ଭୁଲିଯାଏ । ଯିଏ ସୁଖଦୁଃଖରେ ସାଥୀଥିଲା, ଘରସଂସାର କରିଥିଲା, ତା ପ୍ରତି ସ୍ୱାମୀ କେତେ କଠୋର ହେଇପାରିଲେ ଯେ, ଅଶ୍ରୁବୁନ୍ଦାଏ ବି ନିଗାଡି ପାରିଲେନି । ବରଂ ଖୁସିକୁ ଉପସ୍ଥାପନା କଲେ । ଏତିକି ବେଳେ ପର୍ଶୁରାମ କହିଲେ, “ଆପଣ ସତ୍ୟ କରନ୍ତୁ ପିତା । ମୁଁ ଯାହା ମାଗିବି ମୋତେ ତାହା ଦେବେ ।” ଯମଦଗ୍ନି ସତ୍ୟ କଲେ । ପର୍ଶୁରାମ କହିଲେ ମୋ ମା’ଙ୍କୁ ଜୀବିତ କରିଦିଅନ୍ତୁ । ମୋର ଆଉ କୌଣସି ଜିନିଷର ଆବଶ୍ୟକତା ନାହିଁ । ସତ୍ୟନିଷ୍ଠ ଯମଦଗ୍ନିଙ୍କ ମୁହଁ ବିଷର୍ଣ୍ଣ ଦିଶିଲା । ପୁଅକୁ କଥା ଦେଇଥିବାରୁ, ଦେବୀ ରେଣୁକାଙ୍କୁ ପୁଣି ଜୀବନ୍ୟାସ ଦେଇଥିଲେ ।

ହୁଏ ତ ଏ ପୁରାଣ ଗପ ହୋଇଥାଇପାରେ କି କଳ୍ପନା । କିନ୍ତୁ ଏଥିରେ ଜଣେ ଜ୍ଞାନୀ ଲୋକର ମୂର୍ଖତା ଓ ଅବିଶ୍ୱାସ ଓ ଆଉ ଜଣେ ଜ୍ଞାନୀ ଲୋକଙ୍କ ବିଜ୍ଞତା ଓ ମାତୃଭକ୍ତିର ନମୁନାକୁ ଚିତ୍ରଣ କରାଯାଇଛି । ପର୍ଶୁରାମ ପ୍ରକୃତ ପରୀକ୍ଷାଟିଏ ଦେଇ ସର୍ବୋଚ୍ଚ ଅଙ୍କରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ପିତୃମାତୃ ଭକ୍ତ ଭାବରେ ସାରା ବିଶ୍ୱରେ ବନ୍ଦିତ ହେଇଛନ୍ତି । ଅନେକ ଶିକ୍ଷାମିଳିଛି ଏହି ଘଟଣା ମାଧ୍ୟମରେ । କୌଣସି କାମର ଗୁରୁତ୍ୱ ନଜାଣି, କେବେବି ସତ୍ୟ କରିବନି, କି କରିବା ପାଇଁ ହଁ କହିବନାହିଁ । ସତ୍ୟ କି ଦ୍ୱାପର କି ତ୍ରେତୟା ଯୁଗରେ ସିନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜୀବନ୍ୟାସ ସମ୍ଭବ ହେଲା । କିନ୍ତୁ କଳି ଯୁଗରେ କେବଳ ଯବନିକା ହେଇଥାନ୍ତା । ଯମଦଗ୍ନିଙ୍କୁ ପର୍ଶୁରାମ ପଚାରିଥିଲେ, "ମୋ ପିତା ଜଣେ ଜ୍ଞାନୀ ଥିଲେ । କୁଆଡେ ଗଲା ସେ ଜ୍ଞାନ । ସେ ମହର୍ଷି ଥିଲେ ପୁଣି କେମିତି ସାଧାରଣ ମଣିଷ ଭଳି ଆଚରଣ କଲେ । ମୋ ମାଆ ଅନନ୍ୟା, ସ୍ୱାଭିମାନୀ ଆଉ ନିରାଡମ୍ବରର ପ୍ରତୀକ । ତାଙ୍କୁ କେମିତି ସନ୍ଦେହକରି ଅବିଶ୍ୱାସ କଲେ । ଏତେ ହିଂସ୍ର ନୀଚତା ସହ କେବେ ପ୍ରୀତିଭରା ହୃଦୟ ଲଢିପାରେନ । ମୁଁ ତ ଭୋଳାନାଥଙ୍କ ଅପାର କୃପାରୁ ମା'ଙ୍କୁ ଫେରି ପାଇବା ସହିତ ବ୍ରହ୍ମହତ୍ୟାରୁ ଉଧାର ପାଇଲି ।" କିନ୍ତୁ ନାରୀ ଜାତି ଥରେ ନୁହେଁ, ବାର ବାର ବିଭିନ୍ନ ମୋଡରେ ଅବିଶ୍ୱାସ, ଅତ୍ୟାଚାରର ଶିକାର ହେଇଛି । ସବୁବେଳେ ପୁରୁଷ ଗୋଟେ ଅହଂକାର ହେଇଛି, ଜିଦି ହେଇଛି । ଇତିହାସରେ ଅନେକଥର ପିତୃତ୍ୱ ତା'ର ମହାନତାକୁ ହରେଇଛନ୍ତି । କେବେ ଦଶରଥ ହେଇ ତ କେବେ ଶାନ୍ତନୁ ହୋଇ । ସବୁବେଳେ ଗୋଟେ  ଅଜବ କ୍ରୂରସତ୍ୟର ଦ୍ୱାହିଦେଇ ସନ୍ତୁଳନକୁ ବିଗାଡି ଦିଆଯାଏ । ଦିନେ ଭୀଷ୍ମ ସତ୍ୟ କରିଦେଲେ, ମୁଁ ବିବାହ କରିବିନି । କେବଳ ସେଇ ଗୋଟିଏ ସତ୍ୟରକ୍ଷା ପାଇଁ ଭଗବାନଙ୍କୁ ମହାଭାରତ ସର୍ଜନା କରିବାକୁ ପଡିଲା । ସେମିତି ପର୍ଶୁରାମ ଏକୋଇଶିଥର କ୍ଷତ୍ରୀୟ ଶୂନ୍ୟ କରିବାର ପ୍ରତିବଦ୍ଧତା ବଡ ଅଜବ ଥିଲା । ସହସ୍ରାର୍ଜୁନର ଭୁଲ ପାଇଁ ସମସ୍ତ କ୍ଷତ୍ରୀୟ ଏତେଥର ଦଣ୍ଡ ପାଇବେ । ଯିଏ ଦୁଷ୍ଟ ସେ ଦଣ୍ଡ ପାଇବା ଉଚିତ । କିନ୍ତୁ ଯିଏ ନିର୍ଦ୍ଦୋଷ, ସେ କାହିଁକି ଦଣ୍ଡିତ ହେବ ।

ସମସ୍ତ ଚରିତ୍ର ପ୍ରାୟ ମହାଜ୍ଞାନୀ ଥିଲେ ।  କିନ୍ତୁ ସମସ୍ତଙ୍କ ଭିତରେ ଅହଂକାର ଭରିଥିଲା । ଜ୍ଞାନ ସବୁବେଳେ ଅହଂକାର ଛୁରାରେ ପରାହତ ହୁଏ । ସ୍ତ୍ରୀ ସବୁବେଳେ ଅକଥନୀୟ ଅତ୍ୟାଚାରର କଷୌଟିରେ ଘୋଷରା ହୁଏ ପରୀକ୍ଷା ପାଇଁ । କେବେ ଆତ୍ମୀୟଙ୍କ ହାତରେ ତ କେବେ ସମାଜର ରୁକ୍ଷ ମାନସିକତାରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁକି ବିବସ୍ତ୍ର ହେଲେ ଦ୍ରୌପଦୀ ? କାହିଁକି ସୀତା ପେଟରେ ପିଲା ଧରି ବନକୁ ଗଲେ ? ସ୍ୱାମୀ ସ୍ତ୍ରୀର ବିଶ୍ୱାସର ପ୍ରତିବିମ୍ବ, ଆତ୍ମବିଶ୍ୱାସର ପ୍ରତ୍ୟୟ । ସୁଦୃଢ ସମନ୍ୱୟ, ଆକାଶ ଆଉ ମାଟିର । ଜଣେ ଅନ୍ୟକୁ ନଜାଣି, ଆପଣାଏ । ପଙ୍କ ଭର୍ତ୍ତି ପୋଖରୀରେ ଦଳ କି ଶତଦଳ ଫୁଟେଇବ ସେ କେବଳ ମାନସିକତା ମଣିଷର । ଆମେ ଯେମିତି ଚାରା ପକେଇବା, ସେମିତି ବିକଶିତ ହେବ । ଖାଲି ପୁରୁଷକୁ ଦୋଷାରୋପ କଲେ, ଅନ୍ୟାୟ କରିବା ପରି ଲାଗିବ । ନାରୀ ବି ସ୍ୱାର୍ଥାନ୍ଧ ହେଇ କର୍ଦ୍ଦମାକ୍ତ କରିଛି ଇତିହାସକୁ କାମନାର ବାଣରେ । ସତ୍ୟବତୀ, କୈକେୟୀ, କୁନ୍ତୀ ଆଜିବି ପ୍ରଶ୍ନବାଚୀର ବନ୍ଧନୀରେ ।

ଅନସୂୟା ପଣ୍ଡା
ବୁର୍ଲା, ସମ୍ବଲପୁର, ଓଡିଶା, ୭୬୮୦୧୮,
ଭ୍ରାମ୍ୟଭାଷ : ୯୪୩୯୨୧୧୯୭୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସଂଗୀତ ମଧ୍ୟ ଯୋଗର ଏକ ମାଧ୍ୟମ



ଅସିତ ମହାନ୍ତି

ପ୍ରତିବର୍ଷ ପରି ଏବର୍ଷ ୨୧ ଜୁନ୍ ୨୦୨୨ରେ ବିଶ୍ୱ ଦୁଇଟି ଦିବସକୁ ପାଳନ କରୁଛି । ଗୋଟିଏ ହେଉଛି ଆନ୍ତର୍ଜାତିକ ଯୋଗ ଦିବସ ଏବଂ ଅନ୍ୟଟି ହେଉଛି ଆନ୍ତର୍ଜାତିକ  ସଙ୍ଗୀତ ଦିବସ । ବାସ୍ତବରେ ଏହି ଦୁଇଟି କ୍ଷେତ୍ର ସହିତ ମନୁଷ୍ୟ ବହୁତ ପ୍ରାଚୀନ ସମୟରୁ ଯୋଡିହୋଇ ରହିଆସିଛି । ଏଠାରେ ବୁଝିବା ଆବଶ୍ୟକ ଯେ ଯୋଗ ଏବଂ ସଙ୍ଗୀତ କିପରି ପରସ୍ପର ସହିତ ଜଡିତ । ସଙ୍ଗୀତ ହେଉଛି ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯେହେତୁ ଏହା ମନୁଷ୍ୟର  ପ୍ରାଣକୁ ସ୍ପର୍ଶ କରେ ଏବଂ ସୌହାର୍ଦ୍ଦ୍ୟ ଏବଂ ସୁଖକୁ ବଢ଼ାଇଥାଏ । ସଙ୍ଗୀତକୁ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟକର । ଠିକ ସେହିପରି ଯୋଗ ମନୁଷ୍ୟର ଜୀବନଶକ୍ତିକୁ ବଢାଇବା ସହିତ ମନ ମଧ୍ୟରେ ଆନନ୍ଦ ରୂପକ ଶକ୍ତିକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ବିଜ୍ଞାନ ଆଧାରରେ ସଙ୍ଗୀତ ଏବଂ ଯୋଗକୁ ବିଶ୍ଳେଷଣ କରିବା ଉଚିତ । ବାଦ୍ୟଯନ୍ତ୍ର ଗୁଡିକ ବଜାଇବାର କ୍ରିୟାରୁ ଯୋଗ କାର୍ଯ୍ୟଗୁଡ଼ିକ ସ୍ୱଷ୍ଟ ଭାବରେ ପ୍ରତିଫଳିତ ହୁଏ । ଭାରତୀୟ ଶାସ୍ତ୍ରୀୟ ବାଦ୍ୟଯନ୍ତ୍ରଗୁଡ଼ିକ ହେଉଛି ତିନି ପ୍ରକାରର ସୁଶୀର ବାଦ୍ୟ, ତାଳ ବାଦ୍ୟ ଏବଂ ତନ୍ତ୍ର ବାଦ୍ୟ । ଏହି ତିନୋଟିର ବାଦନ ଯୋଗର ପ୍ରକ୍ରିୟା ପୂରଣ କରେ । ପବନ ସାହାଯ୍ୟରେ ଯେଉଁ ବାଦ୍ୟ ଗୁଡିକ ବାଜେ ତାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସୁଶୀର ବାଦ୍ୟ କୁହାଯାଏ । ଯଦି କଣ୍ଠସ୍ୱର ତାର (ଷ୍ଟ୍ରିଙ୍ଗ୍) ମାଧ୍ୟମରେ ନିଷ୍ପାଦନ କରାଯାଏ , ତେବେ ତାହା ଷ୍ଟ୍ରିଙ୍ଗ୍ ବାଦ୍ୟଯନ୍ତ୍ର ଏବଂ ଯଦି ସେଗୁଡିକ ହାତର ପାପୁଲିରେ ବଜାଯାଏ, ତେବେ ସେମାନଙ୍କୁ ତାଳ ବାଦ୍ୟ କୁହାଯାଏ । ଯୋଗସାନ ସଂଗୀତର ସମଗ୍ର ସମାବେଶ ଦ୍ୱାରା କରାଯାଇଥାଏ । ବସିବା ସ୍ଥାନରୁ ଯୋଗ କ୍ରିୟା ଆରମ୍ଭ ହୋଇଥାଏ ଯାହା ସଙ୍ଗୀତ ସାଧନାର ପ୍ରଥମ ଅବସ୍ଥା ହୋଇଥାଏ ଅର୍ଥାତ ଗୋଟିଏ ଅବସ୍ଥାରେ ବସି ଅଭ୍ୟାସ ପାଇଁ ଧ୍ୟାନ କରିବା । ଏଥିପାଇଁ ପଦ୍ମାସନ ଏବଂ ସୁଖାସାନରେ ବସିବା ସହଜ ଅଟେ । ଏହିପରି ଭାବରେ ପ୍ରଥମ ପର୍ଯ୍ୟାୟରେ ଦୁଇଟି ଆସନ ସମ୍ପନ୍ନ ହୁଏ । ଦୀର୍ଘ ସମୟ ଧରି ଏହି ଅବସ୍ଥାରେ ବସିବା ଦ୍ୱାରା ଯୋଗ ଦ୍ୱାରା ମିଳିଥିବା ସମାନ ଲାଭ ମିଳିଥାଏ । ସୁଶୀର ବାଦ୍ୟ ଅର୍ଥାତ ଶ୍ୱାସ ଯୋଗ- ଯୋଗ ଆସନ ଅଭ୍ୟାସରେ ନିଶ୍ୱାସର ସନ୍ତୁଳନ ମହତ୍ୱପୂର୍ଣ୍ଣ । ଉଭୟ ନାକ, ଶ୍ୱାସକ୍ରିୟା ଏବଂ ଫୁସଫୁସର ଶକ୍ତି ପାଇଁ ନିଶ୍ୱାସର ସନ୍ତୁଳନ କରାଯାଇଥାଏ । ବଂଶୀ ହେଉଛି ଏପରି ଏକ ବାଦ୍ୟଯନ୍ତ୍ର ଯାହା କେବଳ ନିୟମିତ ଶ୍ୱାସକ୍ରିୟା ଉପରେ ଆଧାରିତ । ବଂଶୀ ବଜାଇବା ଫୁସଫୁସ ଉପରେ ଚାପ ପକାଇଥାଏ ଏବଂ ସେମାନଙ୍କୁ ଶକ୍ତିଶାଳୀ କରିଥାଏ । ଏହି ପ୍ରକାର ଯୋଗରେ ଶେହନାଇ କିମ୍ବା ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ସହାୟକ ହୋଇଥାଏ । ସେଗୁଡ଼ିକରେ ଶଙ୍ଖ ଶେଲ୍ ଅଧିକ ପସନ୍ଦଯୋଗ୍ୟ, ଶଙ୍ଖ ଫୁଙ୍କିବା କୌଣସି ଯୋଗଠାରୁ କମ୍ ନୁହେଁ । ସେଥିପାଇଁ ଶ୍ରୀକୃଷ୍ଣ ବଂଶୀ ବଜାଉଥିଲେ । ଫୁଙ୍କିବା ଯନ୍ତ୍ର ସହିତ ନିଶ୍ୱାସ ଶକ୍ତିଶାଳୀ ହୁଏ । ଷ୍ଟ୍ରିଙ୍ଗ୍(ତନ୍ତ୍ର) ବାଦ୍ୟ ଦ୍ୱାରା ଆକ୍ୟୁପ୍ରେସର କରାଯାଏ - ଆଙ୍ଗୁଠିର ଟିପ ଏବଂ ପାପୁଲିରେ ଅନେକ ପଏଣ୍ଟ ଅଛି ଯାହା ସ୍ନାୟୁ ପ୍ରଣାଳୀକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ମସାଜ୍ ଏବଂ ମାଲିସ କରିବାର ବିଧି କରାଯାଏ, ଏହି ପଏଣ୍ଟଗୁଡ଼ିକ ଉପରେ ଚାପ ପଡେ । ଏକ ଷ୍ଟ୍ରିଙ୍ଗ୍ ଇନଷ୍ଟ୍ରୁମେଣ୍ଟ ବଜାଇବା ସମୟରେ, ଗତି ହେତୁ ଅଜାଣତରେ ଏହି ପଏଣ୍ଟଗୁଡିକ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଉପରେ ଚାପ ପଡିଥାଏ । ଏହି କାରଣରୁ, ସ୍ନାୟୁ ପ୍ରଣାଳୀର ହାଲୁକା ବ୍ୟାୟାମ ହୋଇଥାଏ ଏବଂ ସେମାନେ ସକ୍ରିୟ ରୁହନ୍ତି । ଏକ ବାଦ୍ୟଯନ୍ତ୍ର ଦ୍ୱାରା ଟେନସନ, ମୁଣ୍ଡବିନ୍ଧା ଏବଂ ଅସ୍ଥିରତା ପରି ବ୍ୟାଧି କ୍ଷଣିକ ସମୟରେ ନିଦାନ କରିଦେଇଥାଏ । ଏହି ବର୍ଗରେ ସୀତାର-ବୀଣା ଆସିଥାଏ । ତାଳବାଦ୍ୟ - ତାଳି ବଜାଇବା ହେଉଛି ସବୁଠାରୁ ସରଳ ପଦ୍ଧତି । ତାଳିରେ ଧ୍ୱନି ହେତୁ ସକରାତ୍ମକ ତରଙ୍ଗ ସୃଷ୍ଟି ହୁଏ ଯାହା ହରମୋନ୍ କୁ ପ୍ରୋତ୍ସାହିତ କରେ ଏବଂ ଉତ୍ସାହକୁ ବଢ଼ିଥାଏ । ଏହା ଏକ ସ୍ୱାଭାବିକ ଯେ ଏକ ଉପସ୍ଥାପନା କିମ୍ବା ସୁଖର ମୁହୂର୍ତ୍ତରେ ଆମେ ଅଜାଣତରେ କରତାଳି ଦେଇଥାଉ । ତାଳ ବାଦ୍ୟ ବଜାଇବା ଦ୍ୱାରା ପାପୁଲି ଦୃଢ ହୁଏ, ହାତର ତନ୍ତ୍ରରେ ଆକ୍ୟୁପ୍ରେସର କ୍ରିୟା ହୋଇଥାଏ ଏବଂ ପେଟ ରୋଗର ନିରାକରଣରେ ଲାଭ ହୋଇଥାଏ । ତବଲା-ମୃଦଙ୍ଗ, ଢୋଲକ ଏହି ଶ୍ରେଣୀରେ ଆସନ୍ତି । ନୃତ୍ୟ ହେଉଛି ଉପଯୁକ୍ତ ସ୍ଥିତି -ନୃତ୍ୟ ଏକ ସମ୍ପୂର୍ଣ୍ଣ ସ୍ଥିତି । ପ୍ରାଚୀନ କାଳରୁ ଯୋଗ ସହିତ ଏହା ଏକ ପଦ୍ଧତି । ମହାଦେବଙ୍କ ତାଣ୍ଡଭ, ଶ୍ରୀକୃଷ୍ଣଙ୍କ ରାସଲୀଳା, ଦେବୀ କାଳୀଙ୍କ କାଳ ନୃତ୍ୟ ଏହାର ଉଚ୍ଚ ଶ୍ରେଣୀ ଅଟେ । ହାତ,ପାଦ, ଆଙ୍ଗୁଠି, ମୁହଁ, ଆଖି ଏବଂ ଅଭିବ୍ୟକ୍ତିର ବିଭିନ୍ନ ଆଭିମୁଖ୍ୟ କେବଳ ଶରୀରର ସମସ୍ତ ଅଙ୍ଗକୁ ବ୍ୟାୟାମ କରେ ନାହିଁ, ବରଂ ଏହି ଅଙ୍ଗଗୁଡ଼ିକର ପ୍ରତ୍ୟେକ ସ୍ନାୟୁ,ଟିସୁ ଏବଂ କୋଷର ବ୍ୟାୟାମକୁ ମଧ୍ୟ ସୁନିଶ୍ଚିତ କରେ । ନୃତ୍ୟର ବିଭିନ୍ନ ଅବସ୍ଥାରେ ଆସନ, ତାଳ ଏବଂ ବିଟ୍, ଶ୍ୱାସ କ୍ରିୟାର ସମାନ ସଂଯୋଜନା ହୁଏ । ରାଗମାଳା ଆଭ୍ୟନ୍ତରୀଣ ଯୋଗ କରାଏ - କଣ୍ଠଦାନ ପ୍ରୟୋଗ କରିବା ସମୟରେ ସଙ୍ଗୀତ ଲହରି ଏବଂ ରାଗମାଳା ଆଭ୍ୟନ୍ତରୀଣ ଯୋଗ କରନ୍ତି । ସ୍ୱରକୁ ସପ୍ତକରେ ବିଭାଜିତ କରାଯାଇଛି । ଏହି ସପ୍ତକର ସଂଖ୍ୟା ହେଉଛି ତିନି ଏବଂ ସମସ୍ତ ତିନୋଟିରେ ସାତଟି ସ୍ୱର ଏବଂ ଭିନ୍ନ ଫ୍ରିକ୍ୱେନ୍ସି ସହିତ ଉପସ୍ଥିତ । ଏମାନଙ୍କୁ ମନ୍ଦ୍ରସପ୍ତକ, ମଧ୍ୟ ସପ୍ତକ ଏବଂ ତାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସପ୍ତକ କୁହାଯାଏ । ମନ୍ଦ୍ରସପ୍ତକ ଠାରୁ ପେଟ ପର୍ଯ୍ୟନ୍ତ, ମଧ୍ୟ ସପ୍ତକରୁ ଫୁସଫୁସ ପର୍ଯ୍ୟନ୍ତ ଏବଂ ହାର୍ଟ ଏବଂ ତାର ସପ୍ତକରୁ ଗଳା, ପାଟି ଏବଂ ମସ୍ତିଷ୍କର ବ୍ୟାୟାମ ହୁଏ । ସ୍ୱରର ପରିବର୍ତ୍ତନ ପ୍ରକ୍ରିୟା ମଧ୍ୟ ଆସାନର ବୃଦ୍ଧି ଏବଂ ହ୍ରାସ କ୍ରମ ପରି । ରାଗ ପାଇଁ ବିଭିନ୍ନ ସମୟ ଅଛି -ଏହା ବ୍ୟତୀତ, ରାଗ ପାଇଁ ସ୍ଥାପିତ ସ୍ୱତନ୍ତ୍ର ସମୟ ମଧ୍ୟ ସ୍ୱାସ୍ଥ୍ୟ ଉପକାର କରିଥାଏ , ଯେମିତି ଭୋର ର ରାଗ ହେଉଛି ଭୈରବ-ଭୈରବୀ । ସେଥିରେ କୋମଳତା ଥାଏ । ରାଗ ଭୀମପଲାସୀ, ବୃନ୍ଦାବନି ସାରଙ୍ଗ, କାମୋଦ ଇତ୍ୟାଦି ରାଗ  ମଧ୍ୟାହ୍ନ ସମୟର ରାଗ ଏବଂ ଏହା ଉଷ୍ମତା ବୃଦ୍ଧି କରିଥାଏ । ଏହି ରାଗର ଗୀତ ଗାଇବା ହେତୁ ଶରୀରର ବିଷାକ୍ତ ରସ ଝାଳ ଆକାରରେ ବାହାରିଥାଏ । ରାଗ ବିଲାୱଲ, ଖମାଜ, ରାଗ ଭୋପାଲି ସନ୍ଧ୍ୟା ସମୟର ରାଗ । ଏହି ସମୟରେ ଏହି ରାଗର ଗୀତ ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ । ରାଗ ଜଜବନ୍ତୀ, ଜୌନପୁରୀ, ରାଗ କାଫି ସମସ୍ତେ ରାତିରେ ବୋଲାଯାଏ । ଋତୁ ଅନୁଯାୟୀ ରାଗର ସମୟ - ରାଗଗୁଡିକର ସମୟ ମଧ୍ୟ ଋତୁ ଅନୁଯାୟୀ ହୋଇଥାଏ । ରାଗ ଭୈରବକୁ ଶିଶିର ଋତୁ, ହିଂଡୋଳକୁ ବସନ୍ତ, ଦୀପକକୁ ଗ୍ରୀଷ୍ମ ଋତୁ, ମେଘକୁ ବର୍ଷା ଋତୁରେ, ମାଲକୌନ୍ସକୁ ଶରତ ଋତୁ ଏବଂ ରାଗଶ୍ରୀ କୁ ହେମନ୍ତ ଋତୁରେ ବୋଲାଯାଏ । ଏହି ଋତୁ ମାନଙ୍କରେ ବାତ- ପିତ୍ତ -କଫ ରେ ହେଉଥିବା ଅସନ୍ତୁଳନକୁ ଏହି ରାଗ ଗୁଡିକ ପ୍ରଭାବିତ କରିଥାଏ ଏବଂ ରୋଗର ନିଦାନ କରିଥାଏ । ଆୟୁର୍ବେଦ ବାତ- ପିତ୍ତ -କଫର ଅସନ୍ତୁଳନକୁ ରୋଗୀ ବୋଲି ପରିଭାଷିତ କରିଥାଏ । ପ୍ରାଚୀନ କାଳରୁ ସଙ୍ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ବେଦରୁ ମିଳିଥିବା ଏହି ଜ୍ଞାନ ଏକ ସୁସ୍ଥ ଜୀବନ ଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଏହାର ସନ୍ଧାନକାରୀମାନେ ଏହା ପ୍ରମାଣ କରିଥିଲେ, କିନ୍ତୁ ଜଣେ ସାଧାରଣ ଲୋକ ଜୀବନରେ ସଙ୍ଗୀତ ବିଷୟରେ ଏତେ ଜ୍ଞାନ ରଖିଥିଲେ ଯେ ସେ ତାଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ଏହାକୁ ଔଷଧ ଭଳି ବ୍ୟବହାର କରିପାରନ୍ତି । 'ମା' ଗାଉଥିବା ଲୋରି କୌଣସି ରାଗ ଠାରୁ କଣ କମ ଯାହା ଶିଶୁକୁ ଗୋଟିଏ ସେକେଣ୍ଡରେ ନିଦ ଆଣିଦିଏ ! ତେଣୁ ସଙ୍ଗୀତ ଏବଂ ଯୋଗ ଆନ୍ତରିକ ଭାବେ ଯୋଡିହୋଇ ରହିଛନ୍ତି । ଏହାକୁ ଆମକୁ ହୃଦୟଙ୍ଗମ କରିବାକୁ ହେବ । ଶାରୀରିକ ଭାବେ ପ୍ରତ୍ୟେକ କାର୍ଯ୍ୟ ଯୋଗ କ୍ରିୟାର ଏକ ଅଂଶ କିନ୍ତୁ ବୈଜ୍ଞାନିକ ନିୟମ ଏବଂ ପ୍ରକ୍ରିୟା ଦ୍ୱାରା ହିଁ ଏହା ସମ୍ପୂର୍ଣ୍ଣତା ପ୍ରାପ୍ତ କରେ ।

ଅସିତ ମହାନ୍ତି
ସୁଜନପୁର , ଯାଜପୁର
୯୦୩୪୭୬୬୮୧୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋ ଜୀବନର ପ୍ରତିଧ୍ୱନି



ବିଜୟ କୁମାର ସାହୁ

ବୈଚିତ୍ର୍ୟମୟ ଏ ସଂସାର । ଏହି ସଂସାରକୁ ପଣ୍ଡିତମାନେ ଓଲଟ ବୃକ୍ଷ ସହିତ ତୁଳନା କରିଅଛନ୍ତି । ଯାହାର ମୂଳ ଊର୍ଦ୍ଧ୍ୱକୁ ଦୃଷ୍ଟିଗୋଚର ହୋଇଥାଏ ସେମାନଙ୍କ ପ୍ରଜ୍ଞାଚକ୍ଷୁରେ । ଆଉ ଥୋକେ କହନ୍ତି ଏ ଜଗତ ହେଉଛି ଅସାର, ଅଳୀକ, ଅବାସ୍ତବ ଇତ୍ୟାଦି । ମଣିଷ ଭିତରୁ ଅନେକ କହନ୍ତି ମଲା ! କିଏ କହିଲା ଏ ସଂସାର ମିଥ୍ୟା ଅବାସ୍ତବ ବୋଲି । ସେମାନଙ୍କ ଦୃଷ୍ଟିରେ ଏ ଜଗତ ସୁନ୍ଦର, ରମଣୀୟ, ନିତ୍ୟ ନୂତନ ପରିପାଟିରେ ଏହାର କଳେବର ବର୍ଦ୍ଧିତ ଓ ସ୍ୱର୍ଦ୍ଧିତ । ଏ ସଂସାର ଶୃଙ୍ଗାର କରି ଜାଣେ । ଏଠି ଭୋଗର ପ୍ରାଚୁର୍ଯ୍ୟ ପୂରି ରହିଛି । ଏଠି ପ୍ରେମ ଅଛି, ଏଠି ଖୁସି ଅଛି, ପୁଣି ଦୁଃଖ ବି ଅଛି । ବଞ୍ଚି ରହିବାର କଳା ଶିଖିବାକୁ ହୁଏ ଏଠାରେ । ଏମିତି ମଣିଷ ଅଛନ୍ତି ସେମାନଙ୍କ ଦୃଷ୍ଟିରେ ଏ ସଂସାର ହେଉଛି ଏକ ରଙ୍ଗମଞ୍ଚ । ଆମେ ସବୁ କୁଆଡେ ଜଣେ ଜଣେ ଅଭିନେତା ଏବଂ ଅଭିନେତ୍ରୀ । ଅଭିନୟ କରିବାକୁ ଏଠାକୁ ଆସିଛେ । ଅଭିନୟ ସରିଗଲେ ଫେରିଯିବା ରଙ୍ଗମଞ୍ଚର ଆଢୁଆଳରେ ଥିବା ରଙ୍ଗମହଲକୁ । "କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମିତଳେ । ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳବଳେ ।" ଭୀମଭୋଇ କହିଲେ – ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ॥ ଏକ ଖଣ୍ଡ ହାଡ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ । ତେଣୁ କରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରଇ ମୁହିଁ ॥ ପ୍ରାଣୀଙ୍କ କଷଣ ଭେଦୁଅଛି ମନ ଜୀବନକୁ ମୋର ବାଧେ । ଭୀମ ଅରକ୍ଷିତ କରି ଦଣ୍ଡବତ କାରଣ ମାଗୁଛି ପାଦେ ॥ ଗୋପୀମାନେ କହିଲେ ହେ ଉଦ୍ଧବ ! ଆମର ସେ ମୁକ୍ତି ଫୁକ୍ତି ଆବଶ୍ୟକ ନାହିଁ କି ଜ୍ଞାନ ବି ଦରକାର ନାହିଁ । ଆମର କୃଷ୍ଣ ଦରକାର ତାଙ୍କ ବିଶାଳ ବାହୁବଲ୍ଲରୀରେ ହଜିଯିବାର ଇଚ୍ଛା । ତାଙ୍କ ପ୍ରେମ ଟିକକ ପାଇଁ ଆମେ ବଞ୍ଚି ରହିଛୁ । ଉଦ୍ଧବ ଗୋପୀମାନଙ୍କର ନିଷ୍କଳଙ୍କ ପ୍ରେମ ଦେଖି ଭଗବାନଙ୍କୁ ପ୍ରାର୍ଥନା କରି କହିଲେ ହେ ଭଗବନ ! ଏହି ଗୋପୀମାନଙ୍କର ଚରଣ ରଜ ପାଇବା ପାଇଁ ମୋତେ ଗୋପ ନଗରୀର ତୃଣ କିମ୍ବା ଗୁଳ୍ମ କରିଦିଅ ।

ଦୃଷ୍ଟି ନିକ୍ଷେପ କଲେ ଜଣାପଡେ ଚକ୍ରବତ ଏ ସଂସାରର ଅଭ୍ୟୁଦୟ ଏବଂ ବିଲୟ ଅଛି । ଯେପରି ସକାଳ ସମୟଟିକୁ ମଧ୍ୟାହ୍ନ ଏବଂ ମଧ୍ୟାହ୍ନ ସମୟକୁ ସନ୍ଧ୍ୟା ସମୟ ଗ୍ରାସ କରିଥାଏ ତଥା ସୂର୍ଯ୍ୟାଲୋକ ପାଉଥିବା ସଂସାରଟି ଘନ ଅନ୍ଧକାର ମଧ୍ୟରେ ବିଲୀନ ହୋଇଯାଏ । ସେହି ଘନ ଅନ୍ଧକାର ଭିତରେ ସଂସାର ଥାଏ ନା ନାହିଁ ? ଯଦି ଥାଏ କେଉଁଠି ଥାଏ ? ଯଦି ନ ଥାଏ ତେବେ କାହିଁକି ନ ଥାଏ ? ଏ ପ୍ରଶ୍ନର ଉତ୍ତର ପ୍ରବୃଦ୍ଧ ମଣିଷମାନେ ନିଶ୍ଚୟ ଆବିଷ୍କାର କରିଅଛନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି ମନର ମୂଳେ ଏ ଜଗତ । ଏ ଦୃଶ୍ୟମାନ ଜଗତ ମନ ଦ୍ୱାରା କଳ୍ପିତ ଏବଂ ମନର ନାଶରେ ଜଗତର ନାଶ ।

ଜଣେ ଜନ୍ମାନ୍ଧ ବ୍ୟକ୍ତି ଏ ଦୃଶ୍ୟମାନ ଜଗତର ଅସ୍ତିତ୍ୱକୁ କିପରି ଗ୍ରହଣ କରିବ ? ଜଣେ ଚକ୍ଷୁ ଥିବା ମଣିଷ ଏ ଜଗତକୁ କିପରି ଅସାର ବା କହିବ ? ଏ ନଦୀ, ଏ ସାଗର, ଏ ପାହାଡ଼, ଏ ଝରଣା, ଏ ଆକାଶ, ଏ ସୂର୍ଯ୍ୟ, ଏ ଗ୍ରହ ଓ ଉପଗ୍ରହ, ଏ ପ୍ରାଣୀ ଜଗତ, ପକ୍ଷୀମାନଙ୍କର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଗୁଞ୍ଜନ, କୋଇଲିର କୁହୁତାନ, ପୁଷ୍ପର ସୁଗନ୍ଧ, ବନାନୀର ସବୁଜିମାକୁ ଦେଖୁଥିବା ଲୋକଟି ଅନ୍ଧ ଲୋକର ନାସ୍ତିବାଚକ ଶବ୍ଦକୁ ଗ୍ରହଣ କରିନପାରେ କି, ଦେଖୁଥିବା ଲୋକର ଅନୁଭବକୁ ଅନ୍ଧ ଲୋକଟି ବୁଝିପାରେନା । ଏଥିରୁ ଅନୁମେୟ ହୁଏ ଆଖି ଥାଉ ବା ନଥାଉ ମାନସିକ ସ୍ତରରେ ଏ ସଂସାରର ଅସ୍ତିତ୍ୱକୁ ଗ୍ରହଣ କରିବାରେ ମନର ସ୍ୱୀକୃତି ଅତ୍ୟନ୍ତ ଆବଶ୍ୟକ । 'ମନର ମୂଳେ ଏ ଜଗତ' ଏ ଆପ୍ତବାକ୍ୟଟି ତାହାହିଁ ସୂଚାଉଛି । ପୁଣି କୁହାଯାଇଛି 'ମନ ଏବ ମନୁଷ୍ୟାଣା  । ବନ୍ଧ ମୋକ୍ଷୟଃ' ।

-୨-

ମନ ହେଉଛି ମନୁଷ୍ୟର ବନ୍ଧନ ଓ ମୋକ୍ଷର କାରଣ । ଉପନିଷଦରେ ବର୍ଣ୍ଣନା କରାଯାଇଛି - ହେ ଭଗବନ ! ମୋତେ ମୃତ୍ୟୁରୁ ଅମୃତତ୍ୱକୁ ନେଇଯାଅ । ଗୀତାରେ ଭଗବାନ ଶ୍ରୀକୃଷ୍ଣଚନ୍ଦ୍ର କହୁଅଛନ୍ତି ହେ ଅର୍ଜୁନ ! ଆତ୍ମାର ମୃତ୍ୟୁ ନାହିଁ । ଆତ୍ମା ହେଉଛି ଅମର, ଅଜର, ନିତ୍ୟ, ଶୁଦ୍ଧ, ଅବିନାଶୀ ତତ୍ତ୍ୱଟିଏ । ନ ଜାୟତେ ମ୍ରିୟତେ ବା କଦାଚିନ୍ନାୟ । ଭୂତ୍ୱା ଭବିତା ବା ନ ଭୂୟଃ । ଅଜୋ ନିତ୍ୟ  ଶାଶ୍ୱତୋ ୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ ॥ ତେବେ ମୃତ୍ୟୁ କାହାର ହେଉଛି ? ସେହି ଗୀତାରେ ପୁଣି ଭଗବାନ କହୁଅଛନ୍ତି – ଜାତସ୍ୟ ହି ଧ୍ରୁବ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ । ତସ୍ମାଦପରିହାର୍ଜ୍ୟେ ର୍ଥେ ନ ତ୍ୱ ଶୋ ଚିତୁମର୍ହସି ॥ ଭଗବାନଙ୍କ ମୁଖ ନିସୃତ ବାଣୀ ଯଦିଓ ବାସ୍ତବ ସତ୍ୟ ତେବେ ବି ଆମେ ଅନେକ ମଣିଷ ମୃତ୍ୟୁକୁ ଭୟ କରିଥାଉଁ । ଭଗବାନ କହୁଅଛନ୍ତି – ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥ ମୋର ଶରଣାଗତ ହେଲେ ମୁଁ ତାକୁ ଅଭୟ ଏବଂ ମୁକ୍ତି ପ୍ରଦାନ କରିଥାଏ । ଆହୁରି ଅନେକ ନିର୍ଭର ପ୍ରତିଶ୍ରୁତି ଭଗବାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଥିଲେ ବି କେଜାଣି କାହିଁକି ମୃତ୍ୟୁ ନାଁ ଧରିଲେ ଆମେ ସମସ୍ତେ ଭୟ କରିଥାଉ । ଭଗବାନଙ୍କର ଏତାଦୃଶ ଆପ୍ତବାକ୍ୟ ତଥାପି ମୋତେ ଆଶ୍ୱାସନା ଦେଉନାହିଁ । କୃଷ୍ଣଙ୍କର ଏପରି ନିର୍ଭର ପ୍ରତିଶ୍ରୁତି, ଏପରି ଆଶ୍ୱାସନା ମୋତେ ଦମ୍ଭ ଦେଉନାହିଁ କିମ୍ବା ମୃତ୍ୟୁକୁ ନିଜର କରିବାର ସାହସ ଯୁଟୁନାହିଁ । କହିକି ? ଭଗବାନ ବୁଦ୍ଧ ଏକଦା ଏକ ବୃଦ୍ଧକୁ, ଏକ ରୋଗୀକୁ, ଶ୍ମଶାନକୁ ନିଆଯାଉଥିବା ଜନୈକ ବ୍ୟକ୍ତିକୁ ଏବଂ ଜଣେ ସନ୍ନ୍ୟାସୀକୁ ଦେଖି ଚିରନ୍ତନ ସୁଖର ସନ୍ଧାନ ପାଇଥିବାର ଦୃଷ୍ଟାନ୍ତ ମୋତେ ତଥାପି ଅନିତ୍ୟ ମସୁଖ ଜଣାପଡୁନାହିଁ କାହିଁକି ? ଭାଗବତର ଜିଜ୍ଞାସା ଏବଂ ଶ୍ରୋତା ଶିରୋମଣି ମହାରାଜ ପରୀକ୍ଷିତ ଶୃଙ୍ଗୀ ମୁନୀଙ୍କ ଦ୍ୱାରା ଅଭିଶାପ ଗ୍ରସ୍ତ ହୋଇ ମୃତ୍ୟୁକୁ ମହାଆନନ୍ଦରେ କୋଳାଗ୍ରତ କରିନେଲେ । କାଇଁ ତ ତାଙ୍କୁ ମୃତ୍ୟୁ କବଳିତ କରିପାରିଲା ନାହିଁ । ବରଂ ସେ ଚିରଦିନ ପାଇଁ ଅମର ହୋଇଗଲେ । ପରୀକ୍ଷିତ କହିଲେ – ଦେଖ ମରଣ କାଳ ମୋର । ପ୍ରତ୍ୟେକ୍ଷେ ତେଜିଲି ଆହାର ॥ ହରି ଚରିତ ସୁଧାବାରୀ । ତୋର ବଦନୁ ପାନ କରି ॥ ଜଗତ ସଂହାରିଣୀ କ୍ଷୁଧା । ସେ ମୋତେ ନ କରଇ ବାଧା ॥

ଶ୍ରୀଶୁକଦେବ ମହାରାଜ ପରୀକ୍ଷିତଙ୍କୁ କହିଲେ – ହେ ରାଜନ ! ଜନ୍ମ, ମୃତ୍ୟୁ ଏବଂ ଜରା ହେଉଛି ଶରୀରର ଧର୍ମ କିନ୍ତୁ ଆତ୍ମାର ନୁହେଁ । ଆତ୍ମା ହେଉଛି ଅଜର, ଅମର । ତେଣୁ ହେ ରାଜନ ! ତୁମେ କେବେ ବି ଏହି ସାତ ଦିନର ମରିଯିବି ବୋଲି ହାୟ ହାୟ ହୁଅନାହିଁ । ନିଜ ମନରୁ ପଶୁବୁଦ୍ଧି ପରିତ୍ୟାଗ କର । ତୁମେ ଜାଣିଛ ନା ଘଟ ଭାଙ୍ଗିଗଲେ ସେହି ଘଟସ୍ଥିତ ଆକାଶ ମହାକାଶରେ ମିଶିଯାଏ । ସେହିପରି ତୁମର ଏହି ପଞ୍ଚଭୌତିକ ଶରୀର ନଷ୍ଟ ହୋଇ ଯାଇପାରେ କିନ୍ତୁ ଦେହସ୍ଥିତ ଆତ୍ମାର ମୃତ୍ୟୁ ହୁଏନାହିଁ । ବ୍ରହ୍ମର୍ଷୀ ଶୃଙ୍ଗୀ ଅଭିଶାପ ଦେଇଥିବାରୁ ଅବଶ୍ୟ ତକ୍ଷକ ଆସିବ ଏବଂ ତୁମକୁ ଚୋଟ ମାରିବ । ଏହାଦ୍ୱାରା ତୁମର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶରୀରଟା ନଷ୍ଟ ହୋଇଯିବ ମାତ୍ର ଆତ୍ମାର କିଛି ବି କ୍ଷତି ହେବନାହିଁ । ଆତ୍ମା ହେଉଛି ପରମାତ୍ମାଙ୍କର ଅଂଶ । 'ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।' ଶୁକ ପୁଣି କହିଲେ ହେ ରାଜନ ! ଅହଂ ବ୍ରହ୍ମ ପରଂଧାମ ବ୍ରହ୍ମା ହଂ ପରମଂ ପଦମ ॥ ମୁଁ ହେଉଛି ପରମାତ୍ମା ରୂପ ବ୍ରହ୍ମ । ଆଉ ପରମ ପଦରୂପୀ ବ୍ରହ୍ମ ବି ମୁଁ ହିଁ । ହେ ମହାରାଜ ! ଯେଉଁ ତକ୍ଷକ କାଳ ହୋଇ ତୁମକୁ ଦଂଶନ କରିବାକୁ ଆସିବ ସେ ମଧ୍ୟ କୃଷ୍ଣଙ୍କର ଅଂଶବିଶେଷ । ହେ ରାଜନ ! ମୁଁ ତୁମକୁ ଆଶ୍ୱାସନା ଦେଉଛି ଯେତେବେଳ ପର୍ଯ୍ୟନ୍ତ ମୁଁ ତୁମ ପାଖରେ ଅଛି ତକ୍ଷକ ଆସିବ ନାହିଁ । ଏହାପରେ ଯଦି ତୁମର କିଛି ଅଧିକ କିଛି ସଂଶୟ ବା ଅଭିଳାଷ ଥାଏ ତାହା କାଳବିଳମ୍ବ ନ କରି ମୋତେ କୁହ, ମୁଁ ତାହାର ଉପାୟ କହିବି । ପରୀକ୍ଷିତ କହିଲେ ହେ ମହାଭାଗ ! ଆପଣଙ୍କ ଶ୍ରୀମୁଖରୁ ଅମୃତମୟ ବାଣୀ ଆସ୍ୱାଦନ କରିବା ପରେ ମୁଁ ସଂପୂର୍ଣ୍ଣ ନିର୍ଭୟ ହୋଇଯାଇଛି, ଏବେ ମୃତ୍ୟୁକୁ ମୋର ଡର ନାହିଁ ।

-୩-

ଏହାପରେ ପରୀକ୍ଷିତ ମହାଆନନ୍ଦ ସହିତ କହୁଅଛନ୍ତି ହେ ଭଗବନ ! ମୁଁ ଏବେ କୃତାର୍ଥ ହୋଇଗଲି । ବର୍ତ୍ତମାନ ମୁଁ ପ୍ରଭୁଙ୍କ ପାଖକୁ ଯାଉଛି । ଆହା ! କି ସୁନ୍ଦର ବାର୍ତ୍ତା, ତଥାପି ମୋତେ କାହିଁକି ସାନ୍ତ୍ୱନା ଦେଉନାହିଁ ? ଶାସ୍ତ୍ରରେ ବର୍ଣ୍ଣିତ ଅଛି – କାଳୋ ଜୟତି ଭୂତାନି କାଳ ସଂହରତେ ପ୍ରଜାଃ । କାଳ ସ୍ୱପ୍ନେ ଚ ଜାଗର୍ତି କାଳୋହି ଦୁରତିକ୍ରମଃ ॥ ଅର୍ଥାତ କାଳ ସମସ୍ତ ଜୀବମାନଙ୍କ ଉପରେ ବିଜୟ ଲାଭ କରେ, ପ୍ରଜାମାନଙ୍କୁ ସଂହାର କରେ । ସେ ସ୍ୱପ୍ନରେ ବି ଜାଗ୍ରତ ହୋଇରହିଥାଏ ଅତଃ କାଳକୁ କେହି ଉଲଘଂନ କରିପାରନ୍ତି ନାହିଁ । କାଳକୁ କେହି ନିଜ ପରାକ୍ରମ ସାହାଯ୍ୟରେ ଦବାଇ ପାରନ୍ତି ନାହିଁ । କାଳ ଜବରଦସ୍ତ ପଶି ଜୀବକୁ ନେଇଯାଏ ଏବଂ ତାହାର ସ୍ୱଭାବ ସବୁବେଳେ ଅକ୍ଷୁର୍ଣ୍ଣ ରହେ । ଏତେ ସବୁ କଥା ଏତେ ସବୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଶ୍ୱାସନା ଥାଇ ବି ମୁଁ କାହିଁକି ଯେ ବିଚଳିତ ?

ମନେପଡେ ଶ୍ରୀରାମ ଚରିତ ମାନସର କଥା । ଅତ୍ୟନ୍ତ ମଫସଲି ଗାଁର କୈବର୍ତ୍ତ ଶ୍ରୀରାମଙ୍କୁ କହୁଛି ହେ ରାମ ! ମୁଁ ଶୁଣିଅଛି ତୁମର ଚରଣର ଧୂଳି ଲାଗିବାରୁ ପଥର ମୂର୍ତ୍ତିଟା ଏକ ସୁନ୍ଦରୀ ସ୍ତ୍ରୀ ହୋଇଗଲା । ସେହି ନ୍ୟାୟରେ ଦେଖିବାକୁ ଗଲେ ତୁମ ଚରଣ ରେଣୁର ସ୍ପର୍ଶରେ ମୁଁ ଜୀବନ ଜୀବିକା ନିର୍ବାହ କରୁଥିବା ଏହି କାଷ୍ଠ ନିର୍ମିତ ନୌକାଟି କିଏ କହିବ ନାରୀରେ ପରିଣତ ହୋଇ ନଯିବ ? ଏଣୁ ମୋ ସର୍ତ୍ତରେ ଯଦି ଆପଣ ରାଜି ତେବେ ନଦୀ ପାର କରିଦେବି, ନଚେତ ନାହିଁ । କାରଣ ଯଦି ମୋ ନୌକାଟି ସ୍ତ୍ରୀ ହୋଇଯାଏ ତେବେ ମୁଁ ଦୁଇ ଦୁଇଟା ସ୍ତ୍ରୀ ନେଇ କିପରି ଚଳିବି । ଏମିତି ଦେଖିବାକୁ ଗଲେ ମୋର ଅପଯଶ ହେବ । ଦୁଇ ସଉତୁଣୀ ଭିତରେ ଝଗଡା ହୋଇ ଶେଷରେ ମୋ ସଂସାର ଉଚ୍ଛନ୍ନ ହୋଇଯିବ । ଶ୍ରୀରାମ କହିଲେ ତୁମ କଥାରେ ମୁଁ ରାଜି । ଏବେ ତୁମେ ଯାହା ଉଚିତ ମଣୁଛ ତାହା କର କିନ୍ତୁ ଶୀଘ୍ର ଆମକୁ ପାର କରିଦିଅ । କୈବର୍ତ୍ତ ପ୍ରଭୁଙ୍କର ଚରଣ ଧୋଇଦେଇଛି, ଚରଣୋଦକ ପାନ କରିଛି ଏବଂ ତା ସହଧର୍ମିଣୀକୁ ମଧ୍ୟ ଦେଇଛି । ଶ୍ରୀରାମ କହିଲେ ଏବେ ତୁମ ପାଉଣା ନିଅ । କୈବର୍ତ୍ତ କହୁଛି ୟେ କି କଥା କହିଲେ ଅଯୋଧ୍ୟାନାଥ ! ଆମେ ପରା ଏକା ବଂଶଜ ଲୋକ, ମୁଁ ପୁଣି ତୁମଠାରୁ ପାଉଣା ନେବି । ନା ନା ପ୍ରଭୁ । ଲକ୍ଷ୍ମଣ କ୍ରୋଧିତ ହୋଇ କହିଲେ ହେ ନାଉରିଆ ତୋର ତ କମ ସାହସ ନାହିଁ, ତୁ ଏପରି କଥା କିପରି କହିପାରୁଛୁ । ଆମେ ହେଲୁ କ୍ଷତ୍ରିୟ ବଂଶଜ ଆଉ ତୁ ସାମାନ୍ୟ କେଉଟ । ତୋ ଏବଂ ଆମ ଭିତରେ ଆକାଶ ପାତାଳ ପ୍ରଭେଦ । ପ୍ରଭୁ ଲକ୍ଷ୍ମଣଙ୍କ ଏପରି ଅନୁଚିତ କଥା ଶୁଣି କୈବର୍ତ୍ତଠାରୁ କ୍ଷମା ଭିକ୍ଷା କଲେ । ଶ୍ରୀରାମ ପଚାରୁଅଛନ୍ତି ଆଚ୍ଛା କୈବର୍ତ୍ତ ଭାଇ କହିଲ ଆମେ କିପରି ସମ ସମ୍ପର୍କୀୟ ?

କୈବର୍ତ୍ତ କହୁଛି ଆଜ୍ଞା ମୁଁ ହେଲି ମାଝି ଆପଣ ବି ମାଝି । ମୁଁ ଏହି ସାମାନ୍ୟ କ୍ଷୁଦ୍ର ନଦୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାର କରୁଅଛି ଆଉ ଆପଣ ଅପାର ଭବ ସମୁଦ୍ରରୁ ପ୍ରତ୍ୟେହ ଜୀବମାନଙ୍କୁ ପାର କରୁଅଛନ୍ତି । ଅତଏବ ଆମେ ଦୁହେଁ କ'ଣ ସମାନ ନୁହଁନ୍ତି ? ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ସେଦିନ କୈବର୍ତ୍ତ ସମ୍ମୁଖରେ ପରାଜୟ ବରଣ କରିଅଛନ୍ତି । ଭଞ୍ଜ କହିଲେ - ସେ ସାମାନ୍ୟ କୈବର୍ତ୍ତ ନ ଥିଲା ସେ ଥିଲା ବିଜ୍ଞାନୀ କୈବର୍ତ୍ତ । ଗୀତା କହିଲେ ଆରେ ଅମାନିଆ ଜୀବ ତୁ ମୋର ଶରଣ ନେଇ ଯା ଦେଖିବୁ ମୁଁ ତୋତେ ଏହି ଭବ ସାଗରରୁ ପାର କରି ବୈକୁଣ୍ଠକୁ ନେଇଯିବି । କୃଷ୍ଣ ପ୍ରତିଶ୍ରୁତି ଦେଇଅଛନ୍ତି ତଥାପି ମୁଁ କାହିଁକି ମୃତ୍ୟୁକୁ ଭୟ କରୁଛି ? ଏହା ମୋର ଦୁର୍ବଳତା ନୁହେଁ ତ ? ଏହା ମୋର ଅହଂକାର ନୁହେଁ ତ ? ଏହା ମୋର ଅବିଶ୍ୱାସ ନୁହେଁ ତ ?

-୪-

ବର୍ତ୍ତମାନ ମୋର ବ୍ୟକ୍ତିଗତ ଜୀବନଚର୍ଯ୍ୟାକୁ ନେଇ ଅକୃତ୍ରିମ ଭାବନାକୁ ଆପଣମାନଙ୍କ ସମ୍ମୁଖରେ ଆଗତ କରୁଅଛି । ମୋର ବୟସ ଷାଠିଏ ପୁରି ଏକଷଠି । ତଥାପି ବାନପ୍ରସ୍ଥ ଜୀବନ ଅତିବାହିତ କରିବା ପାଇଁ ମନ ମୋର ବଳୁନାହିଁ । ଅମିତ ବିକ୍ରମଶାଳୀ ତ୍ରିଭୁବନ ବିଜୟୀ ରାବଣକୁ ବିନାଶ କରି ରାଘବେନ୍ଦ୍ର ସରକାର ଅବଧରେ ପହଞ୍ଚି ରାଜସିଂହାସନରେ ଉପବେଶନ ହୋଇସାରିଅଛନ୍ତି । କିଛି ଦିନ ଅତିବାହିତ ହୋଇଛି କୌଶଲ୍ୟା କହୁଅଛନ୍ତି ରେ ପୁଅ ରାମ ! ମୁଁ ଏବେ ସ୍ଥିର କରିଛି କୈକେୟୀ ଏବଂ ସୁମିତ୍ରା ସହିତ କାମରୁପସ୍ଥିତ ଶୃଙ୍ଗୀଙ୍କ ଆଶ୍ରମରେ ରହି ଅବଶିଷ୍ଟ ଜୀବନ ଅତିବାହିତ କରିବି । ଏହି ବୟସରେ ଆଜ୍ଞା ମୁଁ ଆଧି, ବ୍ୟାଧି ଓ ଜରାଗ୍ରସ୍ତ ସଂସାରୀ ମଣିଷଟିଏ ପାଲଟି ଯାଇଛି । ମୋର ପରିବାର ଅଛି, ପିଲାପିଲି ଅଛନ୍ତି, ବନ୍ଧୁବାନ୍ଧବ ଅଛନ୍ତି, ସମାଜ ଅଛି, ଗାଁ ଅଛି, ଦେଶ ବି ଅଛି ।

ମୋ ଚାରିପାଖରେ କେତେ ଯେ ଘଟଣା, ଦୁର୍ଘଟଣା, ସୁଖ, ଦୁଃଖ, ଆନନ୍ଦ, ନିରାନନ୍ଦର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୁଚକାଳି । ନିଶ୍ୱାସେ ନାହିଁ ବିଶ୍ୱାସ । ଊଣାଅଧିକେ ପ୍ରାୟ ଆମେ ସମସ୍ତେ କେଜାଣି କାହିଁକି ମୃତ୍ୟୁ ନାମ ଶୁଣିଲେ କିମ୍ବା କାହାର ମୃତ୍ୟୁ ଖବର ଶୁଣିଲେ କିମ୍ବା କାହାର ମୃତ୍ୟୁ ଅବସ୍ଥା ସ୍ୱଚକ୍ଷୁରେ ଦେଖିଲେ ଭୟଭୀତ ହୋଇଥାଉଁ । ଯଦିଓ ଏ ସଂସାରରେ ପ୍ରତି ମୁହୂର୍ତ୍ତରେ ଆମେ ସମସ୍ତେ ମରୁଛେ ଏବଂ ପୁଣି ଜନ୍ମ ନେଉଛେ । ସବୁଦିନିଆ ମୃତ୍ୟୁ ବା ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ତାହା ଆମ ଚେତନାକୁ ସେଭଳି ବିଷାକ୍ତ କରୁ ନଥିବାବେଳେ ମୋର ମୃତ୍ୟୁ ହୋଇଯିବ ବୋଲି ଭାବିନେଲେ ଦେହରେ ଭୟର ଶିହରଣ ଖେଳିଯାଉଛି । ଏହି କଥା ତ ସେଦିନ ଧର୍ମରାଜ ଯୁଧିଷ୍ଠିର ଧର୍ମବକକୁ କହିଥିଲେ । ମୋର ମୃତ୍ୟୁ ହୋଇଯିବ, ମୋତେ ଶ୍ମଶାନକୁ ନେଇଯିବେ, ମୋ ପାଇଁ ଛଅ ଖଣ୍ଡ କାଠ ଲୋଡାହେବ, ମୋ ଦେହରେ ଜୁଇ ଲାଗିବ, ମଝିରେ ମଝିରେ ଖେଞ୍ଚୁଥିବେ, ତା'ପରେ ମୋର କର୍ମ ଅନୁଯାୟୀ ଭୁତପ୍ରେତ କିମ୍ବା ଅନ୍ୟ କୌଣସି ଯୋନିରେ ଜନ୍ମ ଲାଭ ହେବ ଇତ୍ୟାଦି କଥା ଚିନ୍ତନ କଲେ ଛାତିରେ ଛନକା ପଶିଯାଉଛି । ଅତି ଗେହ୍ଲା ନାତି ନାତୁଣୀ କିମ୍ବା ମୋର ପୁତ୍ର ମୋ ଅଶରୀରି ଛାୟାକୁ ଦେଖିଲେ ଭୟ କରି କହିବେ ହେଇ ଭୁତ ଆସିଲାଣି, ଚାଲ ପଳାଇବା । ଏପରି ନକାରାତ୍ମକ ଚିନ୍ତା ମୋତେ ବ୍ୟସ୍ତ ବିବ୍ରତ କରିଦେଉଛି । ମୋ ଅଙ୍ଗ ଗଳିତ ହୋଇଗଲାଣି, ମୁଣ୍ଡ ଲଣ୍ଠିତ, ଚର୍ମ ଲୋଳାୟିତ, ଚକ୍ଷୁକୁ ଦେଖାଯାଉ ନାହିଁ ତଥାପି ବଞ୍ଚିବାର ମୋହ ମୋର ଅଛି । ଏବେ ବି ମୁଁ ବ୍ରହ୍ମ ସହିତ ବିଳାସ ନ କରି ବରଂ ମୋ ସ୍ତ୍ରୀ ସହିତ ବିଳାସ କରୁଛି ।

ଏଇ ଭିତରେ ମୁଁ ପରିହାସ ଛଳରେ ଅନେକ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ପଚାରିଛି; ଆପଣ କ'ଣ ଏହି ପରିଣତ ବୟସରେ କାମ ବାସନାକୁ ପରିତ୍ୟାଗ କରିଅଛନ୍ତି ? ଆପଣଙ୍କ ଚାରିପାଖରେ ଘୂରିବୁଲୁଥିବା ସୁନ୍ଦରୀ ତରୁଣୀମାନଙ୍କୁ ଅବଲୋକନ କଲାପରେ କ'ଣ ସ୍ଥିର ଏବଂ ଧୀର, ଶାନ୍ତ ହୋଇ ରହିପାରୁ ଅଛନ୍ତି ? ସେମାନଙ୍କ ଭିତରୁ କେହି କେହି କୁହନ୍ତି ହଁରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାତି ! ଶାରୀରିକ ଭାବରେ ଦେଖିବାକୁ ଗଲେ ମୁଁ କାମୋପଭୋଗ କରିବାକୁ ଅସମର୍ଥ କିନ୍ତୁ ମନ ମଧ୍ୟରେ ଶତପ୍ରତିଶତ କାମ ଜ୍ୱାଳାକୁ ନିର୍ବାପିତ କରିପାରି ନାହିଁ । ଏ ପର୍ଯ୍ୟନ୍ତ ମୁଁ ସେହି ଦୂରାରୋଗ୍ୟ କାମ ବାସନାରୁ ତ୍ରାହି ପାଇନାହିଁ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିବାରେ ନିଜକୁ ଲଜ୍ଜା ଲାଗୁନାହିଁ । ଏହା କ'ଣ ମୋର ଦୁର୍ବଳତା ନୁହଁ ନା ଏହା କଳିଯୁଗର ନୀତି ବୋଲି ଆଶ୍ୱସ୍ତି ଲାଭ କରିବି, ଆପଣମାନେ ବିଚାର କରିବେ । ନାରଦଙ୍କ ହଟହଟା (ଶୀଳନିଧିଙ୍କ କନ୍ୟା ସ୍ୱୟଂମ୍ବର ସମୟର ଘଟଣା), ଭଗବାନ ଶଙ୍କରଙ୍କ ମୋହିନୀ କନ୍ୟା ପଛେ ପଛେ ଧାଇଁବା, କୈବର୍ତ୍ତ କନ୍ୟା ସତ୍ୟବତୀଙ୍କ ଅନିନ୍ଦ୍ୟ ରୂପକୁ ଦର୍ଶନ କରି ନିଜର ନିୟନ୍ତ୍ରଣ ହରାଇ ପରାଶର ମୁନି ଦିବା ସମୟରେ କୁହୁଡିର ଭ୍ରମ କରି ତାଙ୍କ ସହିତ ସହବାସ କରିବା, ବିଶ୍ୱାମିତ୍ରଙ୍କ ପରି ବ୍ରହ୍ମର୍ଷୀ ମେନକା ଅପସରା ସହିତ ପ୍ରଣୟ କରିବା ଆଦି ଘଟଣା ବହୁଳ ଉଦାହରଣ ଶାସ୍ତ୍ରରେ ଥିଲେ ବି ମୁଁ ଯେ କାହିଁକି ବଜାରୀ ହୋଇଗଲି ଆପଣମାନେ କହିପାରିବେ କି ?

-୫-

ମୁଁ ମୋ ଗାଁର ମରୁଥିବା ଲୋକମାନଙ୍କୁ ଅତି ପାଖରେ ଯାଇ ଦେଖିଅଛି ସେମାନେ କିପରି ମରୁଛନ୍ତି । ଏପରିକି ମୁଁ ମୋ ନିଜ ପିତାଙ୍କର ମୃତ୍ୟୁକାଳୀନ ଅବସ୍ଥାକୁ ଦେଖିଛି । ଆହା କି କରୁଣ ଅବସ୍ଥା, କି କଷ୍ଟ, କି ଆର୍ତ୍ତ ଚିତ୍କାର, ଘଡ ଘଡ ଶବ୍ଦ, ବିକଳିଆ ଭାବର ଅର୍ଥ ବୁଝିବାକୁ ମୋର ଚାରା ନ ଥିଲା । ମୁଁ ମୋ ଜେଜେମାଙ୍କର ମୃତ୍ୟୁକୁ ବି ଅତି ପାଖରେ ଦେଖିଛି । ମୁଁ ମୋ ମୃତ୍ୟୁ କଥା ଭାବିଲେ କାହିଁ କେଜାଣି ଛାତିରେ ଛନକା ପଶିଯାଉଛି । ଆଧ୍ୟାତ୍ମିକବାଦୀ ଲୋକର ମୃତ୍ୟୁ ବି ଦେଖିଛି । କେହି କେହି ଶଯ୍ୟାରେ ଅତି ମାତ୍ରାରେ ପଡି ପଡି କଲବଲ ହୋଇମରିଥିବାର ଦୃଶ୍ୟ ମଧ୍ୟ ଦେଖିଛି । ସବୁଠାରୁ ଏପରି ଜଣେ ବ୍ୟକ୍ତିର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମରଣ ସମୟ୍ ଦେଖିଛି; ଯେ ଆମ ଗାଁର ଜଣେ ପ୍ରତିଷ୍ଠିତ ସୁନାମ ଧନ୍ୟ ବ୍ୟକ୍ତି ଥିଲେ । ସେ ଅନେକ ଶାସ୍ତ୍ରରୁ ଅଭିଜ୍ଞତା ସାଉଁଠି ବିତରଣ କରୁଥିଲେ । ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ଅଥଚ ମୃତ୍ୟୁ ସମୟର ବହୁ ପୂର୍ବରୁ ତାଙ୍କର ସ୍ମୃତି ରହିଲା ନାହିଁ, ସେ ଅତି ଅଭଦ୍ର ଭାଷା ବି କହୁଥିବାର ଶୁଣାଯାଏ । କେହି କେହି ବି ହଠାତ ମରିଯାଇଛନ୍ତି, ତାଙ୍କ ପାଖରେ ସେପରି ରୋଗ ନ ଥିଲା । ଜଣେ ଦେଶ ପାଇଁ ଉତ୍ସର୍ଗୀକୃତ ସମାଜ ସଂସ୍କାରକ ଏବଂ ଆଧ୍ୟାତ୍ମବାଦୀ ଦୀର୍ଘ ଛଅ ମାସ ଧରି ଶଯ୍ୟାସାୟୀ ହୋଇ ଅତି କଷ୍ଟରେ ମୃତ୍ୟୁଲାଭ କଲେ, ଏପରିକି ତାଙ୍କ ଦେହରେ ଜୀବାଣୁ ଚରିଗଲା । ଅନ୍ୟ ଏକ ବ୍ୟକ୍ତି ମରିବା କେତେ ବର୍ଷ ଆଗରୁ ସ୍ମୃତି ଶକ୍ତି ହରାଇ ଏଣେତେଣେ ପଡିଥିବା ଅଳିଆ ଆବର୍ଜନା ସଂଗ୍ରହ କରୁଥିଲେ, ପରିଶେଷରେ ଅନେକ ଯନ୍ତ୍ରଣା ପାଇ ପରଲୋକ ଯାତ୍ରା କଲେ । ଏ ସଂସାରର ଅସଂଖ୍ୟ ମଣିଷ ମାନଙ୍କ ମଧ୍ୟରୁ ଆମ ଗାଁର ଏହି କେତୋଟି ଉଦାହରଣ ମୋତେ ବ୍ୟସ୍ତ ବିବ୍ରତ କରିଦେଉଛି । ମୁଁ ଚିନ୍ତା କରୁଛି ମୋର କିପରି ମରଣ ହେବ କିମ୍ବା ମୁଁ କିପରି ମରିବି ।

କେବଳ ମୋ ଗାଁର ଏତାଦୃଶ ମରଣର ଛବି ନୁହେଁ ସମଗ୍ର ପୃଥିବୀରେ ପ୍ରତିକ୍ଷଣ ଏପରି ଘଟଣା କାଳର ପ୍ରବାହରେ ଘଟିଚାଲିଛି । ଆପଣମାନେ ମଧ୍ୟ ଏହି ମୃତ୍ୟୁ ରୂପକ ସତ୍ୟକୁ ଦେଖୁଥିବେ । ଗଣମାଧ୍ୟମରେ ମଧ୍ୟ ମୃତ୍ୟୁର ଛବି ଅନେକ ପ୍ରକାରରେ ଦୃଷ୍ଟିଗୋଚର ହୋଇଥାଏ । ଯଥା – ସୁନାମୀ, ବନ୍ୟା, ବାତ୍ୟା, ମରୁଡି, ସଡକ ଦୁର୍ଘଟଣା, ରେଳ ଦୁର୍ଘଟଣା, ଏୟାର ଦୁର୍ଘଟଣା, ହତ୍ୟା, ରାହାଜାନି, ବଳାତ୍କାର, ଲୁଣ୍ଠନ ଏବଂ ଆଜିର ରୁଷିଆ ଓ ଉକ୍ରେନ ଯୁଦ୍ଧର ବିଭୀଷିକା ଇତ୍ୟାଦି । ବିଗତ ୨୦୨୦ ମସିହାଠାରୁ ଏପର୍ଯ୍ୟନ୍ତ ମହାମାରୀ କରୋନା ପୃଥିବୀର ଲକ୍ଷ ଲକ୍ଷ ମଣିଷର ମୃତ୍ୟୁର କାରଣ ହୋଇଛି । ଏପରି ହୋଇଛି ଯେ କରୋନା ପ୍ରପୀଡିତ ମଣିଷକୁ ମଣିଷ ଘୃଣା କରୁଅଛି । କିଏ ଠୋଠା ମରୁଛି ତ କିଏ ପଡିସଢି ମରୁଛି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିଏ ଅନ୍ୟ କୌଣସି ଉପାୟ ଅବଲମ୍ବନ କରି ମରୁଛି । ମୁଁ ଏତେ ଭାବରେ ଭୟଭୀତ ହୋଇଯାଇଛି ଯେ ମୋର କିପରି ମୃତ୍ୟୁ ହେବ ସେହି କଥା ଭାବି ଭାବି ରାତିରେ ନିଦ ହେଉନାହିଁ । ପଚିସଢି ମରିବି ନା ହଠାତ ମରିବି ଏପରି ଅନେକ ଭାବନା ମୋତେ କାହିଁକି ବିବ୍ରତ କରିଦେଉଛି । କିନ୍ତୁ କାଇଁ ତ ବୈରାଗ୍ୟ ମନରେ ଆସୁନାହିଁ । କ'ଣ କରିବି, କିଏ ମୋର ସଠିକ ମୃତ୍ୟୁ ଅବସ୍ଥା ସୁଚେଇ ଦେବ । ଅନେକ ଜ୍ୟୋତିଷାଚାର୍ଯ୍ୟ ମାନଙ୍କୁ ପଚାରିଛି । କିନ୍ତୁ ଉତ୍ତର ପାଇନାହିଁ । ବେଳେ ବେଳେ ଗୀତାର ପୃଷ୍ଠା ଅବଲୋକନ କରେ । ମୃତ୍ୟୁ କଥା ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ସେଥିରେ । ଗୀତା ମୋତେ ଖତେଇ ହୋଇ କହୁଅଛନ୍ତି ଆରେ ପାଗଳା ! ମୃତ୍ୟୁ ତୋ ଦେହର ହେବ କିନ୍ତୁ ଆତ୍ମାର ନୁହେଁ, ତୁ ଅଯଥା ବିଚଳିତ ହେଉଛୁ କାହିଁକି ? ଦୁଇ ହସ୍ତ ଉତ୍ତୋଳନ କରି ମହାବାହୁଙ୍କୁ ଆଲିଙ୍ଗନ କରିବାର ମାନସିକ ମାର୍ମିକ ପ୍ରାର୍ଥନା ଟିକକ ସାଉଁଟି ନେବାପାଇଁ ସନ୍ଥମାନେ ପରାମର୍ଶ ଦିଅନ୍ତି । ସେମାନେ ଆହୁରି ମଧ୍ୟ କହନ୍ତି ତୁମେ ମୁକ୍ତିର ଅନ୍ୱେଷଣ କର । ତୁମର ଜନ୍ମଗତ ଅଧିକାର ହେଉଛି ମୁମୁକ୍ଷୁତ୍ୱ ବା ନିର୍ବାଣ । ଭଗବତ ଚିନ୍ତନ କର ଏହା ବ୍ୟତୀତ ଆଉ କିଛି ଦୁଃଶ୍ଚିନ୍ତା କରନାହିଁ । ରାମାୟଣ କୁହନ୍ତି ମହାରାଜ ଦଶରଥ ନିଜର ମସ୍ତକକୁ ଶ୍ରୀରାମଙ୍କ ପାଦତଳେ ରଖିଦେଲେ ଅର୍ଥାତ ସେ ହା ରାମ ହା ରାମ କହି ଶିର ଅବନତ କରି ସ୍ୱର୍ଗକୁ ଯାତ୍ରା କଲେ । କିନ୍ତୁ ରାବଣ ତାହାର ଦଶ ଦଶଟା ମୁଣ୍ଡ ଥାଇ ବି ଦିନେହେଲେ ଶ୍ରୀରାମଙ୍କ ପାଦପଦ୍ମ ତଳେ ଅବନତ କଲା ନାହିଁ ତେଣୁ ତାହାର ବିନାଶ ହେଲା, ସ୍ୱର୍ଣ୍ଣମୟୀ ଲଙ୍କା ଧ୍ୱଂସ ହୋଇଗଲା ।

-୬-

କାଳୋ ଜୟତି ଭୂତାନି କାଳ ସଂହରତେ ପ୍ରଜାଃ । କାଳ ସ୍ୱପ୍ନେ ଚ ଜାଗର୍ତି କାଳୋହି ଦୁରତି - କ୍ରମଃ ॥ ଅର୍ଥାତ କାଳ ସମସ୍ତ ଜୀବମାନଙ୍କ ଉପରେ ବିଜୟଲାଭ କରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଜାମାନଙ୍କୁ କାଳ ସଂହାର କରେ । କାଳ ସ୍ୱପ୍ନରେ ବି ଜାଗ୍ରତ ରହିଥାଏ ଅତଃ କାଳକୁ କେହି ଅତିକ୍ରମ କରିପାରନ୍ତି ନାହିଁ । କାଳକୁ କେହି ଦବାଇ ପାରିବେ ନାହିଁ । କାଳ ଜବରଦସ୍ତ ପଶି ଜୀବକୁ ନେଇଯାଏ ଏହା ତାହାର ସ୍ୱଭାବ । ସେ ସବୁବେଳେ ଅକ୍ଷୁର୍ଣ୍ଣ ରହିଥାଏ । ଶଙ୍କରାଚାର୍ଯ୍ୟ କହିଲେ ଆରେ ଅଧମ ! ତୋର ଅଙ୍ଗ ଗଳିତ ହୋଇଗଲାଣି, ଚର୍ମ ଶିଥିଳ ହୋଇଗଲାଣି, ଦାନ୍ତ ପଡିଗଲାଣି, କେଶ ପକ୍ୱ ହୋଇଗଲାଣି, ଅଣ୍ଟା ନଇଁ ଗଲାଣି, ତଥାପି ତୁ ଆଶା ମରୀଚିକା ପଛେ ପଛେ ଧାଉଁଛୁ । ପ୍ରତ୍ୟେକ କ୍ଷଣରେ ଶରୀର ମରୁଛି କ୍ଷୟ ହେଉଛି ତଥାପି ମୋ ମନ ମରୁନାହିଁ । ଏକଦା ଜୈନ ସନ୍ଥ ପୁଲକ ସାଗର କହୁଥିଲେ ମୃତ୍ୟୁକୁ ସୁଧାର ନାହିଁ ବରଂ ଜୀବନକୁ ସୁଧାର । ଜନ୍ମୋତ୍ସବ ପାଳନ କର ମନା ନାହିଁ କିନ୍ତୁ ମୃତ୍ୟୁର ମହୋତ୍ସବ ପାଳନ କର । ଜନ୍ମ ଯଦି ଉତ୍ସବ ହୁଏ ମୃତ୍ୟୁ ହେଉଛି ମହୋତ୍ସବ । ଜୀବନକୁ ସୁଧାରିଲେ ମୃତ୍ୟୁ ସୁଧାରିଯିବ । ମରା ମରା ଜୀବନରେ ବଞ୍ଚିବା ଶିଖ । ପ୍ରତିଦିନ ସୂର୍ଯ୍ୟ ଉଦୟ ହୁଅନ୍ତି ପୁଣି ଅସ୍ତ ବି ଯାଆନ୍ତି । କିନ୍ତୁ ଅସ୍ତ ପୂର୍ବରୁ ସୂର୍ଯ୍ୟ ଗୋଟିଏ ସନ୍ଦେଶ ଦେଇ ଯାଆନ୍ତି । ସେହି ସନ୍ଦେଶଟି ହେଉଛି ହେ ମନୁଷ୍ୟ ମୁଁ ଏବେ ଦୂରଦିଗବଳୟକୁ ଚାଲିଯାଉଛି, ଏହାପରେ ଜଗତରେ ଘନ ଅନ୍ଧକାର ଘୋଟିଯିବ । ତୁମେ ଗୋଟିଏ କାର୍ଯ୍ୟ କର । ତୁମେ ତୁମ ଘରେ ଦୀପଟିଏ ଜାଳିଦିଅ, ଦେଖିବ ଅନ୍ଧକାର ଚାଲିଯିବ । ମୁଁ ସିନା ଜଗତକୁ ଆଲୋକିତ କରୁଥିଲି ତୁମେ ଜ୍ଞାନର ଦୀପଟିଏ ଜାଳି ତୁମ ହୃଦୟକୁ ଆଲୋକିତ କର ।

ହେ ମନୁଷ୍ୟ ! ମୁଁ ଏକ ନିର୍ଦ୍ଧିଷ୍ଟ ସମୟରେ ଉଦୟ ଏବଂ ଅସ୍ତ ହୋଇଥାଏ କିନ୍ତୁ ତୁମର ମୃତ୍ୟୁ ଯେ କେତେବେଳେ ହେବ ତାହାର ନିର୍ଦ୍ଧିଷ୍ଟ ସମୟ ନାହିଁ । ତୁମେ ଭାବ ନାହିଁ ଯେ ବୃଦ୍ଧ ହେଲେ ଯାଇ ମରିବ । ଭୂମିଷ୍ଠ ହେବା ପୂର୍ବରୁ ମା ଗର୍ଭରେ ଶିଶୁ ବି ମରିଯାଏ, ଜନ୍ମ ହେଉ ହେଉ ଶିଶୁ ବି ମରିଯାଏ । ଜନ୍ମ ହେବାର ବର୍ଷେ, ଦୁଇ ବର୍ଷ, ତିନି ବର୍ଷ କିମ୍ବା ଦଶ ବର୍ଷ କିମ୍ବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଶୀ ବର୍ଷରେ ମଣିଷ ମରିଯାଏ । ଯଦି ତାହାର ସେପରି ଏକ ନିର୍ଦ୍ଧିଷ୍ଟ ସମୟ ଥାଆନ୍ତା ତେବେ ସମସ୍ତ ମନୁଷ୍ୟ ଏକାବେଳେ ମରନ୍ତେ । ଏଣୁ ହେ ଆତ୍ମନ ! ପଦେ ପଦେ ମୃତ୍ୟୁ ଗୋଡାଇଛି । ମୃତ୍ୟୁ ଆସିଲେ ବି ସେଥିରେ ଭୟ କରନାହିଁ । ଦେହ ବଦଳିଯିବ ସିନା ଆତ୍ମା ବଦଳିବ ନାହିଁ । ଲୋକେ ବଞ୍ଚିବା ଶିଖିଥାନ୍ତି କିନ୍ତୁ ମୃତ୍ୟୁ ଶିଖିନଥାନ୍ତି । ମୁଁ ପୁଲକ ସାଗର ତୁମକୁ ମୃତ୍ୟୁ କଥା ଶିଖାଇବି । ମୃତ୍ୟୁ ହେଉଛି ଗୋଟିଏ ବ୍ୟବସ୍ଥା । ଏହା ତୁମକୁ ଶିକ୍ଷା ପ୍ରଦାନ କରେ ଆରେ ଜୀବ ତୁ ତ ପ୍ରତି ମୁହୂର୍ତ୍ତରେ ମରୁଛୁ । ତୋର ଶୈଶବ କୁଆଡେ ଗଲା ତୋର ଯୌବନ କୁଆଡେ ଗଲା ଏବେ ବାର୍ଦ୍ଧକ୍ୟ ଆସି ପହଞ୍ଚିବାରୁ ବ୍ୟସ୍ତ ବିବ୍ରତ ହୋଇଯାଉଛୁ । ଏହି ବୃଦ୍ଧାବସ୍ଥା ବି ଚାଲିଯିବ, କିନ୍ତୁ ତୋ ଭିତରେ ଥିବା ଆତ୍ମା ସବୁବେଳେ ସ୍ଥିର । ଆତ୍ମାରେ ରମଣ କର ଦେଖିବୁ ମୃତ୍ୟୁଭୟ ରହିବ ନାହିଁ । ଖେଳରେ ଖେଳରେ କଣ୍ଢେଇଟିଏ ଭାଗିଗଲେ ଛୋଟ ଶିଶୁଟି କ୍ରନ୍ଦନ କରେ କିନ୍ତୁ ଜ୍ଞାନୀ ହସିଥାଏ । କେବଳ ଖାଇବା ପିଇବା, ସନ୍ତାନ ଉତ୍ପାଦନ କରିବା ଜୀବନ ନୁହେଁ । ଈଶ୍ୱରାର୍ପିତ ଜୀବନ ହିଁ ଜୀବନ । ସ୍ୱାମୀ ଚିଦାନନ୍ଦ କହନ୍ତି ମାନବ ମରେ ବଞ୍ଚିବା ପାଇଁ, ଦିବ୍ୟ ଜୀବନ ଯାପନ କରିବା ପାଇଁ ।

ଆଦି ଶଙ୍କରାଚାର୍ଯ୍ୟ କହିଲେ – ଅଙ୍ଗ ଗଳିତଂ ପଳିତଂ ମୁଣ୍ଡଂ । ଦଶନବିହୀନଂ ଜାତଂ ତୁଣ୍ଡ । ବୃଦ୍ଧୋୟାତି ଗୃହୀତ୍ୱା ଦଣ୍ଡଂ ତଥାପି ନ ମୁଞ୍ଚତି ଆଶାପିଣ୍ଡ । ଅର୍ଥାତରେ ମୂଢମତି ! ତୋର ଶରୀରରୁ ଚର୍ମ ଗଳିତ ହୋଇଗଲାଣି, ଦାନ୍ତ ସବୁ ଗୋଟି ଗୋଟି କରି ଦୁର୍ବଳ ହୋଇ ପଡିଗଲାଣି, ଯେଉଁ ମୁଖରେ ତୁ ପ୍ରତିଦିନ ସ୍ନୋ ପାଉଡର ମାରି ଚିକ୍କଣ କରୁଥିଲୁ ସେହି ମୁଖମଣ୍ଡଳର ଜ୍ୟୋତି ମରିଗଲାଣି, ହାତ କମ୍ପିତ ହେଲାଣି, ଜଷ୍ଟି ଧରିବାକୁ ମଧ୍ୟ ବଳ ନାହିଁ, ତଥାପି ତୋ ମନରୁ କାମନା ଲିଭୁନାହିଁ । କିଏ ତୋର ମାତା କିଏ ତୋର ପିତା କିଏ ବା ତୋର ସନ୍ତାନ, କେଉଁଠାରୁ ହେଲୁ ତୁ ଆଗତ, କଳ୍ପନା ପ୍ରସୂତ ଏହି ଭବ ସାଗର, ଅନୁସନ୍ଧାନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କର ତୋ ଦିବ୍ୟ ରୂପ ।

-୬-

ଜୀବନର ମୋହ ମୋ ପଛେ ପଛେ ରହିବା ବଦଳରେ ଆଗେ ଆଗେ ଚାଲି ମୋତେ ବାଟବଣା କରିଦେଉଛି । ମୋର ପୂଜ୍ୟ ନମସ୍ୟ ଗୁରୁଭାଇ ଏବଂ ଜଣେ ଅବସରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ (ବାରୁଆଁ, ଉପଖଣ୍ଡ ତାଳଚେର, ଜିଲ୍ଲା ଅନୁଗୋଳ)ଙ୍କ ରଚିତ 'ସୁଧାକର ସାରସ୍ୱତ ଗ୍ରନ୍ଥାବଳୀ' ରୁ କିୟତଅଂଶ ଆପଣମାନଙ୍କ ଗୋଚରାର୍ଥେ ଉଦ୍ଧୃତ କରୁଅଛି । ତାହା ହେଲା – "କାମନା କାହାର ବାହ୍ୟ ରୂପ ନୁହେଁ କିମ୍ବା କାର୍ଯ୍ୟ ନୁହେଁ । ଏହା ଏକ ଅନ୍ତର୍ନ୍ତିହିତ ପ୍ରବୃତ୍ତି । ତୁମେ କିଛି କରିନପାର ତଥାପି ତୁମର କାମନା ସୃଷ୍ଟି ହେବ । କାରଣ କାମନା ମନର ଏକ ପ୍ରବୃତ୍ତି, ଚେତନାର ଏକ ଝୁଙ୍କ, କାମନା ଭିତରେ ଥାଇ ବି ବାହାରକୁ ଜଣା ପଡିନପାରେ । ଏହାକୁ ବିକ୍ଷେପ ଶକ୍ତି କୁହାଯାଏ । ଚିତ୍ତ ଚାଞ୍ଚଲ୍ୟ, ମାନସିକ ଅସ୍ଥିରତା, କାମନା ଏଣ୍ଡୁଅର ମନୋଭାବ । ଏହା ଯେତେବେଳେ ତାର ବିଶାଳ ଶକ୍ତି ନେଇ ଆକ୍ରମଣ କରେ ସେତେବେଳେ ଆମେ ମଧୁକୈଟଭ ରୂପୀ କମ କ୍ରୋଧ ଉପରେ ବିଜୟ ହାସଲ କରିବାକୁ ପ୍ରଯତ୍ନ କରୁ । ମଧୁକୈଟଭ ପରାହତ କଲା ବେଳକୁ ମହିଷାସୁର ଓ ରକ୍ତବିର୍ଯ୍ୟରୂପୀ ବିକ୍ଷେପ ଶକ୍ତିର ସମ୍ମୁଖୀନ ହେଉ । ତେଣୁ ଆମର ଆତ୍ମିକ ଲକ୍ଷ୍ୟ ପୁରଣର ସାଧନାରେ ମଳ (ମଧୁକୈଟଭ ଓ ବିକ୍ଷେପ ମହିଷାସୁର ଓ ରକ୍ତବିର୍ଯ୍ୟ) ଆମର ମୌଳିକ ବିରୋଧୀ ଶକ୍ତି ବା ପ୍ରତିବନ୍ଧକ ଅଟନ୍ତି" । ( ପୃଷ୍ଠା ୨୮୩ )

ମୋ ମନର ମଳ ଓ ବିକ୍ଷେପ ଶକ୍ତି ମୋତେ ଅସହାୟ କରିଦେଇଛନ୍ତି । ଏତେ ଜାଣିଲା ପରେ ବି କାହିଁକି ମୋର ଚୈତନ୍ୟ ଉଦୟ ହେଉନାହିଁ । ମୁଁ ଏକଥା ଜାଣିଛି କୁଆଡେ ସତ୍ତ୍ୱ, ରଜ ଓ ତମକୁ ନଷ୍ଟ କଲେ ମଣିଷ ତାର ମୌଳିକ ଅବସ୍ଥାକୁ ପ୍ରାପ୍ତ ହେବ । ସେହି ପୁସ୍ତକରେ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହୁରି ଲେଖା ଯାଇଛି – "କାମନାର ଶକ୍ତି ପ୍ରବଳ । ତୁମେ ତାକୁ ପ୍ରତିହତ କରିପାରିବ ନାହିଁ । କାରଣ ସମୁଦାୟ ମାନବ ପ୍ରକୃତି ବା ସ୍ୱଭାବକୁ ପରାହତ କରିବାକୁ ହେବ । ତୁମର ବ୍ୟକ୍ତିଗତ ପ୍ରକୃତିକୁ କେବଳ ପ୍ରତିହତ କଲେ ଚଳିବ ନାହିଁ, ସମୁଦାୟ ମାନବ ଜାତିର ପ୍ରକୃତିକୁ ଅର୍ଥାତ ସାର୍ବଜନୀନ ପ୍ରକୃତିକୁ ପରାହତ କରିବାକୁ ପଡିବ, ଦମନ କରିବାକୁ ପଡିବ । ଏହା ଦେବୀ ମାହାତ୍ମ୍ୟ ଗ୍ରନ୍ଥର ବର୍ଣ୍ଣିତ ବସ୍ତୁ । ତମ, ରଜ, ସତ୍ତ୍ୱ ରୂପରେ ପରିଦୃଷ୍ଟ ବିଶ୍ୱ ପ୍ରକୃତି ସାମଗ୍ରିକ ଭାବେ ମାନବ ଜାତିର ପ୍ରକୃତିର ଦମନ, ପ୍ରତିହତ କରଣ ଓ ରୂପାନ୍ତରୀକରଣ ହିଁ ଏହା । ତମର ପ୍ରତିନିଧିତ୍ୱ କରେ ମଳ ଓ ରଜର ପ୍ରତିନିଧିତ୍ୱ କରେ ବିକ୍ଷେପ" । (ପୃଷ୍ଠା ୨୮୩)

"ଦୁର୍ଭାଗ୍ୟବଶତଃ ସତ୍ତ୍ୱ ମଧ୍ୟ ଏକ ଗୁଣ, ଆମେ ସବୁବେଳେ ସତ୍ତ୍ୱଗୁଣର ପ୍ରଶଂସା କରୁ ଓ କମନୀୟ ବୋଲି କହିଥାଉ । କିନ୍ତୁ ସତ୍ୟ ଓ ମାନବ ଆମ ମଧ୍ୟରେ ସ୍ଥାନିତ ଏକ ସ୍ୱଚ୍ଛ କାଚଖଣ୍ଡ ସଦୃଶ ଏହି ସତ୍ତ୍ୱ । ତୁମେ ଏହା ମାଧ୍ୟମ ଦେଇ ସତ୍ୟ ଦର୍ଶନ କରିପାରିବ, କିନ୍ତୁ ପ୍ରାପ୍ତ କରିପାରିବ ନାହିଁ । ସ୍ୱଚ୍ଛ ହେଲେ ହେ ସତ୍ତ୍ୱ ଏକ ପ୍ରତିବନ୍ଧକ ତୁମର ଗତିରୋଧ କରେ । ଏହା ଏକ ଇଟାକାନ୍ଥ ନୁହେଁ ଯେ ତମ ସଦୃଶ ତୁମର ଦର୍ଶନ କ୍ରିୟାକୁ ପ୍ରତିରୋଧ କରିବ । ଏହା ପ୍ରବାହଶୀଳ ପବନ ନୁହେଁ ଯେ ତୁମକୁ ରଜ ସଦୃଶ ଇତସ୍ତତଃ କରାଇବ । ଏହା ଏକ ସରଳ କାଚଖଣ୍ଡ ମାତ୍ର ଯାହା ମାଧ୍ୟମ ଦେଇ ତୁମେ ସତ୍ୟକୁ ଦର୍ଶନ କରିପାରିବ କିନ୍ତୁ ତାହା ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରଖି ପାରିବ ନାହିଁ । ପ୍ରତ୍ୟକ୍ଷ ସମ୍ପର୍କରେ ଆସିପାରିବ ନାହିଁ ବା ସ୍ପର୍ଶ କରିପାରିବ ନାହିଁ । କାଚ ହେଉ ପଛକେ ଏହା ତୁମେ ଓ ସତ୍ୟ ମଧ୍ୟରେ ସ୍ଥାନିତ ଏକ ପ୍ରତିବନ୍ଧକ" । (ପୃଷ୍ଠା ୨୮୩ - ୨୮୪)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

-୮-

ଏକଦା ଜଣେ ରାଜା ଜଙ୍ଗଲକୁ ଶିକାର କରିବାକୁ ଯାଇ ତୃଷାର୍ତ୍ତ ହୋଇ ନିକଟରେ ବହିଯାଉଥିବା ଝରଣାକୁ ଗଲେ ପାଣି ପିଇବା ପାଇଁ । ନିକଟରେ ବୃକ୍ଷ ଉପରେ ବସିଥିବା ପକ୍ଷୀଟିଏ କହିଲା ହେ ରାଜନ ! ତୁମେ ଯଦି ଏହି ଝରଣାରୁ ପାଣି ପିଇବ ତେବେ ଅମର ହୋଇଯିବ । ରାଜା ବିଶେଷ ଭାବରେ ଖୁସି ହୋଇଗଲେ । ଯାହାହେଉ ମୁଁ ବି ଏହି ପକ୍ଷୀ ପରି ଅମର ହୋଇଯିବି । କିନ୍ତୁ ପକ୍ଷୀଟି କହିଲା ହେ ରାଜନ ! ଅମର ହେବାରେ କୌଣସି ଆପତ୍ତି ନାହିଁ କିନ୍ତୁ ଆପଣ ତ ଏକଥା ପଚାରୁନାହାଁନ୍ତି ଅମର ହେଲେ କି ପ୍ରକାର ସୁଖ ମିଳିବ । ତେବେ ମୁଁ କହୁଛି ଶୁଣ ! ଏକଦା ମୁଁ ଭଗବାନଙ୍କୁ ତପସ୍ୟା କରିବାକୁ ଲାଗିଲି । ଅନେକ ବର୍ଷ ତପସ୍ୟା କରିବାପରେ ଭଗବାନ ଆସି ମୋ ସମ୍ମୁଖରେ ଆବିର୍ଭାବ ହୋଇ କହିଲେ ହେ ବତ୍ସ ! ମୁଁ ତୁମ ତପସ୍ୟାରେ ସନ୍ତୁଷ୍ଟ, ବର୍ତ୍ତମାନ ତୁମେ ଯାହା ମାଗିବ ମୁଁ ତାହା ଦେବି । ମୁଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ କହିଲି ହେ ଭଗବନ ! ମୋତେ ଆପଣ ଅମର କରିଦିଅନ୍ତୁ । ଭଗବାନ ତଥାସ୍ତୁ କହି ଚାଲିଗଲେ । ସେହିଦିନଠାରୁ ମୁଁ ଏହି ବୃକ୍ଷ ଉପରେ ବସି ମହା ଆନନ୍ଦରେ ଥିଲି । କିନ୍ତୁ ବର୍ତ୍ତମାନ ମୁଁ ମୃତ୍ୟୁଲାଭ କରିବାକୁ ଭଗବାନଙ୍କୁ ପ୍ରାର୍ଥନା କରୁଅଛି । ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ୟେ କେମିତି କଥା । ଆପଣ ତ ଅମର ହୋଇଗଲେ, ପୁଣି ମୃତ୍ୟୁ ଯାଚନା କାହିଁକି ? ପକ୍ଷୀଟି କହିଲା ହେ ରାଜନ ! ଅମର ହୋଇଗଲେ ବି କ'ଣ ଜରା ଆସିବ ନାହିଁ? ରୋଗ କ'ଣ ଆସିବ ନାହିଁ? ଯନ୍ତ୍ରଣା କ'ଣ ଆସିବ ନାହିଁ? ଶରୀର ଅଛି ମାନେ ଏମାନେ ସବୁ ଆସିବେ । ଦୁଃଖ ସୁଖ ଭୋଗିବାକୁ ପଡିବ ।

ସେହି ନ୍ୟାୟରେ ମୁଁ ସିନା ଅମର ହୋଇଗଲି କିନ୍ତୁ ଅନେକ ବର୍ଷ ହେଲା ଗ୍ରୀଷ୍ମ, ବର୍ଷା, ଶୀତ ସହନ କରି ଜରା ଜୀବନ ଅତିବାହିତ କରୁଛି । ମୋ ପାଖରେ କେହି ନାହାନ୍ତି । ନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ପାଖରେ ମୋର ପରିବାର ଅଛନ୍ତି ନା ସ୍ୱଜନ ବାନ୍ଧବ ଅଛନ୍ତି ? ଏହି ଜରାଗ୍ରସ୍ତ ଶରୀରକୁ ଧରି କେବଳ ଦୁଃଖ ଭୋଗ କରୁଅଛି । ଏଣୁ ପୁଣି ଥରେ ଏହି ନିର୍ଜନ ବନ ପ୍ରଦେଶରେ ତପସ୍ୟା କରୁଅଛି କେବଳ ମରିବାକୁ । ଏବେ ତୁମେ କୁହ, ଅମର ହେବା ଭଲ ନା ମୃତ୍ୟୁଲାଭ କରିବା ଭଲ ? ରାଜା ଆଉ କିଛି ନ କହି ଝରଣାରୁ ପାଣି ସେବନ କରି ନିଜ ରାଜ୍ୟକୁ ପ୍ରସ୍ଥାନ କଲେ ।

ହେ ବିଦଗ୍ଧ ପାଠକ ! ବର୍ତ୍ତମାନ ମୁଁ ମୋ ପାପର ପେଡି ଖୋଲିବି । ଯାହା ସର୍ବ ଘଟବାସୀ ଅନ୍ତର୍ଯ୍ୟାମୀ ଭଗବାନ ଏବଂ ମୋ ବ୍ୟତୀତ ଅଧିକ କିଏ ବା ଜାଣେ । ଶୈଶବ ଉତ୍ତାରୁ ଯେତେବେଳେ ଧୀରେଧୀରେ ମୋର ଆୟୁଷ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ବ୍ୟକ୍ତିଗତ ସ୍ୱାଧୀନତା ଜାଗ୍ରତ ହେଲା । ମୋ ଚାରିପାଖେ ଥିବା ଜଗତକୁ ଦେଖିଲି । ମୋତେ ସଂସାରର ପ୍ରତ୍ୟେକ ବସ୍ତୁଗୁଡାକ ପ୍ରଲୋଭିତ କରିବାକୁ ଲାଗିଲେ । ସେଥିମଧ୍ୟରୁ ଯୌବନ ନିଶା ଗୋଟିଏ । ରତିପତି କନ୍ଦର୍ପଙ୍କର ପୁଷ୍ପବାଣ ମୋତେ କ୍ଷତବିକ୍ଷତ କରିବାକୁ ଲାଗିଲେ । ଝିଅଟିଏ ଦେଖିଲେ କି ନାରୀଟିଏ ଦେଖିଲେ ସେମାନଙ୍କର ଅପରୂପ ସୌନ୍ଦର୍ଯ୍ୟକୁ ଆକଣ୍ଠ ପାନ କରିବାର ଅଭୀପସା ଜାତ ହେଲା । ଦେହରେ ଏକ ଆଲୋଡନ ସୃଷ୍ଟି ହୁଏ କାମନାକୁ ଚରିତାର୍ଥ କରିବା ପାଇଁ । ଏହା ମୋର କମ ପାପ ନଥିଲା । ପରିଶେଷରେ ଯେତେଟା ଧର୍ମ ପାଇଁ ନୁହଁ କେବଳ ଯୌନ ତୃପ୍ତି ନିମିନ୍ତ ସହଧର୍ମିଣୀଟିଏ ପାଇଲି । ମହାରାଜ ଯଯାତିଙ୍କ ସଦୃଶ ସହସ୍ର ବର୍ଷ ପର୍ଯ୍ୟନ୍ତ ନ ହେଲେ ନାହିଁ ଏକଷଠି ବର୍ଷ ଭିତରେ ମୁଁ ବ୍ରହ୍ମଚର୍ଯ୍ୟ ବ୍ରତର ଖିଲାପ କରିଚାଲିଛି । କାଇଁ ଯଯାତିଙ୍କ ମୁଖ ନିସୃତ କାମ ସୁଖ ଯେ ଅସାର ଏ କଥା ମୋତେ ସେଥିରୁ ନିରୁତ୍ସାହିତ କରିପାରିଲା ନାହିଁ । ଅମୃତ ପ୍ରାୟ ଯୋନି ଦିଶେ । ଏଣୁ ଭ୍ରମଇ କାମବଶେ ॥ ଯୌବନର ମାଦକତା ମୋତେ ଅମୃତ ପ୍ରାୟ ଲାଗୁଥିଲା । ଭାଗବତର ଅମୀୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଧାବାଣୀ ଯଥା – କାମିନୀ ସଙ୍ଗେ କଲେ ଭାବ । କେବଳ ଦୁଃଖ ମାତ୍ର ଲାଭ ॥ ଏ କାୟା ଘରେ ବାସ ମୋର । ନିରତେ ରହେ ନବ ଦ୍ୱାର ॥ ଏହାର ମଧ୍ୟେ ମଳମୁତ୍ର । ସଂପୂର୍ଣ୍ଣ କଫ ବାତ ପିତ୍ତ ॥ ଦୁର୍ଗନ୍ଧ କୃମି ନାଳ ନାଡି । ଅଶେଷ ରୋଗେ ଛନ୍ତି ବେଢି ॥

-୯-

ଅସ୍ଥି ପିଞ୍ଜରା ଚାରି ପାଶେ । ଛାଉଣି ନଖ ଲୋମ କେଶେ ॥ ଶିରା ଶାଙ୍ଖୋଳି ଗଣ୍ଠି କ୍ଷେପି । ଚର୍ମ ରୁଧିର ମାଂସ ଲେପି ॥ ଏମନ୍ତ ଘରେ ମୋତେ ଥୋଇ । ଯେ ଗୁରୁ ଗଲା ଶିକ୍ଷା ଦେଇ ॥ ଏପରି ଦୃଷ୍ଟାନ୍ତ ଥାଉ ଥାଉ ମଧ୍ୟ ମୁଁ ଅଜଣା ହୋଇଗଲି । ଅନ୍ୟକୁ ନାନା ପ୍ରକାରେ ଠକିଲି, ପରଦ୍ରବ୍ୟ ପ୍ରତି ପ୍ରଲୋଭିତ ହେଲି । ମୋଠାରୁ ବଳି ଯାଉଥିବା ବ୍ୟକ୍ତିର ଶିରୀ ଦେଖିପାରିଲି ନାହିଁ । କାହାର ସାମାଜିକ ଉତଥାନକୁ ସହିପାରିଲି ନାହିଁ । ପରସ୍ତ୍ରୀ ପରନାରୀ ପ୍ରତି ଅହେତୁକ ଦୁର୍ବଳତା ପ୍ରକାଶ ହେଲା । 'ପରନାରୀଷୁ ମାତୃବତ ପରଦ୍ରବେଷୁ ଲୋଷ୍ଟ୍ରବତ' ଚାଣକ୍ୟଙ୍କର ଏପରି ମାର୍ମିକ ବଚନକୁ ଆଡେଇଦେଲି । ଦେବାଦେବୀଙ୍କ ପ୍ରତି ଭକ୍ତି ଭାବନା ରହିଲା ନାହିଁ । ଭକ୍ତି ବଦଳରେ ତାଙ୍କୁ ଲାଞ୍ଚ ଅର୍ଥାତ ବେପାରୀ ନ୍ୟାୟରେ ଲାଭକ୍ଷତି ହିସାବ ରଖି ପ୍ରାର୍ଥନା କଲି । ଗୀତାର ସେହି ଅମୃତ ବାଣୀ ଯଥା – ଦେବାନ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ । ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମ - ବାପସ୍ୟଥ ॥ ପିତାମାତାଙ୍କର ସେବା କରିବା ବଦଳରେ ତାଙ୍କୁ ଅନେକ ହୀନସ୍ତା କଲି । ତାଙ୍କୁ ହାତରେ ନ ବାଡେଇଲେ ବି କଠୋର ଓ କର୍କଶ ବାକ୍ୟ ବାଣରେ ଆଘାତ କଲି । ବନ୍ଧୁବାନ୍ଧବ ମାନଙ୍କ ସହିତ ଅନାଦର ଭାବ ପ୍ରକାଶ କଲି । ମୋ ଭାରତ ବର୍ଷର ଜଣେ ସନ୍ଥ ଶିରୋମଣିଙ୍କ (ଲଜ୍ଜା ବଶତଃ ତାଙ୍କ ନାମ ପ୍ରକାଶ କରୁନାହିଁ) ଠାରୁ ଦୀକ୍ଷା ଗ୍ରହଣ କରି ମଧ୍ୟ ଜୀବନକୁ ସୁଧାରି ପାରିଲି ନାହିଁ, କି ଧର୍ମ ମାର୍ଗରେ ବାଟ ଚାଲିପାରିଲି ନାହିଁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁନିଆକୁ ଠକିବା ପାଇଁ ଦିନାକେତେ ସନ୍ନ୍ୟାସୀର ବକଳ ପରିଧାନ କଲି । ଏମିତି ଅନେକ ପାପର କଥା କେତେ କହିବି । ତଦ୍ଧୃଧ ଷାଠିଏ ବର୍ଷରୁ ଅନ୍ୟୁନ ପାଞ୍ଚ ସାତ ବର୍ଷ କଟିଗଲେ ବାକି ଆୟୁଷର ପାପର ସଂଖ୍ୟା ହେଜି ବସିଲେ ପୋଥିଟିଏ ହେବ । ପାପର ବୋଝ ବୋହି ଚାଲିଛି । କେତେ ମଣିଷ ସାଙ୍ଗ ସାଥି ମୋତେ ଉପହାସ କରିବାରେ କାର୍ପଣ୍ୟ ଟିକିଏ ଦେଖାଉନାହାଁନ୍ତି ।

ସମ୍ପ୍ରତି ମୋର ମାନସିକ କ୍ରିୟା ଦୁର୍ବଳ ହେବାକୁ ଲାଗିବା ସଙ୍ଗେ ସଙ୍ଗେ ଶାରୀରିକ ଅବସ୍ଥା ତଦ୍ରୁପ କ୍ଷୟ ହେବାକୁ ଲାଗିଛି । ଯେଉଁ ଶରୀରକୁ ନେଇ ଦିନେ ହେନ୍ତୁ ମାରୁଥିଲି ସେହି ଶରୀରରେ ନାନାବିଧ ରୋଗ ଆସି ଉଭାହେଲେଣି । ସାମାଜିକ ଓ ପରିବାରିକ କ୍ଷେତ୍ରରେ ନାନପ୍ରକାର ଝଡଝଞ୍ଜାର ସମ୍ମୁଖୀନ ହୋଇ ଈଶ୍ୱର ବିମୁଖ ହୋଇଗଲି । ଜରାଜୀର୍ଣ୍ଣ ଅବସ୍ଥାରେ କର୍ମେନ୍ଦ୍ରିୟମାନେ ଯଦିଓ ଦୁର୍ବଳ ହୋଇଆସିଲେଣି ତଥାପି ମନରୁ ଆଶା ବା କାମନା ଗୁଡାକ ମରୁନାହାଁନ୍ତି । ନାତିନାତୁଣୀ ମାନଙ୍କର ସ୍ନେହ ବନ୍ଧନରେ ମୁଁ ବାନ୍ଧି ହୋଇଯାଉଛି । କେବଳ ବନ୍ଧନ କେବଳ ବନ୍ଧନ ଭିତରେ ମୁଁ ବାନ୍ଧି ହୋଇ ଚିତ୍କାର କରୁଛି । "ସଂସାର ସିନ୍ଧୁ ରୂପେଣ ମୀନ ରୂପେଣ ମାନବାଃ । ଜଞ୍ଜାଳ ଜାଲ ରୂପେଣ କାଳ ରୂପେଣ ଧୀବରା ॥

-୧୦-

ଶ୍ରୀମଦଭାଗବତରେ ମୈତ୍ରେୟ ମୁନି ବିଦୁରଙ୍କୁ କହୁଅଛନ୍ତି ହେ ବିଦୁର ! "ଜୀବର ବନ୍ଧନ ଅସତ୍ୟ, କାରଣ ଜୀବ ହିଁ ଈଶ୍ୱର ।" କିନ୍ତୁ ଅସତ୍ୟ ହୋଇ ମଧ୍ୟ ଏହା ସତ୍ୟ ପରି ପ୍ରତୀୟମାନ ହୋଇଥାଏ । ଏହା ହିଁ ଭଗବାନଙ୍କର ମାୟା । ଏହାର ଏକ ଦୃଷ୍ଟାନ୍ତ ଦେଇ ମୁନି କହିଲେ ସମୁଦ୍ର ଜଳ କମ୍ପିତ ହେଲେ ପ୍ରତିବିମ୍ବିତ ଚନ୍ଦ୍ର କମ୍ପିତ ହେଲାପରି ଜଣାପଡେ । କିନ୍ତୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କମ୍ପନ ଆଦି ଜଳର ଧର୍ମ, ଚନ୍ଦ୍ରର ନୁହେଁ । ସେହିପରି ଦୁଃଖ କ୍ଲେଶାଦି ଦେହର ଧର୍ମ, ଜୀବଠାରେ ଆରୋପିତ ହୁଏ । ଜୀବ ଦେହର ଧର୍ମକୁ ନିଜଠାରେ ଆରୋପିତ କରି ଦୁଃଖ କ୍ଲେଶ ଭୋଗ କଲାପରି ପ୍ରତୀତ ହୁଏ । କିନ୍ତୁ ଜୀବ ନିତ୍ୟ ମୁକ୍ତ, ତା'ର ବନ୍ଧନ ନାହିଁ । ବୈରାଗ୍ୟ ଆଚରଣରେ ଦେହାଭିମାନର ନାଶ ପରେ ଭଗବାନଙ୍କ ଦୟାରେ ତା'ର ହୃଦୟରେ ଭକ୍ତିର ସଂଚାର ହୁଏ ଓ ଜ୍ଞାନର ଉଦୟ ହୁଏ । ଜୀବ ବ୍ରହ୍ମ ଏକାକାର ହୋଇଯାନ୍ତି । ଅନାତ୍ମ ବିଶ୍ୱପ୍ରପଞ୍ଚ କେବଳ ପ୍ରତୀତି ମାତ୍ର । ଏହା ସ୍ଥିତିହୀନ ହୁଏ ।" (ସୁଧାକର ସାରସ୍ୱତ ଗ୍ରନ୍ଥାବଳୀ ପୃଷ୍ଠା ୩୭୮ )

ଏ କଳିଯୁଗେ ଏକା ସାର । ଭଜନ ଶ୍ରୀକୃଷ୍ଣ ପୟର ॥ ଗୋପୀମାନଙ୍କର ପୂଣ୍ୟ ଗାଥା ଯାହା ଭାଗବତରେ ଲିପିବଦ୍ଧ ହୋଇ ରହିଛି ତାହା ବି ମୁଁ ବେଳେ ବେଳେ ମନେପକାଏ । ଅନେକ ପୂଣ୍ୟ କରିଥଲେ । ତୋ ନାମ ଧରି ଅନ୍ତକାଳେ ॥ ଅଭୟ ବ୍ରହ୍ମେ ଯେ ପଶନ୍ତି । ଆମ୍ଭର ନାହିଁ ମନେ ଭ୍ରାନ୍ତି ॥ ଆଉ କି ଗୋପପୁର ଯିବୁ । ପତି ତନୟ ଆବୋରିବୁ ॥ ଆମ୍ଭର ତେଣେ ନାହିଁ ଆଶା । ତୋ ନାମ କରିଛୁ ଭରସା ॥ ତୋର ସୁନ୍ଦର ମୁଖ ଦେଖି । ପିଛାଡି ନ ପାରୁ ଯେ ଆଖି ॥ ତୋହର ରୂପ ହୃଦେ ଗୁଣି । ବ୍ରହ୍ମାଣ୍ଡେ ଯେତେକ ତରୁଣୀ ॥ କେ ଦେହ ଧରିବ ନିର୍ଭରେ । ଶୁଣିବା ନାହିଁ ତିନି ପୁରେ ॥ ଭାଗବତର ଭକ୍ତି, ବେଦାନ୍ତର ଜ୍ଞାନ, ଗୀତାର କର୍ମ ଯୋଗର ଆଶ୍ରୟ ନେଲେ ହୁଅନ୍ତା କିନ୍ତୁ ମୋ ଜିହ୍ୱାରେ ସେ ନାମାମୃତ ଉଚ୍ଚାରଣ ହେଉନାହିଁ କାହିଁକି ?

ମୁଁ କ'ଣ ନିଜକୁ ନିଜେ ଆଶ୍ୱାସନା ଦେଇ କହିବି "କରି କରାଉ ଥାଏ ସେହି । ତା ବିନା ଅନ୍ୟ କେହି ନାହିଁ ।।" ନା କହିବି – ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେର୍ଜୁନ ତିଷ୍ଠତି । ଭ୍ରାମୟନ୍ ସର୍ବଭୂତାନାଂ ଯନ୍ତ୍ରାରୂଢାନି ମାୟୟା ॥ ନା କହିବି – ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶରଣଂ ବ୍ରଜ । ନା କହିବି - ହେ ଭଗବାନ ମୋ ହୃଦୟରେ ଆପଣ ବିରାଜମାନ କରି ଯେଉଁ ଯେଉଁ ପ୍ରକାର ଭାବନା ଉଦ୍ରେକ କରୁଛନ୍ତି ମୁଁ କେବଳ ନିମିତ୍ତ ମାତ୍ର ହୋଇ ତଦନୁରୂପ କାର୍ଯ୍ୟ କରିଚାଲିଛି । ଏପରି କହିବା ଦ୍ୱାରା ସତରେ ମୁଁ କ'ଣ ତାଙ୍କ ସହିତ ଛଳନା କରୁନାହିଁ ତ ?

ଲୋକେ ମୋତେ ଦେଖି ପରିହାସ କରି କହିବେ – ସେ ଜୀବ ଥାଇ କି ଲାଭ । ଯେବେ ନାହିଁ ଗୋବିନ୍ଦ ଭାବ ॥ ହେ ବିଦଗ୍ଧ ସୁଧିଜନ ! ଆପଣମାନେ କହିପାରିବେକି; ମୋ ପାପର କଳସ କେବେ ପୂର୍ଣ୍ଣ ହେବ ? କେବେ ମୁଁ ମରିବ ? କେଉଁଠି ମରିବି ? କେତେବେଳେ ମରିବି ? ମୃତ୍ୟୁର ପର ଅବସ୍ଥା କଣ ହେବ ? ଉତ୍ତର ଅପେକ୍ଷାରେ ।

-୧୧-

ପରିଶେଷରେ ସେହି ଜଗତ ନିୟନ୍ତା ବ୍ରହ୍ମାଣ୍ଡ ଠାକୁର କୋଟି କନ୍ଦର୍ପ ସୁନ୍ଦର ରାଜୀବଲୋଚନ ଜାନକୀ ନୟନ ଚକୋର ଦଶରଥ ନନ୍ଦନ କୌଶଲ୍ୟା ହୃଦଚନ୍ଦନ ରାମ ଅଭିରାମଙ୍କର ଚାରଣାବିନ୍ଦରେ ପ୍ରାର୍ଥନା କରିବି – ହେ ରାମ ! ମୁଁ କେଉଁ ଏକ ଅନାଦି କାଳରୁ ମୋର ସଂସ୍କାରକୁ ଧରି ବାଟ ଚାଲୁ ଚାଲୁ ଏହି ମର୍ତ୍ତ୍ୟ ଭୂମି ଉତ୍କଳ ଭୂଖଣ୍ଡରେ ଅବତୀର୍ଣ୍ଣ ହୋଇ ସାଂସାରିକ ମୋହ ମାୟା ଜାଲରେ ନିପତିତ ହୋଇ ଛଟପଟ କଲବଲ ହେଉଛି । ନିଜର କର୍ମଫଳ ଭୋଗ କରିବା ସଙ୍ଗେ ସଙ୍ଗେ ନାନାଦି ଦୁଃଖ ଶୋକର ଜ୍ୱାଳାରେ ଜଳିବାରେ ଲାଗିଛି । ମୋର ଷଡରିପୁମାନେ ମୋତେ ନିର୍ଦ୍ଦୟ ଭାବରେ ପ୍ରହାର କରିଚାଲିଛନ୍ତି । ସେଥିରେ ପୁଣି ମୋର ବିଷୟ ତୃଷ୍ଣା ନିବାରଣ ହେଉନାହିଁ । କେତେବେଳେ ବି ମୋତେ ଟିକିଏ ଶାନ୍ତି ମିଳୁନାହିଁ । ହେ ଅସରଣ ଶରଣ ଦାତା ! ହେ ନୟନାଭି ରାମ ! ହେ ଅବଧେସ କୁମାର ! ହେ ବ୍ରଜରାଜ କିଶୋର ! ଏବେ ମୋ ଆଗରେ ମୃତ୍ୟୁର ଭୟ ଖତେଇ ହେଉଛି । ତୁମେ ଯେତେବେଳେ ସମଗ୍ର ସଂସାରର ଏକମାତ୍ର ସ୍ୱାମୀ ଏବଂ ଅରକ୍ଷ ଜନର ତ୍ରାଣକର୍ତ୍ତା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେହି ନ୍ୟାୟରେ ମୁଁ ମଧ୍ୟ ତୁମ ଅଭୟ ପାଦପଦ୍ମରେ ଶରଣ କାମନା କରୁଛି । ହେ ରାମ ! ହେ ଅଭିରାମ ! ହେ ନୟନାଭିରାମ ! ହେ କୌଶଲ୍ୟାନନ୍ଦନ ! କେବେ ତୁମେ ଡାକିବ ଏ ଅକିଞ୍ଚନକୁ ? କେବେ ପ୍ରଭୁ ଏ ମାଟିଘଟ ଛାଡି ଆତ୍ମାପକ୍ଷୀ ଉଡିଯିବ ତୁମରି ରାଇଜକୁ । ହୋଇପାରେ ମୁଁ ପାପୀ ମଣିଷଟାଏ । କରାବଲମ୍ବ ମମ ଦେହି ବିଷ୍ଣୋ.............. । ଆପଣଙ୍କ ଅଲୌକିକ ଅବସ୍ଥାନ କଥା ବିଭୁତି ଯୋଗରେ ବର୍ଣ୍ଣନା କରିଅଛନ୍ତି, ଆପଣଙ୍କ କୃପାବାରିଧି ସବୁବେଳେ ପ୍ରବାହିତ କିନ୍ତୁ ମୁଁ ଏତେ ଭାବରେ ଗୋଟିଏ ପାପୀ ମଣିଷ ହୋଇଯାଇଛି ଯେ, ସେହି କୃପାବାରିଧିରୁ କାଣିଚାଏ ଧରିରଖିବାକୁ ଅସମର୍ଥ ଅଟେ । ଆପଣଙ୍କ କୃପାକୁ ଯେପରି ଧରି ରଖେ ସେହି ପ୍ରକାର  ଶକ୍ତି ପ୍ରଦାନ କରନ୍ତୁ । ପାଞ୍ଚଟି 'ପ' ବର୍ଗ ଯଥା 'ପ' 'ଫ' 'ବ' 'ଭ' 'ମ' ଅର୍ଥାତ ପାପର କର୍ମ ଫଳ ହେଉଛି ବନ୍ଧନ, ଭୟ ଏବଂ ମୃତ୍ୟୁର କାରଣ । ମୋତେ ପ୍ରଭୁ 'ପ' ବର୍ଗ ଫଳ ନ ଦେଇ ଅପବର୍ଗ ଫଳ ପ୍ରଦାନ କରନ୍ତୁ । ମୁଁ ପତିତ ଆପଣ ପତିତପାବନ ମୁଁ ନିରାଧାର ଆପଣ ଆଧାର । ହେ ଭଗବାନ ମୋତେ ଏତିକି କରୁଣା କରିବ – ଅନାୟାସେନ ମରଣଂ ବିନା ଦୈନ୍ୟେନ ଜୀବନଂ । ଦେହାନ୍ତେ ତବ ସାନ୍ନିଧ୍ୟଂ ଦେହି ମେ ପରମେଶ୍ୱର ॥

ମୋ ଜୀବନରେ କରିଥିବା ପାପର ଫଳ ସ୍ୱରୂପ ମୁଁ ତ କେବେ ବି କ୍ଷମାର ଯୋଗ୍ୟ ହୋଇପାରିବି ନାହିଁ, ତଥାପି ଦିନେ କାନ୍ଦି କାନ୍ଦି ପ୍ରାର୍ଥନା କଲି ହେ ରାଧେ ! ହେ ମହାଶକ୍ତି ! ହେ ହ୍ଲାଦିନୀଶକ୍ତି ! ହେ ପ୍ରେମ ସ୍ୱରୂପା ରାଧାରାଣୀ, ହେ ସୃଷ୍ଟି ସ୍ଥିତି ସଂହାରକାରିଣୀ ହେ ମହାପାତକ ନାଶିନୀ ! ତୁମ ବିନା ଏ ପାପରୁ ମୁକୁଳି ପାରିବି ନାହିଁ । ତୁମ ବିନା ପ୍ରଭୁଙ୍କୁ ଦର୍ଶନ କରିପାରିବି ନାହିଁ । କୃପାକର ମହାମାୟୀ ! ମୋତେ କ୍ଷମା କରିଦିଅ କ୍ଷମା କରିଦିଅ । ଯୋଡ ହସ୍ତରେ ପ୍ରଣାମ କରି ନିଦ୍ରାଦେବୀଙ୍କ କୋଳରେ ଆଉଜି ହୋଇପଡିଲି । କିଛି ସମୟପରେ ମା ରାଧାରାଣୀ ମୋ ବୌଦ୍ଧିକ ଚେତନାରେ ଉର୍ଦ୍ଧ୍ୱରେ ଥାଇ ଶୂନ୍ୟବାଣୀ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଲେ ଆରେ ! ତୁ ବିଷ୍ଣୁ ସହସ୍ର ନାମ ପ୍ରତିଦିନ ପାଠକର । ବାସ ! ଏତିକି, ମୋ ପାଇଁ କୃପାବୃଷ୍ଟି କରି ଅନ୍ତର୍ଦ୍ଧାନ ହୋଇଗଲେ । ଆହା ! ସତରେ ସେ କେତେ କରୁଣାମୟୀ, ବାତ୍ସଲ୍ୟମୟୀ । ପାପୀ ପ୍ରତି ତାଙ୍କର କରୁଣାର ପଟାନ୍ତର ନାହିଁ । ଧନ୍ୟା ସେ ରାଧାରାଣୀ ବ୍ରଜ କାମିନୀ ଜଗତ ଜନନୀ । ଜୟ ଶ୍ରୀରାଧେ ! ଜୟ ଶ୍ରୀରାଧେ ! ଜୟ ଶ୍ରୀରାଧେ !

ଶ୍ରୀରାମ ଚରଣାଶ୍ରିତ – ପାପୀ ମଣିଷଟା

ଅକିଞ୍ଚନ ବିଜୟ କୁମାର ସାହୁ , ବିଜିଗୋଳ


ମୋ–୮୭୭୩୧୪୮୭୨୩,ତା ୧୯.୦୩.୨୦୨୨

Listen to Odia Podcast on https://anchor.fm/aahwaan

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁସ୍ତକ ସମୀକ୍ଷା : ଅନୁଭବର ଇସ୍ତାହାର




'ଅନୁଭବର ଇସ୍ତାହାର', କବୟିତ୍ରୀ ଶ୍ରୀମତୀ ଅନସୂୟା ପଣ୍ଡାଙ୍କର ଦ୍ୱିତୀୟ କବିତା ସଂକଳନ । ୬୩ଟି ସ୍ୱରଚିତ କବିତା ଏଥିରେ ସ୍ଥାନ ପାଇଛି । ସବୁ କବିତା ଗୁଡିକ ବିଭିନ୍ନ ପତ୍ର ପତ୍ରିକାରେ ଓ ଖବର କାଗଜରେ ପ୍ରକାଶିତ ଓ ବେଶ୍ ଆଦୃତ । ବିଗତ କୋଡିଏ ବର୍ଷ ଧରି ତାଙ୍କ ଲେଖନୀରୁ ନିସୃତ, ଅନୁଭବ ପୁଷ୍ପର ମାଳା ହୋଇଛି ଏହି ସଂକଳନ । ତାଙ୍କ ଚିନ୍ତା, ଚେତନା, ଚିନ୍ତନ, ମନନ, ଅବଗାହନ ଓ ଅନୁସନ୍ଧାନ ଭିତରୁ ନୂତନ କାବ୍ୟିକ ଧାରା ଜନ୍ମ ନେଇଥିବା ମନେ ହୁଏ । ସବୁ କବିତା ଗୁଡିକରେ ଶବ୍ଦ ସଂଯୋଜନା ଅତ୍ୟନ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


ଶକ୍ତିଶାଳୀ, ମନ ମୁଗ୍ଧକର ଓ ରୁଚି ସମ୍ପନ୍ନ । ସୁନ୍ଦର ପ୍ରଛଦ ଓ କଳେବରରେ ସଂକଳନଟି ସାବଲୀଳ, ସୁବୋଧ୍ୟ, ରୋଚକ, ସାର୍ଥକ ଓ ଅତୁଳନୀୟ । ନୂତନତ୍ୱରେ ଗୁଣଜ୍ଞ ପାଠକ-ପାଠିକାଙ୍କ ଦ୍ୱାରା ଆକର୍ଷିତ ହୋଇଉଠିବ ଏହାର ଅନ୍ତସ୍ପନ୍ଦନ ଓ ସୌନ୍ଦର୍ଯ୍ୟବୋଧ । ୟୁରାନିଆ ପବ୍ଲିଶର, ବରଗଡ ଦ୍ୱାରା ସମ୍ପ୍ରତି ପ୍ରକାଶିତ ଏହି କବିତା ସଂକଳନଟି ୨୦୨୨ ମସିହାର ଏକ ନିଆରା ଭେଟି ।

Amazon link: https://www.amazon.in/dp/9390821096/ref=cm_sw_r_awdo_38GY4DHYAXRCVRXDKJR7

ଶ୍ରୀମତୀ ଅନସୂୟା ପଣ୍ଡା

QR-୫G/୧, ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ଓଡିଶା ୭୬୮୦୧୮ , ୯୪୩୯୨୧୧୯୭୧

ଇମେଲ୍ : anasuyapanda1971@gmail.com







Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅଗଷ୍ଟ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ଅଗଷ୍ଟ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan